# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୩୦/୨୦୨୨ (୧୬ ପୃଷ୍ଠା) Bhubaneswar, Tuesday, August 30/2022 Page 16 ₹ 7.00 | ★★★★★★

୪୮ଶ ଭାଗ ୨୭୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 275 ମୂଲ୍ୟ ₹୭/-


**ଦୀପାବଳିରୁ ୫ଜି ସେବା ଆରମ୍ଭ**

ପୃଷ୍ଠା-୧୨

**ଆଜିର ସମ୍ପାଦକୀୟ**

**ପ୍ରବାସୀ ହଟହଟା**




# ଆତ୍ମହତ୍ୟା: ଦିନମଜୁରିଆ ଆଗରେ

- ୨୦୨୧ରେ ଦେଶରେ ୭.୨% ଆତ୍ମହତ୍ୟା ବଢ଼ିଛି
- ୧୯୬୭ ପରଠାରୁ ଆତ୍ମହତ୍ୟା ହାର ସର୍ବାଧିକ
- ପାରିବାରିକ ସମସ୍ୟାଜନିତ ଘଟଣାରେ ଓଡ଼ିଶା ଶୀର୍ଷରେ

ନୂଆଦିଲ୍ଲୀ, ୨୯।୮

ଗତ କିଛି ବର୍ଷ ଭଳି ୨୦୨୧ରେ ଦେଶରେ ଆତ୍ମହତ୍ୟା ବୃଦ୍ଧିପାଇଛି। ପାରିବାରିକ ସମସ୍ୟା, ଅସୁସ୍ଥତା ଦୁଇଟି ପ୍ରମୁଖ କାରଣ ହୋଇଥିବାବେଳେ ବୃତ୍ତି ଓ ପେସାଗତ ସମସ୍ୟା ଜନିତ ଆତ୍ମହତ୍ୟା ଚିନ୍ତାଜନକ ରହିଛି। କାରଣ ମହାମାରୀ କରୋନା ଯୋଗୁ ଆର୍ଥିକ ସ୍ଥିତ ଦୋହଲିଯିବା ଏବଂ ନିଯୁକ୍ତ କ୍ଷେତ୍ର ସଙ୍କୁଚିତ ହେବା ଯୋଗୁ ବଞ୍ଚିବାର ମୋହ ତୁଟାଇ ଦେଇଛନ୍ତି ଅନେକ ଦିନମଜୁରିଆ, ଚାଷୀ, ଆତ୍ମନିଯୁକ୍ତିଧାରୀ, ବେତନଭୋଗୀ, ବେକାର ଯୁବତୀଯୁବକ।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟ ଅନୁଯାୟୀ, ଦେଶରେ ୨୦୨୦ ତୁଳନାରେ ୨୦୨୧ରେ ୭.୨ ପ୍ରତିଶତ ଆତ୍ମହତ୍ୟା ମାମଲା ବୃଦ୍ଧି ☞ପୃଷ୍ଠା-୪

## ମହିଳା, ଶିଶୁ ବିରୋଧୀ ଅପରାଧ ୧୫% ବୃଦ୍ଧି

ନୂଆଦିଲ୍ଲୀ, ୨୯।୮: ଦେଶବ୍ୟାପୀ ମହିଳା ଓ ଶିଶୁ ବିରୋଧୀ ହିଂସା, ଅପରାଧ ବୃଦ୍ଧି ଚିନ୍ତାଜନକ ରହିଛି। ଅଧିକାଂଶ ମହିଳା ବିଶେଷକରି ଘରୋଇ ହିଂସାର ଶିକାର ହେଉଥିବାବେଳେ ଅସଦାଚରଣ, ଅପହରଣ ସଂଖ୍ୟା ମଧ ବଢ଼ିଚାଲିଛି। ମହିଳା ବିରୋଧୀ ଅପରାଧ ମାମଲା ୨୦୨୦ ତୁଳନାରେ ୨୦୨୧ରେ ୧୫.୨% ବଢ଼ିଛି। ୨୦୨୧ରେ ପ୍ରତି ଲକ୍ଷେ ମହିଳାଙ୍କ ମଧରୁ ୬୪.୫% ଅପରାଧର ଶିକାର ହୋଇଥିବାବେଳେ ୨୦୨୦ରେ ଏହି ହାର ୫୬.୫% ଥିଲା ବୋଲି ଜାତୀୟ ଅପରାଧ ରେକର୍ଡସ୍ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରେ ପ୍ରକାଶ ପାଇଛି। ସେହିପରି ୨୦୨୧ରେ ଶିଶୁ ବିରୋଧୀ ଅପରାଧ ☞ପୃଷ୍ଠା-୪


**ADMISSION 2022-23**

**KHALLIKOTE UNITARY UNIVERSITY BERHAMPUR**

**ACCREDITED "A" GRADE BY NAAC, www.kuu.ac.in**

Online applications are invited for Admission into the following collaborative Self-Financing Courses for the Session 2022-23.

| COURSE | YEARS | FEES/YEAR | ELIGIBILITY |
|---|---|---|---|
| **M.Sc. ETC (Int.)** (5 years integrated Course) | 5 Years | Rs.25,000/- (For 3 years) Rs.35,000/- (For last 2 years) | +2 Science or Eqv. with Math (40% in Aggregate) |
| **BBA** (Bachelor in Business Admn.) | 3 Years | Rs.15,000/- | +2 Any Stream or Eqv. with (40% in Aggregate) |
| **MFA** (M.Com. Financial Analysis) | 2 Years | Rs.25,000/- | +3 Any Stream or Eqv. with 50% in Aggregate (45% Aggregate for B.Com., SC & ST) |

**Last date to apply Online for BBA & M.Sc. ETC (Int.) - 07.09.2022.**

**Sd./- Registrar**

**For Details: 8908650779, 9040544144, 9337241280, 7381688272**


## ଦେଢ଼ ଲକ୍ଷରେ ବହୁରୂପୀ ଏଣ୍ଡୁଅ ଡିଲ୍

- ରାଜଧାନୀରେ ରାକେଟ୍ ସକ୍ରିୟ
- ଅଜା, ନାତିଙ୍କୁ ଗିରଫ କଲା ବନ ବିଭାଗ



ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

ରାଜ୍ୟରେ ବଜ୍ରକାପ୍ତା ଭଳି ବହୁରୂପୀ ଏଣ୍ଡୁଅର ମଧ ଚୋରା ଚାଲାଣ ହେଉଛି। ରାଜଧାନୀ ଭୁବନେଶ୍ୱରରେ ଏହି ରାକେଟ ସକ୍ରିୟ ଥିବାବେଳେ ଲକ୍ଷ ଲକ୍ଷ ଟଙ୍କାରେ କାରବାର ହେଉଥିବା ଜଣାପଡିଛି। ସୋମବାର ସତ୍‌ସଙ୍ଗ ବିହାର ନିକଟ ଶ୍ୟାମାପ୍ରସାଦ ପାର୍କରେ ଚଢ଼ାଉ କରି ବନ ବିଭାଗ ସମ୍ପୃକ୍ତ ଅଜା ଓ ନାତିଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗତ୍‌ସିଂହପୁରର ରଶ୍ମି ରଞ୍ଜନ ଦାସ (୧୯) ଓ ଅଜା କ୍ଷୀରୋଦ ମହାନ୍ତି (୭୩)। ☞ପୃଷ୍ଠା-୪









କାନାଡା ଉପ ପ୍ରଧାନମନ୍ତ୍ରୀ କ୍ରିଷ୍ଟିଆ ଫ୍ରିଲାଣ୍ଡଙ୍କୁ ଜଣେ ବ୍ୟକ୍ତି ଦୁର୍ବ୍ୟବହାର କରିଥିବା ଘଟଣା ସାମ୍ନାକୁ ଆସିଛି। ଗତ ଶୁକ୍ରବାର ଆଲର୍ବଟାର ସିଟି ହଲ ବିଲ୍ଡିଂ ଶିଡ଼ି ଚଢ଼ୁଥିବା ସମୟରେ ଜଣେ ବ୍ୟକ୍ତି କ୍ରିଷ୍ଟିଆଙ୍କୁ ଧମକାଇବା ସହ ତାଙ୍କୁ ଗାଳି କରିଥିଲେ। ଅଫିସିଆଲ କାମରେ ଆଲର୍ବଟା ଯାଇଥିଲେ। ଘଟଣା ସମ୍ବନ୍ଧୀୟ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାପରେ ଟ୍ୱିଟର ଜରିଆରେ କ୍ରିଷ୍ଟିଆ ନିଜ ପ୍ରତିକ୍ରିୟା ରଖିଥିଲେ। କୌଣସି ବ୍ୟକ୍ତିଙ୍କୁ ଧମକାଇବା ଅନୁଚିତ୍ ବୋଲି କ୍ରିଷ୍ଟିଆ କହିଥିଲେ।



## ସଂକ୍ଷେପରେ

### ହିଜାବ ବିବାଦ: କର୍ଣାଟକ ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ,୨୯।୮ : କର୍ଣାଟକର କେତେକ ଶିକ୍ଷାନୁଷ୍ଠାନରେ ଛାତ୍ରୀମାନେ ହିଜାବ ପିନ୍ଧିବାକୁ ନେଇ ଦେଖାଦେଇଥିବା ବିବାଦକୁ ସୁପ୍ରିମକୋର୍ଟ ଶୁଣାଣି ପାଇଁ ଗ୍ରହଣ କରିବା ସହ ସୋମବାର ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଶ୍ରେଣୀଗୃହରେ ହିଜାବ ପରିଧାନକୁ ରାଜ୍ୟ ସରକାର ତାଙ୍କ ନିର୍ଦ୍ଦେଶନାମାରେ ନିଷେଧ କରିଥିବାବେଳେ କର୍ଣାଟକ ହାଇକୋର୍ଟ ଏହାକୁ କାଏମ ରଖିଥିଲେ। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ଉପରେ ସ୍ଥଗିତାଦେଶ ଜାରି ନିମନ୍ତେ ହୋଇଥିବା ଆବେଦନର ଶୁଣାଣି କରି ଜଷ୍ଟିସ ହେମନ୍ତ ଗୁପ୍ତାଙ୍କ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ନୋଟିସ ଗ୍ରହଣ କରିବା ସହ କାଉଣ୍ଟର ଦାଖଲ କରିବାକୁ ମନା କରିଦେଇଛନ୍ତି।

### ସଂଖ୍ୟାଲଘୁ ଚିହ୍ନଟ ଲାଗି ସମୟ ମାଗିଲା କେନ୍ଦ୍ର

ନୂଆଦିଲ୍ଲୀ,୨୯।୮ (ପି.ଟି.): ରାଜ୍ୟସ୍ତରରେ ଧର୍ମୀୟ ସଂଖ୍ୟାଲଘୁମାନଙ୍କ ଚିହ୍ନଟ ନିମନ୍ତେ କେନ୍ଦ୍ର ସରକାର ସୋମବାର ସୁପ୍ରିମକୋର୍ଟରେ ଅଧିକ ସମୟ ମାଗିଛନ୍ତି। ଏଥିପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହ ଆଲୋଚନାର ଆବଶ୍ୟକତା ରହିଥିବା ସରକାର ଦର୍ଶାଇଛନ୍ତି। ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟ ଦାଏର କରିଥିବା ପିଟିଶନ ଉପରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଷ୍ଟାଟସ୍ ରିପୋର୍ଟ ଦାଖଲ କରାଯାଇଛି। ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ ଏବଂ ଜମ୍ମୁ-କଶ୍ମୀରରୁ ଏପର୍ଯ୍ୟନ୍ତ ମନ୍ତବ୍ୟ/ମତାମତ ମିଳି ନ ଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ସେହିପରି ହରିୟାଣା, ହିମାଚଳପ୍ରଦେଶ ଓ ଉତ୍ତରପ୍ରଦେଶର ମତାମତକୁ ଅପେକ୍ଷା କରାଯାଇଛି। ଉପରୋକ୍ତ ରାଜ୍ୟଗୁଡ଼ିକ ସହ ବୈଠକ କରି ମତାମତ ସଂଗ୍ରହ ନିମନ୍ତେ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଥିବା ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇ ଦିଆଯାଇଛି।

### ଭୂସ୍ଖଳନରେ ପରିବାରର ୫ ମୃତ

ଇଡୁକି,୨୯।୮: କେରଳର ଇଡୁକି ଜିଲା ଅନ୍ତର୍ଗତ କୁଡାୟାଥୁରରେ ରବିବାର ରାତିରେ ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ଘଟି ଗୋଟିଏ ପରିବାରର ୫ ସଦସ୍ୟଙ୍କ ମୃତ୍ୟୁ ହୋଇଛି। ରାତି ୩ଟା ବେଳେ ଏହି ବିପର୍ଯ୍ୟୟ ଘଟିଥିଲା। ବଡ଼ ପଥର ଖଣ୍ଡ ଖସିବାରୁ କାଲିୟେକାଲ କଲୋନିରେ ରହୁଥିବା ଉକ୍ତ ପରିବାରର ଘର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ମୃତକଙ୍କ ମଧ୍ୟରେ ୪ ବର୍ଷର ଶିଶୁ ରହିଛି। ମୃତକମାନେ ହେଲେ ସୋମାନ, ତାଙ୍କ ସ୍ତ୍ରୀ ଶିଜି, ମାଆ ଧାଙ୍କାମ୍ମା, ଝିଅ ସୀମା ଓ ନାତି ଦେବାନନ୍ଦ।

### ନାବାଳିକାଙ୍କୁ ଗଣବଳାତ୍କାର: ୩ ନାବାଳକ ଗିରଫ

ପାଟନା,୨୯।୮: ବିହାରର ମୁଜାଫରପୁର ଜିଲା ଅନ୍ତର୍ଗତ ମନିୟାରୀ ଥାନା ଅଞ୍ଚଳରେ ଜଣେ ୧୩ ବର୍ଷୀୟାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ୩ ଜଣ ନାବାଳକ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଶନିବାର ସନ୍ଧ୍ୟାରେ ନାବାଳିକା ଜଣକ ଶୌଚ ପାଇଁ ପଡ଼ିଆକୁ ଯାଇଥିବାବେଳେ ଗଣବଳାତ୍କାରର ଶିକାର ହୋଇ ସଂଜ୍ଞାହୀନ ହୋଇପଡ଼ିଥିଲେ। ପୀଡ଼ିତାଙ୍କ ମାଆଙ୍କ ଅଭିଯୋଗକ୍ରମେ ପୋଲିସ ଗଣବଳାତ୍କାର ଏବଂ ପୋକ୍ସୋ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି।

## ଦିବିତା ମିସ୍ ଡିଭା ୟୁନିଭର୍ସ




ଚଳିତବର୍ଷର ମିସ୍ ଡିଭା ୟୁନିଭର୍ସ ପ୍ରତିଯୋଗିତାରେ କର୍ନାଟକର ୨୩ ବର୍ଷୀୟା ଦିବିତା ରାୟ ବିଜୟିନୀ ହୋଇଛନ୍ତି। ମୁମ୍ବାଇର ଫେମସ୍ ଷ୍ଟୁଡିଓରେ ଅନୁଷ୍ଠିତ ୧୦ମ ଡିଭା ୟୁନିଭର୍ସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଗତବର୍ଷର ମିସ୍ ୟୁନିଭର୍ସ ହରନାଜ କୌର ସାନ୍ଧୁ। ଦିବିତାଙ୍କୁ ହରନାଜ ବିଜୟ ମୁକୁଟ ପିନ୍ଧାଇଥିଲେ। କର୍ନାଟକରେ ଜନ୍ମଗ୍ରହଣ କରିଥିବା ଦିବିତା ଜଣେ ସିଭିଲ୍ ଇଞ୍ଜିନିୟର। ମଡେଲିଂ ବ୍ୟତୀତ ଚିତ୍ରାଙ୍କନ, ବାସ୍କେଟବଲ, ବ୍ୟାଡମିଣ୍ଟନ ଆଦି ଖେଳରେ ତାଙ୍କ ରୁଚି ରହିଛି। ସେ ଏହି ଟାଇଟଲ ହାସଲ କରିବା ପରେ ବେଶ୍ ଉତ୍ସାହିତ ଥିବା କହିଛନ୍ତି। ଦିବିତା ଆଗାମୀ ଦିନରେ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେବା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ପରିବର୍ତ୍ତନଙ୍କୁ ଭୟ ନ କରି ଜୀବନକୁ ପୂର୍ଣ୍ଣ ଉପଭୋଗ କରିବା ଉଚିତ୍ ବୋଲି ସେ କହିଛନ୍ତି।

## ଘର ସାମ୍ନାରେ ଅମିତାଭଙ୍କ ମୂର୍ତ୍ତି



ଆମେରିକାର ନ୍ୟୁଜର୍ସିରେ ଭାରତୀୟ ବଂଶୋଦ୍ଭବ ଆମେରିକୀୟ ଗୋପୀ ସେଠ୍ ନିଜ ଘର ସାମ୍ନାରେ ବଲିଉଡ୍ ଖ୍ୟାତନାମା ଅଭିନେତା ଅମିତାଭ ବଚ୍ଚନଙ୍କ ମୂର୍ତ୍ତି ସ୍ଥାପନ କରିଛନ୍ତି। ମୂର୍ତ୍ତିର ଫଟୋ ଗୋପୀ ଟ୍ୱିଟରରେ ଶେୟାର କରିଛନ୍ତି। ଗୋପୀ ଓ ତାଙ୍କ ସ୍ତ୍ରୀଙ୍କ ପାଇଁ ଅମିତାଭ କୌଣସି ଭଗବାନଙ୍କଠାରୁ କମ୍ ନୁହନ୍ତି ବୋଲି ସେ କହିଛନ୍ତି। ବିଗ୍ ବି ତାଙ୍କ ପାଇଁ ପ୍ରେରଣା। ମୂର୍ତ୍ତି ବାବଦରେ ଅମିତାଭ ଅବଗତ ଥିବାବେଳେ ସେ ଏପରି କରିବାକୁ ଗୋପୀଙ୍କୁ ମନା କରିଥିଲେ। ଗୋପୀ ୩୦ ବର୍ଷ ଧରି ବିଗ୍ ବି ଏକ୍ସଟେଣ୍ଡେଡ୍ ଫ୍ୟାମିଲି ନାମରେ ଏକ ୱେବ୍‌ସାଇଟ୍‌ର ପରିଚାଳନା କରୁଛନ୍ତି। ମୂର୍ତ୍ତିରେ ଅମିତାଭ 'କୌନ ବନେଗା କରୋଡ଼ପତି' ଷ୍ଟାଇଲରେ ଏକ ଚେୟାରରେ ବସିଥିବାର ଦେଖିବାକୁ ମିଳିଛି। ମୂର୍ତ୍ତିରେ ମୋଟ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏହାକୁ ରାଜସ୍ଥାନରେ ତିଆରି କରାଯାଇଛି। ନିର୍ମାଣ କାର୍ଯ୍ୟ ସରିବା ପରେ ମୂର୍ତ୍ତିକୁ ଆମେରିକା ପଠାଯାଇଥିଲା।

# ଶୋଇଥିବାବେଳେ ଛାତ୍ରୀଙ୍କୁ ଜାଳିଦେଲେ

## ପ୍ରେମରେ ବିଫଳ ହେବାରୁ ବର୍ବର କାଣ୍ଡ

- ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ
- ଝାଡ଼ଖଣ୍ଡରେ ଉତ୍ତେଜନା, ୧୪୪ ଧାରା ଜାରି


ଶାହାରୁଖ ହୁସେନ୍



ଅଙ୍କିତା ସିଂଙ୍କୁ ନ୍ୟାୟ ଦାବିରେ ରାଞ୍ଚିରେ ଲୋକେ ବିକ୍ଷୋଭ କରୁଛନ୍ତି।

ରାଞ୍ଚି, ୨୯।୮

ଏକତରଫା ପ୍ରେମ ଓ ଏଥିରେ ବିଫଳତା ଝାଡ଼ଖଣ୍ଡର ଜଣେ ଯୁକ୍ତ ୨ ଛାତ୍ରୀଙ୍କ ଜୀବନ ନେଇଛି। ବାରମ୍ବାର ପ୍ରେମ ନିବେଦନରେ ବିଫଳ ହେବା ଯୋଗୁ ଅଭିଯୁକ୍ତ ଶାହାରୁଖ ହୁସେନ୍ ୧୯ ବର୍ଷୀୟା ଅଙ୍କିତା ସିଂଙ୍କୁ ପେଟ୍ରୋଲ ଢାଳି ଜାଳିଦେଇଛନ୍ତି। ସପ୍ତାହେ ଧରି ମୃତ୍ୟୁ ସହ ସଂଘର୍ଷ କରି ଶେଷରେ ହାରି ଯାଇଛନ୍ତି ଅଙ୍କିତା। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ଝାଡ଼ଖଣ୍ଡର ଦୁମ୍‌କାରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ଦୋଷୀଙ୍କୁ ଫାଶୀ ଦାବିରେ ବହୁସଂଖ୍ୟାରେ ଲୋକ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସ୍ଥିତି ନିୟନ୍ତ୍ରଣ ପାଇଁ ସ୍ଥାନୀୟ ପ୍ରଶାସନ ସେଠାରେ ୧୪୪ ଧାରା ଲାଗୁ କରିଛି। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଘଟଣାକୁ ନିନ୍ଦା କରିବା ସହ ପୀଡ଼ିତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଘୋଷଣା କରିଛନ୍ତି।

ଅଙ୍କିତାଙ୍କ ବାପା ସଞ୍ଜୀବ ସିଂଙ୍କ କହିବା ଅନୁସାରେ, ଶାହାରୁଖ କିଛି ଦିନ ହେଲା ଝିଅକୁ ହଇରାଣ କରୁଥିଲେ। ରାସ୍ତାରେ ଅଟକାଇ ବାରମ୍ବାର ପ୍ରେମ ନିବେଦନ କରୁଥିଲେ। ୧୦-୧୨ ଦିନ ପୂର୍ବରୁ ଅଙ୍କିତାଙ୍କ ସାଙ୍ଗଙ୍କଠାରୁ ଶାହାରୁଖ ନମ୍ବର ନେଇ ଲଗାତର ଫୋନ୍ କରୁଥିଲେ। ଏ ସବୁ କଥା ଅଙ୍କିତା ତାଙ୍କ ବାପାଙ୍କୁ ଜଣାଇଥିଲେ। ପ୍ରଥମେ ସଞ୍ଜୀବ ଓ ପରିବାର ଏହାକୁ ଅଣଦେଖା କରିଦେଇଥିଲେ। ଗତ ୨୨ ତାରିଖରେ ଶାହାରୁଖ ଅଙ୍କିତାଙ୍କୁ ଫୋନ୍ କରି ସେ ତାଙ୍କୁ ନ ମିଳିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ କଥା ମଧ୍ୟ ଅଙ୍କିତା ଘରେ ଜଣାଇଥିଲେ। ପରଦିନ ଏ ବାବଦରେ ଶାହାରୁଖଙ୍କ ଘର ଲୋକଙ୍କ ସହ କଥା ହେବେ ବୋଲି ସଞ୍ଜୟ କହିଥିଲେ। ହେଲେ ଅଗଷ୍ଟ ୨୩ ତାରିଖ ଭୋର୍‌ରୁ ଶାହାରୁଖ ପେଟ୍ରୋଲ ନେଇ ଅଙ୍କିତାଙ୍କ ଘର ନିକଟକୁ ଆସିଥିଲେ। ଝରକା ପାଖରେ ଶୋଇଥିବା ଅଙ୍କିତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ଏଥିରେ ଯୁବତୀଙ୍କ ଶରୀରର ପ୍ରାୟ ୯୦% ଜଳିଯାଇଥିଲା। ତାଙ୍କୁ ପ୍ରଥମେ ଫୁଲୋ ଝାନୋ ମେଡିକାଲ ଏବଂ ପରେ ରାଞ୍ଚିର ଆର୍‌ଆଇଏମ୍‌ଏସ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରବିବାର ତାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ୍ୟୁ ପୂର୍ବରୁ ମାଜିଷ୍ଟ୍ରେଟଙ୍କ ନିକଟରେ ଅଙ୍କିତା ତାଙ୍କ ବୟାନ ରେକର୍ଡ କରାଇଥିଲେ। ଏଥିରେ ସେ ସମସ୍ତ ଘଟଣା ଜଣାଇଥିଲେ। ପୋଲିସ ୨୩ ତାରିଖରେ ହିଁ ଶାହାରୁଖଙ୍କୁ ଗିରଫ କରିଛି। ସୋମବାର ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଘଟଣା ସାମ୍ନାକୁ ଆସିବା ପରେ ଏହାକୁ ନେଇ ଡୁମ୍‌କାରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ କର୍ମୀମାନେ ସହରର ବିଭିନ୍ନ ସ୍ଥାନରେ ଆନ୍ଦୋଳନକୁ ଓହ୍ଲାଇବା ସହ ଅଙ୍କିତାଙ୍କୁ ନ୍ୟାୟ ଦାବିରେ ଏସ୍‌ଡିପିଓ ବିଜୟ କୁମାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଡୁମ୍‌କା ଏସ୍‌ପି ଅମ୍ବର ଲକ୍‌ଡ଼ା କହିଛନ୍ତି, ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଦ୍ରୁତ ବିଚାର ପାଇଁ ଫାଷ୍ଟଟ୍ରାକ୍ କୋର୍ଟରେ ଆବେଦନ କରାଯିବ। ଲୋକ ଶାନ୍ତିଶୃଙ୍ଖଳା ରକ୍ଷାରେ ସହଯୋଗ କରନ୍ତୁ। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଝାଡ଼ଖଣ୍ଡ ଅର୍ଥମନ୍ତ୍ରୀ ବନ୍ନା ଗୁପ୍ତା କହିଛନ୍ତି।

## ସୋରେନ୍ ସରକାରଙ୍କୁ ସମାଲୋଚନା


ରଘୁବର ଦାସ

ରାଞ୍ଚି, ୨୯।୮

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ବିଧାନସଭା ସଦସ୍ୟତା ରଦ୍ଦ ହୋଇପାରେ ବୋଲି ଚର୍ଚ୍ଚା ଜାରିଥିବାବେଳେ ନାବାଳିକାଙ୍କୁ ପେଟ୍ରୋଲ ଢାଳି ହତ୍ୟା ଘଟଣାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ବିରୋଧୀ ଭାଜପା ସୋରେନ୍‌ଙ୍କ ସରକାରକୁ ସମାଲୋଚନା କରିଛି। ରାଜ୍ୟରେ ହେମନ୍ତଙ୍କ ସରକାର ଗଠନ ପରଠାରୁ ମହିଳାଙ୍କ ସୁରକ୍ଷାକୁ ଅଣଦେଖା କରାଯାଉଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ରଘୁବର ଦାସ କହିଛନ୍ତି। ଦୁଇଟି ସମ୍ପ୍ରଦାୟ ଏହି ଘଟଣାରେ ଜଡ଼ିତ ଥିବାରୁ ସେ ଏହାକୁ 'ଲଭ୍-ଜିହାଦ୍' ଅଭିହିତ କରିଛନ୍ତି। ହେମନ୍ତ ତୁଷ୍ଟୀକରଣ ରାଜନୀତିରେ ମାତିଥିବା ସେ ଅଭିଯୋଗ କରିଛନ୍ତି। ରାଜ୍ୟରେ ଏପରି ହଜାର ହଜାର ଘଟଣା ଘଟୁଛି। ବାଂଲାଦେଶରୁ ଅନେକ ଲୋକ ଆସି ଏଠାକାର ନିରୀହ ଆଦିବାସୀଙ୍କୁ ଫସାଇ ବିବାହ କରିବା ସହ ସେମାନଙ୍କ ଜମି ହଡ଼ପ କରୁଥିଲେ ହେଁ ରାଜ୍ୟ ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ସେ କହିଛନ୍ତି।

## ନୋଏଡାର ୧୦୦ ବେଆଇନ ବିଲ୍ଡିଂ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୨୯।୮

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସୁପରଟେକ୍ କମ୍ପାନୀର ବେଆଇନ ନିର୍ମିତ ଟୁଇନ୍ ଟାୱାର ରବିବାର ମାଟିରେ ମିଶିବା ପରେ ଏବେ ନୋଏଡ଼ା କର୍ତ୍ତୃପକ୍ଷ ଉକ୍ତ ଅଞ୍ଚଳରେ ବେଆଇନ ଭାବେ ଗଢ଼ିଉଠିଥିବା ଶତାଧିକ ବିଲ୍ଡିଂ ଉପରେ ନଜର ପକାଇଛନ୍ତି। ସେଥିରୁ ଅଧିକାଂଶ ବିଲ୍ଡିଂକୁ ୨୦୦୯ରୁ ୨୦୧୪ ମଧ୍ୟରେ ଅନୁମୋଦନ ମିଳିଥିଲା। ଉକ୍ତ ବେଆଇନ ବିଲ୍ଡିଂଗୁଡ଼ିକୁ ଟୁଇନ୍ ଟାୱାର ଦଶା ଭୋଗିବାକୁ ପଡ଼ିପାରେ ବୋଲି କୁହାଯାଉଛି। କେବଳ ନୋଏଡ଼ା ନୁହେଁ, ମୁମ୍ବାଇ ଓ ଅନ୍ୟ ସହରରେ ରହିଥିବା ବେଆଇନ ବିଲ୍ଡିଂଗୁଡ଼ିକର ଅଡିଟ୍ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି ହେଉଛି। ଫ୍ଲାଟ୍ ମାଲିକମାନଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ମୁମ୍ବାଇରେ ରହିଥିବା ଉଚ୍ଚ ଅଟ୍ଟାଳିକାଗୁଡ଼ିକର ସ୍ୱତନ୍ତ୍ର ଅଡିଟ୍ କରାଯିବାକୁ ଭାଜପା ନେତା କିରୀଟ ସୋମୈୟା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନିକଟରେ ଦାବି କରିଛନ୍ତି।



## ଡେମ୍‌ଚୋକ୍‌ରେ ଭାରତୀୟଙ୍କୁ ଅଟକାଇଲା ଚାଇନା

ନୂଆଦିଲ୍ଲୀ,୨୯।୮

ପୂର୍ବ ଲଦାଖର ଡେମ୍‌ଚୋକ୍ ଅଞ୍ଚଳରେ ଗୃହପାଳିତ ପ୍ରାଣୀଙ୍କୁ ଚରାଇବାକୁ ନେଉଥିବା ସୀମାନ୍ତ ଅଞ୍ଚଳର କେତେଜଣ ଗ୍ରାମବାସୀଙ୍କୁ ଗତ ସପ୍ତାହରେ ଚାଇନା ସୈନ୍ୟ ଅଟକାଇଥିଲେ। ଭାରତୀୟ ସେନା ଅଧିକାରୀମାନେ ପ୍ରତିପକ୍ଷ କମାଣ୍ଡରଙ୍କ ପାଖରେ ଏହି ପ୍ରସଙ୍ଗ ଉଠାଇବା ସହ ପ୍ରତିବାଦ କରିଛନ୍ତି। ତେବେ ଏହାକୁ ନେଇ ଉଭୟ ସେନା ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜି ନାହିଁ। ଗତ ୨୧-୨୨ ତାରିଖରେ ଡେମ୍‌ଚୋକ୍‌ର ଚାର୍ଡିଙ୍ଗ ନିଙ୍ଗଲୁଙ୍ଗ ନାଲ୍ଲା ଟ୍ରାକ୍ ଜଙ୍କଶନସ୍ଥିତ ସାଡେଲ୍ ପାସ୍ ନିକଟରେ ଏଭଳି ଘଟଣା ଘଟିଥିବା ପ୍ରତିରକ୍ଷା ସୂତ୍ରରୁ ସୂଚନା ଦିଆଯାଇଛି।

## ଚୋରି ଶିଶୁ ଭାଜପା ନେତାଙ୍କ ଘରୁ ଉଦ୍ଧାର


ଉଦ୍ଧାର ଶିଶୁକୁ ପୋଲିସ ମା'ଙ୍କୁ ହସ୍ତାନ୍ତର କରୁଛି।

ଲକ୍ଷ୍ନୌ,୨୯।୮: ମଥୁରା ରେଳଷ୍ଟେଶନରୁ ଗତ ସପ୍ତାହରେ ଜଣେ ୭ ମାସର ଶିଶୁ ଚୋରି ହୋଇଥିଲା। ଚୋରି ସମୟର ଦୃଶ୍ୟ ଷ୍ଟେଶନରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ପୋଲିସ ଖୋଜାଖୋଜି ପରେ ୧୦୦ କିଲୋମିଟର ଦୂର ଫିରୋଜାବାଦର ଭାଜପା କର୍ପୋରେଟରଙ୍କ ଘରୁ ଉକ୍ତ ଶିଶୁକୁ ଉଦ୍ଧାର କରିଛି। ଶିଶୁ ଚୋରି କରି ବିକ୍ରି କରିବାରେ ଏକ ର୍ୟାକେଟ ସମ୍ପୃକ୍ତ ଥିବା ପୋଲିସ କହିଛି। ଭାଜପା କର୍ପୋରେଟର ବିନିତା ଅଗ୍ରୱାଲ ଓ ତାଙ୍କ ସ୍ୱାମୀ ଉକ୍ତ ଶିଶୁପୁତ୍ରକୁ ଦୁଇଜଣ ଡାକ୍ତରଙ୍କଠାରୁ ୧.୮ ଲକ୍ଷ ଟଙ୍କାରେ କିଣିଥିବା କହିଛନ୍ତି। ଉକ୍ତ ଡାକ୍ତର ଶିଶୁ ଚୋରି ର୍ୟାକେଟରେ ସମ୍ପୃକ୍ତ ଥିବା କୁହାଯାଉଛି। ଚୋରି ସମୟରେ ସିସିଟିଭି କ୍ୟାମେରାରେ ଧରାପଡ଼ିଥିବା ବ୍ୟକ୍ତି ସମେତ ୮ ଜଣଙ୍କୁ ଗିରଫ କରି ପୋଲିସ ପଚରାଉଚରା କରୁଛି।

## ଭାରତରୁ ଖାଦ୍ୟସାମଗ୍ରୀ ଆମଦାନୀ କରିପାରେ ପାକ୍

ଇସ୍‌ଲାବାବାଦ,୨୯।୮

ପାକିସ୍ତାନରେ ଅସ୍ୱାଭାବିକ ମୌସୁମୀ ବର୍ଷା ଯୋଗୁ ବିଭିନ୍ନ ନଦୀରେ ବନ୍ୟା ଆସି ଏବେ ଦେଶର ଏକ-ତୃତୀୟାଂଶ ଉବୁଟୁବୁ। ୩୩ ନିୟୁତ ଲୋକ ବନ୍ୟାରେ ପ୍ରଭାବିତ ହୋଇଥିବାବେଳେ ୧,୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି ଓ ୧,୫୬୫ ଜଣ ଆହତ ହୋଇଛନ୍ତି। ୧୦ ଲକ୍ଷ ଘର ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାଙ୍ଗିବା ସହ ୭ ଲକ୍ଷରୁ ଊର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ଘଟିଛି। ରାସ୍ତାଘାଟ ବୁଡ଼ି ରହିଥିବାରୁ ଲୋକଙ୍କ ପାଖରେ ରିଲିଫ ସହାୟତା ପହଞ୍ଚି ପାରୁନାହିଁ। ବନ୍ୟାରେ ଲକ୍ଷ ଲକ୍ଷ ଏକର କୃଷିଜମି ଜଳମଗ୍ନ ହୋଇଥିବାରୁ ଫସଲ ଉଜୁଡ଼ି ଯାଇଛି। ତେଣୁ ଭାରତରୁ ପନିପରିବା ଓ ଖାଦ୍ୟସାମଗ୍ରୀ ଆମଦାନି କରିବାକୁ ପାକ୍ ସରକାର ବିଚାର କରିପାରନ୍ତି ବୋଲି ଏହାର ଅର୍ଥମନ୍ତ୍ରୀ ମିଫତାହ ଇସ୍‌ମାଇଲ୍ ସୋମବାର କହିଛନ୍ତି। ସୂଚନାଯୋଗ୍ୟ, ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପ୍ରତିବାଦରେ ଇସ୍‌ଲାମାବାଦ ଭାରତ ସହ ବାଣିଜ୍ୟିକ ସମ୍ପର୍କ ହ୍ରାସ କରିଥିଲା।

## ଚନ୍ଦ୍ରକୁ ରକେଟ୍ ଉତ୍କ୍ଷେପଣ ସ୍ଥଗିତ

ୱାଶିଂଟନ୍, ୨୯।୮

ଆମେରିକାର ସ୍ପେସ୍ ଏଜେନ୍ସି ନାସା ସୋମବାର ଚନ୍ଦ୍ରକୁ ସବୁଠୁ ଶକ୍ତିଶାଳୀ ରକେଟ୍ ଉତ୍କ୍ଷେପଣ ନିମନ୍ତେ ହୋଇଥିବା ଯୋଜନାକୁ ସ୍ଥଗିତ ରଖିଛି। ଦୁଇ ପର୍ଯ୍ୟାୟର ସ୍ପେସ୍ ଲଞ୍ଚ୍ ସିଷ୍ଟମ୍ (ଏସ୍‌ଏଲ୍‌ଏସ୍) ଇଞ୍ଜିନ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଯିବାରୁ ଏହି କାର୍ଯ୍ୟକ୍ରମ ଅଟକା ଯାଇଥିବା ନାସା ପକ୍ଷରୁ କୁହାଯାଇଛି। ଆସନ୍ତା ୨ ତାରିଖରେ ଏହାର ପୁନଃ ଉତ୍କ୍ଷେପଣ ପ୍ରସ୍ତୁତି କରାଯିବ। ନାସା ଚନ୍ଦ୍ରକୁ ପଠାଇବାକୁ ଥିବା ଏହି ରକେଟ୍ ସବୁଠୁ ଶକ୍ତିଶାଳୀ। ଏହା ନାସାର ଆର୍ଟେମିସ୍ ମିଶନର ଏକ ଅଂଶ। ଆପୋଲୋ ମିଶନର ୫୦ ବର୍ଷ ପରେ ପୁଣି ଥରେ ମନୁଷ୍ୟକୁ ଚନ୍ଦ୍ରକୁ ପଠାଇବା ପାଇଁ ପ୍ରସ୍ତୁତି ଚାଲିଛି। ଏହି ରକେଟ୍ ସ୍ଥାନୀୟ ସମୟ ସକାଳ ପ୍ରାୟ ସାଢ଼େ ୮ଟାରେ ଆମେରିକାର ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ମହାକାଶକୁ ଉତ୍କ୍ଷେପଣ କରାଯିବାର ଥିଲା। ପ୍ରାୟ ୧୦୦ ମିଟର ଲମ୍ବର ଏସ୍‌ଏଲ୍‌ଏସ୍ ପୃଥିବୀଠାରୁ ବହୁ ଦୂରରେ ଓରିଅନ୍ ନାମକ ଏକ ଟେଷ୍ଟ-କ୍ୟାପସୁଲ୍ ଲଞ୍ଚ କରିବ। ପ୍ରାୟ ୬ ସପ୍ତାହ ଏହା ଚନ୍ଦ୍ର ଚାରିପଟେ ଘୂରିବା ପରେ



ପୃଥିବୀକୁ ଫେରିବ। ଏହି ରକେଟର ପ୍ରଥମ ମିଶନ ମାନବରହିତ ହେବ। ଅର୍ଥାତ ଉକ୍ତ କ୍ୟାପ୍‌ସୁଲରେ କୌଣସି ମହାକାଶଚାରୀ ରହିବେ ନାହିଁ। ଏହି ମିଶନ ସଫଳ ହେଲେ ଭବିଷ୍ୟତରେ ମହାକାଶଚାରୀମାନେ ଚନ୍ଦ୍ରପୃଷ୍ଠକୁ ଯାଇପାରିବେ।

# ରାଜନୀତିରୁ ସଦରଙ୍କ ସନ୍ନ୍ୟାସ ପରେ ହିଂସା

- ଗ୍ରୀନ୍ ଜୋନ୍‌କୁ ଧସେଇ ପଶିଲେ ସମର୍ଥକ, ସଂଘର୍ଷରେ ୫ ମୃତ
- ଇରାକ୍‌ରେ ଘନେଇଲା ରାଜନୈତିକ ସଙ୍କଟ

ବାଗ୍‌ଦାଦ, ୨୯।୮

ଇରାକ୍‌ର ପ୍ରଭାବଶାଳୀ ଶିୟା ବିଦ୍ୱାନ ମୁକ୍ତାଦା ଅଲ୍-ସଦର ରାଜନୀତିରୁ ସନ୍ନ୍ୟାସ ନେବାକୁ ସୋମବାର ଘୋଷଣା କରିଛନ୍ତି। ଫଳରେ ପୂର୍ବରୁ ଦେଶରେ ଲାଗି ରହିଥିବା ରାଜନୈତିକ ସଙ୍କଟ ଆହୁରି ଘନେଇଛି। ଅଲ୍-ସଦରଙ୍କ ନିଷ୍ପତ୍ତିକୁ ବିରୋଧ କରି ତାଙ୍କ ସମର୍ଥକମାନେ ସରକାରୀ କମ୍ପ୍ଲେକ୍ସ ଥିବା ଇରାକ୍‌ର ସବୁଠୁ ସୁରକ୍ଷିତ ଗ୍ରୀନ୍ ଜୋନ୍ ମଧ୍ୟକୁ ଧସେଇ ପଶିଛନ୍ତି। ଅଲ୍-ସଦରଙ୍କ ସମର୍ଥକ ଏବଂ ବିରୋଧୀ ଗୋଷ୍ଠୀ ମଧ୍ୟରେ ଜୋରଦାର୍ ସଂଘର୍ଷ ହୋଇଛି। ବିକ୍ଷୋଭକାରୀ ରାଜଧାନୀ ବାଗ୍‌ଦାଦରେ ଗୁଳିଚାଳନା କରିଛନ୍ତି। ଏଥିରେ ୫ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୨୦ ଜଣ ଆହତ ହୋଇଛନ୍ତି।

ଇରାନ୍ ସମର୍ଥିତ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ


ମୁକ୍ତାଦା ଅଲ୍-ସଦର

ମହମ୍ମଦ ଅଲ୍-ସୁଦାନିଙ୍କୁ ବିରୋଧ କରି ଗତ ଜୁଲାଇରେ ଅଲ୍-ସଦରଙ୍କ ଶତାଧିକ ସମର୍ଥକ ପାର୍ଲାମେଣ୍ଟ ମଧ୍ୟକୁ ଧସେଇ ପଶିଥିଲେ। ଏହାସହ ପ୍ରାୟ ୪ ସପ୍ତାହ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୋମବାର ଟୁଇଟର ଯୋଗେ ଅଲ୍-ସଦର ରାଜନୀତିରୁ ସନ୍ନ୍ୟାସ ଘୋଷଣା କରିବା ପରେ ସେଠାରେ ସ୍ଥିତି ଅଣାୟତ୍ତ ହୋଇଛି। ଇରାକ୍ ସେନା ଅନିର୍ଦ୍ଦିଷ୍ଟ କାଳ ପାଇଁ କର୍ଫ୍ୟୁ ଘୋଷଣା କରିବା ସହ ଗ୍ରୀନ୍ ଜୋନ୍ ଛାଡ଼ିବା ନିମନ୍ତେ ବିକ୍ଷୋଭକାରୀଙ୍କୁ ନିବେଦନ କରିଛନ୍ତି। ଅପରପକ୍ଷେ ଇରାକର କାମଚଳା ପ୍ରଧାନମନ୍ତ୍ରୀ ମୁସ୍ତାଫା ଅଲ୍-କାଦିମି କ୍ୟାବିନେଟ ଅଧିବେଶନକୁ ମୁଲତବୀ ରଖିଛନ୍ତି। ଗତ ଅକ୍ଟୋବରରେ ଇରାକରେ ସଂଘୀୟ ନିର୍ବାଚନ ବେଳେ ମୁକ୍ତାଦା ଅଲ୍-ସଦରଙ୍କ ମେଣ୍ଟକୁ ବିପୁଳ ସମର୍ଥନ ମିଳିଥିଲେ ହେଁ ଏହା ବହୁମତ ପାଇବାରୁ ବଞ୍ଚିତ ହୋଇଥିଲା। ଏହି କାରଣରୁ ଦେଶରେ ପ୍ରାୟ ୧୦ ମାସ ପରେ ବି ନୂଆ ସରକାର ଗଠନକୁ ନେଇ ଅନିଶ୍ଚିତତା ଲାଗି ରହିଛି। ନିକଟରେ ଇରାନ୍ ସମର୍ଥିତ ଶିୟା ପାର୍ଟି ଏବଂ ସେମାନଙ୍କ ମେଣ୍ଟ କୋଅର୍ଡିନେଶନ ଫ୍ରେମ୍‌ୱାର୍କ ବ୍ଲକ୍ ପକ୍ଷରୁ ମହମ୍ମଦ ଅଲ୍-ସୁଦାନିଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯାଇଥିଲା। ଷ୍ଟେଟ୍ ଅଫ୍ ଲ' ଲିଡର ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ନୌରି ଅଲ୍-ମାଲିକି ତାଙ୍କୁ ପ୍ରାର୍ଥୀ ଚୟନ କରିଥିଲେ। ଏହାକୁ ଅଲ୍-ସଦରଙ୍କ ସମର୍ଥକ ବିରୋଧ କରୁଛନ୍ତି।

ମୁସଲମାନ ବହୁଳ ରାଷ୍ଟ୍ର ଇରାକରେ ଶିୟା ଏବଂ ସୁନ୍ନି ଗୋଷ୍ଠୀ ମଧ୍ୟରେ ବିବାଦ ବହୁ ପୁରୁଣା। ପୂର୍ବତନ ରାଷ୍ଟ୍ରପତି ସଦାମ ହୁସେନ୍‌ଙ୍କ ଶାସନବେଳେ ଶିୟାମାନେ ଅତ୍ୟାଚାରର ଶିକାର ହେଉଥିଲେ। ଆମେରିକା ଇରାକ୍‌ରେ ଆକ୍ରମଣ କରିବା ପରେ ସେଠାକାର ରାଜନୈତିକ ସ୍ଥିତିରେ ପରିବର୍ତ୍ତନ ଆସିଥିଲା। ଏବେ କ୍ଷମତା ପାଇଁ ଶିୟାମାନେ ପରସ୍ପର ମଧ୍ୟରେ ଲଢ଼େଇ ଜାରି ରଖିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୦,୬୧,୩୩,୫୦୩ | ୬୪,୮୮,୯୧୮ | ୫୮,୧୬,୮୯,୭୦୪ |
| ଭାରତ | ୪,୪୪,୧୫,୭୨୩ | ୫,୨୭,୭୯୯ | ୪,୩୮,୦୨,୯୯୩ |
| ଓଡ଼ିଶା | ୧୩,୨୭,୧୫୦ | ୯୧୭୪(+୫୩) | ୧୩,୧୫,୯୨୯ |

ସୋମବାର ରାତି ୧୨ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




ଜାତୀୟ କ୍ରୀଡ଼ା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଲୋକସେବା ଭବନର କନ୍‌ଭେନ୍‌ଶନ ହଲ୍‌ରେ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତିଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ କରୁଛନ୍ତି। (ରିପୋର୍ଟ: ଖେଳ ପୃଷ୍ଠା)

# ଗଢ଼ାହେବ ୩ ୟୁନିଟ୍ ଷ୍ଟ୍ରାଇକିଂ ଫାୟାର ଫୋର୍ସ

■ ବିପର୍ଯ୍ୟୟ ବେଳେ ତ୍ୱରିତ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହେବେ

■ ୧୪୪ ପଦବୀ ସୃଷ୍ଟି ହେବ

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବାହିନୀକୁ ଅଧିକ ଦକ୍ଷ ଓ କ୍ରିୟାଶୀଳ କରିବା ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱାରୋପ କରିଛନ୍ତି। ବିଭିନ୍ନ ବିପର୍ଯ୍ୟୟ ବିଶେଷକରି ଅଗ୍ନି ଦୁର୍ଘଟଣା ସମୟରେ ଲୋକଙ୍କ ଉଦ୍ଧାର କାର୍ଯ୍ୟ ଯେପରି ତ୍ୱରାନ୍ୱିତ କରାଯାଇପାରିବ,ତାହାକୁ ଦୃଷ୍ଟିରେ ରଖି ୧୪୪ ସଦସ୍ୟବିଶିଷ୍ଟ ଏକ ଷ୍ଟ୍ରାଇକିଂ ଫାୟାର ଫୋର୍ସ ଗଠନ କରାଯିବ। ଏ ସମ୍ପର୍କରେ ଆଗତ ପ୍ରସ୍ତାବକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ମିଳିଛି।

ନିଷ୍ପତ୍ତି ଅନୁଯାୟୀ ରାଜ୍ୟର କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଥିବା ୩ଟି ଜୋନ୍‌ରେ ଏହି ଷ୍ଟ୍ରାଇକିଂ ଫାୟାର ଫୋର୍ସର ୩ଟି ରେଞ୍ଜ୍ ହେଡ୍‌କ୍ୱାର୍ଟର୍ସ ରହିବ। ପ୍ରତ୍ୟେକ ରେଞ୍ଜ ହେଡ୍‌କ୍ୱାର୍ଟର୍ସ ପାଇଁ ୪୮ଟି ପଦବୀ ସୃଷ୍ଟି କରାଯିବ। ଏହିପରି ମୋଟ ୧୪୪ ପଦବୀ ସୃଷ୍ଟି ହେବ। ଏଥିରେ ଆସିଷ୍ଟାଣ୍ଟ ଫାୟାର ଅଫିସର, ଷ୍ଟେଶନ ଅଫିସର, ଆସିଷ୍ଟାଣ୍ଟ ଷ୍ଟେଶନ ଅଫିସର, ହାବିଲଦାର ମେଜର, ଡ୍ରାଇଭର ହାବିଲଦାର, ହାବିଲଦାର ମେକାନିକ୍, ଲିଡିଂ ଫାୟାରମ୍ୟାନ, ଫାୟାରମ୍ୟାନ ଡ୍ରାଇଭର ଓ ଫାୟାରମ୍ୟାନ ଆଦି ପଦବୀ ରହିବ। ସମସ୍ତ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ମନୁଷ୍ୟକୃତ ବିପର୍ଯ୍ୟୟ ବା ଦୁର୍ଘଟଣା ସମୟରେ ଓଡ଼ିଶା ଅଗ୍ନିଶମ ସେବା ଫାଷ୍ଟ ରେସ୍‌ପଣ୍ଡର ଭାବେ କାର୍ଯ୍ୟକରି ଜନସାଧାରଣଙ୍କୁ ଠିକ୍ ସମୟରେ ସେବା ଯୋଗାଇ ଦେଉଛି। ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ମଧ୍ୟ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏପରି କି ରାଜ୍ୟ ବାହାରେ ମଧ୍ୟ ବିଭିନ୍ନ ବିପର୍ଯ୍ୟୟ ସମୟରେ ଅଗ୍ନିଶମ ବାହିନୀ ପକ୍ଷରୁ ଉଲ୍ଲେଖନୀୟ ସେବା ଯୋଗାଇ ଦିଆଯାଉଛି। ଏହାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବାହିନୀକୁ ତୁରନ୍ତ କୌଣସି ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଆବଶ୍ୟକ ଆଧୁନିକ ଦକ୍ଷତା ଥିବା ଏକ ସ୍ୱତନ୍ତ୍ର ଫୋର୍ସର ଆବଶ୍ୟକତା ରହିଛି ବୋଲି ଉପସ୍ଥାପନାରେ କୁହାଯାଇଥିଲା। ଏହି ବାହିନୀକୁ ସମସ୍ତ ପ୍ରକାର ଆଧୁନିକ ଯନ୍ତ୍ର ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେଇ ଏକ ଦକ୍ଷ କୌଶଳସମ୍ପନ୍ନ ଷ୍ଟ୍ରାଇକିଂ ଫାୟାର ଫୋର୍ସ ଭାବେ ବିକଶିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି ) ଭି.କେ. ପାଣ୍ଡିଆନ ସଞ୍ଚାଳନ କରିଥିଲେ। ଅଗ୍ନିଶମ ବିଭାଗ ଡିଜି ସନ୍ତୋଷ ଉପାଧ୍ୟାୟ ପ୍ରସ୍ତାବ ଉପସ୍ଥାପନା କରିଥିଲେ।

ଏହି ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସଞ୍ଜୀବ ଚୋପ୍ରା ଓ ଅତିରିକ୍ତ ଡିଜି ସୌମ୍ୟା ମିଶ୍ର ପ୍ରମୁଖ ଭାଗ ନେଇଥିଲେ।

# ରାଜଧାନୀରେ ୧୭୫ ବେଆଇନ ଆପାର୍ଟମେଣ୍ଟ

## ନୋଏଡ଼ାରେ ଭାଙ୍ଗିଲା, ଭୁବନେଶ୍ୱରରେ କେବେ

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ଉତ୍ତର ପ୍ରଦେଶର ନୋଏଡ଼ାରେ ନିର୍ମାଣ ହୋଇଥିବା ୧୦୦ ମିଟର ଉଚ୍ଚତାର ଦୁଇଟି ବେଆଇନ ଅଟ୍ଟାଳିକାକୁ ରବିବାର ବିସ୍ଫୋରଣରେ ଉଡ଼ାଇ ଦିଆଯାଇଛି। କୋଷ୍ଟାଲ ରେଗୁଲେଶନ ଜୋନ୍ ସର୍ତ୍ତକୁ ଉଲ୍ଲଂଘନ କରିଥିବାରୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ସେହି ବହୁତଳ ଆପାର୍ଟମେଣ୍ଟକୁ ଧରାଶାୟୀ କରାଯାଇଛି। ଅନ୍ୟପକ୍ଷରେ ରାଜଧାନୀ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ବହୁମାତ୍ରାରେ ବେଆଇନ ନିର୍ମାଣ ଗଢ଼ିଉଠିଛି। ଏପରି କି ଦୀର୍ଘବର୍ଷ ହେଲା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଏବଂ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କର୍ତ୍ତୃପକ୍ଷଙ୍କ ପକ୍ଷରୁ ଧ୍ୱଂସ ଆଦେଶ ଦିଆଯାଇଥିବା ୧୭୫ଟି ବେଆଇନ ଅଟ୍ଟାଳିକା କେବେ ଭଙ୍ଗାଯିବ ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଉଭୟ ସଂସ୍ଥା କେବଳ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ (ଓଡିଏ) ସଂଶୋଧନ ଆଇନ-୨୦୧୫ର ସେକ୍ସନ ୯୨(୨) ଅନୁଯାୟୀ ମାମଲା ରୁଜୁକରି ବସିଯାଉଛନ୍ତି।

ନଗର ଉନ୍ନୟନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବିଲ୍ଡିଂ ରେଗୁଲେଶନକୁ ଉଲ୍ଲଂଘନ କରିଥିବା ଭୁବନେଶ୍ୱରରେ ପ୍ରାୟ ୬ ହଜାର ନିର୍ମାଣ ରହିଛି। ବିଡିଏ ପକ୍ଷରୁ ମୋଟ୍ ୧,୬୪୩ ଆପାର୍ଟମେଣ୍ଟକୁ ଅନୁମୋଦନ କରାଯାଇଛି। ସେଥିରୁ ୪୮୭ ବେଆଇନ ନିର୍ମାଣ ହୋଇଛି। ଉକ୍ତ ବେଆଇନ ଆପାର୍ଟମେଣ୍ଟରୁ ୧୭୫ଟିକୁ ଭାଙ୍ଗିବାକୁ ବିଡିଏ ଓ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ବିଡିଏ କିମ୍ବା ବିଏମ୍‌ସି ପକ୍ଷରୁ ଏ ନେଇ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଫଳରେ ଦିନକୁ ଦିନ ସହରରେ ବେଆଇନ ନିର୍ମାଣ ବଢ଼ିଚାଲିଛି, ଯାହା ସହରବାସୀଙ୍କ ପାଇଁ ବିପଦର କାରଣ ହୋଇଛି। ଯେଉଁଗୁଡିକ ଭାଙ୍ଗିବାକୁ ବିଡିଏ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ସେଥିରୁ ଅଧିକାଂଶ ଆପାର୍ଟମେଣ୍ଟର ମାଲିକ ହାଇକୋର୍ଟରୁ ସ୍ଥଗିତାଦେଶ ଆଣି ସରକାରଙ୍କୁ ଏକପ୍ରକାର ଚାଲେଞ୍ଜ କରୁଛନ୍ତି। ମାତ୍ର ସେହି ସ୍ଥଗିତାଦେଶ ଉଚ୍ଛେଦ ଦିଗରେ ବିଡିଏ କିମ୍ବା ବିଏମ୍‌ସି ପକ୍ଷରୁ ସେଭଳି ପଦକ୍ଷେପ ନିଆଯାଉ ନ ଥିବାରୁ ଦୀର୍ଘବର୍ଷ ହେଲା ବେଆଇନ ନିର୍ମାଣକୁ ଧ୍ୱଂସ ଲାଗି ନିର୍ଦ୍ଦେଶ ରହିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ।

ଅନ୍ୟପକ୍ଷରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଥରକୁଥର ସର୍ବକ୍ଷମା ଯୋଜନା କରାଯାଇ ଅନେକ ବେଆଇନ ନିର୍ମାଣରୁ କିଛି ଜରିମାନା ନେଇ ଆଇନସିଦ୍ଧ କରାଯାଉଛି। ଏଥିଯୋଗୁ ବେଆଇନ ନିର୍ମାଣ କରୁଥିବା ପ୍ରମୋଟରମାନେ ଆଖିବୁଜି ସରକାରୀ ବିଲ୍ଡିଂ ରେଗୁଲେଶନକୁ ଖୋଲାଖୋଲି ଉଲ୍ଲଂଘନ କରି ନିଜର ବ୍ୟବସାୟ ଜାରି ରଖିଛନ୍ତି। ବିଡିଏ ସଚିବ କବିନ୍ଦ୍ର କୁମାର ସାହୁ ଗଣମାଧ୍ୟମକୁ କହିଛନ୍ତି ଯେ, ଓଡିଏ ଆଇନ ଅନୁଯାୟୀ ବେଆଇନ ନିର୍ମାଣକୁ ନଷ୍ଟ କରିବାକୁ ବିଏମ୍‌ସି ପଦକ୍ଷେପ ନେଇପାରିବ। ଏ ନେଇ ବିଏମ୍‌ସିକୁ ୩ ବର୍ଷ ପୂର୍ବରୁ ଏକ ତାଲିକା ପ୍ରଦାନ କରାଯାଇଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ କହିଛନ୍ତି, ବେଆଇନ ନିର୍ମାଣ ସମ୍ପର୍କରେ ସର୍ଭେ କରାଯାଉଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଓଡିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ଓରେରା) ପୂର୍ବତନ ଏନ୍‌ଫୋର୍ସମେଣ୍ଟ ଅଫିସର ସୁରଥ ଜେନା କହିଛନ୍ତି ଯେ, ବେଆଇନ ନିର୍ମାଣ ଉପରେ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବାରୁ ଦିନକୁ ଦିନ ଏହା ବଢ଼ିଯାଉଛି। ସରକାର ଏ ଦିଗରେ କଠୋର ହେଲେ ଏହାକୁ ରୋକାଯାଇ ପାରିବ। ରେରା କାର୍ଯ୍ୟକାରୀ ହେବା ପରେ ବେଆଇନ ନିର୍ମାଣ ଉପରେ କିଛିମାତ୍ରାରେ ଅଙ୍କୁଶ ଲାଗିଛି। ଓରେରାର ବିନା ଅନୁମତିରେ କୌଣସି ପ୍ରମୋଟର ଆପାର୍ଟମେଣ୍ଟ ପାଇଁ ବିଜ୍ଞାପନ ଦେଇପାରିବେ ନାହିଁ ବୋଲି ସେ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ଗ୍ରାହକମାନଙ୍କୁ ବିଲ୍‌ଡରମାନଙ୍କ ଶୋଷଣରୁ ରକ୍ଷା କରିବାକୁ କେନ୍ଦ୍ର ସରକାର ୨୦୧୬ରେ ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ରେରା) ଆଇନ ଆଣିବା ପରେ ରାଜ୍ୟ ସରକାର ୨୦୧୭ରେ ଏହାକୁ ଓଡ଼ିଶାରେ କାର୍ଯ୍ୟକାରୀ କରିଛନ୍ତି। ଏହି ଆଇନ ଆସିବା ପରେ ବହୁତଳ ଅଟ୍ଟାଳିକା ନିର୍ମାଣ କରିବା ପୂର୍ବରୁ ଓରେରାଠାରୁ ଅନୁମତି ନେବା ବାଧ୍ୟତାମୂଳକ କରାଯାଇଛି।

# ଆଜି ୨୭୬ ଅଧ୍ୟାପକଙ୍କୁ ମିଳିବ ନିଯୁକ୍ତିପତ୍ର

ଭୁବନେଶ୍ୱର, ୨୯।୮(ବ୍ୟୁରୋ)

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ଅଣଅନୁଦାନପ୍ରାପ୍ତ ଡିଗ୍ରୀ କଲେଜଗୁଡ଼ିକରେ ୨୭୬ଜଣ ନୂଆ ଅଧ୍ୟାପକ ନିଯୁକ୍ତ ହେବେ। ରାଜନୀତି ବିଜ୍ଞାନ ଓ ଇଂଲିଶ ବିଷୟ ପାଇଁ ଏହି ଅଧ୍ୟାପକଙ୍କୁ ଚୟନ କରାଯାଇଛି। ନବନିଯୁକ୍ତ ଅଧ୍ୟାପକଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ମଙ୍ଗଳବାର ଅପରାହ୍ନ ସାଢ଼େ ୫ଟାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏହି ଅବସରରେ ସେମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଉପସ୍ଥିତ ରହି ନବନିଯୁକ୍ତ ଅଧ୍ୟାପକଙ୍କୁ ଦିଗ୍‌ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି।

# ମାଲକାନଗିରିରେ ଓଟିଇଟି ଉତ୍ତର ପତ୍ର ଲିକ୍




ଓଟିଇଟି ସେଟ୍-ଏ'ର ପ୍ରଶ୍ନପତ୍ର(ବାମ), ପରୀକ୍ଷା ପୂର୍ବରୁ ଭାଇରାଲ ହୋଇଥିବା ଉତ୍ତର ପତ୍ର।

## ୫ ହଜାର ଟଙ୍କାରେ ଉତ୍ତର ହାତେଇଥିବା ଚର୍ଚ୍ଚା

ମାଲକାନଗିରି, ୨୯।୮(ଡି.ଏନ୍.ଏ./ସ୍ୱ.ପ୍ର.)

ଓଡ଼ିଶା ଟିଚର୍ ଏଲିଜିବିଲିଟି ଟେଷ୍ଟ(ଓଟିଇଟି) ସୋମବାର ଅନୁଷ୍ଠିତ ହୋଇଯାଇଛି। ତେବେ ମାଲକାନଗିରି ଜିଲାରେ ପ୍ରଥମ ସିଟିଂ ପରୀକ୍ଷା ଆରମ୍ଭ ପୂର୍ବରୁ ହିଁ ଉତ୍ତର ପତ୍ର ଲିକ୍ ହୋଇଛି। ଭାଇରାଲ ହୋଇଥିବା ଉତ୍ତର ପେପର ସେଟ୍-ଏ ର ବୋଲି କୁହାଯାଉଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା କେତେଜଣ ଅସାଧୁ ପରୀକ୍ଷାର୍ଥୀ ଉତ୍ତର ପତ୍ର ୫ ହଜାର ଟଙ୍କା ଦେଇ ହାତେଇଥିବା ଜିଲାରେ ଚର୍ଚ୍ଚା ହେଉଛି। ତେଣୁ ପରୀକ୍ଷାକୁ ବାତିଲ କରାଯାଇ ପୁନର୍ବାର କରାଯିବା ପାଇଁ ବୁଦ୍ଧିଜୀବୀ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଓଟିଇଟି ପରୀକ୍ଷା ନିମନ୍ତେ ୨୭ରେ ପ୍ରଶ୍ନପତ୍ର ଆସି ମାଲକାନଗିରି ଜିଲାରେ ପହଞ୍ଚିଥିଲା। ମାଲକାନଗିରି ସଦରସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟରେ ରହିଥିବା ଷ୍ଟ୍ରଙ୍ଗ୍‌ରୁମ୍‌ରେ ତାହାକୁ ରଖାଯାଇଥିଲା। ଏହି ଷ୍ଟ୍ରଙ୍ଗରୁମ୍‌କୁ ପୋଲିସ ଅଧିକାରୀ ଏବଂ କେତେଜଣ ପ୍ରଶାସନିକ ଅଧିକାରୀ ଜଗି ରହିଥିଲେ। ସୋମବାର ସକାଳ ସାଢ଼େ ୬ଟାରେ ପ୍ରଶ୍ନପତ୍ର ଜିଲାର ୩ ପରୀକ୍ଷା କେନ୍ଦ୍ରକୁ ଯାଇଥିଲା।

ଉତ୍ତର ପତ୍ର ଲିକ୍ ଏବଂ ୫ ହଜାର ଟଙ୍କା ନେଇ ତାହାକୁ ଲିକ୍ କରାଯିବା ଚର୍ଚ୍ଚାକୁ ନେଇ ମାଲକାନଗିରି ଡିଇଓ ମାନସ କୁମାର ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ଉତ୍ତର ପତ୍ର ଲିକ୍ କିମ୍ବା ଟଙ୍କା ନେଇ ଉତ୍ତର ପତ୍ର ଲିକ୍ କରାଯାଇଥିବା ବିଷୟରେ କୌଣସି ଅଭିଯୋଗ ପହଞ୍ଚିନି। ତଦନ୍ତ କରାଯିବା ପରେ ଲିକ୍ ଘଟଣା ସତ୍ୟ ପ୍ରମାଣିତ ହେଲେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ପୁନର୍ବାର ପରୀକ୍ଷା ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରାଯିବ ବୋଲି ଜେନା କହିଛନ୍ତି। ତେବେ କଡ଼ା ସୁରକ୍ଷା ବ୍ୟବସ୍ଥାରେ ପ୍ରଶ୍ନପତ୍ର ଲିକ୍ କିପରି ହେଲା ଏବଂ ଏହାର ଉତ୍ତର ପତ୍ର ପରୀକ୍ଷାର୍ଥୀଙ୍କ ନିକଟରେ କେଉଁମାନେ ପହଞ୍ଚାଇଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ପରିଶ୍ରମ କରି ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀଙ୍କୁ ଏହା ମାନସିକ ସ୍ତରରେ ଆଘାତ ଦେଇଛି। ତେଣୁ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅନେକ ପରୀକ୍ଷାର୍ଥୀ ଦାବି କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ମିଳିବ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ

ଭୁବନେଶ୍ୱର,୨୯।୮(ବ୍ୟୁରୋ)



ସଫଳ ଓ ଉଲ୍ଲେଖନୀୟ ନେତୃତ୍ୱ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ମିଳିବ। ଆସନ୍ତା ୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ କ୍ୟାପିଟାଲ୍ ଫାଉଣ୍ଡେଶନ ପକ୍ଷରୁ ଏହି ଆୱାର୍ଡରେ ସମ୍ମାନିତ କରାଯିବ। ସୁପ୍ରିମ କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଏନ୍.ଭି. ରମନ୍ନା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନିତ କରିବେ। ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟର ଅଡିଟୋରିୟମରେ ସେପ୍ଟେମ୍ବର ୪, ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ନବୀନଙ୍କ ନେତୃତ୍ୱରେ ଓଡ଼ିଶାର ରୂପାନ୍ତରଣ ଯାତ୍ରା ଜାରି ରହିଛି।

ଗତ ଦୁଇ ଦଶନ୍ଧିରେ ଓଡ଼ିଶା ସବୁକ୍ଷେତ୍ରରେ ଦ୍ରୁତ ବିକାଶ କରିଛି। ନବୀନଙ୍କ ସରଳତା, ଦରଦୀ ହୃଦୟ, ନିର୍ମଳ ଭାବମୂର୍ତ୍ତି ଲୋକଙ୍କ ହୃଦୟ ଜିତିପାରିଛି। ୧୯୮୭ରେ ପ୍ରତିଷ୍ଠିତ କ୍ୟାପିଟାଲ ଫାଉଣ୍ଡେଶନରେ ସାଂସଦ, ସାମାଜିକ କର୍ମୀ, ବିଚାରପତି, ରାଜଦୂତ, ସାମ୍ବାଦିକ, ସ୍କଲାର ଓ ପ୍ରଫେସନାଲମାନେ ମିଳିତ ଭାବେ ନିଜର ଭାବ ବିନିମୟ କରିଥାଆନ୍ତି। ପୂର୍ବରୁ କ୍ୟାପିଟାଲ ଫାଉଣ୍ଡେଶନ ଦ୍ୱାରା ପୂର୍ବତନ ପ୍ରଧାନମନ୍ତ୍ରୀ ଆଇ.କେ. ଗୁଜରାଲ, ବରିଷ୍ଠ ଆଡ୍‌ଭୋକେଟ ରାମ ଜେଠାମାଲାନୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୁରଲୀ ମନୋହର ଯୋଶୀ, ପୂର୍ବତନ ଲୋକ ସଭା ବାଚସ୍ପତି ସୋମନାଥ ଚାଟାର୍ଜୀ, ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଏନ୍.ଭି. ରମନ୍ନା ପ୍ରମୁଖ ପୁରସ୍କୃତ ହୋଇଛନ୍ତି।

# ହସ୍ତକ୍ଷେପ କରିବାକୁ ମନାକଲେ ହାଇକୋର୍ଟ

## ବିକୃତ ଗଣେଶ ମୂର୍ତ୍ତି ନିର୍ମାଣ ମାମଲା

କଟକ ଅଫିସ,୨୯।୮: ବିକୃତ ଗଣେଶ ମୂର୍ତ୍ତି ନିର୍ମାଣ ପ୍ରସଙ୍ଗକୁ ନେଇ ଆଗତ ମାମଲାରେ ହସ୍ତକ୍ଷେପ କରିବାକୁ ସୋମବାର ହାଇକୋର୍ଟ ମନା କରିଦେଇଛନ୍ତି। ଏଥିସହ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏବଂ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଗଣେଶ ପୂଜା ଶାନ୍ତିଶୃଙ୍ଖଳାରେ ପରିଚାଳନା ପାଇଁ ପୋଲିସକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

କଟକ ସହରସ୍ଥ କୁମ୍ଭାରସାହିର ମୃଣ୍ମୟୀ ଶିଳ୍ପୀ ନାରାୟଣ ମୁଦୁଲିଙ୍କ ପକ୍ଷରୁ ହାଇକୋର୍ଟରେ ଶୁକ୍ରବାର ଏନେଇ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। କରୋନା ମହାମାରୀ ଯୋଗୁ ଗତ ୨ବର୍ଷ ଧରି କାରିଗରମାନଙ୍କ ଜୀବିକା ପ୍ରଭାବିତ ହୋଇଥିଲା। ଚଳିତବର୍ଷ ଜାକଜମକରେ ଗଣେଶ ପୂଜା ପାଳନ ହେବାକୁ ଥିବାରୁ ମୂର୍ତ୍ତି କାରିଗରମାନେ ଲୋକଙ୍କ ଚାହିଦା ଓ ଅର୍ଡର ଅନୁସାରେ ମୂର୍ତ୍ତି ନିର୍ମାଣରେ ଲାଗିପଡ଼ିଥିଲେ। ହେଲେ ବିକୃତ ମୂର୍ତ୍ତି ନିର୍ମାଣ କରାଗଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପକ୍ଷରୁ ତାଗିଦା କରାଯିବା ସହ ଧମକଚମକ ଦିଆଯାଇଥିବା ନେଇ ଆବେଦନରେ ଦର୍ଶାଯାଇଥିଲା। ଏଥିସହ ମଣ୍ଡପରେ ରୁଦ୍ରଗଣେଶଙ୍କ ମୂର୍ତ୍ତି ପୂଜା ନିମନ୍ତେ ଅନୁମତି ଦେବାକୁ ହାଇକୋର୍ଟଙ୍କୁ ଆବେଦନକାରୀଙ୍କ ପକ୍ଷରୁ ନିବେଦନ କରାଯାଇଥିଲା। ଅପରପକ୍ଷରେ କୌଣସି ଧମକଚମକ ଦିଆଯାଇନାହିଁ, କେବଳ ବିକୃତ ମୂର୍ତ୍ତି ତିଆରିକୁ ବାରଣ କରାଯାଇଛି ବୋଲି କମିଶନରେଟ ପୋଲିସ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଗଣେଶ ପୂଜା ପାଇଁ ଥିବା ସ୍ୱଳ୍ପ ସମୟ ଅବଧି ମଧ୍ୟରେ ମୂର୍ତ୍ତି ବିକୃତ କି ନୁହେଁ ନିଶ୍ଚିତ କରିବା ସମ୍ଭବ ନୁହେଁ ବୋଲି ମତ ଦେଇ ଅଦାଲତ ହସ୍ତକ୍ଷେପ ଲାଗି ମନା କରିଦେଇଥିଲେ। ଏଥିସହ ବିକୃତ ଗଣେଶ ମୂର୍ତ୍ତିକୁ ନେଇ ଲୋକଙ୍କ ଅସନ୍ତୋଷ ରହୁଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ନିମନ୍ତେ ପୋଲିସକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଶିଷ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।



**ଆଜିର ମନ୍ତବ୍ୟ**

"ଭାଜପାର 'କଂଗ୍ରେସ ମୁକ୍ତ ଭାରତ' ଅଭିଯାନରେ କଂଗ୍ରେସର କେତେଜଣ ନେତା ସହାୟତା କରୁଛନ୍ତି। ବାସ୍ତବରେ ସେମାନେ ହିଁ ଭାଜପାର ଏଜେଣ୍ଡାକୁ କାର୍ଯ୍ୟକାରୀ କରୁଛନ୍ତି।
– ଗୁଲାମ ନବୀ ଆଜାଦ, ପୂର୍ବତନ କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅଭିଜିତ୍
ପରିବାରବର୍ଗ


ଅଭିଷେକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ପଛକେ ଅଧୁଆ ହେଉ**
**ପେଯ ହେଉ ବହଳିଆ**
**ଘଇତା ପଛକେ ସନ୍ତିଆ ହେଉ**
**ଲୁଗା ହେଉ ତଉଁରିଆ।**

କେତେକ ମହିଳା ସ୍ତ୍ରୀଧର୍ମ ପାଳନ କରି ନ ଥାନ୍ତି। ସ୍ୱାମୀ ପଛେ ବୈରାଗୀ ହେଉ, ଯାହିତାହି ଜୀବନ ବିତାଉ ସେଥିକୁ ପରବାୟ ନ କରି ନିଜେ କେମିତି ଭଲରେ ଖାଇବ, ପିନ୍ଧିବ ତଥା ଚଳିବ ସେ କଥାକୁ ଅଧିକ ପ୍ରାଧାନ୍ୟ ଦେଇଥାନ୍ତି। ସ୍ୱାମୀର ଚଳଣି ତଥା ରୋଜଗାର ଦେଖି ସ୍ତ୍ରୀ ନିଜର ଆବଶ୍ୟକତା ପୂରଣ କରିବା ଶୋଭନୀୟ ହେଉଥିବା ସ୍ଥଳେ ସ୍ୱାମୀକୁ ପଛ କରି ସ୍ତ୍ରୀ ନିଜର ଲାଳସା ପୂରଣ ପାଇଁ ଆଗଭର ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଚି ଚିଆଁ ଶାରୀ
ଚିକ୍କଣିଆ ଭଣ୍ଡାରି
ଚାହିଁ ଜଳକୀ ବିଟପୀ ନାରୀ
ସଖୀ ବଡ଼ ମନ୍ଦ ଏ।

ଅହରହ ରା କରୁଥିବା ଶାରୀକୁ କେହି ପସନ୍ଦ କରିନଥାନ୍ତି। ସେହିପରି ଚିକ୍କଣିଆ କଥା କହୁଥିବା ଭଣ୍ଡାରି ଓ ବିଟପୀ ନାରୀ, ଏମାନେ ସମସ୍ତେ ଖରାପ ସ୍ୱଭାବର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
– ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଦୁର୍ବଳ ମୌସୁମୀ ଯୋଗୁ ବଢୁଛି ତାପମାତ୍ରା

## ୬ ସ୍ଥାନରେ ୩୫ ଡିଗ୍ରୀ ଉପରେ ପାରଦ

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

ଦୁର୍ବଳ ମୌସୁମୀ ପ୍ରଭାବରେ ରାଜ୍ୟରେ ତାପମାତ୍ରା ବଢ଼ି ଚାଲିଛି। ବର୍ଷା ଋତୁରେ ଗ୍ରୀଷ୍ମର ଅନୁଭବ ହେଉଛି। ମଝିରେ ମଝିରେ କେଉଁଠି କେମିତି ବର୍ଷା ହେଉଥିଲେ ମଧ୍ୟ ତାତି ଓ ଗୁଳୁଗୁଳି ଜନଜୀବନକୁ ପ୍ରଭାବିତ କରୁଛି। ସୋମବାର ରାଜ୍ୟର ୬ ସ୍ଥାନରେ ୩୫ ଡିଗ୍ରୀ ଉପରେ ପାରଦ ରହିଥିଲା। ଚାନ୍ଦବାଲିରେ ସର୍ବାଧିକ ୩୫.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ବୌଦ୍ଧ ୩୫.୫, ସମ୍ବଲପୁର ୩୫.୪, ଭବାନିପାଟଣା ୩୫.୨, ଅନୁଗୋଳ ୩୫.୧ ଓ କଟକ ୩୫ ଡିଗ୍ରୀ ରହିଥିଲା। ସେହିପରି ଭୁବନେଶ୍ୱରରେ ୩୪.୫, ଟିଟିଲାଗଡ଼ ୩୪.୨, ମାଲକାନଗିରି ୩୪.୫, ସୋନପୁର ୩୪.୨, ନୟାଗଡ଼ ୩୪, ଭଦ୍ରକ ୩୪, ଯାଜପୁର ୩୪, ଢେଙ୍କାନାଳ ୩୪ ଓ ବରଗଡ଼ରେ ୩୪.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଦୁର୍ବଳ ମୌସୁମୀ ଯୋଗୁ ଦିନର ତାପମାତ୍ରାରେ ବୃଦ୍ଧି ପାଉଛି। ଉଚ୍ଚ ତାପମାତ୍ରା ଓ ଆର୍ଦ୍ରତା ପ୍ରଭାବରେ ଉପକୂଳ ଓଡ଼ିଶାରେ ଗୁଳୁଗୁଳି ଅନୁଭୂତ ହେଉଛି।

ଅନ୍ୟପକ୍ଷରେ ରାଜ୍ୟରେ ଆଉ ୪ରୁ ୫ଦିନ ସ୍ୱଳ୍ପ ଧରଣର ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସୋମବାର ଢେଙ୍କାନାଳରେ ସର୍ବାଧିକ ୧୨.୨ମିମି ବର୍ଷା ରେକର୍ଡ କରାଯାଇଛି। ସୋନପୁର, ଦାରିଙ୍ଗବାଡ଼ି, ପାରଳାଖେମୁଣ୍ଡି, କଟକ, ଝାରସୁଗୁଡ଼ା, କେନ୍ଦୁଝର, ତାଳଚେରରେ ମଧ୍ୟ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଆସନ୍ତା ଦୁଇଦିନ କିଛି ସ୍ଥାନରେ ବର୍ଷା ହେବ। ୧ ଓ ୨ ତାରିଖ ଦିନ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଆଦି ୧୯ଟି ଜିଲାର ବିଭିନ୍ନ ଅଞ୍ଚଳରେ ବର୍ଷା ହେବ। ସେହିଭଳି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ୧୧ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ। ତେବେ ୧ ତାରିଖ ଦିନ ବଜ୍ରପାତ ନେଇ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, କେନ୍ଦୁଝର, ମୟୂରଭଞ୍ଜ ଓ କନ୍ଧମାଳ ଆଦି ୯ଟି ଜିଲାକୁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ପାରିବାରିକ କ୍ଷେତ୍ରରେ ଦୀର୍ଘଦିନରୁ ଲାଗି ରହିଥିବା ମନୋମାଳିନ୍ୟ ଦୂରେଇନେବା ପାଇଁ ପ୍ରଯତ୍ନ କରିବେ। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ସକାଳୁ ସକାଳୁ ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ମାଙ୍ଗଳିକ କାମରେ କେତେକାଂଶରେ ପ୍ରତିବନ୍ଧକ ଦେଖାଦେବ।

**ବୃଷ** – ଆଜିର ପ୍ରତ୍ୟୁଷ ଯାତ୍ରା ମଙ୍ଗଳମୟ ହେବ ଓ ଆଶା ପୂରଣରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ବିବାଦୀୟ ଘଟଣା ଗୁରୁତର ହେବ ନାହିଁ ଅବଶ୍ୟ ଆପଣ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ।

**ମିଥୁନ** – ଯେକୌଣସି ପ୍ରକାରେ ନିଜର କାମ ହାସଲ ପାଇଁ ଚେଷ୍ଟିତ ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। କେତେକ କାମରେ ଅକୃତକାର୍ଯ୍ୟ ହେବା ଯୋଗୁ ବ୍ୟସ୍ତ ରହିବେ। ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ କ୍ଷେତ୍ରରେ ନିଜର ପ୍ରାଧାନ୍ୟ ଅକ୍ଷୁଣ୍ଣ ରହିବ।

**କର୍କଟ** – କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି ଏବଂ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ଅବହେଳା କରି ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ପରେ ଅନୁତାପ କରିବାକୁ ପଡ଼ିପାରେ । ଆନୁଷ୍ଠାନିକ କାମରେ ସମ୍ମାନିତ ହେବାର ସୌଭାଗ୍ୟ ଲାଭ କରିପାରନ୍ତି।

**ସିଂହ** – ଆତ୍ମୀୟସ୍ୱଜନଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ। କାମଗୁଡ଼ିକ ନିର୍ଦ୍ଦିଷ୍ଟ ସମୟରେ ନ ହେବା କାରଣରୁ ଅନ୍ୟ ଉପରେ ବିରକ୍ତ ହେବେ। କଳା, ସାହିତ୍ୟ କ୍ଷେତ୍ରରୁ ସୁଫଳ ମିଳିବ, ମାତ୍ର ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ । ଛୋଟବଡ଼ କେତେକ ସମସ୍ୟା କର୍ମକ୍ଷେତ୍ରରେ ପରିଲକ୍ଷିତ ହୋଇପାରେ।

**କନ୍ୟା** – ପାରିବାରିକ କ୍ଷେତ୍ରର କୌଣସି କଥା ମନକୁ ବାରମ୍ବାର ଆଲୋଡ଼ିତ କରିବ। ଅପ୍ରିୟ ସତ କଥା କହିବା କାରଣରୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ । ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।

**ତୁଳା** – କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଅନ୍ୟମାନଙ୍କର ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିପାରନ୍ତି। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିପାରେ, ଯାହାକି ବନ୍ଧୁଙ୍କ ସାହାଯ୍ୟରୁ ଘଟିବ । ସାଧାରଣ କଥାରେ ଯୁକ୍ତିତର୍କ ବୃଦ୍ଧି ପାଇବା କାରଣରୁ ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ।

**ବିଛା** – ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ଲକ୍ଷ୍ୟକରି ଆଶ୍ୱସ୍ତି ଲାଭ କରିବେ । ଆକସ୍ମିକ ଭାବରେ କୌଣସି ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ । ଉପରିସ୍ଥଙ୍କ ଆଦେଶାନୁସାରେ କିମ୍ବା ଘରୋଇ କାମରେ ହେଉନା କାହିଁକି ଆପଣଙ୍କୁ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବାକୁ ପଡ଼ିବ । ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ଧନୁ** – ନିକଟ ଅତୀତରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଖଳଲୋକଙ୍କ ଦ୍ୱାରା କରାଯାଇଥିବା ଦୁରଭିସନ୍ଧିଜନିତ ପରିସ୍ଥିତିରେ ଅପମାନଜନକ ସ୍ଥିତିରୁ ଖସିଯାଇପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାରୁ ମାନସିକ ଅସ୍ଥିରତା ସୃଷ୍ଟିହେବ । କ୍ରୀଡ଼ା, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ସଫଳତା ମିଳିପାରେ।

**ମକର** – ସାମୟିକ ଭାବରେ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅଂଶୀଦାର ବ୍ୟବସାୟୀମାନଙ୍କ ସହ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। ଆକସ୍ମିକ କୌଣସି ସମସ୍ୟାର ସମ୍ମୁଖୀନ ହେବା କାରଣରୁ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ।

**କୁମ୍ଭ** – ଆଜି ଦିନଟିରେ କେତେକ ପୁରାତନ କାମ ଶେଷ କରିବାକୁ ଅଗ୍ରାଧିକାର ଦେବେ। ଜମିଜମା ସମ୍ପର୍କିତ ବିବାଦର ଆଶୁ ସମାଧାନ ହୋଇଯିବ। ଯାନବାହନ, ନିର୍ମାଣ, ଶିଳ୍ପ, ବାଣିଜ୍ୟାଦିରେ ଶୁଭଫଳ ପାଇବେ। ବିଭିନ୍ନ କାମରେ ବ୍ୟସ୍ତ ରହି ମୂଳଲକ୍ଷ୍ୟକୁ ପାସୋରି ଦେବା କାରଣରୁ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ।

**ମୀନ** – ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର ନ କଲେ ଅପଦସ୍ଥ ହେବେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେବ। ନିର୍ଦ୍ଦିଷ୍ଟ ସମୟରେ କାମଟି ସମ୍ପୂର୍ଣ୍ଣ ନ ହେବା କାରଣରୁ ଅନ୍ୟ ଉପରେ ବିରକ୍ତ ହେବେ। ସାହିତ୍ୟ, ସାମ୍ବାଦିକତା, ସରକାରୀ ସ୍ତରର କାମ, ରାଜନୀତି, ସାଂଗଠନିକ କାର୍ଯ୍ୟ ନେଇ କାମର ଚାପ ବୃଦ୍ଧି ପାଇବ।

# ଓଡ଼ିଶା ସରକାରଙ୍କ ମିଲେଟ ମିଶନକୁ ନୀତି ଆୟୋଗଙ୍କ ପ୍ରଶଂସା

ନୂଆଦିଲ୍ଲୀ, ୨୯।୮

ରାଜ୍ୟରେ ମାଣ୍ଡିଆ ଚାଷର ପ୍ରସାର ସହ ପୌଷ୍ଟିକତାରେ ଉନ୍ନତି ଲାଗି ଓଡ଼ିଶା ସରକାର ୨୦୧୭ରେ ଆରମ୍ଭ କରିଥିବା 'ମିଲେଟ ମିଶନ'କୁ ନୀତି ଆୟୋଗ ଉଚ୍ଚ ପ୍ରଶଂସା କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶା ସରକାରଙ୍କ ଏହି ମିଶନକୁ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ(ୟୁଏନ୍‌ଡବ୍ଲ୍ୟୁଏଫ୍‌ପି) ପକ୍ଷରୁ ମଧ୍ୟ ପ୍ରଶଂସା କରାଯାଇଛି। ସରକାରଙ୍କ ଏହି କାର୍ଯ୍ୟକ୍ରମ ଦ୍ୱାରା କେବଳ ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ପୋଷଣ ସ୍ଥିତିରେ ଉନ୍ନତି ହୋଇଛି ତାହା ନୁହେଁ, ଏହା ଦ୍ୱାରା ଲୋକଙ୍କ ମଧ୍ୟରେ ମାଣ୍ଡିଆ ଉପଯୋଗ ବଢ଼ିବା ସହ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଆୟର ଅତିରିକ୍ତ ଉତ୍ସ ଯୋଗାଇ ଦେଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି। ଗତ ୧୨ ତାରିଖରେ ରାଜ୍ୟ ସରକାର ମିଲେଟ ମିଶନ କାର୍ଯ୍ୟକାରିତା ଲାଗି ୨୦୨୧-୨୨ରୁ ୨୦୨୬-୨୭ ପର୍ଯ୍ୟନ୍ତ ୬ ବର୍ଷ ନିମନ୍ତେ ୨,୮୦୮.୪୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ୨୦୧୭-୧୮ରେ ପ୍ରଥମେ ୭ ଜିଲାର ୩୦ଟି ବ୍ଲକରେ ଆରମ୍ଭ ହୋଇଥିବା ଏହି ମିଶନ ଏବେ ୧୫ ଜିଲାର ୮୪ ବ୍ଲକକୁ ପ୍ରସାରିତ ହୋଇଥିବାବେଳେ ଚଳିତ ଆର୍ଥିକ ବର୍ଷରୁ ଏହାକୁ ୧୪୨ ବ୍ଲକ୍‌ରେ ପହଞ୍ଚାଇବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

# ୧ରେ ବନ୍ଦ ରହିବ ବ୍ୟାଙ୍କ, ବିତ୍ତୀୟ ସଂସ୍ଥା

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ'କୁ ଆଖି ଆଗରେ ରଖି ରାଜ୍ୟ ସରକାର ସେପ୍ଟେମ୍ବର ୧ରେ ରାଜ୍ୟର ସମସ୍ତ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କଗୁଡ଼ିକ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ବ୍ୟାଙ୍କ ସହ ଜଡ଼ିତ ଅନ୍ୟ ସମସ୍ତ ବିତ୍ତୀୟ ସଂସ୍ଥାଗୁଡ଼ିକୁ ମଧ୍ୟ ନୂଆଁଖାଇ ଦିନ ବନ୍ଦ ରଖିବାକୁ ସୋମବାର ରାଜସ୍ୱ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଗତ ୨ବର୍ଷ ହେବ କୋଭିଡ୍ ମହାମାରୀ ଯୋଗୁ ପଶ୍ଚିମ ଓଡ଼ିଶାବାସୀ ସେମାନଙ୍କର ଗଣପର୍ବ ନୂଆଁଖାଇକୁ ଆଡ଼ମ୍ବରରେ ପାଳନ କରିପାରି ନ ଥିଲେ।

# ୨୦୦୫.୮୯ କୋଟି ଖର୍ଚ୍ଚରେ ନିଯୁକ୍ତି ପାଇବେ ୩୫୪୫

## ୧୦ ପୁଞ୍ଜିନିବେଶ ପ୍ରସ୍ତାବକୁ ସିଙ୍ଗିଲଓ୍ୱିଣ୍ଡୋ ମଞ୍ଜୁରୀ

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

ରାଜ୍ୟର ଆଗଧାଡ଼ିର ମିଡିଆ କମ୍ପାନୀ 'ସୁମା ରିଅଲ ମିଡିଆ ପ୍ରାଇଭେଟ୍ ଲିମିଟେଡ୍' ଭୁବନେଶ୍ୱରର ଗୋଠପାଟଣାଠାରେ ଏକ ଔଷଧ ନିର୍ମାଣ କମ୍ପାନୀ ଖୋଲିବ। ଏଥିପାଇଁ କମ୍ପାନୀ ପ୍ରାୟ ୨୦୦ କୋଟି ଟଙ୍କା ବ୍ୟୟ କରିବ। ଏଠାରୁ ବାର୍ଷିକ ୧.୬ ବିଲିୟନ ୟୁନିଟ୍ ଔଷଧ ପ୍ରସ୍ତୁତ ହେବ ବୋଲି ଜଣାପଡ଼ିଛି। ସୋମବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗିଲଓ୍ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ଏହି ପ୍ରକଳ୍ପ ସମେତ ମୋଟ ୨୦୦୫.୮୯ କୋଟି ଟଙ୍କାର ୧୦ଟି ପୁଞ୍ଜିନିବେଶ ପ୍ରସ୍ତାବକୁ ସିଙ୍ଗିଲଓ୍ୱିଣ୍ଡୋ ମଞ୍ଜୁରୀ ଦେଇଛନ୍ତି। ଏହାଦ୍ୱାରା ରାଜ୍ୟରେ ଅତିରିକ୍ତ ୩୫୪୫ ଜଣ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ସୁମା ରିଅଲ ମିଡିଆ ପ୍ରାଃ ଲିଃକୁ ଖୋର୍ଦ୍ଧା ଜିଲାର ଗୋଠପାଟଣାଠାରେ ଔଷଧ ପ୍ରସ୍ତୁତ ନିର୍ମାଣ କାରଖାନା ଏବଂ ଔଷଧ ଗବେଷଣା-ବିକାଶ କେନ୍ଦ୍ର ସ୍ଥାପନ କରିବ। ଏଥିରେ ୧୨୮୦ଜଣଙ୍କୁ ନିଯୁକ୍ତି ମିଳିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ସିଙ୍ଗିଲଓ୍ୱିଣ୍ଡୋ କ୍ଲିଅରାନ୍ସ ପାଇଥିବା ଅନ୍ୟ ପୁଞ୍ଜିନିବେଶ ପ୍ରସ୍ତାବ ମଧ୍ୟରେ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ଲିଃକୁ ଯାଜପୁରର ଦାନଗଦିଠାରେ ୨୦୫.୪୪ କୋଟି ଟଙ୍କା ବ୍ୟୟରେ କାର୍ବନ ଇଲୋକ୍ଟ୍ରୋଡ୍ ପେଷ୍ଟ ମ୍ୟାନୁଫାକ୍ଚରିଂ ପ୍ଲାଣ୍ଟ (୧ଲକ୍ଷ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ) ନିର୍ମାଣ କରିବ। ଜଗତସିଂହପୁରର ପାରାଦୀପଠାରେ ସାଇ ବଲକ୍ ବ୍ୟାଗସ୍ ପ୍ରାଃ ଲିଃ ୧୩୫.୯୫ କୋଟି ଟଙ୍କା ବ୍ୟୟରେ ବାର୍ଷିକ ୧,୪୪,୦୦୦ ମେଟ୍ରିକ୍ ଟନ୍ କେମିକାଲ(ସଲଫୁରିକ୍ ଏସିଡ୍) ଓ ୨୪,୦୦୦ ମେଟ୍ରିକ ଟନ୍ ଫାଇନ୍ ଫ୍ୟାବ୍ରିକ୍ ପ୍ରସ୍ତୁତ ନିମନ୍ତେ କାରଖାନା ନିର୍ମାଣ କରିବ। ଏହାଦ୍ୱାରା ଯଥାକ୍ରମେ ୨୬୦ ଓ ୩୦୧ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସିଙ୍ଗିଲଓ୍ୱିଣ୍ଡୋ ଅଥରିଟି ଏହି ପୁଞ୍ଜିନିବେଶ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ସେହିପରି ୟୁନାଇଟେଡ୍ ଫେରୋକାଷ୍ଟ ପ୍ରାଃ ଲିଃ ଦ୍ୱାରା ଯାଜପୁରର ବଡ଼ଚଣାଠାରେ ବାର୍ଷିକ ୦.୧୧ ନିୟୁତ ଟନ୍ ଫେରୋ ଆଲୟେଜ୍ ପ୍ଲାଣ୍ଟ ନିର୍ମାଣ କରାଯିବ। ଏଥିପାଇଁ କମ୍ପାନୀ ୨୬୧.୧ କୋଟି ଟଙ୍କା ବ୍ୟୟ କରିବ ଓ ୩୭୬ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। କେନ୍ଦୁଝରର ଝାମ୍ପୁରାରେ ବାର୍ଷିକ ୩ ନିୟୁତ ମେଟ୍ରିକ ଟନ୍ ପେଲେଟ୍ ପ୍ଲାଣ୍ଟ ଓ ୫ ନିୟୁତ ମେଟ୍ରିକ ଟନ୍ ଲୁହାପଥର ବେନିଫିକେସନ୍ ପ୍ଲାଣ୍ଟ ନିର୍ମାଣ ପାଇଁ ବାଲେଣ୍ଟୋ ଏଣ୍ଟରପ୍ରାଇଜେସ୍ ପ୍ରାଃ ଲିଃକୁ ସିଙ୍ଗିଲଓ୍ୱିଣ୍ଡୋ ମଞ୍ଜୁରୀ ମିଳିଛି। କମ୍ପାନୀ ଏଥିପାଇଁ ୭୭୫ କୋଟି ଟଙ୍କା ନିବେଶ କରିବ। ଏହାଦ୍ୱାରା ୩୧୪ ଜଣଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇ ଦେବ। ଖୋର୍ଦ୍ଧାର ଡେରାସସ୍ଥିତ ସି'ଫୁଡ୍ ପାର୍କରେ ଚିଙ୍ଗୁଡ଼ି ପ୍ରୋସେସିଂ ୟୁନିଟ୍ ସ୍ଥାପନ ନିମନ୍ତେ ଡିଏନ୍ ସି ସେଲ ପ୍ରାଃ ଲିଃ କମ୍ପାନୀକୁ ୫୦.୪୦ କୋଟି ଟଙ୍କା ନିବେଶ କରିବାକୁ ସିଙ୍ଗିଲଓ୍ୱିଣ୍ଡୋ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ୪୦୯ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ମେ' ଫେୟାର ହୋଟେଲସ ଆଣ୍ଡ ରିସୋର୍ଟକୁ ଗଞ୍ଜାମ ଜିଲାର ଗୋପାଳପୁରସ୍ଥିତ ନିଜର ୟୁନିଟକୁ ସମ୍ପ୍ରସାରଣ କରିବା ପାଇଁ ଅନୁମତି ମିଳିଛି। ମେ'ଫେୟାର ପାମ୍ ବିଚ୍ ରିସୋର୍ଟ ସମ୍ପ୍ରସାରଣ ପାଇଁ କମ୍ପାନୀ ୮୫ କୋଟି ଟଙ୍କା ନିବେଶ କରିବ। ଏହାଦ୍ୱାରା ଅତିରିକ୍ତ ୧୨୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଯାଜପୁରର ବାଘୁଆପାଳଠାରେ ନରେଶ କୁମାର ଆଣ୍ଡ କୋ ପ୍ରାଃ ଲିଃ ଦ୍ୱାରା ୱେୟାରହାଉସ୍ ତଥା ଲଜିଷ୍ଟିକ୍ ପାର୍କ ସ୍ଥାପନ କରାଯିବ। ଏଥିପାଇଁ ସଂସ୍ଥା ପକ୍ଷରୁ ୧୨୫ କୋଟି ଟଙ୍କା ବ୍ୟୟ ହେବ। ୨୦୦ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ରୁନୟା ଆଲୁମିନିୟମ ପ୍ରାଃ ଲିଃ ୮୦ କୋଟି ଟଙ୍କା ବ୍ୟୟରେ ଝାରସୁଗୁଡ଼ା ଜିଲାରେ ୫ ହଜାର ମେଟ୍ରିକ ଟନ୍ ଆଲୁମିନିୟମ ପାଉଡର ଆଣ୍ଡ ପିଗମେଣ୍ଟ ପ୍ଲାଣ୍ଟ ନିର୍ମାଣ କରିବ। ଏହାଦ୍ୱାରା ୧୨୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**ପ୍ରଥମ ପୃଷ୍ଠାରୁ...**

## ଆତ୍ମହତ୍ୟା: ଦିନ...

ପାଇଛି। ୨୦୨୧ରେ ମୋଟ ୧ ଲକ୍ଷ ୬୪ ହଜାର ୩୩ ଆତ୍ମହତ୍ୟା ଘଟଣା ସାମ୍ନାକୁ ଆସିଛି। ୨୦୨୦ରେ ଏହି ସଂଖ୍ୟା ଥିଲା ୧ ଲକ୍ଷ ୫୩ ହଜାର ୫୨। ପାରିବାରିକ ସମସ୍ୟା, ଅସୁସ୍ଥତା, ବୃତ୍ତିଗତ ସମସ୍ୟା, ଏକଲାପଣ, ହିଂସା, ନିଶା ଆସକ୍ତ ଏବଂ ଆର୍ଥିକ କ୍ଷତି ଆତ୍ମହତ୍ୟାର ମୁଖ୍ୟ କାରଣ ବୋଲି ଏନ୍‌ସିଆର୍‌ବି ୨୦୨୧ ରିପୋର୍ଟରେ ଦର୍ଶାଯାଇଛି। ଅନ୍ୟ କାରଣଗୁଡ଼ିକ ମଧ୍ୟରେ ପ୍ରେମ ବ୍ୟାପାର, ବୈବାହିକ ବିବାଦ, ସାମାଜିକ ମର୍ଯ୍ୟଦା ହାନି, ପରୀକ୍ଷାରେ ବିଫଳତା, ସମ୍ପତ୍ତି ବିବାଦ, ଆତ୍ମୀୟଙ୍କୁ ହରାଇବା, ଅଭାବ ଅନଟନ, ଅଣନିଯୁକ୍ତି ଏବଂ ଅବୈଧ ସମ୍ପର୍କ ଅନ୍ୟତମ। ବୃତ୍ତି ତଥା ପେସାଗତ ସମସ୍ୟା ଜନିତ ଆତ୍ମହତ୍ୟା କ୍ଷେତ୍ରରେ ଦୈନିକ ମଜୁରିଆଙ୍କ ସଂଖ୍ୟା ସର୍ବାଧିକ ୨୫.୬% ଥିବାବେଳେ ୧୨.୩% ଆତ୍ମନିଯୁକ୍ତିଧାରୀ, ୯.୭% ଦରମାଭୋଗୀ, ୦.୯% ଅବସରପ୍ରାପ୍ତ କର୍ମଚାରୀ ରହିଛନ୍ତି। ସେହିପରି କୃଷି କ୍ଷେତ୍ରରେ ନିଯୁକ୍ତ ୬.୬ ପ୍ରତିଶତ ବ୍ୟକ୍ତି ଏବଂ ନିଯୁକ୍ତିରୁ ବଞ୍ଚିତ ୮.୪ ପ୍ରତିଶତ ବ୍ୟକ୍ତି ଜୀବନ ହାରିବା ଭଳି ଚରମପନ୍ଥାକୁ ବାଛି ନେଇଛନ୍ତି। ଛାତ୍ରୀଛାତ୍ରଙ୍କ ସଂଖ୍ୟା ରହିଛି ୮%।

ଦେଶର ୫ ବଡ଼ ରାଜ୍ୟରେ ୫୦.୩ ପ୍ରତିଶତ ଆତ୍ମହତ୍ୟା ଘଟଣା ଘଟିଛି। ସେଥିମଧ୍ୟରୁ ମହାରାଷ୍ଟ୍ରରେ ସର୍ବାଧିକ ୨୨,୨୦୭ (୧୩.୫%) ଘଟଣା ଘଟିଥିବାବେଳେ ତାମିଲନାଡୁରେ ୧୮,୯୨୫ (୧୧.୫%), ମଧ୍ୟପ୍ରଦେଶରେ ୧୪,୯୬୫ (୯.୧%), ପଶ୍ଚିମବଙ୍ଗରେ ୧୩,୫୦୦ (୮.୨%) ଏବଂ କର୍ଣ୍ଣାଟକରେ ୧୩,୦୫୬(୮%) ଆତ୍ମହତ୍ୟା ଘଟିଥିବା ରିପୋର୍ଟରେ ଦର୍ଶାଯାଇଛି। ଅବଶିଷ୍ଟ ୨୩ ରାଜ୍ୟ ଏବଂ ୮ କେନ୍ଦ୍ର ଶାସିତ ଅଞ୍ଚଳରେ ୪୯.୭% ମାମଲା ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ଓଡ଼ିଶାରେ ୫୫୬୧(୩.୪%) ଆତ୍ମହତ୍ୟା ଘଟିଛି, ଯାହାକି ୨୦୨୦ ତୁଳନାରେ ୧୫ ଅଧିକ। ପାରିବାରିକ ସମସ୍ୟାରୁ ଆତ୍ମହତ୍ୟା କ୍ଷେତ୍ରରେ ଓଡ଼ିଶାରେ ସର୍ବାଧିକ ୪୦୩୩(୭୧.୪%)ଟି ଘଟଣା ଘଟିଛି। ଏ କ୍ଷେତ୍ରରେ ଓଡ଼ିଶା ୨୦୨୦ରେ ମଧ୍ୟ ଆଗରେ ରହିଥିଲା। ଉକ୍ତ ବର୍ଷ ମୋଟ ୫୫୪୬ ଆତ୍ମହତ୍ୟା ଘଟଣା ମଧ୍ୟରୁ ୪୫୦୬ଟି ଥିଲା ପାରିବାରିକ ସମସ୍ୟା।

୧ ଲକ୍ଷ ଜନସଂଖ୍ୟାକୁ ନେଇ ଆତ୍ମହତ୍ୟା ହାର ଆକଳନ କରାଯାଇଥାଏ। ତଦନୁଯାୟୀ ଦେଶରେ ୨୦୨୧ରେ ଆତ୍ମହତ୍ୟା ହାର ୧୨ ରହିଛି, ଯାହାକି ୧୯୬୭ ପରଠାରୁ ସର୍ବାଧିକ। ୨୦୧୦ରେ ଦ୍ୱିତୀୟ ସର୍ବାଧିକ ଆତ୍ମହତ୍ୟା ହାର (୧୧.୩୫) ରହିଥିଲା। ୨୦୨୧ ରିପୋର୍ଟ ଅନୁଯାୟୀ, ଆଣ୍ଡାମାନ ନିକୋବରରେ ଆତ୍ମହତ୍ୟା ହାର ସର୍ବାଧିକ ୩୯.୭ ରହିଥିବାବେଳେ ସିକିମ୍‌ରେ ୩୯.୨, ପୁଡୁଚେରୀରେ ୩୧.୮, ତେଲଙ୍ଗାନା ଓ କେରଳରେ ୨୬.୯ ଏବଂ ଓଡ଼ିଶାରେ ୧୨.୩ ରହିଛି। ୨୦୨୦ରେ ଦେଶର ଆତ୍ମହତ୍ୟା ହାର ୧୧.୩ ଥିବାବେଳେ ଓଡ଼ିଶାରେ ଥିଲା ୧୨.୨।

## ମହିଳା, ଶିଶୁ ବିରୋଧୀ...

୨୦୨୦ ତୁଳନାରେ ୧୬.୨% ବୃଦ୍ଧି ପାଇଥିବା ଏହି ରିପୋର୍ଟରୁ ଜଣାପଡ଼ିଛି। ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ, ୨୦୨୧ରେ ମହିଳା ବିରୋଧୀ ଅପରାଧ ମାମଲା ୪,୨୮,୨୭୮ ରହିଛି। ଏହି ସଂଖ୍ୟା ୨୦୨୦ରେ ୩,୭୧,୫୦୩ ରହିଥିଲା। ସ୍ୱାମୀ କିମ୍ବା ଶାଶୁଘର ଲୋକଙ୍କ ଦ୍ୱାରା ଅତ୍ୟାଚାର ଏବଂ ଅପରାଧର ଶିକାର ହୋଇ ଭାରତୀୟ ପେନାଲ କୋଡ୍(ଆଇପିସି)ରେ ପଞ୍ଜୀକୃତ ହୋଇଥିବା ମାମଲା ମୋଟ୍ କେସ୍‌ର ୩୧.୮%। ମହିଳାଙ୍କ ମର୍ଯ୍ୟାଦା ହାନି ପାଇଁ ଉଦ୍ଦିଷ୍ଟ ଆପରାଧିକ ମାମଲା ୨୦.୮% ରହିଥିବାବେଳେ ୧୭.୬% ଅପହରଣ କେସ୍ ରହିଛି। ସେହିପରି ଗତବର୍ଷ ପଞ୍ଜୀକୃତ ବଳାତ୍କାର ମାମଲା ୭.୪% ରହିଛି। ଅପରପକ୍ଷେ ୨୦୨୧ରେ ଶିଶୁଙ୍କ ପ୍ରତି ହୋଇଥିବା ଆପରାଧିକ ମାମଲା ସଂଖ୍ୟା ୧,୪୯,୪୦୪ ରହିଛି। ସେଥିମଧ୍ୟରୁ ଅଧିକାଂଶ କେସ୍ ଅପହରଣ ଜନିତ ହୋଇଥିବାବେଳେ ଏହାତଳକୁ ଯୌନଶୋଷଣ ଏବଂ ବଳାତ୍କାର ମାମଲା ରହିଛି। ୨୦୨୦ରେ ଶିଶୁ ବିରୋଧୀ ଅପରାଧ ମାମଲା ୧,୨୮,୫୩୧ ରହିଥିଲା। ଗତ ବର୍ଷ ପ୍ରତି ଲକ୍ଷେ ଶିଶୁରେ ୩୩.୬% ଅପରାଧର ଶିକାର ହୋଇଥିବାବେଳେ ୨୦୨୦ରେ ଏହି ହାର ୨୮.୯% ଥିଲା। ଏନ୍‌ସିଆର୍‌ବି ତଥ୍ୟରୁ ଆହୁରି ଜଣାପଡ଼ିଛି, ୨୦୨୧ରେ ମୋଟ ୬୦,୯୬,୩୧୦ ଆପରାଧିକ ମାମଲା ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୩୬,୬୩,୩୬୦ କେସ୍ ଆଇପିସି ଅଧୀନରେ ଥିବାବେଳେ ୨୪,୩୨,୯୫୦ ମାମଲା ସ୍ୱତନ୍ତ୍ର ଏବଂ ସ୍ଥାନୀୟ ଆଇନ (ଏସ୍‌ଏଲ୍‌ଏଲ୍) ବଳରେ ପଞ୍ଜୀକୃତ ରହିଛି। ୨୦୨୦ ତୁଳନାରେ ମୋଟ ଆପରାଧିକ ମାମଲା ୭.୬% ହ୍ରାସ ପାଇଛି।

## ଦେଢ଼ ଲକ୍ଷରେ...

ଗିରଫ ଦୁଇଜଣଙ୍କୁ ଭୁବନେଶ୍ୱର ରେଞ୍ଜ୍ ଅଫିସ୍‌ରେ ରଖାଯାଇଛି। ମଙ୍ଗଳବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପଚରାଉଚରାବେଳେ ଦୁଇ ଅଭିଯୁକ୍ତଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ସେମାନେ ଜଟଣୀ ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ ୫୦ହଜାର ଟଙ୍କାରେ ଉକ୍ତ ବହୁରୂପୀ ଏଣ୍ଡୁଅ କିଣିଥିଲେ। ଗୋଟିଏ ଦିନ ରଖିବା ପରେ ତାକୁ ଦେଢ଼ଲକ୍ଷ ଟଙ୍କାରେ ବିକ୍ରି କରିବା ପାଇଁ ଯୋଜନା କରିଥିଲେ। ଏହି ଖବର ବନ ବିଭାଗ ପାଖରେ ପହଞ୍ଚିବା ପରେ ନଗର ବନଖଣ୍ଡ ଅଧିକାରୀ ଅଜିତ କୁମାର ଶତପଥୀଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ବନାଞ୍ଚଳ ଓ ମଞ୍ଚେଶ୍ୱର ବନାଞ୍ଚଳର ୨୦ଜଣ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏସିଏଫ୍ ଅନନ୍ତ ପ୍ରଧାନଙ୍କ ନେତୃତ୍ୱରେ ଟିମ୍ ସଦସ୍ୟମାନେ ପୂରା ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିଥିଲେ। ପ୍ରଥମେ ଅଭିଯୁକ୍ତଙ୍କ ସହ କଥାହୋଇ ଏଣ୍ଡୁଅ କିଣିବା ପାଇଁ ଡିଲ୍ ହୋଇଥିଲା। ମୂଲଚାଲ ପରେ ଦେଢ଼ ଲକ୍ଷ ଟଙ୍କାରେ କଥା ଛିଣ୍ଡି ଥିଲା। ସେହି ଅନୁସାରେ ଅଜା ଓ ନାତି ଭୁବନେଶ୍ୱର ବାଣୀବିହାରସ୍ଥିତ ଶ୍ୟାମା ପ୍ରସାଦ ମୁଖାର୍ଜୀ ପାର୍କରେ ପହଞ୍ଚିଥିଲେ। ଜଣେ ଫରେଷ୍ଟର ଗ୍ରାହକ ହୋଇ ଏଣ୍ଡୁଅ କିଣିବା ପାଇଁ ସେମାନଙ୍କ ପାଖକୁ ଯାଇଥିଲେ। ସେମାନେ ଏଣ୍ଡୁଅକୁ ବାହାର କରି ଦେଖାଇବା ସମୟରେ ପୂର୍ବରୁ ପ୍ରସ୍ତୁତ ରହିଥିବା ଅନ୍ୟ ବନ କର୍ମଚାରୀମାନେ କାବୁ କରିନେଇଥିଲେ। ଏଥିସହ ଉକ୍ତ ବହୁରୂପୀ ଏଣ୍ଡୁଅକୁ ମଧ୍ୟ ଜବତ କରାଯାଇଥିଲା। ଭାରତୀୟ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ ବହୁରୂପୀ ଏଣ୍ଡୁଅ ହେଉଛନ୍ତି ସିଡ୍ୟୁଲ-୨ ପ୍ରାଣୀ। ତେଣୁ ଏହାକୁ ରଖିବା କିମ୍ବା ବେପାର କରିବା ଦଣ୍ଡନୀୟ ଅପରାଧ। ଏହି ଏଣ୍ଡୁଅଟି ଦେଖିବାକୁ ସୁନ୍ଦର ହୋଇଥିବାରୁ ଏହାକୁ ସାଧାରଣତଃ ପୋଷା କରି ରଖିବାକୁ ଲୋକେ ପସନ୍ଦ କରିଥାନ୍ତି। କିନ୍ତୁ ଏହି ଏଣ୍ଡୁଅ କିଏ ଧରିଥିଲେ, ଅଭିଯୁକ୍ତ ଦ୍ୱୟ କାହାଠାରୁ କିଣିଥିଲେ ଓ କାହାକୁ ବିକ୍ରି କରିଥାନ୍ତେ, ତାହାର ଖୋଳତାଡ଼ କରୁଛି ବନ ବିଭାଗ।


# classifieds Everyday
0674-2580101, 2549302



**SALE**

**Infocity-II, Madanpur** ପାଖରେ **2000sqft.**କୁ **24,00,000/-** ଟଙ୍କାରେ ପାଚେରି ସହ **plot** ବିକ୍ରିହେବ। **7978617023.** D-1270

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

**Bhubaneswar Sum Hospital** ପାଖ ଘଙ୍ଗାପାଟନାରେ ସ୍ଥିତିବାନ ଗୃହୋପଯୋଗୀ ପ୍ଲଟ୍ **30' road,** ଇଲେକ୍ଟ୍ରିସିଟି, ବାଉଣ୍ଡରୀ, ପୋଜେସନ ସହ ସମ୍ପୂର୍ଣ୍ଣ **develop** ହୋଇ ମିଳୁଛି। **9090963952.** D-73300

Bhubaneswar କାଟେଣୀ-ପିତାପଲ୍ଲୀ ଏରିୟାରେ 2000sqft. gharabari plot ୨୮ଟି ବିକ୍ରିହେବ। 9938016295. D-74104

**NH side commercial plot Niali Road, 6 Km. from Nakhara, Cuttack. 7809525452.** D-73959

1600sqft. ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। ରବିଟକିଜ୍‌ରୁ 1.5 ମିଟର। 9827119799. D-73864

**Bhubaneswar Sum Hospital 6K.M.** ଦୂରରେ କଣ୍ଟାବାଡ଼ଠାରେ **NH-16A** ରୋଡ୍‌ରୁ ୧୦୦ଫୁଟ ଛାଡ଼ି **30' ROAD,** ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି। **9090963952.** D-74101

ଭୁବନେଶ୍ୱର ହଂସପାଳଛକରୁ ମାତ୍ର **5K.M.** ବ୍ୟବଧାନରେ ନୀଳକଣ୍ଠେଶ୍ୱର ମନ୍ଦିରକୁ ଲାଗି **2800sqft.** ଘରବାରି ଜାଗା ପାଚେରି ସହ ବିକ୍ରିହେବ। **sqft. 1250/-, 9040744989, 9776366322, 7873219026.** D-74103



**Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73297

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1116



Mesmerizing, energetic body, mind qualitative relaxing massage experienced therapists. 7751083098. D-73865

Newly open full body massage 1099 free massage one. Mo: 9583808247. D-1164

Fullbody relax massage refresh your body with trend therapist. 7008773793. D-73635

**One hour any therapy by expert therapist @999 only. 9078484455.** D-73637

Newly open full body massage ladies and gents. 8327740003, 8093860513. D-73958

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73957

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ- ତୁମକୁ ଚେଷ୍ଟା କରିବାକୁ ହେବ- ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। **-ଶ୍ରୀଅରବିନ୍ଦ**

# ପ୍ରବାସୀ ହଟହଟା

ନିକଟରେ ଆମେରିକାର ଟେକ୍ସାସ ଅନ୍ତର୍ଗତ ପ୍ଲାନୋରେ ୪ ଜଣ ଭାରତୀୟ ମହିଳା ବର୍ଣ୍ଣବିଦ୍ୱେଷର ଶିକାର ହୋଇଥିଲେ। ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ମହିଳା ହେଉଛନ୍ତି ମେକ୍ସିକୀୟ-ଆମେରିକୀୟ ଏସ୍‌ମେରାଲ୍ଡା ଅପଟୋନ୍। ସେ ଭାରତୀୟ ମହିଳାଙ୍କୁ କହିଥିଲେ 'ମୁଁ ତୁମ ଭଳି ଭାରତୀୟଙ୍କୁ ଘୃଣା କରେ (ଆଇ ହେଟ୍ ୟୁ ଇଣ୍ଡିଆନ୍ସ)। ତୁମ୍ଭେମାନେ ଉନ୍ନତ ଜୀବନ ବିତାଇବାକୁ ଆମେରିକା ଆସିଛ। ଭାରତକୁ ଫେରିଯାଅ କହି ସେମାନଙ୍କୁ ସେ ଦୁର୍ବ୍ୟବହାର କରିଥିଲେ। ସମ୍ପୃକ୍ତ ଭାରତୀୟଙ୍କ ପ୍ରତି ଏସ୍‌ମେରାଲ୍ଡାଙ୍କ ଏଭଳି ବ୍ୟବହାର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କାରଣ ସେ ନିଜେ ମେକ୍ସିକୀୟ ହୋଇଥିବାରୁ ଆମେରିକାରେ ପ୍ରବାସୀ ଭାବେ ଗଣାଯିବେ। ଯେହେତୁ ଭାରତୀୟମାନେ ଆମେରିକାର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରି ପ୍ରଚୁର ଅର୍ଥ ଉପାର୍ଜନ କରୁଛନ୍ତି, ସେହେତୁ ତାଙ୍କ କ୍ରୋଧ ପ୍ରକାଶ ପାଇଥିବା ଅନୁମାନ କରାଯାଇପାରେ। ଏହା ପଛରେ ଅଧିକ କାରଣ ଖୋଜିଲେ ଦେଖାଯାଏ ଯେ, ଭାରତୀୟମାନେ ବିଦେଶରେ କେବଳ ଅପର୍ଯ୍ୟାପ୍ତ ଅର୍ଥ ଉପାର୍ଜନ ପଛରେ ଗୋଡ଼ାଇଥାଆନ୍ତି। ସାଧାରଣରେ ସେମାନେ ସ୍ଥାନୀୟ ଲୋକଙ୍କ ପ୍ରତି ସାହାଯ୍ୟ କିମ୍ବା ସହାନୁଭୂତି ଦେଖାଇ ନ ଥାଆନ୍ତି। ଏକାକୀ ଧନ ଅର୍ଜନ କରି ସୁଖରେ ରହିବାର ଉଦ୍ଦେଶ୍ୟ ସର୍ବଉପରେ ହୋଇଯାଇଥିବାରୁ ଭାରତୀୟମାନେ ଏକଘରକିଆ ହୋଇଯାଉଛନ୍ତି। ସେମାନେ କେବଳ ଭାରତୀୟଙ୍କ ସହିତ ସମ୍ପର୍କ ରଖନ୍ତି ଏବଂ ସ୍ଥାନୀୟ ଲୋକଙ୍କ ସହିତ ସାମାଜିକ ସମ୍ବନ୍ଧ ସ୍ଥାପନ କରିବାକୁ ଚେଷ୍ଟା କରନ୍ତି ନାହିଁ। କେବଳ ଆମେରିକା ନୁହେଁ, ଇଂଲିଶ ଭାଷୀ ରାଷ୍ଟ୍ର ବ୍ରିଟେନ, ଅଷ୍ଟ୍ରେଲିଆ ଏପରି କି ଦକ୍ଷିଣ ଆଫ୍ରିକା, ଥାଇଲାଣ୍ଡ ଓ ସିଙ୍ଗାପୁରରେ ମଧ୍ୟ ଭାରତୀୟମାନଙ୍କ ଏହି ଚରିତ୍ର ଯୋଗୁ ସେମାନେ ହଟହଟା ହୋଇଆସୁଛନ୍ତି।

ଜଣାଶୁଣା ଯେ, ଭାରତୀୟମାନେ ଆଫ୍ରିକୀୟ-ଆମେରିକୀୟମାନଙ୍କୁ ଘୃଣା ଚକ୍ଷୁରେ ଦେଖନ୍ତି ଓ ସେମାନଙ୍କଠାରୁ ଦୂରେଇ ରହନ୍ତି। ଅନ୍ୟପଟେ ଗୋରାମାନେ ଭାରତୀୟଙ୍କୁ ହୀନ ଚକ୍ଷୁରେ ଦେଖନ୍ତି ଏବଂ ସେମାନଙ୍କ ସହିତ ସାମାଜିକ ସମ୍ପର୍କ ରଖିବାକୁ କୁଣ୍ଠାବୋଧ କରନ୍ତି। ଏପରିକି ଭାରତୀୟମାନଙ୍କୁ ଅନେକ ସ୍ଥାନରେ ମଧ୍ୟ ଘରଭଡ଼ା ମିଳେ ନାହିଁ। ସେମାନେ ବାଧ୍ୟହୋଇ ନିଜେ ଘର କିଣି ରହନ୍ତି। ଆମେରିକା ଭଳି ଦେଶରେ କେବଳ ଭାରତୀୟ ନୁହନ୍ତି, ଚାଇନା ଓ କୋରିଆ ଭଳି ଦେଶରୁ ଯାଇଥିବା ପ୍ରବାସୀମାନଙ୍କୁ ଏସୀୟ କହି ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥାଏ। ଏହି ଘୃଣାର ଅତ୍ୟଧିକ ମାତ୍ରା ପହଞ୍ଚିଥିଲା କରୋନା ସମୟରେ। ଅନ୍ୟ ଏକ ଘଟଣାକୁ ଦେଖିଲେ କିଛିବର୍ଷ ପୂର୍ବେ କାନାଡ଼ାର ଏକ ଯୁବଗୋଷ୍ଠୀ 'ଡଟ୍ ବଷ୍ଟର' ଅର୍ଥାତ୍ ଭାରତୀୟ ମହିଳା ବ୍ୟବହାର କରୁଥିବା 'ବିନ୍ଦିକୁ ମାଡ଼' ଗୋଷ୍ଠୀ ନାମରେ ସୃଷ୍ଟି ହୋଇଥିଲେ। ଅନେକକାଳ ପର୍ଯ୍ୟନ୍ତ ସେହି ଗୋଷ୍ଠୀ ଭାରତୀୟ ଦୋକାନୀ ଓ ବ୍ୟବସାୟୀମାନଙ୍କୁ ଯେଉଁଠି ଦେଖିଲେ ସେଠି ପିଟିଲେ।

ବିଦେଶରେ କାର୍ଯ୍ୟ କରିବାର ବୟସ ଶେଷ ହେବାପରେ ଅଧିକାଂଶ ଭାରତୀୟ ସ୍ୱଦେଶ ଫେରିବାକୁ ଇଚ୍ଛୁକ ଥିବା ସ୍ପଷ୍ଟ ଜଣାପଡ଼େ। ସେମାନେ ଅନେକ ଅର୍ଥ ଖର୍ଚ୍ଚ କରି ନିଜ ନିଜ ରାଜ୍ୟରେ ବିରାଟକାୟ ଜମି ଓ ଘର କିଣୁଛନ୍ତି। ବିଦେଶରେ ନିଜକୁ ସମ୍ପୂର୍ଣ୍ଣ ଭାବେ ଏକାକୀ ବୋଲି ହୃଦ୍‌ବୋଧ କରି ବୁଢ଼ା ବୟସରେ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରିବାକୁ ଇଚ୍ଛୁକ ଏହି ପ୍ରବାସୀ ନାଗରିକ ଯୁବାବସ୍ଥାରେ ଦେଶକୁ ଗୋଇଠା ମାରି ଚାଲିଯାଇଥିଲେ। ମନେ ରଖିବାକୁ ହେବ ଯେ, ଏଭଳି ଲୋକ ଭାରତୀୟ କରଦାତାଙ୍କ ଅର୍ଥବ୍ୟୟ କରି ଏବଂ ଭାରତୀୟ ସମାଜର ସୁବିଧା ନେଇ ଆଇଆଇଟି, ବିଭିନ୍ନ ମେଡିକାଲ କଲେଜରୁ ପାଠ ପଢ଼ିସାରିବା ପରେ ନିଜ ଦେଶକୁ ଛାଡ଼ି ଅନ୍ୟତ୍ର ପଳାଇଥିଲେ।

ଭାରତୀୟଙ୍କ ତୁଳନାରେ ମେକ୍ସିକୋ କିମ୍ବା ଦକ୍ଷିଣ ଆମେରିକୀୟ ସ୍ପାନିସ୍ ଭାଷୀ ଲୋକେ ସାଧାରଣରେ ଉତ୍ତର ଆମେରିକାରେ ଲେବର କ୍ଲାସ୍ ବା ଶ୍ରମଜୀବୀ ଗୋଷ୍ଠୀ ଭାବେ ଜୀବନ ନିର୍ବାହ କରନ୍ତି। ସେମାନଙ୍କୁ ସ୍ଥାନୀୟ ଗୋରା ଲୋକ ମୂଲିଆ, ମିସ୍ତ୍ରି ଭାବେ ଦେଖିଥାଆନ୍ତି। କଳା ଲୋକ (ଆଫ୍ରିକୀୟ-ଆମେରିକୀୟ)ଙ୍କ ପାଇଁ ଯେଉଁ ପ୍ରବଳ ଘୃଣାଭାବ ବର୍ଣ୍ଣବିଦ୍ୱେଷ ଭାବେ ରହିଆସିଛି, ତାହା ଏବେ ମଧ୍ୟ ହ୍ରାସ ପାଉନାହିଁ। କିନ୍ତୁ ଭାରତୀୟଙ୍କଠାରେ ସେହି ପରିମାଣର ଘୃଣାଭାବ ପରିଲକ୍ଷିତ ହେଉ ନ ଥିବା ବେଳେ ସେମାନେ ମଧ୍ୟ ବର୍ଣ୍ଣବୈଷମ୍ୟର ଶିକାର ହୋଇ ଆସୁଛନ୍ତି। ଏହିସବୁ ବିଭିନ୍ନ ପରିସ୍ଥିତିକୁ ଦେଖିଲେ ଭାରତୀୟମାନେ ସାମ୍ନା କରୁଥିବା କ୍ରୋଧ ପାଇଁ ନିଜେ ନିଜକୁ ଦୋଷ ଦେବା ଦରକାର। ଦୁବାଇ କିମ୍ବା ଆବୁଧାବିକୁ ଯାଉଥିବା ଭାରତୀୟ ମୂଲିଆଙ୍କଠାରୁ ଆରମ୍ଭକରି ଆମେରିକା ଯାଉଥିବା ଆଇଟି ପ୍ରଫେଶନାଲଙ୍କ ଆଭିମୁଖ୍ୟ ଏକପ୍ରକାର ହୋଇଯାଇଛି। କେବଳ ଅର୍ଥ ଅର୍ଜନ କରିବାର ଲକ୍ଷ୍ୟ ନେଇ ଯାଉଥିବା ଭାରତୀୟମାନେ ସ୍ଥାନୀୟ ଲୋକଙ୍କ ସହିତ ସାମାଜିକ ସମ୍ପର୍କ ଗଠନ ପାଇଁ କୌଣସି ଇଚ୍ଛା ପ୍ରକାଶ କରନ୍ତି ନାହିଁ। ଜଣେ କଳା କିମ୍ବା ଗୋରା ଆମେରିକୀୟ ଭଲ ଭାବେ ବଞ୍ଚିବା ପାଇଁ ଅର୍ଥ ଅର୍ଜନ କରିସାରିବା ପରେ, ଅଧିକାଂଶ ସମୟରେ ଦେଖାଯାଏ ନିଜର ପଡ଼ୋଶୀ କିମ୍ବା ଅଞ୍ଚଳରେ ସାମାଜିକ ସେବା କ୍ଷେତ୍ରରେ ସକ୍ରିୟ ହୋଇଥାଆନ୍ତି। ସେମାନଙ୍କ ତୁଳନାରେ ଭାରତୀୟମାନେ ଗୋଟିଏ ଡଲାର ମଧ୍ୟ କାହାରିକୁ ସାହାଯ୍ୟ କରିବାକୁ ଚିନ୍ତା କରନ୍ତି ନାହିଁ। ସବୁ ଭାରତୀୟ ଏହି ଗୋଷ୍ଠୀରେ ପଡୁଥିବା ବେଳେ ସେହି ମାଟିରୁ ଯାଉଥିବା ପଞ୍ଜାବୀ ଶିଖ୍‌ମାନେ ସବୁବେଳେ ଦାତବ୍ୟ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିବାର ଦେଖାଯାଏ। ଏହାର ଅର୍ଥ ନୁହେଁ ଯେ, ସେମାନେ ଗାଳି ଶୁଣନ୍ତି ନାହିଁ କିମ୍ବା ସେମାନଙ୍କୁ ଟାର୍ଗେଟ କରାଯାଏ ନାହିଁ।

ଏଠାରେ ଆଉ ଏକ ପ୍ରସଙ୍ଗ ମନେପଡ଼େ। ପଞ୍ଜାବର ଅମୃତସର ସ୍ୱର୍ଣ୍ଣମନ୍ଦିରରେ ଖଲିସ୍ତାନୀଙ୍କୁ ହଟାଇବା ପାଇଁ ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ହୋଇଥିବା 'ବ୍ଲୁ-ଷ୍ଟାର' ଅପରେଶନରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ବୁଟା ସିଂଙ୍କ ବଡ଼ ଭୂମିକା ରହିଥିଲା। ବୁଟା ସିଂଙ୍କୁ ସେତେବେଳେ କ୍ଷମା ମାଗିବାକୁ କୁହାଯାଇଥିଲା। ହେଲେ ସେଠାକାର ଗ୍ରନ୍ଥି ବା ଧର୍ମଗୁରୁମାନେ ତାଙ୍କ କ୍ଷମାକୁ ସ୍ୱୀକାର କରି ତାଙ୍କୁ 'କର ସେବା' ଆଳରେ ସ୍ୱର୍ଣ୍ଣମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଜୋତା ସଫା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭାରତରେ ସେବାକୁ ସର୍ବଦା ଧର୍ମ ସହ ଯୋଡ଼ି ଦିଆଯାଇଥାଏ। ଏପରି କି ସରକାରଙ୍କୁ ଆଇନ ପ୍ରଣୟନ କରି କମ୍ପାନୀଗୁଡ଼ିକୁ କର୍ପୋରେଟ୍ ସୋସିଆଲ୍ ରେସପନ୍‌ସିବିଲିଟି (ସିଏସ୍‌ଆର୍) ନାମରେ ଲାଭର କ୍ଷୁଦ୍ର ଅଂଶ ଜନତାଙ୍କ ସେବାରେ ଲଗାଇବାକୁ ବାଧ୍ୟ କରାଯାଉଛି। ସେହି ଅର୍ଥକୁ ମଧ୍ୟ ସମସ୍ତେ ବାଟମାରଣା କରିବା ସକାଶେ ଉଦ୍ଦେଶ୍ୟ ରଖି ଜଗି ବସିଛନ୍ତି। ଅର୍ଥାତ୍ ଭାରତୀୟଙ୍କ ରକ୍ତରେ ଜନ କିମ୍ବା ସାମାଜିକ ସେବାର ତିଳେମାତ୍ର ଲକ୍ଷଣ ନ ଥିବାରୁ ତାହାର କୁପ୍ରଭାବ ସବୁ ଭାରତୀୟଙ୍କ ଉପରେ ପଡୁଛି। ଯଦି ପାଶ୍ଚାତ୍ୟ ବିଶେଷକରି ଆମେରିକାକୁ ଦେଖାଯାଏ, ସେଠାରେ ଧନୀ ଲୋକ ସେମାନଙ୍କ ଆୟର ଅନେକାଂଶ ଦାତବ୍ୟ ଅନୁଷ୍ଠାନକୁ ସ୍ୱଇଚ୍ଛାରେ ଦାନ କରିବାକୁ ଆଗେଇ ଆସିଥାନ୍ତି। ଭାରତରୁ ଯାଇ ସେଠାରେ ବଡ଼ ଡାକ୍ତର ହେବା ବା ଆଇଟି ପ୍ରଫେଶନାଲ ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତି ବହୁତ ପଇସା ରୋଜଗାର କରୁଛନ୍ତି, ସମ୍ପତ୍ତି ଯଥା ବଡ଼ ଘର ଓ ଗାଡ଼ି କରିବା ସହ ଅନେକେ ନିଜର ବ୍ୟବସାୟକୁ ମଧ୍ୟ ବିସ୍ତାର କରିପାରିଛନ୍ତି। ହେଲେ ସେମାନଙ୍କ ନିକଟରେ ଦାନ କରିବା ମାନସିକତା ଦେଖାଯାଇ ନ ଥାଏ। ପ୍ଲାନୋ ଘଟଣା ପରେ ବିଦେଶରେ ରହୁଥିବା ଭାରତୀୟମାନେ ସେମାନଙ୍କ ଚରିତ୍ରଗତ ଦୁର୍ବଳତା ସମ୍ପର୍କରେ ଚିନ୍ତା କରିବାର ସମୟ ଆସିଲାଣି।

# ଭାରତୀୟ ମେଧାଶକ୍ତିର ଦେଶାନ୍ତର ଯାତ୍ରା



ଡ. ଚିତ୍ତରଂଜନ ମିଶ୍ର

ଉଚ୍ଚଶିକ୍ଷା ପାଇଁ ଭାରତୀୟ ଛାତ୍ରମାନଙ୍କ ଦେଶାନ୍ତର ଯାତ୍ରାର ପ୍ରବୃତ୍ତି ବଢ଼ିଚାଲିଛି। ସଂପ୍ରତି ୧୧.୩ ଲକ୍ଷ ଭାରତୀୟ ଛାତ୍ର ବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି ଏବଂ ୨୦୨୨ ଏ କ୍ଷେତ୍ରରେ ରେକର୍ଡ କରିବାକୁ ଯାଉଛି। ଭାରତୀୟ ମୁଦ୍ରାର ମୂଲ୍ୟରେ ହ୍ରାସ ସତ୍ତ୍ୱେ ଏପରି ପରିସ୍ଥିତି ଦୃଷ୍ଟିଗୋଚର ହେଉଛି। ଏହି ଛାତ୍ରମାନେ କେବଳ ଟ୍ୟୁଶନ୍ ଫି' ବାବଦକୁ ଅନେକ ବିଲିୟନ ଡଲାର ଅର୍ଥରାଶି ବ୍ୟୟ କରିଥାନ୍ତି। ରିପୋର୍ଟ ପ୍ରକାଶ ପାଇଛି ଯେ, ଭାରତୀୟ ଛାତ୍ରମାନେ ବିଦେଶରେ ବର୍ଷକୁ ପ୍ରାୟ ୩୦ ବିଲିୟନ ଡଲାରର ଅର୍ଥରାଶି ବ୍ୟୟ କରିଥାନ୍ତି। ଏହି ବାର୍ଷିକ ବ୍ୟୟ ପରିମାଣ ଏକ ବିଶାଳ ପୁଞ୍ଜି, ଯାହା ଏକାଧିକ କଲେଜ ଓ ବିଶ୍ୱବିଦ୍ୟାଳୟର କୋଠାବାଡ଼ି ନିର୍ମାଣ କ୍ଷେତ୍ରରେ ବିନିଯୋଗ କରାଯାଇପାରିବ। ଉଦାହରଣ ସ୍ୱରୂପ, ୨୦୧୮ରେ ଦେଶରେ ୮ଟି ନୂଆ ଆଇ.ଆଇ.ଟି.କୁ ଫଣ୍ଡିଂ କରିବା ପାଇଁ କେନ୍ଦ୍ର ସରକାରଙ୍କ ସଂଶୋଧିତ ବଜେଟ ପରିମାଣ ୧୩,୯୯୦ କୋଟି ଥିଲା, ଯାହାକି ସେ ସମୟରେ ପ୍ରାୟ ୨ ବିଲିୟନ ଡଲାର। ଏଭଳି ଅତ୍ୟଧିକ ବ୍ୟୟ ସତ୍ତ୍ୱେ ଭାରତୀୟ ଛାତ୍ରଙ୍କ ବିଦେଶ ପଳାୟନର ଆବଶ୍ୟକତା ପ୍ରକୃତରେ କ'ଣ ବୁଝାଇଥାଏ? ରିପୋର୍ଟ ଅନୁଯାୟୀ, ମା'ବାପାମାନେ କେବଳ ତାଙ୍କ ପିଲାମାନଙ୍କୁ ବିଦେଶରେ ପାଠ ପଢ଼ାଇବା ପାଇଁ ସେମାନଙ୍କ ଜମିବାଡ଼ି ଓ ଅନ୍ୟାନ୍ୟ ସମ୍ପତ୍ତି ବିକ୍ରି କରି ଦେଉଛନ୍ତି ଏବଂ ବ୍ୟାଙ୍କମାନଙ୍କରୁ ମଧ୍ୟ ପ୍ରଚୁର ପରିମାଣର ଋଣ ନେଉଛନ୍ତି।

ବିଭିନ୍ନ ସର୍ଭେ ଅନୁଯାୟୀ ୯୦ ପ୍ରତିଶତରୁ ଅଧିକ ଛାତ୍ର ଯଦି ସୁଯୋଗ ପାଆନ୍ତି ଉଚ୍ଚଶିକ୍ଷା ପାଇଁ ବିଦେଶ ଯିବାକୁ ନିଶ୍ଚିତରୂପେ ଆଗଭର ହୋଇଥାନ୍ତି। ହେଲେ ପ୍ରଶ୍ନ ଉଠୁଛି- ଆମେ କାହିଁକି ଆନ୍ତର୍ଜାତିକ କଲେଜଗୁଡ଼ିକ ସହ ସମକକ୍ଷ ହୋଇପାରୁ ନାହୁଁ? ଆମେ ତାଙ୍କ ସହ କାହିଁକି ପ୍ରତିଯୋଗିତା କରିପାରୁନାହୁଁ? ଶିକ୍ଷାକ୍ଷେତ୍ରରେ ଆମେ କ'ଣ ସବୁ ଭୁଲ୍ କରୁଛୁ ସେସବୁର ପୁଙ୍ଖାନୁପୁଙ୍ଖ ପର୍ଯ୍ୟାଲୋଚନା କରାଯିବା ଆବଶ୍ୟକ। ଭାରତୀୟ ଛାତ୍ରମାନେ କାହିଁକି ବିଦେଶରେ ଅଧ୍ୟୟନ କରିବା ପାଇଁ ଅତିମାତ୍ରାରେ ଇଚ୍ଛୁକ ହୋଇଥାନ୍ତି ସେ ବିଷୟରେ ୫ଟି କାରଣ ଅବତାରଣା କରାଯାଇଛି।

୧. ଭାରତର ସାଧାରଣ କଲେଜଗୁଡ଼ିକ ଅଷ୍ଟ୍ରେଲିଆ, ୟୁ.କେ. କିମ୍ବା ଆମେରିକାର ସାଧାରଣ କଲେଜ ତୁଳନାରେ ଏକ 'ବ୍ରାଣ୍ଡ୍ ଇମେଜ୍' ସୃଷ୍ଟି କରିବାରେ ଅସଫଳ ହୋଇଛନ୍ତି। ମାତ୍ର ସ୍ୱଳ୍ପ କେତେକ ଭାରତୀୟ ବିଶ୍ୱବିଦ୍ୟାଳୟକୁ ଛାଡ଼ିଦେଲେ ଭାରତୀୟ ଶିକ୍ଷାନୁଷ୍ଠାନଗୁଡ଼ିକ ଆଦୌ ଏକ 'ବ୍ରାଣ୍ଡ ଇମେଜ୍' ସୃଷ୍ଟି କରିପାରିନାହାନ୍ତି। 'ଏଜୁକେଶନାଲ ବ୍ରାଣ୍ଡ୍‌ସ' କହିଲେ ଶିକ୍ଷାନୁଷ୍ଠାନର 'ବିଜ୍ଞାପନ' ବା 'ଲୋଗୋ'କୁ ବୁଝାଇ ନ ଥାଏ। ଏହା ଆଶା, ବିଶ୍ୱାସ, ଭରସା, ଦାୟିତ୍ୱବୋଧ, ଉତ୍କୃଷ୍ଟତା, ଶ୍ରେଷ୍ଠତା, ପ୍ରତିଷ୍ଠା, ଅତ୍ୟାଧୁନିକ ଜ୍ଞାନ ଏବଂ ନୀତିଶାସ୍ତ୍ରକୁ ବୁଝାଏ। କେତେ ଭାରତୀୟ ଘରୋଇ ବିଶ୍ୱବିଦ୍ୟାଳୟ ଏହି ମୂଲ୍ୟବୋଧକୁ ବୁଝୁଛନ୍ତି? ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକ ଭବ୍ୟ ଅଟ୍ଟାଳିକାମାନ ନିର୍ମାଣ କରିଛନ୍ତି, ହେଲେ ସେମାନଙ୍କର ଫାକଲ୍‌ଟି, ପାଠ୍ୟକ୍ରମ, ଉଦାରତା, ଗ୍ରହଣଶୀଳତା ଏବଂ ଆଚାର ବିଚାର ସଂପୂର୍ଣ୍ଣତା ଲାଭ କରିପାରିନାହିଁ। ୨.ସ୍ୱଳ୍ପ କେତୋଟି ପୁରୁଣା ଭାରତୀୟ ଏଜୁକେଶନାଲ ବ୍ରାଣ୍ଡ ତଥାପି ଶ୍ରେଷ୍ଠତ୍ୱ ବଜାୟ ରଖିଛନ୍ତି। କେତେକ କଲେଜ, ଯେଉଁଗୁଡ଼ିକକୁ 'ପ୍ରିମିୟମ୍ କଲେଜ' ବୋଲି ଅଭିହିତ କରାଯାଉଥିଲା ସେଗୁଡ଼ିକୁ ଆଜି ବି 'ପ୍ରିମିୟମ କଲେଜ୍' ବୋଲି ଅଭିହିତ କରାଯାଉଛି। ଏହି କଲେଜମାନଙ୍କରେ ଛାତ୍ର ହେବା ପାଇଁ ଦରଖାସ୍ତ ସଂଖ୍ୟା ୧୦ ଗୁଣରୁ ଅଧିକ ବୃଦ୍ଧି ପାଇଛି। ଏପରି କି ନୂଆକରି ଗଢ଼ାଯାଇଥିବା ଆଇ.ଆଇ.ଟି. ଓ ଆଇ.ଆଇ.ଏମ୍.ଗୁଡ଼ିକ ପୁରୁଣା କଲେଜ ତୁଳନାରେ ସେହି ଏକାରକମର ସମ୍ମାନ ଓ ମର୍ଯ୍ୟାଦା ଲାଭ କରିପାରୁନାହାନ୍ତି ଏବଂ ତୁଳନାତ୍ମକ ଭାବେ ସେମାନେ ଏକାଧିକ ସ୍ତର ନିମ୍ନରେ ରହିଛନ୍ତି।

କଲେଜଗୁଡ଼ିକର ନାଁ ବଦଳେଇ ଦେଲେ କିମ୍ବା ଏକ ବ୍ରାଣ୍ଡକୁ କମ୍‌ଜୋର କରିଦେଲେ ତାହା କୌଣସି ଚମତ୍କାର ଦେଖାଇ ପାରିବ ନାହିଁ। ଏହା ନାଁକୁ ନେଇ ନୁହେଁ ବରଂ ତତ୍ତ୍ୱକୁ ନେଇ, ବାସ୍ତବିକତାକୁ ନେଇ, ଅସ୍ତିତ୍ୱକୁ ନେଇ ଠିଆ ହୋଇଥାଏ। ଗୋଟିଏ ଇନ୍‌ଷ୍ଟିଚ୍ୟୁଶନ୍‌ରେ କାମ କରୁଥିବା ଲୋକ ଏହାର କର୍ମସଂସ୍କୃତି, ଆଚାର ବିଚାର ଏବଂ ମୂଲ୍ୟବୋଧ ସର୍ବଶେଷରେ ଇନ୍‌ଷ୍ଟିଚ୍ୟୁଶନକୁ ପ୍ରଥମ ଶ୍ରେଣୀର ମର୍ଯ୍ୟାଦା ପ୍ରଦାନ କରିଥାଏ। ଏହା ଅତ୍ୟନ୍ତ ଦୁଃଖର କଥା ଯେ, ହାତଗଣତି ମାତ୍ର କେତେକ ସମ୍ଭ୍ରାନ୍ତ ଶ୍ରେଣୀୟ ଉଚ୍ଚ ଶିକ୍ଷାନୁଷ୍ଠାନକୁ ଛାଡ଼ିଦେଲେ ନୂଆ କଲେଜଗୁଡ଼ିକ କ୍ଷେତ୍ରରେ ଏହା ସେଭଳି ଫଳପ୍ରଦ ହୋଇପାରିନାହିଁ।



୩. ଅତ୍ୟନ୍ତ ମନୋରମ, ଲୋଭନୀୟ ଓ ଆକର୍ଷଣୀୟ କ୍ୟାମ୍ପସ୍, ଦୈନିକ ଖବର କାଗଜ ଓ ମାଗାଜିନ୍‌ମାନଙ୍କରେ ସମ୍ପୂର୍ଣ୍ଣ ପୃଷ୍ଠା ମଣ୍ଡନ କରୁଥିବା ସୁଦୃଶ୍ୟ ବିଜ୍ଞାପନ ଏବଂ ରାଜରାସ୍ତାର ଉଭୟ ପାର୍ଶ୍ୱରେ ବିଶାଳ ହୋର୍ଡିଂ ଆଦି ନୂଆ ଭାରତୀୟ କଲେଜଗୁଡ଼ିକର ପରିଚୟ ବହନ କରୁଅଛି। ଆମେ 'ହାର୍ଡୱେର' କ୍ଷେତ୍ରରେ ହୁଏତ ଅଗ୍ରଗତି ହାସଲ କରିପାରିଛେ, ପରନ୍ତୁ 'ସଫ୍ଟୱେର' କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେଉଅଛେ। ଆଜି ଆବଶ୍ୟକତା ରହିଛି ଦୂରଦୃଷ୍ଟିସମ୍ପନ୍ନ ମହାନ୍ ବ୍ୟକ୍ତିବିଶେଷଙ୍କର, ଯେଉଁମାନେ କି ଶିକ୍ଷାନୁଷ୍ଠାନ ନିର୍ମାଣରେ ନିଜର ଅନନ୍ୟ ପରାକାଷ୍ଠା ଓ ବ୍ୟକ୍ତିତ୍ୱର ମହାର୍ଘ ସ୍ପର୍ଶ ପ୍ରଦାନ କରି ରୁଦ୍ଧିମନ୍ତ କରିପାରିବେ। ଆକସ୍ମିକ ଭାବେ ଉତ୍ପନ୍ନ ହୋଇଥିବା ବ୍ୟବସାୟୀ ଅବା ବୟସର ଅପରାହ୍ନରେ ପାଦ ଥାପି କ୍ଲାନ୍ତ, ଶ୍ଳାନ୍ତ ଓ ଅବସନ୍ନ ହୋଇପଡ଼ିଥିବା ତଥା ବୃଦ୍ଧାବସ୍ଥା ପ୍ରାପ୍ତ କରିଥିବା କୌଣସି ଏକ ଅନାମଧେୟ କଲେଜର ଅବସରପ୍ରାପ୍ତ ପ୍ରଫେସର ଏହି କାମ ପାଇଁ ଆଦୌ ଉପଯୁକ୍ତ ବ୍ୟକ୍ତି ନୁହନ୍ତି। ହେଲେ ଏଭଳି ବ୍ୟକ୍ତିତ୍ୱସମ୍ପନ୍ନ ବ୍ୟକ୍ତି ବିଶେଷମାନେ ହିଁ କେତେକ ନୂଆ କଲେଜର ନେତୃତ୍ୱ ଓ ପରିଚାଳନା ଭାର ନିଜ ମୁଣ୍ଡରେ ବହନ କରି ଏବେ ବାଟ ଚାଲୁଛନ୍ତି।

୪. ଦଶନ୍ଧି ଦଶନ୍ଧି ଧରି ବହୁ ଆଲୋଚନା ପରେ ବୈଦେଶିକ ବିଶ୍ୱବିଦ୍ୟାଳୟମାନଙ୍କର କ୍ୟାମ୍ପସ୍ ଏବେ ବି ଭାରତ ବର୍ଷରେ ଖୋଲିପାରିନାହିଁ। ଏହି କ୍ୟାମ୍ପସଗୁଡ଼ିକ ଯଦି ବିଦେଶମୁହାଁ ହେଉଥିବା ଛାତ୍ରୀଛାତ୍ରମାନଙ୍କ କିଛି ଅଂଶକୁ ଧାରଣ କରିପାରିବ ତେବେ ଏହା ସାର୍ଥକ ସାବ୍ୟସ୍ତ ହେବ। ୫. ସତ କହିବାକୁ ଗଲେ ଅନ୍ୟ ଦେଶମାନଙ୍କରେ ଯେପରି ଉଚ୍ଚଶିକ୍ଷିତ ଓ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ଚାକିରିର ସୁଯୋଗ ଓ ସମ୍ଭାବନା ହାତ ଠାରି ଡାକିଥାଏ ଭାରତରେ ସେଭଳି ସ୍ଥିତି ପ୍ରାୟ ନାହିଁ କହିଲେ ଚଳେ। ଆମ ଦେଶରେ ସଫ୍ଟୱେର ଭଳି ଆଉ କେତେକ କ୍ଷେତ୍ର ଅଛି, ଯେଉଁମାନେ କି ବହୁ ଇଞ୍ଜିନିୟରଙ୍କୁ ଚାକିରି ଯୋଗାଇ ଦେଇଥାଆନ୍ତି। କେତେକ ବହୁରାଷ୍ଟ୍ରୀୟ କମ୍ପାନୀ ଅଛନ୍ତି, ଯେଉଁମାନଙ୍କ ଚାକିରି କେବଳ କେତେକ ପ୍ରତିଷ୍ଠିତ କଲେଜର ଛାତ୍ରୀଛାତ୍ରମାନେ ହିଁ ପୋଛିନେଇଥାନ୍ତି। ଆମେ ଆମର ଶ୍ରେଷ୍ଠ ୨ ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଚାକିରି ଯୋଗାଇଦେବାରେ ଭଲ ଫଳ ପ୍ରଦର୍ଶନ କରିଛୁ କିନ୍ତୁ ଶ୍ରେଷ୍ଠ ୨୦ ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ନୁହେଁ।

ଏଭଳି ସମସ୍ୟାର ସମାଧାନ ପାଇଁ ପଥଟିଏ ଆମକୁ ଶିକ୍ଷା ବ୍ୟବସ୍ଥାର ପରିଧି ବାହାରେ ଖୋଜିବାକୁ ପଡ଼ିବ। ଆମ ଅର୍ଥନୀତିକୁ ଆହୁରି ଉନ୍ମୁକ୍ତ କରିବାକୁ ପଡ଼ିବ, ଅପାର ଅଭିବୃଦ୍ଧି ପାଇଁ ନିରନ୍ତର ଅଭିଯାନ ଓ ପ୍ରଚଣ୍ଡ ପ୍ରେରଣା ଜାରି ରଖିବାକୁ ପଡ଼ିବ, ବିଶ୍ୱ ପାଇଁ ଆମକୁ ଏକ ମାନୁଫ୍ୟାକ୍ଚରିଙ୍ଗ୍ କେନ୍ଦ୍ର ହେବାକୁ ପଡ଼ିବ ଏବଂ ଏଭଳି ପଲିସି ପ୍ରସ୍ତୁତ କରିବାକୁ ପଡ଼ିବ, ଯାହାକି ଚାକିରି ସୃଷ୍ଟି କରୁଥିବା ସେକ୍ଟରକୁ ପୁଞ୍ଜି ଲଗାଣକାରୀମାନଙ୍କୁ ଆକର୍ଷିତ କରିପାରିବ। ଆମେ ଆମ ଯୁବଶକ୍ତିକୁ ପର୍ଯ୍ୟାପ୍ତ ସୁଯୋଗ ଓ ସମ୍ଭାବନାମୟ ଭବିଷ୍ୟତ ଭେଟିଦେବାକୁ ହେବ। ବ୍ୟବସ୍ଥାରେ ଥିବା ସମସ୍ୟାର ନାଡ଼ି ଚିପି ତା'ର ଠିକ୍ ନିରାମୟ କରାଯିବା ଆବଶ୍ୟକ। ଯେଉଁ କାରଣ ପାଇଁ ଛାତ୍ରୀଛାତ୍ରମାନେ ଦେଶରୁ ମୁହଁ ମୋଡ଼ିଦେଇ ବିଦେଶକୁ ଧାଉଁଛନ୍ତି ସେହି କାରଣର ନିରାକରଣ ଆମକୁ ହିଁ କରିବାକୁ ପଡ଼ିବ ଏବଂ ଯେତେଶୀଘ୍ର କରିପାରିବା ତାହା ରାଷ୍ଟ୍ର ପାଇଁ ପରମ ଶୁଭଙ୍କର ସାବ୍ୟସ୍ତ ହେବ।

ମୋ: ୯୩୩୮୨୦୪୯୯୩

# ମୂଷା ପ୍ରବଳ



ଦ୍ୱିତୀ ଚନ୍ଦ୍ର ସାହୁ

ଏଇ ଛୋଟିଆ ଜୀବ ପାଇଁ ସବୁଠି ଚର୍ଚ୍ଚା। ଗଣେଶ ପୂଜା ମଣ୍ଡପରେ ଭାରି ଭାରି ଲଡୁ ଧରି ପାଦ ତଳେ ଠିଆ ହୋଇଥାଏ ନିର୍ଜୀବ ମୂଷା। ଗଣେଶଙ୍କ ବାହାନ ବୋଲି ଅନେକଙ୍କ ଭରି ଦୟା। ଘରଣୀମାନେ କଲବଲ ହୋଇ ମୂଷାକୁ ଗାଳି ଦେଉଥିବେ। କିନ୍ତୁ କହିବେ, ମୂଷାକୁ ଧରି ଆଉ କୋଉଠି ଛାଡ଼ି ଦିଆଯାଉ ପଛେ ମୂଷାକୁ ମରା ନ ଯାଉ। ଯେଉଁଠି ବି ଛାଡ଼ିବ, ସେଠି ପୁଣି ମୂଷା ଉତ୍ପାତ କରିବ ଏ କଥାକୁ ଆମେ ଭୁଲିଯାଉ। ମୂଷା ସିନା ଛୋଟିଆ ଜୀବ, ହେଲେ କରାମତି ଅନେକ। ତା'ର ଉତ୍ପାତରେ ସମସ୍ତେ ଅତିଷ୍ଠ। ତା'ର ଟେର କିଏ କ'ଣ ଜାଣିପାରେ! ସେ କିନ୍ତୁ ନିଜ ରାସ୍ତାରେ ଛାରଖାର କରିପାରେ। ଆଉ କାହାର ଅମାର ଖାଲି କରି ନିଜ ଅମାରକୁ ଭରିପାରେ। ଥରେ ଜାଗା ଜାଣିଗଲେ ମୂଷା ତା'ର ଅଭିଯାନ ଆରମ୍ଭ କରେ। ଆଉ ଡର ନଥାଏ। ମୂଷା ନିପାତ ଲାଗି କେତେ କ'ଣ ଯୋଜନା ହେଉଛି। କିନ୍ତୁ ମୂଷା କୋଉଠି ନିପାତ ହେଉଛି? ମୂଷାକୁ ମାରିବା କେଡ଼େ ସହଜ ଭାବି ଯୋଉ ମଣିଷମାନେ ମୂଷାମରା ଅଭିଯାନରେ ଲାଗିପଡ଼ନ୍ତି ପରେ ପରେ ହେଜି ଯାଆନ୍ତି। ମୂଷା ମାରିବା ସତରେ ସହଜ ନୁହଁ। ଜଣେ ଲୋକ ହାଲିଆ ହୋଇ ସେଥିରେ ପଣେ ମିଶିଲେ ଆହୁରି ମୂଷାକୁ ସହଜ ହୁଏ। ଗଳାବାଟ ଦେଇ ଖସିଯାଏ। ତେଣିକି ତୁମେ ଯେତେଯେତେ ପରପଞ୍ଚ କର, ମୂଷା କି ଧରାଦିଏ! ମୂଷାମରା ଉଷକୁ ଆଉ ଡର ନାହିଁ ତା'ର। ଘ୍ରାଣଶକ୍ତି ତୀବ୍ର ହୋଇଗଲା। ଦୂରୁ ଜୁହାର କରି ବାଟ ଭାଙ୍ଗି ଚାଲିଯାଏ। ଯନ୍ତା ଭିତରେ ଥିବା ଖାଦ୍ୟର ଲୋଭ ନାହିଁ ତାକୁ ଏବେ। ବାହାରେ ଯେତେ ଇଚ୍ଛା ମିଳୁଥିଲେ ଏଇ ଖଣ୍ଡେନାକୁ ଖାଦ୍ୟକୁ କିଏ ପଚାରେ! ମୂଷାମାନେ ମନଇଚ୍ଛା ଖାଇ ପାରୁଛନ୍ତି ବୋଲି ଧରା ନ ପଡ଼ିବାର ଇଲମ ବି ତାଙ୍କୁ ମାଲୁମ ହୋଇଗଲାଣି। ସେଥିପାଇଁ କୋରାପୁଟିଆ ଦେଶିଆ ଭାଷାରେ ଗୀତରେ ଗୀତରେ କୁହାଯାଇଛି ମୂଷାକେ ମାରରେ ନନା, ମୂଷା କେ ମାର ; ମୂଷାକେ ନାଇ ମାରିଲେ ଭଙ୍ଗାଇ ଦେଇଛେ ଘର। ଅତଃ ମୂଷା ପ୍ରବଳ। ଅତ୍ର ତତ୍ର ସର୍ବତ୍ର ମୂଷା। ପ୍ରକାର ଭେଦରେ ବି ଆପଣଙ୍କୁ ତାଟକା କରିଦେଉଛି ମୂଷା। ଚୂଟିଆ ମୂଷା କାଟି କାଟି ଯିବ ଧରା ପଡ଼ିବନି। ଗାତୁଆ ମୂଷା ବଡ଼ ଧୂର୍ତ୍ତ। କଟୁଘର ମୂଷା ଭାରି ଉତ୍ପାତ। ଘରୁଆ ମୂଷା ନିର୍ଭୀକ। ପାନ୍ଦିଲି ମୂଷା ବିରାଟକାୟ ଓ ସାହସୀ ମଧ୍ୟ। ତା' ଉପରେ ପାହାର ପଡ଼ିଲେ ବି କିଛି ହୁଏନି। ସାମାନ୍ୟ ଦୂରକୁ ଯାଇ ଖଟେଇ ହେଲା ବାଗରେ ଦେହକୁ ଝାଡ଼ିଦିଏ। ଡବଡବ କରି ଚାହିଁ ରହେ। ଦୈବାତ୍ ସେ ଓଲଟି ଆସିଲେ ଆକ୍ରମଣକାରୀ ଅତର୍ଚ୍ଛା ହୋଇଯାଏ। ମୂଷା ବି ଡରାଇବା ଆରମ୍ଭ କଲାଣି ଏବେ। ମଣିଷ ଥିଲେ ବି ସାମାନ୍ୟ ଦୂରରେ ଆସି ଆଖି ମିଟିମିଟି କରି ଚାହିଁ ରହିଥିବ। ବୋଧେ ନିଶକୁ ମୋଡ଼ି ନିଜ ଭିତରେ ଗର୍ବ କରୁଥିବ ସେ! ତୁ ତୁ କରି କହୁଥିବ ବୋଧେ- ଆ ଆ... ଜଲ୍‌ଦି ଆସ! ହେଇଟି ଠିଆ ହୋଇଛି। ଧରିବୁ ଯଦି ଧର୍ ଦେଖିବା। ତୋର କେତେ ତାକତ! କିଏ ଯଦି ନିଜ ଗର୍ବ ଖର୍ବ ହୋଇଯାଉଛି ଭାବି ମୂଷାର ଉପସ୍ଥିତି ଦେଖି ଆକ୍ରମଣ ପାଇଁ ଦୌଡ଼ିବ, ମୂଷା ନିମିଷକରେ ଅନ୍ତର୍ଦ୍ଧାନ। ଆଉ ଦିଶିବନି।



ଦି' ଗୋଡ଼ିଆ ମୂଷାମାନେ ସେଇ ଜାତିଆ। ଭାରି ଉତ୍ପାତ। ଆବଶ୍ୟକତାଠାରୁ ଅଧିକ ଲୋଭ। ଗୋଟାପଣେ ଚରିଯିବାକୁ ଇଚ୍ଛା। ଭିତରେ ଭିତରେ କାରସାଦି। ସବୁଠି ତାଙ୍କ ଗୋଡ଼ ଚାଲେ। ହାତ ଚଳେ। ଚଳେଇ ଚଳେଇ ଚଳୁ କଲେ ଯାଇ ସ୍ଥାବର ଓ ଅସ୍ଥାବର ସବୁ ନବକଳେବର ହୁଏ। କିନ୍ତୁ ଗମ୍ଭୀରା ଘର ସବୁଠି ଖୋଲେନି। ପାଇଖାନା, ଗୋଦାମ ଘର, ଗ୍ୟାରେଜ ଘର, ଫାର୍ମ ହାଉସ୍ ପର୍ଯ୍ୟନ୍ତ ଏଇ ମୂଷାଙ୍କ ଭଣ୍ଡାର ଘର ଲମ୍ବିଯାଏ। ଏଇଠି ଲୀଳାଖେଳା ଚାଲେ। ନିଜର ଅସ୍ତିତ୍ୱଠାରୁ ଢେର ବଡ଼ ବୋଲି ଧରି ଏଇ ମୂଷାମାନେ ପ୍ରାୟ ଉତ୍ପାତ ହୁଅନ୍ତି। ଦିନରାତି ସାନବଡ଼, ଭଲମନ୍ଦ ବାଛବିଚାର ସବୁ ଭୁଲିଯାଆନ୍ତି। ନିଜର ଆୟତ୍ତଠାରୁ ଅଧିକ ବୋଲି ନିଜକୁ ବୁଝିବା ଆରମ୍ଭ କରନ୍ତି। ଅହମିକାରେ ନାନାଦି ଭୁଲ ଓ ପାପ କାମରେ ଲିପ୍ତ ରୁହନ୍ତି। ବାହାର ଦୁନିଆକୁ ସତରେ ଭୁଲିଯାଆନ୍ତି। ଆଖି ବୁଜି ବିଲେଇ କ୍ଷୀର ପିଇପାରେ ବୋଲି ମୂଷାମାନେ ଜାଣିଥିବାରୁ ଦିନ ଦି'ପହରେ ବି ଲୋକଙ୍କ ଉପସ୍ଥିତି ସତ୍ତ୍ୱେ ମୂଷା ଖଡ଼ଖାଡ଼ ଓ କୁଟୁରୁମୁଟୁରୁ କରେ। ଶଙ୍ଖୀ ବିଲେଇ କେତେ ଦୌଡ଼ିବ। ତା'ଠାରୁ ତେଜବାନ ହୋଇ ଦୌଡ଼େ ଓ ଲୁଚିବାର କୌଶଳରେ ଏବେ ଓସ୍ତାଦ ମୂଷା। ବିଚରା ବିଲେଇ ମୂଷାକୁ ପାଇ ବି ଧରି ନ ପାରିବାର ଗ୍ଳାନିରେ ଖାଲି ମିଆଁଉ ମିଆଁଉ କରେ। ତା'ର ବିବଶ ପଣରେ ଦୂରରୁ ନିରେଖି ଦେଖି ଦୁଇ ହାତ ପାଟିରେ ଦେଇ ହସେ ମୂଷା। ଡର ଭୟ ଶୂନ୍ୟ ପାଣିପାଗରେ ମୂଷା ପ୍ରବଳ। ସାନଠୁ ବଡ଼ ସମସ୍ତେ ପାରିବାର। ଧରା ପଡ଼ିଲେ ବି କୋଉ ଛଟକରେ ଖସିଯିବାର ବାଟ ବି ଜଣା। ନିଜ ପାରିବାପଣରେ ପର୍ବତ ଭିତରେ, ଢୋଲ ଭିତରେ ପଶି ଯାଉଥିବା ମୂଷା କିନ୍ତୁ ଭୁଲିଯାଏ ତା' ପାଇଁ ଖାଲି ବିଲେଇ ନାହିଁ ଆଉ କିଏ ବି ଗୋଟେ ଥାଇପାରେ! ମୂଷା ଯେଉଁଠି ଭଣ୍ଡାର ସେଇଠି। ଭଣ୍ଡାର ଖୋଜି ଖୋଜି ସାପ ବି ହାଜର ଏଣିକି। ଗାତ ଭିତରେ ସହଜରେ ପଶିପାରୁଥିବା ସାପ କବଳରେ ମୂଷା ଏଥର। ଉତପାତିଆ ମୂଷା ସାପର ଆଁ ଭିତରେ ଗିଳି ହୋଇଯାଏ। ମଣିଷକୁ ମଣିଷ ଭାବୁ ନଥିବା ମୂଷା ତେଣିକି ବଞ୍ଚିବା ପାଇଁ ଖାଲି ବିକଳରେ ଛଟପଟ ହୁଏ। ଆଉ ସବୁଠୁ ବଡ଼ କଥା ହେଲା ମୂଷା ସେତେବେଳଯାଏ ନିଜକୁ ସୁରକ୍ଷିତ ଭାବେ, ଯେତେବେଳ ଯାଏ ନିଜ ଭିତରେ ସେ ସୀମିତ ଥାଏ। ସେ ପାପ ହେଉ କି ପାଣି, ଥରେ ଭିଜିଗଲେ ମୂଷା ଆଉ କି ବଞ୍ଚିପାରେ!

**ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡ଼ା**
**ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

ବିବାହ ଭଳି ଏକ ସ୍ୱତନ୍ତ୍ର ଦିନରେ ଭଲ ପୋଷାକ ପିନ୍ଧି କନ୍ୟାବେଶରେ ସଜେଇ ହେବାକୁ ଅନେକ ମହିଳାଙ୍କ ସ୍ୱପ୍ନ ଥାଏ। କିନ୍ତୁ ବହୁ ସମୟରେ ଅର୍ଥାଭାବରୁ ଏହା ସମ୍ଭବ ହୋଇପାରି ନ ଥାଏ। ହେଲେ କେରଳର ପେରିଥଲମାନା ନିବାସୀ ନାସର ଥୁଥା ଗରିବ କନ୍ୟାମାନଙ୍କ ସ୍ୱପ୍ନକୁ ପୂରଣ କରୁଛନ୍ତି। ସେ 'ଡ୍ରେସ୍ ବ୍ୟାଙ୍କ୍' ଆରମ୍ଭ କରି ମହିଳାମାନଙ୍କୁ ମାଗଣାରେ ଭଲ ପୋଷାକ ଦେଉଛନ୍ତି। ଏହି ଡ୍ରେସ୍ ବ୍ୟାଙ୍କକୁ ଧନୀ ପରିବାରଗୁଡ଼ିକ ପୋଷାକ ଦାନ କରୁଛନ୍ତି। ସେହି ପୋଷାକକୁ ଗରିବ ଝିଅମାନେ ନେଉଛନ୍ତି। ଏବେ ସୁଦ୍ଧା ୨୦୦ କନ୍ୟା ଏହି ଡ୍ରେସ୍ ବ୍ୟାଙ୍କରୁ ପୋଷାକ ନେଇସାରିଲେଣି। ଏଥିପାଇଁ କୌଣସି ଦେୟ ଦେବାକୁ ପଡୁନାହିଁ। ଏପର୍ଯ୍ୟନ୍ତ ୧,୦୦୦ ବିବାହ ପୋଷାକ ହିନ୍ଦୁ, ମୁସଲମାନ୍ ଓ ଖ୍ରୀଷ୍ଟିଆନ୍ କନ୍ୟାଙ୍କ ଲାଗି ସଂଗ୍ରହ କରାଯାଇଛି, ଯାହାର ବଜାର ଦର ୫,୦୦୦ରୁ ୫୦,୦୦୦ ଟଙ୍କା। ଅନ୍ୟ ରାଜ୍ୟ ତଥା ବିଦେଶରେ ଥିବା ଭାରତୀୟମାନେ ମଧ୍ୟ ପୋଷାକ ଦାନ କରୁଛନ୍ତି। ଲୋକମାନଙ୍କଠାରୁ ପୋଷାକ ଗ୍ରହଣ କରିବା ପାଇଁ ନାସର ଏକ ସ୍ୱେଚ୍ଛାସେବୀ ନେଟ୍‌ୱର୍କ ଖୋଲିଛନ୍ତି। ସେ କେବେ ବି କନ୍ୟାମାନଙ୍କୁ ପୋଷାକ ଫେରାଇବାକୁ କହନ୍ତିନାହିଁ, ବରଂ ତାହାକୁ ଅନ୍ୟ ଗରିବ ଝିଅଙ୍କୁ ଦେବାଲାଗି କହିଥାନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଅଗଷ୍ଟ ୧୯୯୭

- କଂଗ୍ରେସ ଅମଳରେ ଦିଆଯାଇଥିବା ୭୮ଟି ପେଟ୍ରୋଲ ପମ୍ପ, ଏଲ୍‌ପିଜି ଏବଂ କିରାସିନି ଡିଲରଶିପ୍ ଦିଲ୍ଲୀ ହାଇକୋର୍ଟ ଦ୍ୱାରା ବାତିଲ।
- ଆଫ୍ରିକୀୟ ରାଷ୍ଟ୍ର ଆଲଜେରିଆର ସିଦିମୌସା ଜିଲା ଅନ୍ତର୍ଗତ ରାଇସ୍ ଗ୍ରାମରେ ସଶସ୍ତ୍ର ଉଗ୍ରପନ୍ଥୀମାନେ ପ୍ରବେଶ କରି ୨୦୦ ଶୋଇଥିବା ଅବସ୍ଥାରେ ହତ୍ୟା କରିଛନ୍ତି।
- ରାଜ୍ୟରେ ନକ୍ସଲପନ୍ଥୀ ସମସ୍ୟା ଉତ୍କଟ ହେଉଥିବାରୁ ଏହାକୁ ନିୟନ୍ତ୍ରଣ କରିବା ଲାଗି ସରକାରଙ୍କ ୭୦୦ କୋଟିର ଯୋଜନା ପ୍ରସ୍ତୁତ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | 9 | 7 | 1 | |
| | | 8 | | 7 | | | | |
| 6 | | | 5 | | | 8 | | |
| | | | 9 | | 6 | 2 | | |
| 9 | | | 2 | | | | 5 | |
| | | | | 4 | 5 | | 9 | |
| | | 2 | | | 7 | 1 | 4 | |
| | | 9 | | | | | | 2 |
| | 6 | | | | 2 | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 9 | 7 | 5 | 6 | 3 | 1 | 4 |
| 3 | 7 | 4 | 1 | 9 | 8 | 5 | 6 | 2 |
| 1 | 6 | 5 | 2 | 4 | 3 | 8 | 9 | 7 |
| 7 | 5 | 3 | 6 | 8 | 1 | 4 | 2 | 9 |
| 2 | 4 | 8 | 9 | 7 | 5 | 1 | 3 | 6 |
| 9 | 1 | 6 | 3 | 2 | 4 | 7 | 8 | 5 |
| 4 | 3 | 2 | 5 | 1 | 9 | 6 | 7 | 8 |
| 6 | 8 | 7 | 4 | 3 | 2 | 9 | 5 | 1 |
| 5 | 9 | 1 | 8 | 6 | 7 | 2 | 4 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ରାଜ୍ୟରେ ଆୟୁର୍ବେଦ ଓ ହୋମିଓପାଥିକ ସିଟ୍ ସଂଖ୍ୟା ବୃଦ୍ଧି ହେଉ

ମହାଶୟ,

ରାଜ୍ୟରେ ମେଡିକାଲ କଲେଜରେ ପଢ଼ିବା ପାଇଁ ୨୦୨୨-୨୩ ଶିକ୍ଷା ବର୍ଷ ପାଇଁ ସିଟ୍‌ସଂଖ୍ୟା ବୃଦ୍ଧି ପାଇଛି। ଏହାକୁ ନେଇ ରାଜ୍ୟରେ ସରକାରୀ ଭାବେ ଏମ୍‌ବିବିଏସ୍ ସିଟ୍‌ସଂଖ୍ୟା ୧୪୫୦କୁ ବୃଦ୍ଧି ପାଇଛି। ଏହା ବ୍ୟତୀତ ତିନୋଟି ବେସରକାରୀ ମେଡିକାଲ କଲେଜରେ ୨୫୦ ଲେଖାଏଁ ସିଟ୍ ମିଶାଇ ୭୫୦ ରହିଛି। ରାଜ୍ୟରେ ଥିବା ମାତ୍ର ତିନୋଟି ସରକାରୀ ଆୟୁର୍ବେଦ କଲେଜ ଯଥା ବ୍ରହ୍ମପୁରସ୍ଥିତ ଅଙ୍କୁଶପୁର, ପୁରୀ, ବଲାଙ୍ଗୀର ଓ ଚାରୋଟି ହୋମିଓପାଥିକ କଲେଜ ଯଥା ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା କଲେଜଗୁଡିକରେ ସିଟ୍‌ସଂଖ୍ୟା ମାତ୍ର ଦୁଇ ଅଙ୍କ ମଧ୍ୟରେ ସୀମିତ ରହିଛି। ରାଜ୍ୟରେ ନିଟ୍ ମାଧ୍ୟମରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ଏମ୍‌ବିବିଏସ୍ ପରେ ଆୟୁର୍ବେଦ ଓ ହୋମିଓପାଥିକ ପାଇବା ପାଇଁ ତତ୍ପରତା ପ୍ରକାଶ କରୁଥିବା ବେଳେ ସୀମିତ ସିଟ୍ ମଧ୍ୟରେ ଏହି ମେଧାବୀ ଛାତ୍ରୀଛାତ୍ର ପଢ଼ିବା ପାଇଁ ସୁଯୋଗ ପାଇ ପାରୁନାହାନ୍ତି। ୨୦୨୨-୨୩ ଶିକ୍ଷାବର୍ଷ ଲାଗି ରାଜ୍ୟରେ ଥିବା ୩ଟି ସରକାରୀ ଆୟୁର୍ବେଦ କଲେଜରେ ଓ ୪ଟି ସରକାରୀ ହୋମିଓପାଥିକ କଲେଜରେ ସିଟ୍ ସଂଖ୍ୟା ରାଜ୍ୟ ସରକାର ବୃଦ୍ଧି କଲେ ବହୁ ମେଧାବୀ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ।

**-ଡା. ତ୍ରୈଲୋକ୍ୟ ନାଥ ମହାରଣା, ବାଲୁଗାଁ, ଖୋର୍ଦ୍ଧା**

## ଚିରନ୍ତନୀ

ପ୍ରାନ୍ତର ପଥେ ଖେଳିଉଠୁ ଶ୍ୟାମ ଘାସ
ଅନ୍ତରେ ଫୁଟୁ କୋମଳ କମଳ-ହାସ
ନିର୍ମଳ କରି ଆଲୋକ ପବନ
ନିର୍ମଳ କରି ଧରଣୀ ଗଗନ
ଜୀବନର ଧାରା ଦିଅ ହେ ଖେଳାଇ
ବିଶ୍ୱେ ସକଳ ପଥେ
ଅଶ୍ରୁ-ସଲିଳେ ନିର୍ମଳ କର ମୋତେ।

-(ବର୍ଷା-ଅଶ୍ରୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୨ ଆଇଏଏସ୍ ଅଫିସରଙ୍କୁ ଅତିରିକ୍ତ ଦାୟିତ୍ୱ**

ଭୁବନେଶ୍ୱର(ବ୍ୟୁରୋ): ରାଜ୍ୟ ସରକାର ଦୁଇଜଣ ଆଇଏଏସ୍ ଅଫିସରଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। ୧୯୯୪ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଏମ୍ଏସ୍ଏମ୍ଇ ବିଭାଗର ପ୍ରମୁଖ ସଚିବ ରଞ୍ଜନା ଚୋପ୍ରାଙ୍କୁ ଗୋପବନ୍ଧୁ ଏକାଡେମୀର ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ବେଳେ ୧୯୯୪ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ରଙ୍କୁ ଏସ୍ସି/ଏସ୍ଟି ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି କେନ୍ଦ୍ରୀୟ ଡେପୁଟେଶନରେ ଥିବା ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ଅଶୋକ ମୀନା ସୋମବାର ଭାରତୀୟ ଖାଦ୍ୟ ନିଗମ(ଏଫ୍ସିଆଇ) ଏମ୍‌ଡି ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି।

## ସଂକ୍ଷେପରେ

### ଏସ୍‌ସିବିରୁ ଡିସ୍‌ଚାର୍ଜ ହେଲେ ପଦ୍ମଶ୍ରୀ କମଳା ପୂଜାରୀ

**କଟକ ଅଫିସ,୨୯।୮:** ପଦ୍ମଶ୍ରୀ କମଳା ପୂଜାରୀ (୬୫)ଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିଛି। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାରୁ ଏସ୍‌ସିବି ମେଡିକାଲରେ ରହି ଆଉ ଚିକିତ୍ସିତ ହେବାର ଆବଶ୍ୟକତା ନାହିଁ। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରୀ ଟିମ୍‌ଙ୍କ ସୁପାରିସ କ୍ରମେ ସୋମବାର କମଳାଙ୍କୁ ମେଡିକାଲରୁ ଡିସ୍‌ଚାର୍ଜ କରାଯାଇଛି। ତେବେ କମଳାଙ୍କର ରକ୍ତଚାପ ୧୪୨/୭୮ ମିମି/ଏଚ୍‌ଜି ରହିଥିବାବେଳେ ସ୍ୱାଭାବିକ ଭାବେ ପରିସ୍ରା ହେଉଛି। ସେ ଏବେ ନିୟମିତ ମେଡିସିନ ସହ ଖାଦ୍ୟରେ ପ୍ରୋଟିନ, ପୋଟାସିୟମ ଓ ଲୁଣ କମ୍ ଖାଇବାକୁ ପରାମର୍ଶ ଦିଆଯାଇଛି। ସେ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟର ମେଡିସିନ ବିଭାଗରେ ନିୟମିତ ଡାକ୍ତରୀ ପରାମର୍ଶ କରାଇବା ସହ ଆବଶ୍ୟକ ହେଲେ ଏସ୍‌ସିବି ମେଡିକାଲକୁ ରେଫର ହୋଇ ଆସିପାରିବେ ବୋଲି ଡାକ୍ତରୀ ଟିମ୍ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, କମଳା ଝାଡ଼ା ଓ ଜ୍ୱରରେ ପୀଡ଼ିତ ଥାଇ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେ ମଧ ଗତ ୨ ବର୍ଷ ହେବ କିଡ୍‌ନୀ ରୋଗରେ ପୀଡ଼ିତ ଅଛନ୍ତି।

### ରାଉରକେଲା ଜେଲ୍‌ରେ ଡି. ବ୍ରଦର୍ସଙ୍କ ସହଯୋଗୀ ମୃତ

**ରାଉରକେଲା ଅଫିସ,୨୯।୮:** କଟକର ବହୁଚର୍ଚ୍ଚିତ ଡି. ବ୍ରଦର୍ସଙ୍କ ଜଣେ ସହଯୋଗୀ ରାଉରକେଲା ସ୍ୱତନ୍ତ୍ର କାରାଗାରରେ ବନ୍ଦୀ ଜୀବନ ବିତାଉଥିବା ବେଳେ ରବିବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଭଜନା ସାହୁ(୫୫)। ରଘୁନାଥପାଲି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦୬।୨୨) ରୁଜୁ କରି ସୋମବାର ମୃତଦେହ ବ୍ୟବଚ୍ଛେଦ କରାଇଛି। ସୂଚନା ଅନୁସାରେ, କଟକ ଜିଲା ଚାଉଳିଗଞ୍ଜ ଥାନା ଅନ୍ତର୍ଗତ ଅଟାରସାହିରେ ଭଜନାଙ୍କ ଘର। ୨୦୨୧ରେ ଜଣେ ବାଲି ମାଫିଆ ଦାଦାବଟି ନ ଦେବାରୁ ଭଜନା ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଭଜନାଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଥିଲା। ୨୦୨୧ ଅଗଷ୍ଟ ୨୦ରେ ତାଙ୍କୁ ଚୌଦ୍ୱାର ଜେଲରୁ ରାଉରକେଲା ସ୍ୱତନ୍ତ୍ର କାରାଗାରକୁ ସ୍ଥାନାନ୍ତର କରାଯାଇଥିଲା। ସେବେଠାରୁ ସେ ରାଉରକେଲା ସ୍ୱତନ୍ତ୍ର କାରାଗାରରେ ବନ୍ଦୀ ଜୀବନ କାଟୁଥିଲେ। ସବୁଦିନ ପରି ରବିବାର ରାତିରେ ସେ ଖାଦ୍ୟ ଖାଇ ଜେଲ୍‌ର ୯ ନଂ. ୱାର୍ଡରେ ଶୋଇଥିବାବେଳେ ରାତି ୧୨ଟାରେ ତାଙ୍କୁ ହୃଦ୍‌ଘାତ ହୋଇଥିଲା। ଚିକିତ୍ସା ଲାଗି ଭଜନାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍)ରେ ଭର୍ତ୍ତି କରାଯାଇଥିଲା। ସେଠାରେ ରାତି ୧ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରାଉରକେଲା ସ୍ୱତନ୍ତ୍ର କାରାଗାର ଅଧୀକ୍ଷକ ଜୀବନ ସିଂ ମୁଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ଡି. ବ୍ରଦର୍ସଙ୍କ ସହଯୋଗୀ ଭଜନା ସାହୁ ରାଉରକେଲା ସ୍ୱତନ୍ତ୍ର କାରାଗାରରେ ବନ୍ଦୀ ଭାବେ ରହୁଥିଲେ। ରବିବାର ରାତିରେ ହଠାତ୍ ତାଙ୍କର ହୃଦ୍‌ଘାତ ହୋଇଥିଲା। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି ବୋଲି ମୁଣ୍ଡା କହିଥିଲେ।

### ବଳାତ୍କାରୀଙ୍କୁ ୭ ବର୍ଷ ଜେଲ

**ଫୁଲବାଣୀ ଅଫିସ,୨୯।୮:** କନ୍ଧମାଳ ଜିଲା ଫୁଲବାଣୀ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ସଞ୍ଜିତ କୁମାର ବେହେରା ସୋମବାର ଏକ ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଏହା ଅନାଦାୟ ଅଧିକ ୬ ମାସ ଜେଲ ଭୋଗିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଦାରିଙ୍ଗବାଡି ଥାନା ଅଞ୍ଚଳର କୁଶ ପରିଚ୍ଛା। ୨୦୧୭ ଅକ୍ଟୋବର ୧୬ ତାରିଖ ପୂର୍ବାହ୍ନରେ କୁଶ ପୀଡିତାଙ୍କ ଘରକୁ ଯାଇଥିଲେ। ସେଠାରେ ତାଙ୍କୁ ଏକୁଟିଆ ପାଇ ବଳାତ୍କାର କରି ପଳାଇ ଯାଇଥିଲେ। ପୀଡ଼ିତାଙ୍କ କାନ୍ଦ ଶୁଣି ଘର ପାଖ ଜଙ୍ଗଲରେ ଖଲିପତ୍ର ତୋଳୁଥିବା ମା'ବାପା ଓ ଅନ୍ୟ ଦୁଇଜଣ ଆସି ପହଞ୍ଚିଥିଲେ। ପରିବାର ଲୋକଙ୍କୁ ସମସ୍ତ କଥା ଜଣାଇବା ପରେ ପୀଡ଼ିତା ସେହି ରାତିରେ ସେମାନଙ୍କ ସହ ଦାରିଙ୍ଗବାଡି ଥାନାକୁ ଆସି ଏତଲା ଦେଇଥିଲେ। ପୋଲିସ ୯୯/୧୭ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ କୁଶଙ୍କୁ ଗିରଫ କରିଥିଲା। ମୋଟ ୧୨ଜଣ ସାକ୍ଷୀଙ୍କ ବୟାନ ଓ ଡାକ୍ତରୀ ରିପୋର୍ଟକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି।



ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାହାବଳପୁର ପଞ୍ଚାୟତ ନନ୍ଦକନ୍ଦର୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ରାସ୍ତା ସୁବିଧା ନ ଥିବାରୁ ପାଣି, କାଦୁଅରେ ପଶି ଯାଉଛନ୍ତି।

# ୪ବର୍ଷ ହେବ ମିଳୁନି ରାଜ୍ୟ ଶିକ୍ଷକ ପୁରସ୍କାର

## ଗଣଶିକ୍ଷା ବିଭାଗର ଅଜବ ନୀତି

**ଭୁବନେଶ୍ୱର, ୨୯।୮(ବ୍ୟୁରୋ)**

ପୁରସ୍କାର ପାଇଁ ମନୋନୀତ କରି ଡାକିଲେ, କିନ୍ତୁ ଦେଲେ ନାହିଁ। ଇତିମଧ୍ୟରେ ୪ ବର୍ଷ ବିତିଯାଇଛି। ପୁରସ୍କାର ପାଇବାକୁ ଚାହିଁ ବସିଥିବା ୫୭ ଶିକ୍ଷକଙ୍କ ମଧ୍ୟରୁ ୧୧ଜଣ ଅବସର ନେଇସାରିଥିବାବେଳେ ଜଣଙ୍କର ମୃତ୍ୟୁ ମଧ୍ୟ ହୋଇସାରିଛି। ଗଣଶିକ୍ଷା ବିଭାଗର ଏଭଳି ନୀତି ଓ ଆଭିମୁଖ୍ୟ ଶିକ୍ଷକ ସମାଜକୁ ପ୍ରୋତ୍ସାହନ ବଦଳରେ ବହୁତ କଷ୍ଟ ଦେଉଛି। ଏପରିକି ୨୦୧୮ରୁ ବନ୍ଦ ରହିଥିବା ରାଜ୍ୟ ଶିକ୍ଷକ ପୁରସ୍କାର ଏବେ ବି ଆଶା ଓ ଆଶଙ୍କା ଭିତରେ ରହିଛି।

ଶିକ୍ଷକଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତି ଜିଲାରୁ ଦୁଇଜଣ ଶିକ୍ଷକଙ୍କୁ 'ରାଜ୍ୟପାଳ ପୁରସ୍କାର' ଦିଆଯାଉଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାହା 'ରାଜ୍ୟ ଶିକ୍ଷକ ପୁରସ୍କାର' ଭାବେ ନାମିତ କରାଗଲା। ଏଥିପାଇଁ ୨୦୧୭ରେ ରାଜ୍ୟ ସରକାର ରିଜୋଲ୍ୟୁଶନ ବାହାର କରିଥିଲେ। ଏହି ରିଜୋଲ୍ୟୁଶନ ଅନୁସାରେ କେବଳ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷକ ପୁରସ୍କାର ପାଇଁ ଆବେଦନ କଲେ। ୨୦୧୭ ବର୍ଷ ପାଇଁ ୨୦୧୮ ସେପ୍ଟେମ୍ବର ୫ରେ ୫୭ଜଣ ଶିକ୍ଷକଙ୍କୁ ପୁରସ୍କାର ଦିଆଯିବାକୁ ଚୟନ କରାଯାଇଥିଲା। ସେହିବର୍ଷ ସେପ୍ଟେମ୍ବର ୧ରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଏ ନେଇ ଚିଠି ଲେଖି ଅବଗତ କରାଗଲା। ମନୋନୀତ ହୋଇଥିବା ଶିକ୍ଷକମାନେ ୪ ତାରିଖ ସକାଳ ସୁଦ୍ଧା ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ପହଞ୍ଚି ସେଠାରେ ରହିବେ ଓ ୫ ତାରିଖରେ ସେମାନଙ୍କୁ ରାଜ୍ୟ ଶିକ୍ଷକ ପୁରସ୍କାର ଦିଆଯିବ ବୋଲି ସୂଚନା ଦିଆଗଲା। ତେଣୁ ସମସ୍ତ ଶିକ୍ଷକ ୪ ତାରିଖ ସକାଳେ ସେଠାରେ ପହଞ୍ଚିଥିଲେ। କିନ୍ତୁ ହଠାତ୍ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମକୁ ବାତିଲ କରିଦିଆଗଲା। ଏହା ଶୁଣିବା ପରେ ସମ୍ପୃକ୍ତ ଶିକ୍ଷକଙ୍କ ଆନନ୍ଦ ଓ ଉତ୍କଣ୍ଠା ମଉଳି ଯାଇଥିଲା। ସେମାନେ ନିରାଶରେ ଘରକୁ ଫେରିଥିଲେ। ପରେ ଜଣାପଡ଼ିଲା ଯେ, ଜଣେ ଘରୋଇ ସ୍କୁଲର ଶିକ୍ଷକ ଏ ନେଇ ହାଇକୋର୍ଟରେ ମାମଲା ରୁଜୁ କରିଥିବାରୁ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଗଲା। ଅଭିଯୋଗକାରୀଙ୍କ ଅଭିଯୋଗ ଥିଲା, ରାଜ୍ୟ ଶିକ୍ଷକ ପୁରସ୍କାର ପାଇଁ ସମସ୍ତ ଶିକ୍ଷକ (ଘରୋଇ, ସରକାରୀ ଓ ଅନୁଦାନପ୍ରାପ୍ତ ସ୍କୁଲ୍ ଶିକ୍ଷକ)ଙ୍କୁ ଆବେଦନ ପାଇଁ ଅନୁମତି ଦିଆଯାଉ। ଏହାର ବିଚାର କରି ହାଇକୋର୍ଟ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ଯେ, ଆବେଦନକାରୀଙ୍କ ଅଭିଯୋଗ ଯଥାର୍ଥ। ତେଣୁ ନୂଆ ରିଜୋଲ୍ୟୁଶନ ଆଣି ତାହାକୁ ୨୦୧୮ରୁ ଲାଗୁ କରାଯାଉ। ହେଲେ ବିଭାଗ ୨୦୧୭ ପାଇଁ ଚୟନ ହୋଇଥିବା ଶିକ୍ଷକଙ୍କୁ ବି ପୁରସ୍କାର ଦେଲା ନାହିଁ। ତେଣୁ ସେମାନେ ମଧ୍ୟ ହାଇକୋର୍ଟର ଆଶ୍ରୟ ନେଲେ। ପୁରସ୍କାର ପାଇଁ ମନୋନୀତ ହୋଇଥିବା ଶିକ୍ଷକ ରବୀନ୍ଦ୍ରନାଥ ବେହେରା ୨୦୧୯ରେ ସରକାରଙ୍କ ବିରୋଧରେ ହାଇକୋଟରେ ମାମଲା ରୁଜୁ କଲେ। ହାଇକୋର୍ଟ ମାମଲାର ଶୁଣାଣି କରି କହିଥିଲେ, ରବୀନ୍ଦ୍ର ବେହେରା ଓ ସେତେବେଳେ ଯେଉଁମାନଙ୍କୁ ସରକାର ପୁରସ୍କାର ପାଇଁ ମନୋନୀତ କରିଥିଲେ ସେମାନେ ଭବିଷ୍ୟତରେ ଆଉ ଆବେଦନ କରିବାର ସୁଯୋଗ ନାହିଁ। ତେଣୁ ସରକାର ସେମାନଙ୍କୁ ତୁରନ୍ତ ପୁରସ୍କାର ଦେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସରକାର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କଲେ ନାହିଁ। ୨୦୧୭ ପାଇଁ ଚୟନ ହୋଇଥିବା ଶିକ୍ଷକଙ୍କୁ ପୁରସ୍କାର ଦେଲେ ନାହିଁ କି ନୂଆ ରିଜୋଲୁଶନ ଆଣି ଆବେଦନପତ୍ର ଗ୍ରହଣ କଲେ ନାହିଁ। ଫଳରେ ୨୦୧୮ରୁ ୨୦୨୧ ପର୍ଯ୍ୟନ୍ତ ୪ ବର୍ଷ ହେବ ଏହି ପୁରସ୍କାର ଦିଆଗଲା ନାହିଁ। ତେବେ ଚଳିତବର୍ଷ ଏପ୍ରିଲ ୫ରେ ସରକାର ନୂଆ ରିଜୋଲ୍ୟୁଶନ ଆଣିଛନ୍ତି। ୨୦୧୮ରୁ ୪ ବର୍ଷ ପାଇଁ ଆବେଦନ ଗ୍ରହଣ କରି ମନୋନୀତ ଶିକ୍ଷକଙ୍କ ତାଲିକା ଏବଂ ୨୦୧୭ ପୁରସ୍କାର ପାଇଁ ମନୋନୀତ ତାଲିକା ପଠାଇବା ପାଇଁ ଏପ୍ରିଲ ୧୯ରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରୁ ସମସ୍ତ ଜିଲାପାଳ, ଜିଲା ଶିକ୍ଷାଧିକାରୀଙ୍କ ସମେତ ୭ ଅଧିକାରୀଙ୍କୁ ଚିଠି ଲେଖାଯାଇଥିଲା। ସେପ୍ଟେମ୍ବର ୫ ଗୁରୁଦିବସରେ ପୁରସ୍କାର ଦିଆଯିବାକୁ ଥିବାବେଳେ ଏପର୍ଯ୍ୟନ୍ତ ୪ବର୍ଷ ପାଇଁ କେଉଁ ଜିଲାରୁ କିଏ ମନୋନୀତ ହୋଇଛନ୍ତି ତାହା ଜଣାପଡ଼ି ନାହିଁ। ଏପରିକି ୨୦୧୭ ପାଇଁ ମନୋନୀତ ଶିକ୍ଷକଙ୍କ ପାଖରେ ଚିଠି ପହଞ୍ଚି ନ ଥିବାରୁ ଚଳିତବର୍ଷ ରାଜ୍ୟ ଶିକ୍ଷକ ପୁରସ୍କାର ଦିଆଯିବ କି ନାହିଁ ତାହାକୁ ନେଇ ସେମାନେ ଆଶଙ୍କାରେ ଅଛନ୍ତି।

ନ୍ୟାୟ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଶିକ୍ଷକ ରବୀନ୍ଦ୍ରନାଥ ମୟୂରଭଞ୍ଜ ଜିଲା ସୋରିଷକୋଠ ୟୁଜିୟୁପି ସ୍କୁଲ ପ୍ରଧାନଶିକ୍ଷକ ଥିଲେ। ସେ ପ୍ରାଥମିକ ବର୍ଗରେ ମୟୂରଭଞ୍ଜ ଜିଲାରୁ ମନୋନୀତ ହୋଇଥିଲେ। ୨୦୧୮ ଫେବୃୟାରୀ ୨୮ରେ ସେ ଅବସର ନେଇସାରିଛନ୍ତି। ସେ କହିଛନ୍ତି, ଯେଉଁ ୫୭ଜଣ ଶିକ୍ଷକ ମନୋନୀତ ହୋଇଥିଲେ, ସେମାନଙ୍କ ମଧ୍ୟରେ ୨୮ଜଣ ପ୍ରାଥମିକ ଏବଂ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବର୍ଗରୁ ୨୯ଜଣ ଥିଲେ। ଇତିମଧ୍ୟରେ ୧୧ଜଣ ଅବସର ନେଇସାରିଲେଣି। ଜଣଙ୍କର ଦେହାନ୍ତ ହୋଇସାରିଛି। ତେଣୁ ୨୦୧୮ରୁ ଆମେ ମାନସିକ ଦୁଶ୍ଚିନ୍ତାରେ ରହିଛୁ। ପୁରସ୍କାର ପାଇଁ ମନରେ ଯେଉଁ ଖୁସି ଥିଲା ତାହା ଆଉ ନାହିଁ। ଏଯାଏ ମଧ୍ୟ ଆମକୁ ପୁରସ୍କାର କଥା କେହି ଜଣାଇନାହାନ୍ତି।

ଏ ସମ୍ପର୍କରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ମର୍କତ କେଶରୀ ରଥ କହିଛନ୍ତି, ଚଳିତ ବର୍ଷ ୨୦୧୮ରୁ ୨୦୨୧ ପର୍ଯ୍ୟନ୍ତ ୪ ବର୍ଷ ପାଇଁ ଏହି ପୁରସ୍କାର ଦିଆଯିବ। ସବୁ ଜିଲାରୁ ମନୋନୀତ ଶିକ୍ଷକଙ୍କ ତାଲିକା ଆସିସାରିଛି। ସେହିଭଳି ୨୦୧୭ ବର୍ଷ ପାଇଁ ଯେଉଁମାନଙ୍କୁ ଚୟନ କରାଯାଇଥିଲା, ସେମାନଙ୍କୁ ମଧ୍ୟ ଏଥର ପୁରସ୍କାର ଦିଆଯିବ ବୋଲି ଉପନିର୍ଦ୍ଦେଶକ କହିଛନ୍ତି।

# ୧୬ ଦେଶର ରାଷ୍ଟ୍ରଦୂତଙ୍କ ସହ ହେବ ଆଲୋଚନା

## ୩୧ରେ ମୁଖ୍ୟମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

ଚଳିତ ବର୍ଷ ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱରରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୨ ଅନୁଷ୍ଠିତ ହେବ। ଏହାକୁ ସଫଳ କରିବା ପାଇଁ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି ଚଳାଇଛନ୍ତି। ଏହି କନ୍‌କ୍ଲେଭରେ ମେଟାଲ, ମେଟାଲ ଡାଉନଷ୍ଟ୍ରିମ୍, କେମିକାଲ, ଟେକ୍ସଟାଇଲ, ପେଟ୍ରୋକେମିକାଲ୍ସ କ୍ଷେତ୍ରକୁ ଗୁରୁତ୍ୱ ଦିଆଯିବ। ଆସନ୍ତା ୩୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୬ ଦିନିଆ ଦିଲ୍ଲୀ ଗସ୍ତରେ ଯିବେ। ଗସ୍ତର ପ୍ରଥମ ଦିବସରେ ମୁଖ୍ୟମନ୍ତ୍ରୀ ୧୬ଟି ଦେଶର ରାଷ୍ଟ୍ରଦୂତଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଜାପାନ, ଦକ୍ଷିଣ କୋରିଆ, ଆମେରିକା, ୟୁଏଇ, କାତାର, ଓମାନ୍, ବାହାରିନ୍, ସଉଦିଆରବ, ୟୁକେ, ଜର୍ମାନୀ, ଫ୍ରାନ୍ସ, ଇଟାଲୀ, ଲକ୍ସେମ୍‌ବର୍ଗ, ବେଲଜିୟମ, ସିଙ୍ଗାପୁର ଏବଂ ଅଷ୍ଟ୍ରେଲିଆ ଭଳି ଦେଶର ପ୍ରତିନିଧିମାନଙ୍କ ସହ ମୁଖ୍ୟମନ୍ତ୍ରୀ, ରାଜ୍ୟର ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ସିଧାସଳଖ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ଉପରୋକ୍ତ ଦେଶଗୁଡ଼ିକର ଶିଳ୍ପପତିଙ୍କୁ ଆଗାମୀ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଅଂଶଗ୍ରହଣ କରିବାକୁ ଆମନ୍ତ୍ରଣ କରାଯିବ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଦୁବାଇରେ ମଧ୍ୟ ଇନ୍‌ଭେଷ୍ଟର୍ସ ମିଟ୍‌ରେ ଯୋଗଦେଇଥିଲେ। ସେହି କାର୍ଯ୍ୟକ୍ରମରେ ରାଜ୍ୟରେ ୨୧,୦୦୦ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ନେଇ ବାଟ ଫିଟିଥିଲା।

ମଧ୍ୟପ୍ରାଚ୍ୟ ଏବଂ ଅନ୍ତର୍ଜାତୀୟ ଶିଳ୍ପସଂସ୍ଥା ମେକ୍ ଇନ୍ କନ୍‌କ୍ଲେଭ୍‌ରେ ଅଂଶଗ୍ରହଣ କରିବା ନେଇ ସେ ସମୟରେ ସମ୍ମତି ପ୍ରଦାନ କରିଥିଲେ। ଏଫ୍ଆଇସିସିଆଇ (ଫିକି) ଡିଜି ଅରୁଣ ଚାୱଲା, ଇନ୍‌ଭେଷ୍ଟ ଇଣ୍ଡିଆର ସିଇଓ ତଥା ଏମ୍‌ଡି ଦୀପକ ବଗଲା ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଉଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ କୁମାର ଶର୍ମା, ଇଡ୍‌କୋ ଏମ୍‌ଡି ଭୂପେନ୍ଦ୍ର ସିଂ ପୁନିଆ ଏବଂ ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ୍ ଆଲାମ ପ୍ରମୁଖ ଉପସ୍ଥିତ ରହିବେ।

ମୁଖ୍ୟମନ୍ତ୍ରୀ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ତୃତୀୟ ସଂସ୍କରଣ ସମ୍ପର୍କିତ ଏକ ପ୍ରେଜେଣ୍ଟେଶନ କାର୍ଯ୍ୟକ୍ରମରେ ଉପସ୍ଥାପନ କରିବେ। ଏହା ପରେ ରାଜ୍ୟ ସ୍ୱାର୍ଥସମ୍ବଳିତ କେନ୍ଦ୍ର ସରକାରଙ୍କ ନିକଟରେ ପଡ଼ିରହିଥିବା କେତେକ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ମନ୍ତ୍ରୀ ଏବଂ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ସେପ୍ଟେମ୍ବର ୫ରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫେରିବାର କାର୍ଯ୍ୟକ୍ରମ ରହିଛି।

# ଦୁର୍ଘଟଣାରେ ଜଣେ ମୃତ, ୫ ଆହତ

## ଗୋପାଳପୁର ବୁଲିବାକୁ ଆସିଥିଲେ ୬ ଇଞ୍ଜିନିୟରିଂ ଛାତ୍ର



ଦୁର୍ଘଟଣାରେ ଭାଙ୍ଗିରୁଜି ଯାଇଥିବା କାର।

**ଗଞ୍ଜାମ, ୨୯।୮(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଗୋପାଳପୁର ସମୁଦ୍ର ବେଳାଭୂମିକୁ ରବିବାର ବୁଲିବାକୁ ଆସିଥିଲେ ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜର ୬ଜଣ ଛାତ୍ର। ବୁଲିସାରି ଫେରୁଥିବା ବେଳେ ଗଞ୍ଜାମ ଥାନା ଅଗସ୍ତି ନୂଆଗାଁ ଛକ ନିକଟରେ ସୋମବାର ସକାଳେ ଘଟିଥିଲା ମର୍ମନ୍ତୁଦ ଦୁର୍ଘଟଣା। ଘଟଣାସ୍ଥଳରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଛାତ୍ର ଆହତ ହୋଇଥିଲେ। ମୃତକ ଜଣକ ହେଲେ ଦେବରାଜ (୩୨)। ଆହତମାନେ ହେଲେ ଅର୍କ ସରକାର, ସନୱଜ, ସୁରଜ କୁମାର ମହାନ୍ତ, ସର୍ବେସ ମହାନ୍ତ, କୁମାର ଜନ୍ମେଜୟ। ତେବେ ସମସ୍ତ ଛାତ୍ର ଅଣଓଡ଼ିଆ ଓ ସେମାନଙ୍କ ଘର ଝାଡ଼ଖଣ୍ଡ ବୋଲି ପୋଲିସ କହିଛି।

ପ୍ରକାଶ ଯେ, ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜର ୬ ଜଣ ଛାତ୍ର ରବିବାର କାରରେ ଗଞ୍ଜାମ ଜିଲା ଗୋପାଳପୁର ବୁଲିବାକୁ ଆସିଥିଲେ। ବୁଲାବୁଲି ସାରି ରାତିରେ ଭୁବନେଶ୍ୱର ଫେରୁଥିଲେ। ସୋମବାର ସକାଳେ ଅଗସ୍ତି ନୂଆଗାଁ ଛକ ନିକଟରେ କାର୍‌ଟି ଭାରସାମ୍ୟ ହରାଇ ଡିଭାଇଡରରେ ପିଟିହୋଇ ଅପରପାର୍ଶ୍ୱରେ ଥିବା ଏକ କଣ୍ଟେନର ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ଗଞ୍ଜାମ ଥାନା ଆଇଆଇସି ସୁଦୀପ୍ତ କୁମାର ସାହୁ, ଏସ୍ଆଇ ନାରାୟଣ କହଁର, ମହିଳା ଏସ୍ଆଇ ସୁପ୍ରଭା ସାହୁ ପ୍ରମୁଖ ପହଞ୍ଚି ଆହତଙ୍କୁ ପ୍ରଥମେ ଛତ୍ରପୁର ମେଡିକାଲ ପଠାଇଥିଲେ। ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଗଞ୍ଜାମ ପୋଲିସ ନଂ.୧୪୨/୨୨ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

# କୋର୍ଟ ପରିସର ପାଲଟିଲା ରଣକ୍ଷେତ୍ର

- ଛାଡ଼ପତ୍ର ପାଇଁ ଆସିଥିବା ଦମ୍ପତି ହାତାହାତି
- ଆଇନଜୀବୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ

**ବାଲେଶ୍ୱର ଅଫିସ,୨୯।୮**

ବାଲେଶ୍ୱର ଫାମିଲି କୋର୍ଟକୁ ଛାଡ଼ପତ୍ର ପାଇଁ ଆସିଥିବା ଏକ ଦମ୍ପତି ସୋମବାର ମାରପିଟ ଲାଗିବା ଚର୍ଚ୍ଚାର ବିଷୟ ପାଲଟିଛି। ଉଭୟେ ସାମ୍ନାସାମ୍ନି ହେବା ପରେ ଯୁକ୍ତିତର୍କ ଓ ଟଣାଓଟରା ହେବାରୁ କୋର୍ଟ ପରିସର କିଛି ସମୟ ରଣକ୍ଷେତ୍ର ପାଲଟିଥିଲ। ଆଇନଜୀବୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଞ୍ଚଳର ଜଣେ ଯୁବକ ଗତ ୨୦୧୫ରେ ସହଦେବଖୁଣ୍ଟା ଅଞ୍ଚଳର ଜନୈକା ଯୁବତୀଙ୍କୁ ବିବାହ କରିଥିଲେ। ବିବାହର ୨ ବର୍ଷ ପରେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ କଳହ ସୃଷ୍ଟି ହେଲା। ପରେ ୨୦୧୮ରେ କୋର୍ଟରେ ଛାଡ଼ପତ୍ର ପାଇଁ ଆବେଦନ କରାଯାଇଥିଲା। ସୋମବାର ସେମାନେ ବାଲେଶ୍ୱର ଫାମିଲି କୋର୍ଟକୁ କାଉନସେଲିଂ ପାଇଁ ଆସିଥିଲେ। କୋର୍ଟରେ ଦେଖା ହେବା ପରେ ଉଭୟଙ୍କ ମଧ୍ୟରେ କଥା କଟାକଟି ଓ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ପରେ ଏହି ଯୁକ୍ତିତର୍କ ଧୀରେ ଧୀରେ ବଢ଼ିବାରେ ଲାଗିଲା। କୋର୍ଟ ପରିସରରେ ଉଭୟ ମାରପିଟ ହୋଇଥିଲେ। ସେଠାରେ ଉପସ୍ଥିତ ଆଇନଜୀବୀମାନେ ହସ୍ତକ୍ଷେପ କରିବାରୁ ଉଭୟ କୋର୍ଟ ପରିସର ଛାଡ଼ି ପଳାଇ ଯାଇଥିଲେ।

# ଓପିଏସ୍‌ସିରେ ଯୋଗଦେଲେ ୨ ନୂତନ ସଦସ୍ୟ




ସନତ କୁମାର ମହାନ୍ତିଙ୍କୁ ଓପିଏସ୍‌ସି ଅଧ୍ୟକ୍ଷ ଡ. ସତ୍ୟଜିତ ମହାନ୍ତି ଶପଥ ପାଠ କରାଉଛନ୍ତି।

**କଟକ ଅଫିସ,୨୯।୮**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ର ନୂତନ ସଦସ୍ୟ ଭାବେ ସନତ କୁମାର ମହାନ୍ତି ଯୋଗଦେଇଛନ୍ତି। ସୋମବାର ଓପିଏସସି ଅଧ୍ୟକ୍ଷ ଡ. ସତ୍ୟଜିତ ମହାନ୍ତି ତାଙ୍କୁ ଶପଥ ପାଠ କରାଇଛନ୍ତି। ମହାନ୍ତି ପୂର୍ବରୁ ଖୋର୍ଦ୍ଧା ଜିଲାପାଳ ଥିଲେ। ଗତ ମାର୍ଚ୍ଚରେ ସେ ଅବସର ଗ୍ରହଣ କରିଥିଲେ। ଏହାପରେ ସେ ଓପିଏସ୍‌ସି ସଦସ୍ୟ ଭାବେ ଯୋଗଦେଇଛନ୍ତି। ସେହିପରି ଓପିଏସ୍‌ସିର ଅନ୍ୟତମ ସଦସ୍ୟ ଭାବେ ଡ. ସରିତା ସୁପକାର ଯୋଗଦେଇଛନ୍ତି। ଡ. ସୁପକାର ପୂର୍ବରୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଭାବେ କାର୍ଯ୍ୟରତ ଥିଲେ।

# ରାଜ୍ୟ ବାହାରକୁ ଗଡ଼ିବ ଅଧିକ ଓଏସ୍‌ଆର୍‌ଟିସି ବସ୍

## ୧୫ ଦିନ ମଧ୍ୟରେ ଗାଡ଼ି ଚଳାଚଳ ସମ୍ପର୍କିତ ରିପୋର୍ଟ ତଲବ କଲେ ମନ୍ତ୍ରୀ

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

ବାହାର ରାଜ୍ୟକୁ ଓଡିଶା ପରିବହନ ନିଗମ(ଓଏସ୍‌ଆର୍‌ଟିସି) ଗଡିବ। ଏଥିପାଇଁ କେତେ ରାଜ୍ୟ ଅନୁମତି ଦେଇଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ରିପୋର୍ଟ ଦେବା ପାଇଁ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଓଏସ୍‌ଆରଟିସି ସିଏମ୍‌ଡିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଖାରବେଳ ଭବନସ୍ଥିତ ବାଣିଜ୍ୟ ଓ ପରିବହନ ବିଭାଗ ସମ୍ମିଳନୀ କକ୍ଷଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମନ୍ତ୍ରୀ ଟୁକୁନି ସାହୁ ଅଧ୍ୟକ୍ଷତା କରି ଆନ୍ତଃରାଜ୍ୟ ବସ୍ ଚଳାଚଳ ପାଇଁ ଯେଉଁସବୁ ପ୍ରସ୍ତାବ ରହିଛି ସେସବୁକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାସହ ରାଜ୍ୟରେ ଲୋକଙ୍କ ଚାହିଦା ଅନୁଯାୟୀ ଗମନାଗମନ ନିମନ୍ତେ ପରିବହନ ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱାରୋପ ଦେଇଛନ୍ତି କରି ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳରେ ରାଜ୍ୟ ସଡ଼କ ପରିବହନ ପକ୍ଷରୁ ଅଧିକ ସଂଖ୍ୟକ ବସ ଚଳାଚଳ ଉପରେ ସେ ପ୍ରାଧାନ୍ୟ ଦେଇଛନ୍ତି। ଏହି କ୍ରମରେ ବିଭିନ୍ନ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ରାଜ୍ୟର ଉତ୍ତରାଞ୍ଚଳ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ସମେତ ପୁରୀ ଜିଲାକୁ ମଧ୍ୟ ଦିନବେଳା ସରକାରୀ ବସ ଚଳାଚଳ ନେଇ ବୈଠକରେ ଆଲୋଚନା ହୋଇଛି। ଏହାଦ୍ୱାରା ରାଜ୍ୟର ଜନସାଧାରଣ ଗମନାଗମନ କ୍ଷେତ୍ରରେ ଅଧିକ ସୁବିଧା ପାଇପାରିବେ ବୋଲି ମନ୍ତ୍ରୀ ସାହୁ କହିଛନ୍ତି। ଓଏସ୍‌ଆରଟିସି ସିଏମ୍‌ଡି ଏକ ଟିମ୍ ନେଇ ବିଭିନ୍ନ ରାଜ୍ୟକୁ ଅନୁମତି ପାଇଁ ଯିବେ। ଯଦି ଅନୁମତି ମିଳିବ ତେବେ ରାଜ୍ୟର ଉପାନ୍ତ ଅଞ୍ଚଳରେ ସରକାରୀ ବସ୍ ଚାଲିବ। ବିଧାନସଭା ଚାଲିଥିବା ବେଳେ ଅନେକ ବିଧାୟକ ଏନେଇ ପ୍ରଶ୍ନ କରିଥିଲେ ଯେ, କେତେ ଓଏସ୍‌ଆରଟିସି ବସ୍ କିଣା ହୋଇଛି। କିଛି ବସ୍ ରାସ୍ତାରେ ଗଡିଥିବା ବେଳେ ଆଉ କିଛି ବସ୍ ଚାଲିନି। ଏନେଇ ଠୋସ୍ ପଦକ୍ଷେପ ନେବାକୁ ବିଧାୟକମାନେ ଦାବି କରିଥିଲେ। ଏହାକୁ ଦୃଷ୍ଟିରେ ରଖି ପଡୋଶୀ ରାଜ୍ୟକୁ ବସ୍ ଚଳାଇବାକୁ ସରକାର ନଷ୍ପତ୍ତି ନେବେ ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ପରିବହନ ଆୟୁକ୍ତ ଅରୁଣ ବୋଥ୍ରା, ଓଏସ୍‌ଆର୍‌ଟିସିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଦୀପ୍ତେଶ ପଟ୍ଟନାୟକ ଏବଂ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଖାରବେଳ ଭବନରେ ସୋମବାର ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀ।

## ସଂକ୍ଷେପରେ

### ଲିଙ୍ଗାପଦା ଘାଟରୁ ମିଳିଲା ମୃତଦେହ

-ମୁଣ୍ଡଳୀ ବ୍ରିଜ୍‌ରୁ ଯୁବକ ଡେଇଁବା ଘଟଣା

ଖୁଣ୍ଟୁଣୀ,୨୯।୮(ଡି.ଏନ୍.ଏ.)- ଗତ ୨୭ ତାରିଖରେ ମୁଣ୍ଡଳୀ ବ୍ରିଜ ଉପରେ ନିଜ ସ୍କୁଟି ରଖି ମହାନଦୀକୁ ଡେଇଁ ନିଖୋଜ ଥିବା ଯୁବକଙ୍କ ମୃତଦେହକୁ ସୋମବାର ପୂର୍ବାହ୍ନରେ ଗୁରୁଡ଼ିଝାଟିଆ ଥାନା ଅଧୀନ ମଞ୍ଚେଶ୍ୱର ବିଟ୍ ହାଉସ ଅଧିକାରୀ ପ୍ରଦୀପ କୁମାର ସେଠୀ ଲିଙ୍ଗାପଦା ଘାଟରୁ ଜବତ କରିଛନ୍ତି। ସେ ହେଲେ ଭୁବନେଶ୍ୱର ଶୈଳଶ୍ରୀ ବିହାରରେ ରହୁଥିବା ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ତୁର୍ତ୍ତୁନ୍ଦା ଗ୍ରାମର ବିଶ୍ୱଦେବ ଦାସ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇବା ସହ ଏକ ମାମଲା(ନଂ. ୮/୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ମଞ୍ଚେଶ୍ୱର ପଞ୍ଚାୟତର ଲିଙ୍ଗାପଦା ଘାଟରେ ସୋମବାର ସ୍ଥାନୀୟ ଲୋକ ଗାଧୋଇବାକୁ ଆସିଥିବା ବେଳେ ଏକ ମୃତଦେହ ଭାସୁଥିବା ଦେଖିଥିଲେ। ଖବରପାଇ ଧବଳେଶ୍ୱର ବିଟ ହାଉସ୍ ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ପରେ ୨ଦିନ ତଳେ ମୁଣ୍ଡଳୀ ବ୍ରିଜରୁ ଡେଇଁ ନିଖୋଜ ଥିବା ଯୁବକଙ୍କ ପରିବାରକୁ ଜଣାଇଥିଲେ। ପରିବାର ଲୋକ ପହଞ୍ଚି ମୃତଦେହ ବିଶ୍ୱଦେବଙ୍କର ବୋଲି ଚିହ୍ନଟ କରିଥିଲେ। ସୂଚନାଥାଉକି, ବିଶ୍ୱଦେବ ନିଜ ଗାଁରୁ ଆସି ଭୁବନେଶ୍ୱର ଶୈଳଶ୍ରୀବିହାରରେ କ୍ୟାଟରିଂ ବ୍ୟବସାୟ କରୁଥିଲେ। ଗତ କରୋନା ବେଳେ ବ୍ୟବସାୟରେ ତାଙ୍କର ବହୁ ଟଙ୍କା ଆଦାୟ ନ ହୋଇ ବୁଡିଯାଇଥିଲା। ଫଳରେ ମାନସିକ ଭାବେ ସେ ଯନ୍ତ୍ରଣା ଭୋଗ କରୁଥିଲେ। ଏଥିପାଇଁ ସେ ନିଶା ମଧ ଖାଉଥିଲେ। ଘଟଣାଦିନ ସେ ଘରୁ ପାଟିତୁଣ୍ଡ କରି ସ୍କୁଟି ନେଇ ଚାଲିଆସିଥିଲେ। ହେଲେ ସେ ସ୍କୁଟି ରଖି ମୁଣ୍ଡଳୀ ବ୍ରିଜ ଉପରୁ ମହାନଦୀକୁ ଡେଇଁ ପଡିଥିଲେ। ପୋଲିସଠାରୁ ଖବରପାଇ ପରିବାର ଲୋକ ଖୋଜାଖୋଜି କରୁଥିଲେ।

### ଦୋକାନରୁ ଟଙ୍କା ଚୋରି କରି ୨ ଗିରଫ

କଟକ ସଦର,୨୯।୮(ଡି.ଏନ୍.ଏ.): ୪୨ ମୌଜା ଥାନା ଅନ୍ତର୍ଗତ ରାଉତ୍ରାପୁର ଗ୍ରାମର ଏକ ଦୋକାନରୁ ତାଲା ଭାଙ୍ଗି ଟଙ୍କା ଚୋରି କରିବା ଅଭିଯୋଗରେ ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ବହଳପଡ଼ା ଗ୍ରାମର ତାପସ ଭୋଇ(୨୯) ଓ ଦଧିବାମନପୁର ଗ୍ରାମର ସଞ୍ଜୟ ସାମଲ(୩୧)। ଏ ନେଇ ଥାନାରେ ନଂ.୧୨୯/୨୨ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୧୫ ତାରିଖ ରାତିରେ ରାଉତ୍ରାପୁର ଗ୍ରାମର ସେକ ନଜୀମୁଲ୍ଲାଙ୍କ ଦୋକାନର ତାଲା ଭାଙ୍ଗି ଦୁଇ ଅଭିଯୁକ୍ତ ୫ ହଜାର ଟଙ୍କା ସମେତ ଦରକାରୀ କାଗଜପତ୍ର ଚୋରି କରି ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ ଧରିଥିଲା। ନଗଦ ୨ ହଜାର ଟଙ୍କା ମଧ ପୋଲିସ ଅଭିଯୁକ୍ତ ସେମାଙ୍କଠାରୁ ଜବତ କରିଥିଲା।

# ଜନଗହଳି ଟ୍ରାଫିକ୍‌ରେ ଶୌଚାଳୟ, କିଓସ୍କୋ ରହୁ

## ରାଜ୍ୟସ୍ତରୀୟ ୨ଦିନିଆ ପ୍ରଶିକ୍ଷଣ ଶିବିର

କଟକ ଅଫିସ,୨୯।୮



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଅନ୍ୟ ଅତିଥିମାନେ।

ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ରାଜ୍ୟସ୍ତରୀୟ ସଡ଼କ ସୁରକ୍ଷା ଏବଂ ପ୍ରାଥମିକ ଚିକିତ୍ସା ସେବା ଯୋଗାଇବା ପାଇଁ ୨ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ବେହେରାଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଜିଲାପାଳ ଡ. ଭବାନୀ ଶଙ୍କର ଚୟନୀ ଯୋଗଦେଇ କହିଛନ୍ତି, ଟ୍ରାଫିକ ପରିଚାଳନା ପାଇଁ ଜନଜୀବନ, ଯାନବାହନ ସୁରକ୍ଷିତ ଭାବେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରୁଛନ୍ତି। ଟ୍ରାଫିକ ପରିଚାଳନା ସେବା ଏକ ମହତ କାର୍ଯ୍ୟ, ଏହାକୁ ଆହୁରି ପରିପୃଷ୍ଟ ଓ ବ୍ୟାପକ କରି ଦୁର୍ଘଟଣା ହ୍ରାସ ନିମନ୍ତେ ପ୍ରଥମ ରକ୍ଷକ ଭାବେ ଟ୍ରାଫିକ ଓ ହୋମଗାର୍ଡ କର୍ମଚାରୀମାନେ ନିଜ କାର୍ଯ୍ୟ ନିର୍ବାହ କରିବା ଉଚିତ ବୋଲି କହିଥିଲେ। ସେହିପରି ବହୁଳ ଯାନବାହନ ଓ ଜନଗହଳି ଟ୍ରାଫିକ ସ୍ଥାନରେ ଶୌଚାଳୟ ବ୍ୟବସ୍ଥା ସହ ପ୍ରାଥମିକ ଚିକିତ୍ସା କିଓସ୍କୋ (ପ୍ରାଥମିକ ଚିକିତ୍ସା ସେବା କେନ୍ଦ୍ର)ର ସୁବିଧା ଉପଲବ୍ଧ କରିବା ଦିଗରେ ଜିଲାପାଳ ଡ.ଚୟନୀ ଗୁରୁତ୍ୱାରୋପ କରି ଟ୍ରାଫିକ ପରିଚାଳନାକୁ ଅଧିକରୁ ଅଧିକ ସରଳ ସୁଗମ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଯୁଗ୍ମ ଆୟୁକ୍ତ ଟ୍ରାଫିକ ସଞ୍ଜୟ ବିଶ୍ୱାଳ ଯୋଗଦେଇ ଓଡ଼ିଶାରେ ଗତବର୍ଷ ୫୨୦୦ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ଏଥିନିମନ୍ତେ ରାଜ୍ୟ ସରକାର ସଡ଼କ ଦୁର୍ଘଟଣାକୁ ଶତପ୍ରତିଶତ ବନ୍ଦ କରିବା ନିମନ୍ତେ ଉତ୍ତମ ପଦକ୍ଷେପ ଗ୍ରହଣ କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩୩ଟି ଟ୍ରମା କେୟାର କେନ୍ଦ୍ର ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ଚିକିତ୍ସା ନିମନ୍ତେ ଯୋଗାଇ ଦେଇଛନ୍ତି। ଏହା ସହ ଭାଗୀଦାରି ଏବଂ ସହଯୋଗିତାରେ ପ୍ରଥମ ରକ୍ଷକ ସେବାକୁ ତ୍ୱରାନ୍ୱିତ କରିବା ଦିଗରେ ତାଲିମ ପ୍ରଦାନ କରାଯାଉଛି ବୋଲି ସେ ସୂଚନା ଦେଇଥିଲେ। ଟ୍ରାଫିକ ଏସିପି ଦିଲୀପ ଦାସ, ଅତିରିକ୍ତ କମିଶନର ପରିବହନ ଧନଞ୍ଜୟ ସେନାପତି, ନିଜାରତ ଅଧିକାରୀ ଭୁବନାନନ୍ଦ ପଟ୍ଟନାୟକ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ମନୋଜ ତପୋ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଟକ ସଦର ଲକ୍ଷ୍ମଣ ବେହେରା, ସଡକ ସୁରକ୍ଷା ଅଧିକାରୀ ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦୀପ୍ତ ଭଟ୍ଟାଚାର୍ଯ୍ୟ, ଇନଭେକ୍ଟସ ପ୍ରଥମ ରକ୍ଷକ ତାଲିମ କମ୍ପାନୀର ପ୍ରଶିକ୍ଷକ ଅଙ୍କୁର ଶର୍ମା ଏବଂ ପ୍ରଶିକ୍ଷକ ଗଣେଶ ବାରିକ ପ୍ରମୁଖ ପ୍ରଥମ ରକ୍ଷକର ପ୍ରାଥମିକ ଚିକିତ୍ସା ସମ୍ବନ୍ଧୀୟ ବିଭିନ୍ନ ଶାରୀରିକ କୌଶଳ ପୂର୍ବକ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଥମ ଦିବସରେ ୧୫ଜଣ ଟ୍ରାଫିକ କନଷ୍ଟେବଲ ଏବଂ ୨୫ଜଣ ହୋମଗାର୍ଡ ତାଲିମ ନେଇଥିଲେ।

# ଋଣ ପୈଠ ନ କରିବାରୁ କମ୍ପାନୀ ସିଲ୍

## କମ୍ପାନୀ ଜାଗାରେ ଥିଲା କବାଡ଼ିଆ ଦୋକାନ

ମଙ୍ଗୁଳି,୨୯।୮(ଡି.ଏନ୍.ଏ.)

ଜଗତପୁର ଅଞ୍ଚଳରେ ଏକ ଘରୋଇ କମ୍ପାନୀ ବ୍ୟାଙ୍କରୁ ଋଣ ନେଇ ସମୟ ସୁଦ୍ଧା ପୈଠ ନ କରିପାରିବାରୁ ସୋମବାର ତାହାକୁ ସିଲ୍ କରିଦିଆଯାଇଛି। ହେଲେ ବ୍ୟାଙ୍କ ପକ୍ଷରୁ କମ୍ପାନୀ ଥିବା ଜାଗାକୁ ଯାଇଥିବା ବେଳେ ସେଠାରେ କୌଣସି କମ୍ପାନୀ ନ ଥିବାବେଳେ ୪ଟି ଘର ଓ କବାଡ଼ିଆ ଦୋକାନ ଥିବାରୁ ସେଗୁଡ଼ିକୁ ହିଁ ସିଲ୍ କରିଦେଇଛି। ସୂଚନା ମୁତାବକ, ଜଗତପୁର ପୁରୁଣା ଶିଳ୍ପାଞ୍ଚଳସ୍ଥିତ ଏକ ଜାଗାକୁ ୯୯ବର୍ଷ ପାଇଁ ଏକ ବିଲଡର୍ସ କମ୍ପାନୀ କିଛି ବର୍ଷ ତଳେ ଲିଜ୍ ଆକାରରେ ନେଇଥିଲେ। ପରେ ଉକ୍ତ କମ୍ପାନୀକୁ ଚଳାଇବା ପାଇଁ ମାଲିକ କଟକ ଷ୍ଟେଟ ବ୍ୟାଙ୍କରୁ ପାଖାପାଖି ୭୫ଲକ୍ଷ ଟଙ୍କା ଋଣ ନେଇଥିଲେ। ହେଲେ ଦୀର୍ଘ ବର୍ଷ ଧରି ଋଣ ନ ଶୁଝିବାରୁ ବ୍ୟାଙ୍କ ପକ୍ଷରୁ ବାରମ୍ବାର କମ୍ପାନୀକୁ ନୋଟିସ କରାଯାଉଥିଲେ ମଧ କମ୍ପାନୀ କର୍ତ୍ତୃପକ୍ଷ କୌଣସି କର୍ଣ୍ଣପାତ କରୁ ନ ଥିଲେ। ଏ ନେଇ ବ୍ୟାଙ୍କ ମ୍ୟାନେଜର ସୁପ୍ରିମକୋର୍ଟ ଦ୍ୱାରସ୍ଥ ହୋଇଥିଲେ। ସୋମବାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟ ଅରୁଣ କୁମାର ସାହୁ, ବ୍ୟାଙ୍କ ଏନ୍‌ଫୋର୍ସମେଣ୍ଟ ଟିମ୍ ଓ ଜଗତପୁର ପୋଲିସର ଉପସ୍ଥିତିରେ କମ୍ପାନୀ ନିକଟକୁ ସିଲ୍ ପାଇଁ ଯାଇଥିଲେ। ହେଲେ ଉକ୍ତ ଜାଗାରେ କୌଣସି ବିଲଡର କମ୍ପାନୀ ନ ଥିବାବେଳେ ୪ଟି ଖୋଲା ଘର ଓ ଏକ କବାଡ଼ିଆ ଦୋକାନ ଥିଲା। ଫଳରେ ଉକ୍ତ ସବୁ ଘରକୁ ବ୍ୟାଙ୍କ ପକ୍ଷରୁ ଭିଡିଓ କରାଯାଇ ସିଲ୍ କରାଯାଇଛି। କିନ୍ତୁ କମ୍ପାନୀ ମାଲିକ ଫେରାର ହୋଇଯାଇଛନ୍ତି। ତେବେ ବ୍ୟାଙ୍କ ଋଣ ଦେବା ପୂର୍ବରୁ କି ପରେ ଠିକ୍ ଯାଞ୍ଚ କରାଯାଇଥିଲା ନା ନାହିଁ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଋଣ ଦେବା ପଛରେ କିଛି ଗିପି କାରବାର ହୋଇଥିବାର ସନ୍ଦେହ କରାଯାଉଛି। ଏ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେ କିଛି ତଥ୍ୟ ଦେଇ ନ ଥିଲେ।


ଜଗତପୁର ଅଞ୍ଚଳରେ ଥିବା ଏକ କମ୍ପାନୀକୁ ସ୍ଥାନୀୟ ପୋଲିସ ଓ ବ୍ୟାଙ୍କ ସିଲ୍ କରୁଛନ୍ତି।

# ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା



## ଜେସିବି ଆଗରେ ଶୋଇଲେ ବସ୍ତିବାସିନ୍ଦା

କଟକ ଅଫିସ,୨୯।୮

କଟକ ବିଡ଼ାନାସୀ ମୁଣ୍ଡାସାହିରେ ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା ଦେଖାଦେଇଛି। ସୋମବାର ସିଡିଏ ପକ୍ଷରୁ ପେଟାନାଳ ନିକଟରୁ ଜବରଦଖଲ ହଟାଇବା ସମୟରେ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ । ଏହାକୁ ବିରୋଧ କରି ବସ୍ତି ବାସିନ୍ଦା ଜେସିବି ଆଗରେ ଶୋଇପଡିଥିଲେ। ଘଟଣାସ୍ଥଳରେ ଖୁବ୍ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ଥିଲା । କିଏ ଗୋଡ଼ ତଳେ ପଡ଼ିଯାଉଛି ତ ଆଉ କିଏ ବେହୋସ୍ ହୋଇପଡୁଛି, ପୁଣି କିଏ ହାତଯୋଡ଼ି ଘର ନ ଭାଙ୍ଗିବା ପାଇଁ ଗୁହାରି କରୁଛି। ହେଲେ ସରକାରୀ ଜମିରେ ଘରଥିବାରୁ ସିଡିଏ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୭ଟି ଘର ଭଙ୍ଗା ଯାଇଛି। ସୂଚନା ମୂତାବକ, ଉକ୍ତ ସ୍ଥାନରେ ଏକ କମର୍ସିଆଲ କମ୍ପ୍ଲେକ୍ସ ତିଆରି କରାଯିବାର ଯୋଜନା ରଖିଛି ସିଡିଏ। ସମ୍ପୃକ୍ତ ଜମି ସରକାରଙ୍କ ହୋଇଥିବା ବେଳେ ଏଠାରେ ଜବରଦଖଲ କରି ବସ୍ତି ଗଢ଼ି ଉଠିଥିବା ସିଡିଏ ପକ୍ଷରୁ କୁହଯାଇଛି। ତେବେ ଉଚ୍ଛେଦ ପରେ ସମ୍ପୃକ୍ତ ବସ୍ତିବାସିନ୍ଦାଙ୍କୁ ଥଇଥାନ ପାଇଁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯିବ ବୋଲି ସିଡିଏ ଅଧିକାରୀ ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ପୂର୍ବରୁ ସୂଚନା ଦିଆ ନ ଯାଇ ଏବଂ ଥଇଥାନ କରା ନ ଯାଇ ବସ୍ତି ଉଚ୍ଛେଦକୁ ବିରୋଧ କରି ବସ୍ତିବାସିନ୍ଦା ଦୃଢ ପ୍ରତିବାଦ କରିଥିଲେ। ଦୀର୍ଘ ବର୍ଷ ଧରି ଏଠାରେ ରହି ଆସୁଥିବା ବେଳେ ହଠାତ ଘର ଭାଙ୍ଗିଦେଲେ କେଉଁଠିକୁ ଯିବେ ବୋଲି ସେମାନେ ପ୍ରଶ୍ନ କରିଥିଲେ। ତେବେ ଘର ଭାଙ୍ଗିବାକୁ ଆସିଥିବା ଜେସିବି ଆଗରେ ମହିଳା ଛୁଆପିଲାଙ୍କୁ ଧରି ଶୋଇ ପଡିଥିଲେ । ଏହାପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତିକୁ କାବୁ କରିଥିଲା । କିଛି ସମୟ ପାଇଁ ପୋଲିସ ଜନତା ମୁହାଁମୁହିଁ ହୋଇଥିବା ମଧ ଦେଖିବାକୁ ମିଳିଥିଲା ।

## ଶ୍ରାବଣୀ ସାହିତ୍ୟ ସଂସଦର ଆଲୋଚନା ସଭା

କଟକ ଅଫିସ,୨୯।୮

ଶ୍ରାବଣୀ ସାହିତ୍ୟ ସଂସଦ ପକ୍ଷରୁ ଏକ ସାରସ୍ୱତ ଆଲୋଚନା ସଭା ସୋମବାର ସ୍ଥାନୀୟ ଲକ୍ଷ୍ମୀନୃସିଂହ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଉଦୟ କେଶରୀ ବର୍ମାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଉତ୍କଳ ଗ୍ରାମ୍ୟ ସ୍ୱରାଜ୍ୟର ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନା ଯୋଗଦେଇ ସାମାଜିକ ଦୃଷ୍ଟିଭଙ୍ଗୀକୁ ନେଇ କବିତା ରଚନା କଲେ ତାହା କାଳଜୟୀ ହୋଇଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ସୁବାଷ ଚନ୍ଦ୍ର ରାଉତ, ଧ୍ରୁବଚରଣ ବେହେରା, ଅକ୍ଷୟ କୁମାର ଭଦ୍ର, ଗୋବିନ୍ଦ ଚନ୍ଦ୍ର ମିଶ୍ର କବିତା ମାଧ୍ୟମରେ ବହୁ ଅକୁହା କଥା କୁହାଯାଇପାରେ ବୋଲି କହିଥିଲେ । ଏହି ଅବସରରେ ମନୋରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ ଏକ କବିତା ପାଠ ଉତ୍ସବ ହୋଇଥିଲା। ସଂସଦର କାର୍ଯ୍ୟକାରୀ ସଭାପତି ଆଦିତ୍ୟ ରଞ୍ଜନ ଦାଶ ସ୍ୱାଗତ ଭାଷଣ ଓ ବ୍ରଜବନ୍ଧୁ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ୩ ବର୍ଷର ବିଦ୍ୟୁତ୍ ବିଲ୍ ଦେଇନି ପଞ୍ଚାୟତ

କଟକ ସଦର,୨୯।୮(ଡି.ଏନ୍.ଏ.)

୨୦୨୦ ମସିହାରୁ କଟକ ସଦର ବ୍ଲକର ୨୩ ପଞ୍ଚାୟତରେ ରାସ୍ତା ଆଲୋକୀକରଣ ଯୋଜନା ହାତକୁ ନିଆଯାଇ ଗ୍ରାମର ପ୍ରତି ଛକରେ ଉଜ୍ଜ୍ୱଳ ଆଲୋକ ଲଗାଯାଇଛି। ହେଲେ ବିଦ୍ୟୁତ୍‌ଖୁଣ୍ଟ ଲଗାଇ ୩ବର୍ଷ ବିତିଯାଇଥିଲେ ମଧ ପଞ୍ଚାୟତ ତରଫରୁ ଟଙ୍କାଟିଏ ବିଦ୍ୟୁତ୍ ବିଲ୍ ଆଦାୟ ହୋଇପାରୁନାହିଁ। ବିଲ୍ ଆଦାୟ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ବିଦ୍ୟୁତ୍ କମ୍ପାନୀ। ପିଛିଲା ବିଲ୍‌ର ଆକଳନ ପାଇଁ କନ୍ଦରପୁର, ୪୨ ମୌଜା, କିଶୋରନଗର, ଗୋପାଳପୁର ଓ ରଘୁନାଥପୁର ବିଦ୍ୟୁତ୍ ସେକ୍ସନ କନିଷ୍ଠ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଲାଇଟ୍ ପଏଣ୍ଟ ଗଣନା କରିବା ସହ ଲୋଡ ସର୍ଭେ କରି ଦେବା ପାଇଁ କୁହାଯାଇଛି। ଚତୁର୍ଦ୍ଦଶ ଓ ପଞ୍ଚଦଶ ଅର୍ଥ କମିଶନଙ୍କ ଅନୁଦାନ, ବିଧାୟକ ପାଣ୍ଠିରୁ ଲାଇଟ୍ ଲଗାଯାଇଛି। ଏହାର ବିଲ୍ ପୈଠ ପଞ୍ଚାୟତ କରିବ ବୋଲି ସରପଞ୍ଚମାନେ ବିଡିଓଙ୍କୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ୨୦୨୧- ୨୦୨୨, ୨୦୨୨- ୨୦୨୩ ଆର୍ଥିକ ବର୍ଷ ବଜେଟରେ ସମ୍ପୃକ୍ତ ପଞ୍ଚାୟତ ପକ୍ଷରୁ କେବଳ ପାନୀୟ ଜଳ ପ୍ରକଳ୍ପ ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଛି। ରାସ୍ତା ଆଲୋକ ବିଲ୍ ପାଇଁ ଅର୍ଥ ବ୍ୟବସ୍ଥା କରାଯାଇ ନ ଥିବାରୁ ଟାଟା ପାୱାର କର୍ତ୍ତୃପକ୍ଷ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏପରିକି ପ୍ରତ୍ୟେକ ଦିନ ନୂଆ ସ୍ଥାନରେ ଲାଇଟ ଲାଗିଲେ ମଧ ସ୍ଥାନୀୟ ବିଦ୍ୟୁତ୍ ଯନ୍ତ୍ରୀଙ୍କ ନଜରକୁ ଅଣାଯାଉ ନାହିଁ। ଜୁଲାଇରେ ବିଡିଓଙ୍କ ସହ ଟାଟା ପାୱାର ବାଣିଜ୍ୟ ଅଧିକାରୀଙ୍କ ବ୍ଲକ ଅଫିସରେ ୨ଥର ବୈଠକ ହୋଇଥିଲା। ଏଥିରେ ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସଙ୍କ ସହ ସମସ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଯୋଗ ଦେଇଥିଲେ। ହେଲେ ଏଥିରୁ ଶୀଘ୍ର ଲାଇଟ୍ ବିଲ ପୈଠ ଉପରେ କୌଣସି ସମାଧାନ ବାଟ ବାହାରିପାରି ନାହିଁ।

# ଡ୍ରିମ୍ସରେ ଜାତୀୟ କ୍ରୀଡ଼ା ଦିବସ ପାଳିତ

କଟକ ଅଫିସ/ କଟକ ସଦର, ୨୯।୮ (ଡି.ଏନ୍.ଏ.)

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ ସୋମବାର ଜାତୀୟ କ୍ରୀଡ଼ା ଦିବସ ଓ ହକି ଯାଦୁଗର ପଦ୍ମଭୂଷଣ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ପାଳିତ ହୋଇଛି। ଏହି ଉପଲକ୍ଷେ ଡ୍ରିମ୍‌ସ ସ୍ପୋର୍ଟସ କମ୍ପ୍ଲେକ୍ସରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଅଧକ୍ଷ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, କ୍ରୀଡ଼ା ବିଭାଗର ଅଧିକାରୀ ଏବଂ ପ୍ରଶିକ୍ଷକ ଯୋଗଦେଇ କିମ୍ବଦନ୍ତୀ କ୍ରୀଡ଼ାବିତ୍ ଧ୍ୟାନଚାନ୍ଦଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୁଖ୍ୟଅତିଥି ଭାବେ ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ବିଶ୍ୱ ହକି ମାନଚିତ୍ରରେ ଭାରତକୁ ସମ୍ମାଜନକ ସ୍ଥାନ ଦେବାରେ ଧ୍ୟାନଚାନ୍ଦଙ୍କ ଅବଦାନ ଅତୁଳନୀୟ ଉପରେ ଆଲୋକପାତ କରି ହକିର ପ୍ରଚାର ପ୍ରସାର ଓ ଆନ୍ତର୍ଜାତିକ କ୍ଷେତ୍ରରେ ଓଡ଼ିଶାକୁ ଗୌରବାନ୍ୱିତ କରିବାରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ପ୍ରଶଂସନୀୟ ବୋଲି କହିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଅଧକ୍ଷ ଡ. ନୟନ ରଞ୍ଜନ ସାମଲ, ଡ. ଲୀନା ପଟ୍ଟନାୟକ, ଡ. ରଶ୍ମିରଞ୍ଜନ ବିଶ୍ୱାଳ, ଡ. ଅନୁରେଖା ନାୟକ, ଡ. ସୁରଜିତ୍ ମହାନ୍ତି, ଡ. ପ୍ରତାପ ଚନ୍ଦ୍ର ପ୍ରଧାନ, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର ସୁବ୍ରତ ନନ୍ଦୀ, ପ୍ରଶାନ୍ତ ସାହୁ, ଜ୍ଞାନ ରଞ୍ଜନ ନାଥ ଏବଂ ରାଜୀବ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି କଟକ ସଦର ବ୍ଲକ ଆୟଉପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଥିଲା। ପ୍ରଧାନ ଶିକ୍ଷକ ରଘୁନାଥ ସାସମଲଙ୍କ ପୌରୋହିତ୍ୟରେ ସରପଞ୍ଚ ରାକେଶ ବେହେରା ମୁଖ୍ୟ ଅତିଥି, ଅବସର ପ୍ରାପ୍ତ କ୍ରୀଡା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବିଜୟ ରାଉତରାୟ, ଚୈତନ୍ୟ ରାଉତ ଓ ପରିଚାଳନା କମିଟି ସଭାପତି କଲାମ ଖାଁ, ସିଆରସିସି ଜ୍ୟୋତି ସାହୁ ପ୍ରମୁଖ ଯୋଗଦେଇଥିଲେ। କଣ୍ଠଶିଳ୍ପୀ ବିଭୁଦତ୍ତ ନାୟକ ଯୋଗଦେଇ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ କ୍ରୀଡା, ବକ୍ତୃତା, ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷୟିତ୍ରୀ ନିବେଦିତା ଶର୍ମା ପରିଚାଳନା କରିଥିଲେ।



ଡ୍ରିମ୍‌ସ କଲେଜ ପକ୍ଷରୁ ଅନୁଷ୍ଠିତ କ୍ରୀଡ଼ା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

# ବିକୃତ ଗଣେଶ ମୂର୍ତ୍ତି ଧାର୍ମିକ ଭାବନା ପ୍ରତି ଆଘାତ


କଟକ ନୂଆପଡ଼ାର ପ୍ରେସ୍ କଲୋନୀରେ ପ୍ରସ୍ତୁତ ହେଉଥିବା ଏକ ତୋରଣ।

## ଦିନକ ପରେ ଗଣେଶ ପୂଜା

କଟକ ଅଫିସ,୨୯।୮

ହିନ୍ଦୁ ଦେବଦେବୀଙ୍କ ମଧ୍ୟରେ ଗଣପତି ହେଉଛନ୍ତି ଅଗ୍ରପୂଜ୍ୟ। କରୋନା କଟକଣା ଯୋଗୁ ୨ବର୍ଷ ଫିକା ମାହୋଲ ପରେ ଚଳିତ ବର୍ଷ ବହୁ ଆଡ଼ମ୍ବରରେ କଟକ ସହରରେ ଗଣେଶ ପୂଜା ପାଳନ ପାଇଁ କ୍ଲବ, ବିଭିନ୍ନ ଅନୁଷ୍ଠାନ ତଥା ପ୍ରାଚୀନ ପୀଠର କର୍ମକର୍ତ୍ତା ଲାଗିପଡ଼ିଛନ୍ତି। ତେବେ ଗଣେଶ ପୂଜାରେ କେତେକ ମଣ୍ଡପରେ ପୂଜା ପାଉଥିବା ବିକୃତ ଗଣେଶ ମୂର୍ତ୍ତିକୁ ନେଇ ଶ୍ରଦ୍ଧାଳୁ ତଥା ସହରବାସୀଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଥାଏ। ଚଳିତ ବର୍ଷ ସେଭଳି ପ୍ରସଙ୍ଗକୁ ନେଇ ପ୍ରଥମେ ପୋଲିସ ନିକଟରେ କଥା ପହଞ୍ଚିଥିଲା। ଶିଳ୍ପୀଙ୍କୁ ବିକୃତ ମୂର୍ତ୍ତି ତିଆରି ନ କରିବା ପାଇଁ ପୋଲିସ ତାଗିଦା କରିବା ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଶିଳ୍ପୀ। ତେବେ କୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ମନା କରିବା ସହ ପୋଲିସକୁ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏବେ ଗଣେଶ ପୂଜା ପରିଚାଳନା ପାଇଁ ପୋଲିସ ପ୍ରସ୍ତୁତ ହେଉଥିବାବେଳେ କୋର୍ଟଙ୍କ ନିରାଶବାଣୀ ଶିଳ୍ପୀଙ୍କୁ ଚିନ୍ତାରେ ପକାଇଛି। ଏହାକୁ ନେଇ ମତାମତଭିତ୍ତିକ ଉପସ୍ଥାପନା।


“ଓଡ଼ିଶା ହେଉଛି ସଂସ୍କୃତିସମ୍ପନ୍ନ ରାଜ୍ୟ। ଯୁବପିଢ଼ି ସେ ସଂସ୍କୃତିକୁ ବଞ୍ଚାଇ ରଖିବା ଉଚିତ । ବାହାର ରାଜ୍ୟକୁ ଅନୁକରଣ କରି ବିକୃତ ଗଣେଶ ମୂର୍ତ୍ତି ସ୍ଥାପନା ମାଧ୍ୟମରେ ଅପସଂସ୍କୃତିକୁ ଆମନ୍ତ୍ରଣ କରିବା ଅନୁଚିତ୍। ଏପଟେ ବିଚରା ଶିଳ୍ପୀମାନେ ଜୀବିକା ପାଇଁ ଅଗ୍ରିମ ନେଇ ତିଆରି କରିଥିବା ମୂର୍ତ୍ତିର ଖର୍ଚ୍ଚ ହରାଇ କ୍ଷତି ସହିବା ସାର ହେବ। ତେବେ ନିର୍ମାଣ ପୂର୍ବରୁ ଏଭଳି ପଦକ୍ଷେପ ନିଆଯାଇଥିଲେ ମୂର୍ତ୍ତି କାରିଗରମାନଙ୍କୁ ହଇରାଣ ହେବାକୁ ପଡ଼ି ନ ଥାନ୍ତା।

**– କେଦାରନାଥ ବେହେରା, ସଭାପତି, ଓଡ଼ିଶା ମୃଣ୍ମୟୀ ଶିଳ୍ପୀ ସଂଘ।**


“ପଦକ୍ଷେପ ସ୍ୱାଗତଯୋଗ୍ୟ। ପୋଲିସ ପ୍ରଶାସନ ଯଥେଷ୍ଟ ପୂର୍ବରୁ ଏଭଳି ପଦକ୍ଷେପ ନେବାର ଥିଲା। ଅଗ୍ରପୂଜ୍ୟ ଗଣେଶଙ୍କ ପ୍ରତିମା କେବେ ବିକୃତ ହେବା ଉଚିତ ନୁହେଁ। କେତେକ ମଣ୍ଡପରେ ଦେଖାଯାଉଛି ପୌରାଣିକ କଥାବସ୍ତୁକୁ ଯୋଡ଼ି ଗଣେଶଙ୍କୁ ମହାକାଳ, ଜଗନ୍ନାଥଙ୍କ ହାତୀବେଶ ରୂପରେ ପୂଜା କରାଯାଇଛି। ଏସବୁକୁ ଶାସ୍ତ୍ରଜ୍ଞ ବ୍ୟକ୍ତିଙ୍କ ମାଧ୍ୟମରେ ତର୍ଜମା କରାଯିବା ଦରକାର।

**– ସୁବାସ ଦାସ, ଆବାହକ, ଇଣ୍ଟରନ୍ୟାଶନାଲ କ୍ଲବ, ମଙ୍ଗଳାବାଗ।**

“ଶ୍ରୀଗଣେଶଙ୍କ ପ୍ରତି ଯେତିକି ସମ୍ମାନବୋଧ ଓ ଭକ୍ତିଭାବ ରହିବା କଥା ତାହା କେତେକାଂଶରେ ବିକୃତ ହେଉଛି। ଯୁବପିଢ଼ିଙ୍କ ମଧ୍ୟରେ ବିକାର ସୃଷ୍ଟି ହେଉଛି। ଆଧୁନିକତା ମଧ୍ୟରେ ସଂସ୍କୃତିକୁ ଆମେ କୁଠାରଘାତ କରୁଛନ୍ତି। ଆଧାତ୍ମିକ ଚେତନାରେ ରହି ଗଣେଶଙ୍କ ପ୍ରତିମା ନିର୍ମାଣ ଓ ପୂଜା କରାଗଲେ ସମାଜର ମଙ୍ଗଳ ହେବ। ଏଥିପ୍ରତି ଜନସଚେତନତାର ଆବଶ୍ୟକତା ରହିଛି।


**– ଭାଗିରଥୀ ସାହୁ, ବୁଦ୍ଧିଜୀବୀ, ଯୋବ୍ରା।**

“ବିକୃତ ଗଣେଶ ମୂର୍ତ୍ତି ନିର୍ମାଣ ମାମଲାରେ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ମନା କରିଦେବାକୁ ସ୍ୱାଗତ କରୁଛି। ଏହା ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ। ବିକୃତ ମୂର୍ତ୍ତି ପୂଜା କରିବା ଦେବଦେବୀଙ୍କ ପ୍ରତି ଘୋର ଅପମାନ। ଏହାର କୁପ୍ରଭାବ ସମାଜ ତଥା କୋମଳମତି ପିଲାଙ୍କ ଉପରେ ପଡୁଛି। ଏଥିପ୍ରତି ସମସ୍ତେ ସଚେତନ ରହିବା ଜରୁରୀ।


**– ସଙ୍ଗୀତା ଦାସ, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ।**

“ଗଣେଶ ପୂଜାରେ ବିଶୃଙ୍ଖଳା ଓ ଧାର୍ମିକ ମନୋଭାବକୁ ଆଘାତ ଦେବା ଭଳି କାର୍ଯ୍ୟକୁ ପ୍ରଶୟ ଦିଆଯିବ ନାହିଁ। ବିକୃତ ଗଣେଶ ମୂର୍ତ୍ତି ତିଆରି କରାଯାଉଥିବା ନେଇ ଅଭିଯୋଗ ଆସିବା ପରେ କୁମ୍ଭାରସାହିକୁ ଯାଇ ଶିଳ୍ପୀମାନଙ୍କୁ ଏପରି ନ କରିବାକୁ ତାଗିଦା କରିଥିଲୁ। ସୋମବାର ଏନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସବୁ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ଅଦାଲତ ପୋଲିସ ଉପରେ ମାମଲା ଛାଡ଼ିଥିବାରୁ ଶାନ୍ତିଶୃଙ୍ଖଳାର ସହ ଗଣେଶ ପୂଜା ପାଳନ ଉପରେ କମିଶନରେଟ ପୋଲିସ ସଜାଗ ଦୃଷ୍ଟି ଦେଇ କାର୍ଯ୍ୟ କରିବ।


**–ପିନାକ ମିଶ୍ର, ଡିସିପି, କଟକ**

## ସଂକ୍ଷେପରେ

### ଚୋରି ସନ୍ଦେହରେ ଗଛରେ ବାନ୍ଧି ପିଟିଲେ

ଯାଁଳା,୨୯।୮(ଡି.ଏନ୍.ଏ.): ଭୁବନେଶ୍ୱର ବ୍ଲକ ନଁପୁଟ ପଞ୍ଚାୟତର ରେତଙ୍ଗ ଷ୍ଟେଶନ ନିକଟରେ କେତେଜଣ ଶ୍ରମିକ ଚୋରି କରିଥିବା ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଏକ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିଛନ୍ତି। ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ବାପି ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ରାଜ୍ୟ ବାହାରର କେତେଜଣ ଶ୍ରମିକ ରେତଙ୍ଗ ରେଳ ଷ୍ଟେଶନ ନିକଟରେ ରେଲୱେ କାମ ପାଇଁ ଏକ ଘରେ ରହିଥିଲେ। ରବିବାର ରାତିରେ ଶ୍ରମିକମାନେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ସେମାନଙ୍କ ଘରେ ପଶି ୩ଟି ମୋବାଇଲ ଓ ୧୦ ହଜାର ଟଙ୍କା ଚୋରି କରି ନେଇଥିଲେ। ଶ୍ରମିକମାନେ ଭୋରୁ ଉଠି ଘର ନିକଟରେ ଜଣେ ବ୍ୟକ୍ତି ବୁଲୁଥିବା ଦେଖିବାକୁ ପାଇଥିଲେ। ଉକ୍ତ ବ୍ୟକ୍ତି ଜଣଙ୍କୁ ଚୋର ସନ୍ଦେହରେ ଏକ ଗଛରେ ବାନ୍ଧି ନିସ୍ତୁକ ପିଟିଥିଲେ। ଶ୍ରମିକମାନେ ଠିକାଦାରଙ୍କୁ ଖବର ଦେବା ସହ ଜିଆରପି ଥାନାକୁ ଜଣାଇଥିଲେ। ଜିଆରପି ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

### ଟ୍ୟାଙ୍କର ଧକ୍କାରେ ବାଇକ୍ ଚାଳକ ମୃତ

ଯାଁଳା,୨୯।୮(ଡି.ଏନ୍.ଏ.): ୧୬ ନମ୍ବର ଜାତୀୟ ରାଜପଥର ତଳଖେତା ଛକ ନିକଟରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ୟାଙ୍କର ପଛପଟୁ ଧକ୍କା ଦେବା ଫଳରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜଲା ବଙ୍ଗିଦା ଆଡଖଣ୍ଡିଆ ଗ୍ରାମର ନକୁଳ ସାହୁ(୪୭)। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬ଟାରେ ଦୋକାନ ଖୋଲିବା ପାଇଁ ନକୁଳ ବାଇକରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଫେରୁଥିଲେ। ତଳଖେତା ଛକରେ ନିର୍ମାଣାଧୀନ ପୋଲ ନିକଟରେ ଏକ ଟ୍ୟାଙ୍କର ନକୁଳଙ୍କ ବାଇକକୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ନକୁଳଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବରପାଇ ଇନ୍‌ଫୋଭ୍ୟାଲି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏମ୍ସ ମେଡିକାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ମଦନପୁର ଫୁଟବଲ ଲିଗ ଟୁର୍ନାମେଣ୍ଟ: ଗାଦିଶ୍ୱର କ୍ଲବକୁ ୨ ପଏଣ୍ଟ

ଯାଁଳା,୨୯।୮(ଡି.ଏନ୍.ଏ.): ମଦନପୁର ନବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଫୁଟବଲ ଲିଗ ଟୁର୍ନାମେଣ୍ଟର ଦିତୀୟ ଦିନରେ ସୋମବାର ନବଜ୍ୟୋତି କ୍ଲବ ମଦନପୁର ଏବଂ ଫ୍ରେଣ୍ଡସ ପାରାଡାଇଜ ଜୁନିୟର ଜଟଣୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷ ସୁଦ୍ଧା ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ପାଇଥିଲେ। ସେହିପରି ଦିତୀୟ ମ୍ୟାଚ ମହାବୀର କ୍ଲବ କରଡାପଲ୍ଲୀ ଓ ଗାଦିଶ୍ୱର କ୍ଲବ କୁଜିମହୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗାଦିଶ୍ୱର କ୍ଲବ ୪-୦ ଗୋଲ କରି ଦୁଇ ପଏଣ୍ଟ ପାଇଥିଲା। ଦଳ ପକ୍ଷରୁ ୧୪ ମିନିଟରେ ସୁମନ ମାଝୀ, ୧୫ ମିନିଟରେ ବିଶ୍ୱଜିତ ବେହେରା ୨୪ ମିନିଟରେ ରାଜେଶ ମାଝୀ, ୫୦ ମିନିଟରେ ଜଗବନ୍ଧୁ ବେହେରା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରଦୀପ ବଳିୟାରସିଂ, ଅଶୋକ ନାୟକ, ମନୋରଞ୍ଜନ ଖୁଣ୍ଟିଆ ମ୍ୟାଚ୍ ପରିଚାଳନା କରିଥିଲେ।

# ୩ ଦଫା ଦାବିରେ ରାସ୍ତା ଅବରୋଧ

ନିରାକାରପୁର,୨୯।୮(ଡି.ଏନ୍.ଏ.)

## ମହିଳା ଏସ୍ଆଇଙ୍କ ଆତ୍ମହତ୍ୟା ଘଟଣା

- ପ୍ରତିଶ୍ରୁତି ପରେ ଧାରଣା ହଟିଲା
- ଗାଁ ଶ୍ମଶାନରେ ମୃତଦେହ ସତ୍କାର

କନ୍ଧମାଳ ଜିଲା ଜି. ଉଦୟଗିରି ଥାନା ଏସ୍ଆଇ ସ୍ୱାଗତିକା ବେହେରା ଗତ ଶନିବାର ସରକାରୀ କ୍ୱାର୍ଟର୍ସରେ ଆତ୍ମହତ୍ୟା କରିଥିଲେ। ଆଇଆଇସି ରେବତୀ ଶବର ମାନସିକ ନିର୍ଯାତନା ଦେଇଥିବାରୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ସୋମବାର ତାଙ୍କ ମୃତଦେହ ଜନ୍ମମାଟି ଖୋର୍ଦ୍ଧା ଜିଲା ନିରାକାରପୁରରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ୩ ଦଫା ଦାବିରେ ସ୍ଥାନୀୟ ଗ୍ରାମବାସୀ ଏବଂ ମୃତକଙ୍କ ସମ୍ପର୍କୀୟ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖ ନୂଆ ଜଗନ୍ନାଥ ସଡ଼କ ଉପରେ ସକାଳ ୮ଟାରୁ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ମୃତ ଏସ୍ଆଇ ବେହେରାଙ୍କ ଘରର ଜଣଙ୍କୁ ଚାକିରି, ଫ୍ୟାମିଲି ପେନ୍‌ସନ୍ ଓ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ତଦନ୍ତ ଭାର ଦେବା ଆଦି ଦାବି ରହିଛି। ଖବରପାଇ ଟାଙ୍ଗୀ ତହସିଲଦାର ଦାୟିତ୍ୱରେ ଥିବା


ପ୍ରଶାସନିକ ଅଧିକାରୀ ଓ ପୋଲିସ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଛନ୍ତି।

ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ଅତିରିକ୍ତ ତହସିଲଦାର ଶରତ କୁମାର ଦେହୁରି, ସ୍ଥାନୀୟ ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ପ୍ରମୁଖ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହି ପରିପ୍ରେକ୍ଷୀରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ୩ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ଦାବିଗୁଡ଼ିକ ସମ୍ପର୍କରେ କନ୍ଧମାଳ ଓ ଖୋର୍ଦ୍ଧା ଏସ୍‌ପିଙ୍କ ସହ ଆଲୋଚନା କରିବା ସହ ଏକ ଲିଖିତ ପତ୍ର ପ୍ରଦାନ କରିବି ବୋଲି ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଫୋନ ମାଧ୍ୟମରେ ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନ ୧୨ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଶୋକାକୂଳ ପରିବେଶରେ ଗ୍ରାମ ଶ୍ମଶାନରେ ଏସ୍ଆଇ ବେହେରାଙ୍କ ମୃତଦେହ ସତ୍କାର କରାଯାଇଥିଲା।

ସୂଚନାଥାଉ କି, ଏସ୍ଆଇ ବେହେରା ଗତ ୯ ମାସ ତଳେ ଜି. ଉଦୟଗିରି ଥାନାରେ ଦାୟିତ୍ୱ ଗ୍ରହଣ କରିଥିଲେ। ସରକାରୀ କ୍ୱାର୍ଟର୍ସରେ ବେହରା ଏକା ରହୁଥିବା ବେଳେ ଗତ ଶନିବାର ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଖବରପାଇ ମୃତାଙ୍କ ମା' ଉଷାରାଣୀ ବେହେରା ଓ ଦୁଇ ଭାଇ ଜି. ଉଦୟଗିରିରେ ପହଞ୍ଚିଥିଲେ। ବଡ଼ ଭାଇ ମନୋରଞ୍ଜନ ବେହେରା ତାଙ୍କ ଭଉଣୀଙ୍କ ଆତ୍ମହତ୍ୟା ପାଇଁ ଜି.ଉଦୟଗିରି ଆଇଆଇସିଙ୍କୁ ଦାୟୀ କରିଥିଲେ। ଉଷାରାଣୀଙ୍କ ଏତଲା ଅନୁଯାୟୀ ନଂ. ୧୩୦/୨୨ରେ ମାମଲା ରୁଜୁ ହୋଇଛି। ଏହି ଘଟଣା ପରେ ଏସ୍‌ପି ଭିନୀତ ଅଗ୍ରୱାଲ ଆଇଆଇସି ଶବରଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରିଛନ୍ତି।

### ୧୬ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ବାଲୁଗାଁ,୨୯।୮(ଡି.ଏନ୍.ଏ.)

ରେଳ ସୁରକ୍ଷା ବଳ ଓ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ାଉ କରି ବାଲୁଗାଁ ରେଳ ଷ୍ଟେଶନ ପରିସରରୁ ବେଆଇନ ଭାବେ ଚାଲାଣ ହେଉଥିବା ୧୬କେଜି ଗଞ୍ଜେଇ ଜବତ କରିବା ସହ ସମ୍ପୃକ୍ତ ଚାଲାଣକାରୀକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ କୈରାଶି ଗ୍ରାମର ରାଜେଶ୍ୱର ଜେନା। ପ୍ରକାଶ ଯେ, ଗତ କିଛି ମାସ ହେବ ଏକ ଆନ୍ତଃଜିଲା ଗଞ୍ଜେଇ ଚାଲାଣକାରୀ ର୍‌ୟାକେଟ ସକ୍ରିୟ ହୋଇ ବାଲୁଗାଁ ଷ୍ଟେଶନରୁ ଟ୍ରେନ ଯୋଗେ ଅନ୍ୟତ୍ର ଚାଲାଣ କରୁଥିବା ବେଳେ ଏହି ଗ୍ୟାଙ୍ଗକୁ ଠାବ କରିବା ପାଇଁ ରେଳ ସୁରକ୍ଷା ବାହିନୀ ଓ ଅବକାରୀ ବିଭାଗ କର୍ମଚାରୀ ସଜାଗ ରହିଥିଲେ। ଇତି ମଧ୍ୟରେ ବହୁ ଚାଲାଣକାରୀଙ୍କୁ ମଧ୍ୟ ଗିରଫ କରାଯାଇଛି। ସୋମବାର ବାଲୁଗାଁ ଷ୍ଟେଶନରୁ ଟ୍ରେନ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଖବରପାଇ ଆରପିଏଫ୍ ଓ ଅବକାରୀ ଟିମ୍ ମିଳିତ ଭାବେ ଚଢ଼ାଉ କରି ସମ୍ପୃକ୍ତ ଚାଲାଣକାରୀକୁ ଧରିଥିଲେ। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ନଂ.୪୧/୨୨ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଇନ୍ସପେକ୍ଟର ଆଲୋକ ପ୍ରଧାନ, ବାଲୁଗାଁ ଅବକାରୀ ଅଧିକାରୀ ରୋହିତ ଦଣ୍ଡସେନା, ଆରପିଏଫ ଅଧିକାରୀ ଜିତେନ୍ଦ୍ର ମୌର୍ଯ୍ୟ, ଏଏସ୍ଆଇ ଏସ୍. ଅର୍ଜୁନ ପାତ୍ର ସାମିଲ ଥିଲେ।



ଖୋର୍ଦ୍ଧା: ବିଜେବି ଉଚ୍ଚ ବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ଜାତୀୟ କ୍ରୀଡ଼ା ଦିବସରେ ଯୋଗଦେଇଥିବା ଛାତ୍ରମାନେ।

### ପଲ୍ଲୀ ଉତ୍ସବ ପାଇଁ ବୈଠକ

ନିରାକାରପୁର,୨୯।୮(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତ ଓଁ ଶ୍ରୀ ଗ୍ରୁପ ପକ୍ଷରୁ ବାସନ୍ତି ପଡିଆରେ ଚଳିତ ବର୍ଷ ଗଣେଶ ପୂଜା ଉପଲକ୍ଷେ ପଲ୍ଲୀ ମହୋତ୍ସବ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। କରୋନା ପାଇଁ ଦୁଇବର୍ଷ ଧରି ଏହି ପର୍ବ ବନ୍ଦ ରହିଥିବାରୁ ଚଳିତ ବର୍ଷ ପ୍ରବଳ ଜନସମାଗମ ହେବ ବୋଲି ଅନୁମାନ କରାଯାଉଛି। ଏଥିପାଇଁ ସମସ୍ତ ସଭ୍ୟ ଏହାକୁ ସୁଚାରୁଭାବେ ପାଳନ ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର ପୌରୋହିତ୍ୟ କରିଥିବା ବେଳେ ବିଶ୍ୱ ଭୂଷଣ ଛୋଟରାୟ, ସୁରେନ୍ଦ୍ର ଜେନା, ଅକ୍ଷୟ ଉଦୟ ସିଂ, ଚିନ୍ତାମଣି ବେହେରା, ଦାଶରଥି ବିଶୋଇ, ପ୍ରଦୀପ ପାଇଚଶାଣୀ, ମହେଶ ରାଉତରାୟ, ପ୍ରଦୀପ ରାଉତରାୟ, ଦିଲୀପ ମହାରଥୀ, ଦୀପକ ବେହେରା, ରଜନୀକାନ୍ତ ମାନସିଂ, ଶାନ୍ତନୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବ ଗଣେଶ ପୂଜା ଠାରୁ ୯ ତାରିଖ ପର୍ଯ୍ୟନ୍ତ ଚାଲିବ।

### ଖଣ୍ଡେଲାଇଟ ପଥର ବୋଝେଇ ଟ୍ରକ୍ ସହ ୨ ହାଇଡ୍ରା ଜବତ

ନିରାକାରପୁର,୨୯।୮(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ନରଣଗଡ ପଞ୍ଚାୟତ ହାଡପଦା ଅଞ୍ଚଳରେ ଥିବା ବେଆଇନ ଖଣିରେ ସୋମବାର ପୋଲିସ ଚଢ଼ାଉ କରି ଗୋଟିଏ ଖଣ୍ଡେଲାଇଟ ପଥର ବୋଝେଇ ଟ୍ରକ (ଓଆର-୦୯ଏଚ୍-୨୪୫୭) ଜବତ କରିଛି। ଏଥିସହ ଦୁଇଟି ହାଇଡ୍ରାକୁ ମଧ୍ୟ ପୋଲିସ ଜବତ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୩୦୨/୨୨)ରୁଜୁ ହୋଇଛି ବୋଲି ତଦନ୍ତକାରୀ ଅଧିକାରୀ ବେଣୁଧର ରାୟ କହିଛନ୍ତି । ତେବେ ପୋଲିସକୁ ଚକମା ଦେଖାଇ ମାଫିଆମାନେ ଘଟଣାସ୍ଥଳରେ ଗାଡି ଛଡି ଫେରାର ହୋଇଯାଇଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାଣପୁର,୨୯।୮(ଡି.ଏନ୍.ଏ.)

ବାଣପୁର ସତ୍‌ସଙ୍ଗ ବିହାର ନିକଟ ଏକ ଗଛରୁ ସୋମବାର ବାଣପୁର ଥାନା ପୋଲିସ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଜବତ କରିଛି। ତେବେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ଆନୁମାନିକ ବୟସ ୪୦ରୁ ୪୫ ବର୍ଷ ହେବ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ସୁସ୍ଥତା ଲାଗି କ୍ରୀଡ଼ା ହେଉଛି ମହୌଷଧୀ


ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରୁଥିବା ସଚେତନତା ଶୋଭାଯାତ୍ରା।

ଖୋର୍ଦ୍ଧା ଅଫିସ,୨୯।୮

**ଜିଲାସ୍ତରୀୟ ଜାତୀୟ କ୍ରୀଡା ଦିବସ**

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଜାତୀୟ କ୍ରୀଡା ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି। ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମବାର୍ଷିକୀ ସ୍ମୃତି ଅବସରରେ ଏହି ଦିବସ ପାଳନ କରାଯାଉଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା। ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ସାମିଲ ହୋଇଥିଲେ। ପ୍ରାରମ୍ଭରେ କ୍ରୀଡା ଉପରେ ଆୟୋଜିତ ଆଲୋଚନାଚକ୍ରରେ ଡିଇଓ ତରାଇ କହିଥିଲେ, କ୍ରୀଡା ହେଉଛି ଜୀବନର ଆବଶ୍ୟକତା। ଚିତ୍ତ ବିନୋଦନ ସହ ସୁସ୍ଥ ରହିବା ନିମନ୍ତେ କ୍ରୀଡା ହେଉଛି ମହୌଷଧୀ। ଲକ୍ଷ୍ୟ ହାସଲ ହେଉଛି କ୍ରୀଡାର ମୌଳିକତା ଏବଂ ଯାହାକୁ ପାଥେୟ କରି ଜୀବନରେ ଅନେକ ଶିକ୍ଷଣୀୟ କଥା ଅନୁଭବ କରାଯାଇପାରେ। କ୍ରୀଡା କ୍ଷେତ୍ରରେ ଉଭୟ ପୁରୁଷ ଓ ମହିଳାଙ୍କ ସମେତ ଦିବ୍ୟାଙ୍ଗମାନଙ୍କ ପାଇଁ ସମାନ ସୁଯୋଗ ରହିଛି। ବିଭିନ୍ନ କ୍ରୀଡାର ପରିସର ବ୍ୟାପକ ହେଉଥିବା ଦୃଷ୍ଟିରୁ ପେସାଦାରଙ୍କ ପାଇଁ ମଧ୍ୟ ଏହା ସମ୍ମାନ ସହ ରୋଜଗାର ଦେବାର ମାଧ୍ୟମ ପାଲଟିଛି। ବିଦ୍ୟାଳୟ ସ୍ତରରୁ କ୍ରୀଡା ଭିତ୍ତିଭୂମି ସୁଦୃଢ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହାକୁ ଉପଯୋଗ କରି ଜଣେ ସଫଳ କ୍ରୀଡାବିତ୍ ହୋଇପାରିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡାଧିକାରୀ ଅଜୟ କୁମାର ବେହେରା, ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ, ଜିଲା ଶାରୀରିକ କ୍ରୀଡା ନିରୀକ୍ଷକ ପଠାଣି ଆଗ୍ରା ସିଂ, କ୍ରୀଡା ସମୀକ୍ଷକ ଆଶିଷ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଭିତ୍ତିଭୂମି ଅଭାବ, ମୁହଁ ଫେରାଉଛନ୍ତି ଖେଳାଳି

ଖୋର୍ଦ୍ଧା ଅଫିସ,୨୯।୮

- ଅଭ୍ୟାସ ଲାଗି ଉନ୍ନତ ଷ୍ଟାଡିୟମ ନାହିଁ
- ପ୍ରଶାସନର ଅବହେଳା, ରାଜନୈତିକ ଇଚ୍ଛାଶକ୍ତିର ଅଭାବ

ଖୋର୍ଦ୍ଧାର ବହୁ ଖେଳାଳି ରାଜ୍ୟ ତଥା ଜାତୀୟ ସ୍ତରରେ ଦକ୍ଷତା ପ୍ରଦର୍ଶନ ସହ ଗୌରବ ହାସଲ କରିଛନ୍ତି। ତେବେ ଆବଶ୍ୟକ ଭିତ୍ତିଭୂମି ଅଭାବରୁ କ୍ରୀଡାରୁ ଯୁବପିଢ଼ି ମୁହଁ ଫେରାଇବାରେ ଲାଗିଛନ୍ତି। ରାଜଧାନୀ ଠାରୁ ୩୦କିମି ଦୂରରେ ଅବସ୍ଥିତ ଖୋର୍ଦ୍ଧା। ତଥାପି ଏଠାରେ କ୍ରୀଡାର ବିକାଶ ଦିଗରେ ବହୁ ପଛରେ ରହିଛି। ଯୁବ ଖେଳାଳିଙ୍କ ମଧ୍ୟରେ ଆଗ୍ରହ ରହିଥିଲେ ମଧ୍ୟ ସେମାନଙ୍କ ଅଭ୍ୟାସ ଲାଗି ଉନ୍ନତମାନର ଷ୍ଟାଡିୟମ ନାହିଁ। ଜିଲା ପ୍ରଶାସନର ଅବହେଳା ତଥା ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏଥିରେ ବାଧକ ସାଜିଛି। ଦୁଇ ଥର ଦୁଇଜଣ ଜିଲାପାଳ ଷ୍ଟାଡିୟମର ଭିତ୍ତିଭୂମି ସଜାଡିବା ଲାଗି ଅନୁଧ୍ୟାନ କରିଛନ୍ତି। ହେଲେ ପଦକ୍ଷେପ ନିଆଯାଉ ନାହିଁ।

ବିଜେବି ହାଇସ୍କୁଲକୁ ଲାଗି ରହିଛି ଖୋର୍ଦ୍ଧା(ଜିଲାସ୍ତରୀୟ) ଷ୍ଟାଡିୟମ। ଅତୀତରେ ଏଠାରେ ସର୍ବଭାରତୀୟ ସ୍ତରୀୟ ଫୁଟବଲ ଏବଂ କ୍ରିକେଟ ମ୍ୟାଚ ଆୟୋଜିତ ହେଉଥିଲା। ଏବେ ଏହି ଷ୍ଟାଡିୟମ ଅବହେଳିତ ଅବସ୍ଥାରେ ରହିଛି। ଷ୍ଟାଡିୟମ ପରିସରରେ ଅନାବନା ଗଛଲତା ମାଡିଗଲାଣି। ବର୍ଷା ହେଲେ ଚାରିଆଡେ ପାଣି ଜମି ରହୁଛି। ଜଳ ନିଷ୍କାସନ ଲାଗି କୌଣସି ବ୍ୟବସ୍ଥା ନାହିଁ। ଏଠାକୁ ଅଭ୍ୟାସ ଲାଗି ଆସୁଥିବା ଖେଳାଳିମାନେ ଷ୍ଟାଡିୟମର ଅବ୍ୟବସ୍ଥା କାରଣରୁ ନିରାଶ ହୋଇ ଫେରୁଛନ୍ତି। ସେହିପରି ବିଜେବି ହାଇସ୍କୁଲ ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନ ଅଧୀନରେ ରହିଛି। ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଖେଳପଡିଆରେ କ୍ରିକେଟ ମ୍ୟାଚ ଆୟୋଜନ କରାଯାଉଛି। କିନ୍ତୁ ବିଦ୍ୟାଳୟ ପିଲାଙ୍କୁ ଖେଳିବାକୁ ଦିଆଯାଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ପିଏନ କଲେଜ ପରିସରରେ ମିନି ଷ୍ଟାଡିୟମ ରହିଛି। ତେବେ ଏହାର ମଧ୍ୟ ଭିତ୍ତିଭୂମି ସଜଡ଼ା ଯାଇପାରୁନି। ବିଜେବି ହାଇସ୍କୁଲ ପଡିଆକୁ ଲାଗି ଇନ୍‌ଡୋର ହଲ ରହିଛି। ନିର୍ମାଣ ସରିଛି, ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରୁନାହିଁ। ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିଲା ଏହି ସ୍ପୋର୍ଟସ ହଲ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଗତ ଫନୀ ବାତ୍ୟା ପର ଠାରୁ ମରାମତି ହୋଇନାହିଁ। ପଲ୍ଲା ମୌଜା ବାଜପୁର ରାସ୍ତାରେ ୧୮ଏକର ପରିମିତ ଅଞ୍ଚଳରେ ନିର୍ମାଣ ହେବାକୁ ଥିବା ଇନଡୋର ଷ୍ଟାଡିୟମ ନିର୍ମାଣରେ ଜମି ଜବରଦଖଲ ସମସ୍ୟା ହଟିଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଦୀର୍ଘ ଦିନ ଧରି ଷ୍ଟାଡିୟମର ପାଚେରି ନିର୍ମାଣ କାର୍ଯ୍ୟ ସରୁନାହିଁ। ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର କୁହନ୍ତି, ଖୋର୍ଦ୍ଧା ସହରରେ ୧୦ କୋଟି ବ୍ୟୟ ଅଟକଳରେ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ହେବ। ପୁରୁଷ ଏବଂ ମହିଳା ଆଥଲେଟଙ୍କ କ୍ରୀଡାର ବିକାଶ ଦିଗରେ ସହାୟକ ହେବ। ଆଗାମୀ ଦିନରେ ଖୋର୍ଦ୍ଧାରେ ଖେଳାଳିଙ୍କୁ ଉନ୍ନତମାନର ପ୍ରଶିକ୍ଷଣ ପ୍ରଦାନ କରି ସେମାନଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଭାଗନେବା ପାଇଁ ପ୍ଲାଟଫର୍ମ ନିର୍ମାଣ କରାଯିବ।

## ଜାତୀୟ କ୍ରୀଡ଼ା ଦିବସ ଅନୁଷ୍ଠିତ


ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଉଭୟ ଦଳର ଖେଳାଳି।

ଟାଙ୍ଗୀ(ଖୋର୍ଦ୍ଧା),୨୯।୮(ଡି.ଏନ୍.ଏ.)

ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ରଘୁନାଥ ଦେବ କ୍ଲବ ଆନୁକୂଲ୍ୟରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଅତିଥିଭାବେ ବରିଷ୍ଠ କ୍ରୀଡା ପ୍ରଶିକ୍ଷକ ବିଜୟ କୁମାର ରାଉତ ଯୋଗଦେଇ ମହାନ୍ ହକି ଖେଳାଳି ଧ୍ୟାନଚାନ୍ଦଙ୍କ କ୍ରୀଡା ନୈପୁଣ୍ୟ ଓ ଦେଶ ପ୍ରେମ ସମ୍ପର୍କରେ ଉଭୟ ଦଳର ଖେଳାଳିଙ୍କୁ ବୁଝାଇଥିଲେ। ଏହି ଅବସରରେ ହରିପୁର ଫୁଟବଲ କ୍ଲବ ଓ ଟାଙ୍ଗୀ ରଘୁନାଥ ଦେବ କ୍ଲବ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚଟି ଅମୀମାଂସିତ ରହିଥିଲା। ନନ୍ଦ କିଶୋର ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ଆୟୋଜକ କ୍ଲବର ପ୍ରଣୟ ପାଇକରାୟ, ପ୍ରେମାନନ୍ଦ ତରାଇ, ଜ୍ଞାନ ରାଉତ, ସତ୍ୟ ରଞ୍ଜନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଲୋକଙ୍କ ପାଖକୁ ଯାଇ ଆବଶ୍ୟକତା ପୂରଣ କର'

ଖୋର୍ଦ୍ଧା ଅଫିସ/ବୋଲଗଡ଼, ୨୯।୮ (ଡି.ଏନ୍.ଏ.)

ବେଗୁନିଆ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା ବୈଠକ ସ୍ଥାନୀୟ ଜୟୀ ରାଜଗୁରୁ ଭବନ(ଟାଉନ ହଲ) ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଦ୍ୱାରା ଚାଲିଥିବା ବିଭିନ୍ନ ଯୋଜନାର ସମୀକ୍ଷା କରାଯାଇଥିଲା। ବେଗୁନିଆ ବ୍ଲକ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ସାହୁ, ବୋଲଗଡ ବ୍ଲକ ଉନ୍ନୟନ ଅଧିକାରୀ ଧୋବେଇ ନାୟକ, ସହକାରୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତି, ବ୍ଲକ୍ ଶିକ୍ଷା ଅଧିକାରୀ ନିରଞ୍ଜନ ମହାନ୍ତି, ଜଳଯୋଗାଣ ଅଧିକାରୀ ବିଜୟାନନ୍ଦ ସାହୁ, ଜାତୀୟ



ସମୀକ୍ଷା ବୈଠକରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଓ ଅନ୍ୟମାନେ।

ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନସ କୁମାର ମହାପାତ୍ର, ବେଗୁନିଆ ଆମ୍ବା ଅଧକ୍ଷ ଦୀପ୍ତିରଞ୍ଜନ୍ ସାହୁ, ବୋଲଗଡ଼ ବ୍ଲକ ଅଧକ୍ଷ ହୁଲାସ ପ୍ରଧାନ, ଉପାଧ୍ୟକ୍ଷ ରମେଶ ସାହୁ, ଜିଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ତନୁଜା ପାଟଶାଣୀ, ସଭ୍ୟା ସୁନନ୍ଦିତା ସାହୁ, ସୁବାସ ରାଜଗୁରୁ, ପ୍ରଦୀପ୍ତ କିଶୋର ଛୋଟରାୟ, ବଡକୁମାରି ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ, ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ସାହୁ କହିଥିଲେ, ଲୋକଙ୍କ ନିକଟତର ହୁଅ। ସେମାନଙ୍କର ଆବଶ୍ୟକତାକୁ ପୂରଣ କର। ଉନ୍ନୟନମୂଳକ, ନିର୍ମାଣାଧୀନ ପ୍ରକଳ୍ପ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ ଦେଇଥିଲେ। ତୃଣମୂଳ ସ୍ତରରେ ଲୋକଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେବାକୁ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ରାସ୍ତାଘାଟ ନିର୍ମାଣ, ଅତ୍ରୀ ଉଷ୍ଣପ୍ରସ୍ରବଣର ସୌନ୍ଦର୍ଯ୍ୟକରଣ, ମଣ୍ଡନଗିରିର ଉନ୍ନତୀକରଣର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ନିର୍ବାଚନ ମଣ୍ଡଳୀର ବିକାଶମୂଳକ କାର୍ଯ୍ୟର ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି ବିଧାୟକ କହିଛନ୍ତି। ଅବ୍ୟକ୍ତ ହରିହର ଖାଡଙ୍ଗା, ବୀରଞ୍ଚି ନାରାୟଣ ଜେନା,ଅସିତ୍ ଦାସ, ଶୁଭକାନ୍ତ ମହାପାତ୍ର, ସତ୍ୟ ପ୍ରକାଶ ସାହୁ, ଜ୍ୟୋତି ରଞ୍ଜନ ଖାଡଙ୍ଗା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ସମ୍ପନ୍ନ
### ଆଜି ଅନ୍ଧଲୀଳା ନୀତି

ପୁରୀ ଅଫିସ, ୨୯।୮: ପବିତ୍ର ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣ ଲୀଳା ଚାଲିଛି। ଏହି କ୍ରମରେ ଭାଦ୍ରବ ମାସ ଶୁକ୍ଳ ଦ୍ୱିତୀୟା ତିଥି ସୋମବାର ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟାଧୂପ ବଢ଼ିବା ପରେ ମହାଜନ ସେବକଙ୍କ ହସ୍ତରେ ପ୍ରଭୁ ମଦନମୋହନ ରତ୍ନସିଂହାସନକୁ ବିଜେ ହୋଇଥିଲେ। ସେଠାରେ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ନାଟ ମନ୍ଦିର ଖଟଶେଜ ଉପରେ ବିଜେ କରିଥିଲେ। ଶୀତଳ ଭୋଗ ଓ ବନ୍ଦାପନା ସମ୍ପନ୍ନ ପରେ ହରଚଣ୍ଡୀ ସାହି ଆଖଡ଼ା ପକ୍ଷରୁ ନିକୁଞ୍ଜ ଲୀଳା ପ୍ରସ୍ତାବ ଆଗତ କରାଯାଇଥିଲା। ଦ୍ୱାପର ଯୁଗର କୃଷ୍ଣଲୀଳାକୁ ସ୍ମରଣ କରାଯାଇ ଶ୍ରୀମନ୍ଦିରରେ ଏହି ନୀଳା ଅନୁଷ୍ଠିତ ହେଉଛି। ମହାପ୍ରଭୁଙ୍କ ବିଭିନ୍ନ ଲୀଳା ମଧ୍ୟରେ ଏହା ଅନ୍ୟତମ। ଭାଦ୍ରବ ଶୁକ୍ଳପକ୍ଷ ତୃତୀୟାରେ ଶ୍ରୀମନ୍ଦିରରେ ଅନ୍ଧମନ୍ଦିର ହାତୀ ପ୍ରସ୍ତାବ ବା ଅନ୍ଧଲୀଳା ନୀତି ଅନୁଷ୍ଠିତ ହେବ।

### ୩ ଦିବ୍ୟାଙ୍ଗ କ୍ରୀଡ଼ାବିତ୍‌ଙ୍କୁ ନିଯୁକ୍ତିପତ୍ର ପ୍ରଦାନ

ପୁରୀ ଅଫିସ,୨୯।୮- ଜିଲାର ୩ଜଣ ଦିବ୍ୟାଙ୍ଗ କ୍ରୀଡ଼ାବିତଙ୍କୁ ଜାତୀୟ କ୍ରୀଡ଼ା ଦିବସ ଅବସରରେ ସୋମବାର ସରକାରଙ୍କ ପକ୍ଷରୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ପାରା ଆଥଲେଟ ଜୟନ୍ତୀ ବେହେରାଙ୍କୁ ଓଏମ୍‌ସିରେ ପ୍ରଥମ ଶ୍ରେଣୀ ପଦରେ ନିଯୁକ୍ତି ଦିଆଯାଇଥିବା ବେଳେ ପାରା ଆଥଲେଟ ପୁଲିନ କୁମାର ମାନସିଂ ଓ ଅକ୍ଷୟ କୁମାର ସାହୁଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ଗ୍ରୁପ ସି ପଦବୀରେ ନିଯୁକ୍ତି ଦିଆଯାଇଛି। ସେହିପରି ପର୍ବତାରୋହୀ ଚିନ୍ମୟ ମହାରଣାଙ୍କୁ ୨ଲକ୍ଷ ଓ ପାରା ଆଥଲେଟ ପ୍ରଶିକ୍ଷକ ବିଷ୍ଣୁପ୍ରସାଦ ମିଶ୍ରଙ୍କୁ ୧ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ସମସ୍ତ କ୍ରୀଡ଼ାବିତମାନଙ୍କୁ ଜିଲାପାଳ ସମର୍ଥ ବର୍ମା ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ।

### ରେଳ ଷ୍ଟେଶନରୁ ୧୬ କେଜି ଗଞ୍ଜେଇ ଜବତ

ବାଲୁଗାଁ,୨୯।୮(ଡି.ଏନ୍.ଏ.): ରେଳ ସୁରକ୍ଷା ବଳ ଓ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ାଉ କରି ବାଲୁଗାଁ ରେଳ ଷ୍ଟେଶନ ପରିସରରୁ ବେଆଇନ ଭାବେ ଚାଲାଣ ହେଉଥିବା ୧୬କେଜି ଗଞ୍ଜେଇ ଜବତ କରିବା ସହ ସମ୍ପୃକ୍ତ ଚାଲାଣକାରୀକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ କୈରାଶି ଗ୍ରାମର ରାଜେଶ୍ୱର ଜେନା। ପ୍ରକାଶ ଯେ, ଗତ କିଛି ମାସ ହେବ ଏକ ଆନ୍ତଃଜିଲା ଗଞ୍ଜେଇ ଚାଲାଣକାରୀ ର୍ୟାକେଟ ସକ୍ରିୟ ହୋଇ ବାଲୁଗାଁ ଷ୍ଟେଶନରୁ ଟ୍ରେନ ଯୋଗେ ଅନ୍ୟତ୍ର ଚାଲାଣ କରୁଥିବା ବେଳେ ଏହି ଗ୍ୟାଙ୍ଗକୁ ଠାବ କରିବା ପାଇଁ ରେଳ ସୁରକ୍ଷା ବାହିନୀ ଓ ଅବକାରୀ ବିଭାଗ କର୍ମଚାରୀ ସଜାଗ ରହିଥିଲେ। ଇତି ମଧ୍ୟରେ ବହୁ ଚାଲାଣକାରୀଙ୍କୁ ମଧ୍ୟ ଗିରଫ କରାଯାଇଛି। ସୋମବାର ବାଲୁଗାଁ ଷ୍ଟେଶନରୁ ଟ୍ରେନ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଖବରପାଇ ଆରପିଏଫ୍ ଓ ଅବକାରୀ ଟିମ୍ ମିଳିତ ଭାବେ ଚଢ଼ାଉ କରି ସମ୍ପୃକ୍ତ ଚାଲାଣକାରୀକୁ ଧରିଥିଲେ। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ନଂ.୪୧/୨୨ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ଆଲୋକ କୁମାର ପ୍ରଧାନ, ବାଲୁଗାଁ ଅବକାରୀ ଅଧିକାରୀ ରୋହିତ ଦଣ୍ଡସେନା, ଆରପିଏଫ ଅଧିକାରୀ ଜିତେନ୍ଦ୍ର ମୌର୍ଯ୍ୟ, ଏଏସ୍‌ଆଇ ଏସ୍.ଅର୍ଜୁନ ପାତ୍ର ପ୍ରମୁଖ ସାମିଲ ଥିଲେ।

# ମାଟି ମୂର୍ତ୍ତିର ଚାହିଦା କମୁଛି, ବିପଦରେ ବୃତ୍ତି

ପୁରୀ ଅଫିସ, ୨୯।୮:

ଦିନକ ପରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା। ଏଥିଲାଗି ପୁରୀ ସହର ଚଳଚଞ୍ଚଳ ହୋଇଉଠିଥିବାବେଳେ ଭକ୍ତଙ୍କ ସମେତ ଶିଳ୍ପୀମାନେ ଉତ୍ସାହିତ ଅଛନ୍ତି। ଶିଳ୍ପୀମାନେ ମୂର୍ତ୍ତିଗୁଡ଼ିକରେ ଶେଷ ସ୍ପର୍ଶ ଦେବାରେ ଲାଗିପଡ଼ିଛନ୍ତି। ଗତ ଦୁଇବର୍ଷ ଧରି କରୋନା କଟକଣା ଯୋଗୁ ପୂଜା ଫିକା ପଡ଼ିଥିଲା। ମୂର୍ତ୍ତି କାରିଗରମାନେ ପ୍ରାୟତଃ ହାତ ବାନ୍ଧି ବସିଥିଲେ। ତେବେ ଚଳିତବର୍ଷ କଟକଣା ହଟିଥିବାରୁ ସେମାନେ ମୂର୍ତ୍ତି ବିକି କିଛି ଅର୍ଥ ରୋଜଗାର କରିବେ ବୋଲି ଆଶା ବାନ୍ଧିଛନ୍ତି। ତେବେ ଆବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଯୋଗୁ ଚଳିତ ବର୍ଷ ମାଟି ନିର୍ମିତ ମୂର୍ତ୍ତିର ଦର ବୃଦ୍ଧି ପାଇଛି। ଅନେକ ସ୍ଥାନରେ ପ୍ଲାଷ୍ଟର ଅଫ ପ୍ୟାରିସ ମୂର୍ତ୍ତି ନିର୍ମାଣ କରାଯାଉଛି। କମ୍ ଦାମରେ ବଜାରରେ ପ୍ଲାଷ୍ଟର ଅଫ୍ ପ୍ୟାରିସ ମୂର୍ତ୍ତି ଉପଲବ୍ଧ ହେଉଥିବାରୁ ମାଟିମୂର୍ତ୍ତିର ଚାହିଦା ହ୍ରାସ ପାଉଛି। ଫଳରେ ପାରମ୍ପାରିକ ବୃତ୍ତି ଲୋପପାଇବାର ଆଶଙ୍କା ଦେଖାଦେଇଛି। ମାଟି ମୂର୍ତ୍ତି ନିର୍ମାଣ ସେମାନଙ୍କ କୂଳବେଉସା ହୋଇଥିବାରୁ ବାଧହୋଇ ବୃତ୍ତିକୁ ଜାବୋଡ଼ି ଧରିଛନ୍ତି ବୋଲି ଅନେକ କାରିଗର କହିଛନ୍ତି।

ବିଦ୍ୟାଳୟ, ବିଭିନ୍ନ ଅନୁଷ୍ଠାନ, ସାହି, କ୍ଲବ୍ ଏବଂ ଘରେ ଗଣେଶ ପୂଜା ପାଳନ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ୩/୪ ମାସ ଆଗରୁ ଶିଳ୍ପୀମାନେ ମୂର୍ତ୍ତି ଗଢିବା ପ୍ରକ୍ରିୟା ଆରମ୍ଭ କରିଥାନ୍ତି। ପୁରୀର ଅଠରନଳା, କୁମ୍ଭାରପଡ଼ା, ଚାରିନଳା ଓ ମାଟିଆପଡ଼ା ପ୍ରଭୃତି ସ୍ଥାନରେ ମୂର୍ତ୍ତି ନିର୍ମାଣ ବରାଦ ଦିଆଯାଇଥାଏ।


ଜଣେ ଶିଳ୍ପୀ ମୂର୍ତ୍ତିରେ ରଙ୍ଗ ଦେଉଛନ୍ତି ।

**ଗଜାନନଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି ଶିଳ୍ପୀ**

ଚଳିତ ବର୍ଷ ବିଭିନ୍ନ ଡିଜାଇନର ଗଣେଶ ମୂର୍ତ୍ତି ତିଆରି ହୋଇଛି। ଏଗୁଡ଼ିକର ଦାମ୍ ୧୦୦ ଟଙ୍କାରୁ ଆରମ୍ଭ କରି ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଅନେକ ସଙ୍ଗଠନ ବଡ ମୂର୍ତ୍ତି ପ୍ରତି ଆଗ୍ରହ ଦେଖାଉଛନ୍ତି। ଶିଳ୍ପୀ ସରୋଜ କୁମାର ପରିଡ଼ା କହିଛନ୍ତି, ବର୍ତ୍ତମାନ ପରିଶ୍ରମ ଅନୁସାରେ ପ୍ରାପ୍ୟ ମିଳୁନି। ମୂର୍ତ୍ତି ନିର୍ମାଣ ପାଇଁ ଆବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଯୋଗୁ ଚଳିତବର୍ଷ ମାଟି ନିର୍ମିତ ମୂର୍ତ୍ତିର ଦର ଆକାଶ ଛୁଆଁ ହୋଇଛି। ମାଟି ଓ ନଡ଼ା ଅଭାବ ଯୋଗୁ ମୂର୍ତ୍ତି ନିର୍ମାଣରେ ସମସ୍ୟା ଉପୁଜୁଛି। କଞ୍ଚାମାଲ ନଡ଼ା, ସୁତୁଲି,ବାଉଁଶ,ମାଟି,ରଙ୍ଗ ଓ ଠାକୁରଙ୍କ ବସ୍ତ୍ର ଆଦି ସରଞ୍ଜାମର ଦର ପୂର୍ବ ଅପେକ୍ଷା ବୃଦ୍ଧି ପାଇଛି। ତେଣୁ ଯେତିକି ବରାଦ ଆସୁଛି ସେହି ଅନୁସାରେ ମୂର୍ତ୍ତି ନିର୍ମାଣ କରାଯାଉଛି ବୋଲି ପରିଡ଼ା କହିଛନ୍ତି।

## ବିଷ୍ଣୁ ପ୍ରସାଦଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ


ବିଷ୍ଣୁ ପ୍ରସାଦ ମିଶ୍ରଙ୍କୁ ଉତ୍ତମ କ୍ରୀଡ଼ା ପ୍ରଶିକ୍ଷକ ଭାବେ ସମ୍ବର୍ଦ୍ଧିତ କରାଯାଉଛି ।

ସାକ୍ଷୀଗୋପାଳ, ୨୯।୮(ଡି.ଏନ୍.ଏ./ସ୍ୱ.ପ୍ର.)

ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ସତ୍ୟବାଦୀ ଗୁରୁକୁଳର ଆଥ୍‌ଲେଟିକ୍‌ର ପ୍ରତିଷ୍ଠାତା କୋଚ ବିଷ୍ଣୁ ପ୍ରସାଦ ମିଶ୍ରଙ୍କୁ ଉତ୍ତମ କ୍ରୀଡ଼ା ପ୍ରଶିକ୍ଷଣ ଭାବେ ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ-୨୦୨୨ରେ ସମ୍ମାନିତ କରାଯାଇଛି। ଏହି ଅବସରରେ ସୋମବାର ସନ୍ଧ୍ୟାରେ ମିଶ୍ର ଓ ଅନ୍ତର୍ଜାତୀୟ ପାରାଆଥ୍‌ଲେଟ୍ ଜୟନ୍ତୀ ବେହେରାଙ୍କୁ ସାକ୍ଷୀଗୋପାଳଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସାକ୍ଷୀଗୋପାଳ ସେବାୟତ ସଙ୍ଘ, ସତ୍ୟବାଦୀ ପ୍ରେସ କ୍ଲବ ଆଦି ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା କ୍ରୀଡ଼ାପ୍ରେମୀ ଓ ଶୁଭେଚ୍ଛୁ ବୃନ୍ଦ ୨ ପ୍ରତିଭାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସୂଚନାଯୋଗ୍ୟ, ଜାତୀୟ କ୍ରୀଡ଼ା ଦିବସ ଅବସରରେ ଭୁବନେଶ୍ୱରରେ କ୍ରୀଡ଼ା ବିଭାଗ ପକ୍ଷରୁ ଏକ ସତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କ୍ରୀଡ଼ା ମନ୍ତ୍ରୀ ତରୁଣକାନ୍ତି ବେହେରା, ୫-ଟି ସଚିବ ଭିକେ ପାଣ୍ଡିଆନ, ସତ୍ୟବାଦୀ କ୍ରୀଡ଼ା ପ୍ରଶିକ୍ଷକ ମିଶ୍ରଙ୍କୁ ବେଷ୍ଟ କୋଚ ମାନପତ୍ର ସହିତ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସେହିପରି ଅନ୍ତର୍ଜାତୀୟ ପାରାଆଥ୍‌ଲେଟ୍ ବେହେରାଙ୍କୁ ରାଜ୍ୟ ଖଣି ନିଗମରେ ଗ୍ରୁପ-ବି ପଦବୀ ପାଇଁ ନିଯୁକ୍ତି ପତ୍ର କ୍ରୀଡ଼ା ମନ୍ତ୍ରୀ ବେହେରା ପ୍ରଦାନ କରିଥିଲେ।


ସୂଚନା ଅଧିକାର କର୍ମୀ ସନ୍ତୋଷ ମହାନ୍ତିଙ୍କୁ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଉଛି ।

### ସୂଚନା ଅଧିକାର କର୍ମୀଙ୍କୁ ଆକ୍ରମଣ ଘଟଣା
### କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ଦାବିପତ୍ର

ପୁରୀ ଅଫିସ,୨୯।୮

ଛଇତନା ଅଞ୍ଚଳର ସୂଚନା ଅଧିକାର କର୍ମୀ ତଥା ମାନବାଧିକାର କର୍ମୀ ସନ୍ତୋଷ ମହାନ୍ତିଙ୍କୁ ହୋଇଥିବା ଆକ୍ରମଣକୁ ନିନ୍ଦା କରିବା ସହ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏସ୍‌ପି ଡ. କନୱର ବିଶାଲ ସିଂଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ସୂଚନା ଅଧିକାରୀ କର୍ମୀ ସନ୍ତୋଷଙ୍କୁ ସେହି ପଞ୍ଚାୟତର ସରପଞ୍ଚ ଓ ତାଙ୍କ ସମର୍ଥକମାନେ ସଂଘବଦ୍ଧ ହୋଇ ଆକ୍ରମଣ କରିଥିଲେ। ସରପଞ୍ଚଙ୍କର ବିଭିନ୍ନ ଦୁର୍ନୀତିକୁ ସନ୍ତୋଷ ପଦାକୁ ଆଣିଥିବାରୁ ତାଙ୍କୁ ଏଭଳି ଆକ୍ରମଣ ହୋଇଥିଲା, ଯାହା ନିନ୍ଦନୀୟ ଘଟଣା। ତେଣୁ ସନ୍ତୋଷଙ୍କ ଅଭିଯୋଗକୁ ପୋଲିସ ଗୁରୁତ୍ୱ ଦେବା ସହ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ମଞ୍ଚ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ମଞ୍ଚର ପ୍ରସନ୍ନ ଦାଶ, ସ୍ୱାଧୀନ ପଣ୍ଡା, ଅମରେନ୍ଦ୍ର ପାଇକରାୟଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

### ଟ୍ୟାଙ୍କର ଧକ୍କାରେ ବାଇକ୍ ଚାଳକ ମୃତ

ଝାଁଜ୍ଳା,୨୯।୮(ଡି.ଏନ୍.ଏ.):

୧୬ ନମ୍ବର ଜାତୀୟ ରାଜପଥର ତଳଖେତା ଛକ ନିକଟରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ୟାଙ୍କର ପଛପଟୁ ଧକ୍କା ଦେବା ଫଳରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜଲା ବଙ୍ଗିଦା ଆଉଖଣ୍ଡିଆ ଗ୍ରାମର ନକୁଳ ସାହୁ(୪୭)। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬ଟାରେ ଦୋକାନ ଖୋଲିବା ପାଇଁ ନକୁଳ ବାଇକରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଫେରୁଥିଲେ। ତଳଖେତା ଛକରେ ନିର୍ମାଣାଧୀନ ପୋଲ ନିକଟରେ ଏକ ଟ୍ୟାଙ୍କର ନକୁଳଙ୍କ ବାଇକକୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ନକୁଳଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।

## ଗଣେଶ ମେଢ ଭସାଣି ମେଳନ ପାଇଁ ପ୍ରସ୍ତୁତି


ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ ।

ପିପିଲି,୨୯।୮(ଡି.ଏନ୍.ଏ.):

ଗଣେଶ ଭସାଣି ମେଳନ ଉପଲକ୍ଷେ ସୋମବାର ଏକ ପ୍ରସ୍ତୁତି ବୈଠକ ପିପିଲି ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ୨ ବର୍ଷ ପରେ କରୋନା କଟକଣା ହଟିବା ପରେ ଗଣେଶ ମେଳନ ହେବାକୁ ଯାଉଛି। ପିପିଲି ପୂଜା କମିଟି ପକ୍ଷରୁ ଆୟୋଜିତ ଏହି ବୈଠକରେ ଏସ୍‌ଡିପିଓ ଦେବବ୍ରତ ବରାଳ, ଆଇଆଇସି ଅଭିମନ୍ୟୁ ନାୟକ, ଗଣେଶ ପୂଜା କମିଟିର କର୍ମକର୍ତ୍ତା ଅଶୋକ କୁମାର ଅଗ୍ରୱାଲ, ଦୀପକ ମହାପାତ୍ର, ଏସ୍‌କେ ବଦ୍ରୁଉଦ୍ଦିନ ପ୍ରମୁଖ ଯୋଗଦେଇଥିଲେ। ଆଲୋଚନାରେ ମେଳନରେ ଶାନ୍ତି ଶୃଙ୍ଖଳା, ଶବ୍ଦ ପ୍ରଦୂଷଣ, ବାଣ, ଡିଜେ ସାଉଣ୍ଡ ଉପରେ ନିୟନ୍ତ୍ରଣ ରଖିବାକୁ ଏସ୍‌ଡିପିଓ ବରାଳ ପରାମର୍ଶ ଦେଇଥିଲେ। ଏହି ମେଳନ ଆସନ୍ତା ୭ ତାରିଖରେ ଆୟୋଜନ ହେବ। ଏଥିରେ ପିପିଲି ଏନ୍‌ଏସି ଅଞ୍ଚଳ ତଥା ନିକଟ ଗ୍ରାମର ୧୦ଟି ଗଣେଶ ମେଢ ଯୋଗ ଦେବେ। ପିପିଲି ପେଟ୍ରୋଲ ପମ୍ପଠାରୁ ପିପିଲି କଲେଜ ଛକ ପର୍ଯ୍ୟନ୍ତ ଯାତ୍ରା ଅନୁଷ୍ଠିତ ହେବ। ଲକି ଡ୍ର ମାଧ୍ୟମରେ ମେଢର କ୍ରମାନ୍ୱୟ ଆଗରୁ ସରିଛି। ବୈଠକରେ ପିପିଲି ବଜାର ବ୍ୟବସାୟୀ ସଂଘର କର୍ମକର୍ତ୍ତା ଏବଂ ୧୦ଟି ମେଢର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଦ୍ୟାଳୟ ପରିସର ସବୁଜିମା କରିବାକୁ ଛାତ୍ରୀଛାତ୍ରଙ୍କ ଶପଥ

ପୁରୀ ଅଫିସ ୨୯।୮:

ଆସୋସିଏଶନ ଅଫ ଟ୍ରୁଇଟର ଅର୍କିଭିଷ୍ଟ (ଆଟା) ପୁରୀ ତରଫରୁ ସୋମବାର ଭୋଳନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲାପାଳ ସମର୍ଥ ବର୍ମା ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ପ୍ରଧାନ ଯୋଗଦେଇ ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ଭୋଳନାଥ ଶାହାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ବିଦ୍ୟାର୍ଥୀଙ୍କ ଗ୍ରହଣରେ ବିଦ୍ୟାଳୟକୁ ସବୁଜ ସବୁଜିମାରେ ଭରି ଦେବାପାଇଁ ଛାତ୍ରୀ ଅଦିତ୍ୟା ସେଠୀ, ଶୁଭସ୍ମିତା ମହାପାତ୍ରଙ୍କ ସହ ଶପଥ ପାଠ କରାଇବା ସହ ଚାରାରୋପଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଶିଶୁ ସମାଚାର ଓ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ନିରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ପୋଲିସ ଉଚ୍ଚ ବିଦ୍ୟାଳୟରେ ଏକ ଗ୍ରୀନ ଏଟିଏମ୍ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ବିଦ୍ୟାଳୟରେ ଚାରାରୋପଣ ପାଇଁ ଅନୁଷ୍ଠାନ ସହିତ ଯୋଗାଯୋଗ କରି ଏହି ଗ୍ରୀନ ଏଟିଏମ୍‌ରୁ ଚାରା ସଂଗ୍ରହ କରିପାରିବେ। ଏହି କାର୍ଯ୍ୟକ୍ରମରେ ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା ଓ ଆଟାର ବିସ୍ମୟ ମିଶ୍ର, ପପିୟା ବାନାର୍ଜୀ, କୃଷ୍ଣମୋହନ ପ୍ରଧାନ, ସଚ୍ଚିଦାନନ୍ଦ ବିଶୋଇ, ଦୀପକ ପ୍ରଧାନ, ଦୟାସାଗର ପଣ୍ଡା, ମାଧବ ସ୍ୱାଇଁ, ଶୁଭଶ୍ରୀ ବେହେରା, ଗୀତା ମିଶ୍ର, ଗୀତାଞ୍ଜଳି ଜେନା, ଦେବେନ୍ଦ୍ର ସୁବୁଦ୍ଧି, ମାନସ ରଥ, କିଶୋର ଚନ୍ଦ୍ର ଦାଶ, ବିପିନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ଦିନରେ ୧୦ ପୋକ୍‌ସୋ ମାମଲାର ଶୁଣାଣି

ନିମାପଡ଼ା,୨୯।୮(ଡି.ଏନ୍.ଏ.):

**ପୋକ୍‌ସୋ ସର୍କିଟ୍ କୋର୍ଟ**

ନିମାପଡ଼ା କୋର୍ଟ ପରିସରରେ ସୋମବାର ପୋକ୍‌ସୋ ସର୍କିଟ୍ କୋର୍ଟର ଶୁଭାରମ୍ଭ ହୋଇଯାଇଛି। ଏଥିରେ ଅତିଥି ଭାବେ ପୋକ୍‌ସୋ ସର୍କିଟ୍ କୋର୍ଟର ବିଚାରପତି ନିରଞ୍ଜନ ଜେନା, ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ) ଲୋକନାଥ ସାହୁ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ଜେଏମ୍‌ଏଫ୍‌ସି)-୧ ମିଳନ ତାଣ୍ଡି, ଜେଏମ୍‌ଏଫ୍‌ସି-୨ ବ୍ରଜେଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କୋର୍ଟର ଶୁଭାରମ୍ଭ ତଥା ପ୍ରଥମ ଦିବସରେ ୧୦ଟି ମାମଲାର ଶୁଣାଣି କରାଯାଇଥିବା କୋର୍ଟ ସୂତ୍ରରୁ ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ପିପି ବିଜୟ ମିଶ୍ର, ନିମାପଡ଼ା ବାର୍ ଆସୋସିଏଶନ୍‌ର ସଭାପତି ଆଇନଜୀବୀ ରଣଜିତ୍ ସାହୁ, ଉପସଭାପତି ପ୍ରଭାତ ନାୟକ, ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସାହୁ, ସହ ସମ୍ପାଦକ ରାଧାଶ୍ୟାମ ଜେନା, ବରିଷ୍ଠ ଆଇନଜୀବୀ ସୁଧୀର ମହାନ୍ତି, ପ୍ରଭାତ ବେହେରା, ଛବୀନ୍ଦ୍ରମୁଖୀ, ସରକାରୀ ଆଇନଜୀବୀ ବ୍ରହ୍ମାନନ୍ଦ ପ୍ରଧାନ, ସୁନ୍ଦର ନାରାୟଣ ନନ୍ଦଙ୍କ ସମେତ ବହୁ ଆଇନଜୀବୀ ଯୋଗଦେଇଥିଲେ। ପୋକ୍‌ସୋ କୋର୍ଟର ନୂତନ ବିଚାରପତି ଜେନାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ନିମାପଡ଼ାଠାରେ ନୂତନ ଭାବେ ଖୋଲିଥିବା ଏହି ପୋକ୍‌ସୋ କୋର୍ଟ ମାସକୁ ୨ ଦିନ ଚାଲିବ ବୋଲି କୋର୍ଟ କର୍ମଚାରୀମାନଙ୍କ ସୂତ୍ରରୁ ଜଣାପଡିଛି। ଏହି କୋର୍ଟ ଖୋଲାଯିବା ପାଇଁ ନିମାପଡ଼ାର ବିଭିନ୍ନ ମହଲରୁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲା। କାର୍ଯ୍ୟକ୍ରମରେ ନିମାପଡ଼ା କୋର୍ଟର ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ଚୋରି ସନ୍ଦେହରେ ଗଛରେ ବାନ୍ଧି ପିଟିଲେ

ଝାଁଜ୍ଳା,୨୯।୮(ଡି.ଏନ୍.ଏ.):

ଭୁବନେଶ୍ୱର ବ୍ଲକ ନଁପୁଟ ପଞ୍ଚାୟତର ରେତଙ୍ଗ ଷ୍ଟେଶନ ନିକଟରେ କେତେଜଣ ଶ୍ରମିକ ଚୋରି କରିଥିବା ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଏକ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିଛନ୍ତି। ତେବେ ଉକ୍ତ ବ୍ୟକ୍ତିଙ୍କ ନାମ ବାପି ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ରାଜ୍ୟ ବାହାରର କେତେଜଣ ଶ୍ରମିକ ରେତଙ୍ଗ ରେଳ ଷ୍ଟେଶନ ନିକଟରେ ରେଲୱେ କାମ ପାଇଁ ଏକ ଘରେ ରହିଥିଲେ। ରବିବାର ରାତିରେ ଶ୍ରମିକମାନେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ସେମାନଙ୍କ ଘରେ ପଶି ୩ଟି ମୋବାଇଲ ଓ ୧୦ ହଜାର ଟଙ୍କା ଚୋରି କରି ନେଇଥିଲେ। ଶ୍ରମିକମାନେ ଭୋରୁ ଉଠି ଦେଖିବା ବେଳକୁ ଘର ନିକଟରେ ଜଣେ ବ୍ୟକ୍ତି ବୁଲୁଥିବା ଦେଖିବାକୁ ପାଇଥିଲେ। ଉକ୍ତ ବ୍ୟକ୍ତି ଜଣଙ୍କୁ ଚୋର ସନ୍ଦେହରେ ଏକ ଗଛରେ ବାନ୍ଧି ନିସ୍ତୁକ ପିଟିଥିଲେ। ଶ୍ରମିକମାନେ ଠିକାଦାରଙ୍କୁ ଖବର ଦେବା ସହ ଜିଆରପି ଥାନାକୁ ଜଣାଇଥିଲେ। ଜିଆରପି ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

## ୬ରେ ଗଣେଶ ପୂଜା ଭସାଣି

ପୁରୀ ସହର,୨୯।୮:

ପୁରୀ ସହରର ଗଣେଶ ପୂଜା ଭସାଣି ସେପ୍ଟେମ୍ବର ୬ରେ ଅନୁଷ୍ଠିତ ହେବ। ଭସାଣିରେ ସାମିଲ ହେବାକୁ ଚାହୁଁଥିବା ମେଢ଼ଗୁଡ଼ିକ ଶରଧାବାଲିରେ ଏକତ୍ରିତ ହେବା ପରେ ମଙ୍ଗଳା ହାଟସ୍ଥିତ ଅସ୍ଥାୟୀ ବିସର୍ଜନ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯିବ ବୋଲି ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଛି। ସୋମବାର ଅପରାହ୍ନରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଉପଜିଲାପାଳ ଭବତାରଣ ସାହୁଙ୍କ ଅଧ୍ୟକ୍ଷତାରେ ଗଣେଶ ପୂଜା ଓ ଭସାଣିକୁ ଶାନ୍ତିଶୃଙ୍ଖଳାର ସହ ପାଳନ ନିମିତ୍ତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କରୋନା ଯୋଗୁ ଦୁଇ ବର୍ଷ ପରେ ଶ୍ରୀ ଗଣେଶଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହେଉଥିବାରୁ ସମସ୍ତେ ଉତ୍ସାହିତ। ତେବେ ଶାନ୍ତିଶୃଙ୍ଖଳା ଓ ସଦ୍‌ଭାବନାର ସହ ଏହାକୁ ପାଳନ କରିବାକୁ ଉପଜିଲାପାଳ ସାହୁ କହିବା ସହ ପ୍ରତ୍ୟେକ ପୂଜା କମିଟି ନିଆଯାଉଥିବା ନିଷ୍ପତ୍ତିର ଅନୁପାଳନ କରିବାକୁ ଅନୁରୋଧ କରିଥିଲେ। ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ ପ୍ରତ୍ୟେକ ପୂଜା କମିଟି ପୂଜା ଓ ଭସାଣି ପାଇଁ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେବା, ପୂଜା ଓ ଭସାଣିରେ ଅଯଥା ଭିଡ ନ କରିବାକୁ ଅନୁରୋଧ କରିଥିଲେ। ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ଦଳ ସ୍ୱାଇଁ ପ୍ରତ୍ୟେକ ପୂଜା କମିଟି ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦେଇ ଓଦା ଓ ଶୁଖିଲା ଆବର୍ଜନା ପାଇଁ ଦୁଇଟି ଡଷ୍ଟବିନ ରଖିବାକୁ ଅନୁରୋଧ କରିବା ସହ ଏହି ଅଳିଆ ନିୟମିତ ମ୍ୟୁନିସିପାଲଟି ଉଠେଇ ନେବ ବୋଲି କହିଥିଲେ। ରାସ୍ତାଘାଟ ପରିଷ୍କାର, ପରିଚ୍ଛନ୍ନ, ଆଲୋକ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଅଗ୍ନି ନିର୍ବାପକ ବ୍ୟବସ୍ଥା ଇତ୍ୟାଦି ସମ୍ପୃକ୍ତ ବିଭାଗ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଗଲା। ପ୍ରାରମ୍ଭରେ ଗଣେଶ ପୂଜା କମିଟିର ସଂଗଠନ ସଂପାଦକୟ ଚକ୍ରଧର ମହାପାତ୍ର, ସୁଭଦ୍ରାଙ୍କ ମୁଖ୍ୟ ବାଡଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର, ଶ୍ରୀକ୍ଷେତ୍ର ଗଣେଶ ପୂଜା କମିଟିର ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାଶ ପ୍ରମୁଖ ପୂଜା ଓ ଭସାଣୀ ନେଇ ଆଲୋଚନା କରି ବିବିଧ ପ୍ରସ୍ତାବ ଦେଇଥିଲେ। ଆଇଆଇସି ଗୋକୁଳ ରଞ୍ଜନ ଦାସ, ଚିନ୍ମୟ ରାଉତ, ଦିଲୀପ ସ୍ୱାଇଁ, ବିଭିନ୍ନ ପୂଜା କମିଟି ସଦସ୍ୟମାନେ ଯୋଗଦେଇଥିଲେ। ଶେଷରେ ଡେପୁଟି କଲେକ୍ଟର ରାମଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।


ବୈଠକରେ ଉପଜିଲାପାଳ ଭବତାରଣ ସାହୁ ଓ ଅନ୍ୟମାନେ ।

## ନିଷ୍ଠାର ସହ ସାଧନା କଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିହେବ

ପିପିଲି,୨୯।୮(ସ୍ୱ.ପ୍ର.)

ଭାରତୀୟ ହକିର ଚାନ୍ଦ ଧ୍ୟାନ ଚାନ୍ଦଙ୍କର ୧୧୭ତମ ଜୟନ୍ତୀ ପାଳନ ଅବସରରେ ପିପିଲି ସାଂସ୍କୃତିକ ପରିଷଦ ପକ୍ଷରୁ ପିପିଲିରେ ଜାତୀୟ କ୍ରୀଡ଼ା ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ପିପିଲି ହାଇସ୍କୁଲ ପଡିଆରୁ ଏକ ଶୋଭାଯାତ୍ରା ବାହାରି ହାଟଛକ, ନିମାପଡା ଛକ ଦେଇ ଜବାହାର ବିଦ୍ୟାପୀଠ ପର୍ଯ୍ୟନ୍ତ ଯାଇଥିଲେ। ଶୋଭାଯାତ୍ରାରେ ପିପିଲି ହାଇସ୍କୁଲ, ଜବାହାର ବିଦ୍ୟାପୀଠ, ସରସ୍ୱତୀ ବିଦ୍ୟାମନ୍ଦିର, ଖୁଡିଆପୋଖରୀ ଏବଂ ପିପିଲିର ଛାତ୍ରୀଛାତ୍ରମାନେ ସାମିଲ ଥିଲେ। ଛାତ୍ରମାନଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରିବା ସହ ଧ୍ୟାନ ଚାନ୍ଦଙ୍କ ଉପରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଶୋଭାଯାତ୍ରାରେ ମୁଖ୍ୟ ଅତିଥି ଲ୍ୟୁଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତି, ଅନ୍ତର୍ଜାତୀୟ କ୍ରୀଡାବିତ୍ ସରସ୍ୱତୀ ଚାନ୍ଦ ଏବଂ ପ୍ରମିଳା ପ୍ରଧା ପ୍ରମୁଖ ସାମିଲ ଥିଲେ। ପରେ ଏକ ସଭା ହୋଇ ମୁଖ୍ୟ ଅତିଥି ମହାନ୍ତି କହିଥିଲେ, ପିପିଲି ଅଞ୍ଚଳରୁ କେତେଜଣ ଛାତ୍ରୀଛାତ୍ର କ୍ରୀଡ଼ାରେ ଜାତୀୟସ୍ତରରେ ପହଞ୍ଚିଲାଣି, ଆଉ ଟିକିଏ ଅଧିକ ପରିଶ୍ରମ କଲେ ଅଧିକ ଛାତ୍ରୀଛାତ୍ର ଜାତୀୟ ସ୍ତରକୁ ଯାଇ ପିପିଲି ପାଇଁ ଗୌରବ ଆଣିପାରିବା। ଯେକୌଣସି କାର୍ଯ୍ୟ ନିଷ୍ଠାର ସହିତ ସାଧନା କଲେ ନିଶ୍ଚିତ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ ବୋଲି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ାବିତ ସରସ୍ୱତୀ ଓ ପ୍ରମିଳା କହିଥିଲେ। ପରିଷଦ ସମ୍ପାଦକ ରମେଶଚନ୍ଦ୍ର ମହାପାତ୍ର, ସହସମ୍ପାଦକ ହେମନ୍ତ ପ୍ରଧାନ ଯୋଗଦେଇଥିବା ବେଳେ ଉପସଭାପତି ଦୀନବନ୍ଧୁ ବେଉରିଆ ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ସମ୍ପାଦକ ପ୍ରଶାନ୍ତ ଜେନା ଏବଂ ଉପଦେଷ୍ଟା ଇଂରମେଶଚନ୍ଦ୍ର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ପିପିଲି ସାଂସ୍କୃତିକ ପରିଷଦ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

**ଜାତୀୟ କ୍ରୀଡ଼ା ଦିବସ ପାଳିତ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩୦ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ବେଦ ହିଁ ମାନବ ସଂସ୍କୃତିର ମୂଳସ୍ରୋତ

ଭୁବନେଶ୍ୱର, ୨୯।୮(ବ୍ୟୁରୋ)-ମଣିଷ ଜନ୍ମଲାଭ ପରେ ଯେଉଁ ଜ୍ଞାନ ଆହରଣ କରିଥିଲା ତାହା ହିଁ ବେଦ । ବେଦ ହିଁ ମାନବ ସଂସ୍କୃତିର ମୂଳସ୍ରୋତ। ବେଦର ଜ୍ଞାନ ଅପ୍ରତିମ ଓ ଅତୁଳନୀୟ। ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନର ମିଳିତ ଆନୁକୂଲ୍ୟରେ ସୋମବାର ଅନୁଷ୍ଠିତ 'ସୁଖମୟ ଜୀବନ ପାଇଁ ବେଦର ସନ୍ଦେଶ' ଶୀର୍ଷକ ଆଲୋଚନାଚକ୍ରରେ ଏହା କହିଛନ୍ତି ବେଦବିତ୍ ଇଂ. ପ୍ରିୟବ୍ରତ ଦାସ। ସେ ବେଦର ବିଶେଷ ବ୍ୟାଖ୍ୟା କରି ଏହା ଅତି ପ୍ରାଚୀନ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଶନ୍ତୋ ଦେବୀ ଯୋଗଦେଇ ବେଦରେ ନାରୀର ସ୍ଥାନକୁ ବର୍ଣ୍ଣନା କରି ନାରୀ ଜୀବନରେ ବୈଦିକ ଆଦର୍ଶ, ବିବାହ କର୍ମ, ସୁଗୃହିଣୀର ଲକ୍ଷଣ ଆଦି ବିଷୟରେ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଡାକ୍ତର ଅଶୋକ କୁମାର ମହାପାତ୍ର ପ୍ରଚୀନ କାଳରେ ପ୍ରକୃତି ପୂଜା ଥିଲା ବଡ଼ ପରମ୍ପରା। ବସୁଧା, ସୂର୍ଯ୍ୟ ଓ ଚନ୍ଦ୍ର ଆଦିକୁ ବହୁ କାଳରୁ ମଣିଷ ପୂଜା କରି ଆସୁଥିଲା ବୋଲି କହିଥିଲେ। ଆଲୋଚନାଚକ୍ରରେ ସାତକଡି ହୋତା ସଭାପତିତ୍ୱ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ମୁକ୍ତ ଚିନ୍ତନ ମଞ୍ଚ ସମ୍ପାଦକ ପୀତବାସ ରାଉତରାୟ। ଅମିତାପ୍ରଭା ସ୍ୱାଇଁ ଭଜନ ପରିବେଷଣ କରିଥିବା ବେଳେ ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ସାଢେ ୨୨ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୯।୮(ବ୍ୟୁରୋ): ବେଆଇନ ଭାବେ ଗଞ୍ଜେଇ ଚାଲାଣ କରୁଥିବାବେଳେ ନୟାପଲ୍ଲୀ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ସାଲିଆ ସାହିରେ ରହୁଥିବା ରାଜୀବ କୁମାର ପଣ୍ଡା ଓରଫ ଚିକୁ (୩୧)। ତାଙ୍କଠାରୁ ସାଢେ ୨୨ କେଜି ଗଞ୍ଜେଇ ସହ ଗୋଟିଏ ମୋବାଇଲ ଫୋନ ଓ ୧୨୦୦ ଟଙ୍କା ଜବତ କରାଯାଇଛି । ଏନେଇ ପୋଲିସ ମାମଲା (ନଂ.୫୬୫/୨୨) ରୁଜୁ କରି ଅଭିଯୁକ୍ତ ରାଜୀବଙ୍କୁ ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଚିତ୍ରାଙ୍କନ, କୁଇଜ୍ ପ୍ରତିଯୋଗିତା

ବାଲିଅନ୍ତା, ୨୯।୮(ଡି.ଏନ୍.ଏ.): ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜରେ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଚିତ୍ରାଙ୍କନରେ ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରି 'ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ ଓ ମହାତ୍ମା ଗାନ୍ଧୀଙ୍କ ଭୂମିକା' ଉପରେ ଚିତ୍ର ଆଙ୍କିଥିଲେ। କଲେଜ ଅଧକ୍ଷ ଡ. ପ୍ରଭୁ କଲ୍ୟାଣ ଗୋଚ୍ଛାୟତଙ୍କ ନିର୍ଦ୍ଦେଶକ୍ରମେ ସଂଯୋଜକ ଅଧାପକ ଡ. ସନ୍ତୋଷ ସେଠୀଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୨ଟି ପ୍ରତିଯୋଗିତାକୁ ପ୍ରାଧାପିକା ଅମିତା ମହାନାୟକ, ଝରଣା ସାହୁ, ଶ୍ରୀ ପରିଡ଼ା, ଦୀପ୍ତିମୟୀ ପାଇକରାୟ,ସୁସ୍ମିତା ମହାପାତ୍ର, ସଂଘମିତ୍ରା ମହାପାତ୍ର, ଅଧାପକ ଅରୁଣ ରଥ, ତ୍ରିଲୋଚନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ଡମ୍ପିଂୟାର୍ଡ ବିବାଦର ସମାଧାନ ଆଶା ମଉଳିଲା

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)



- ନିଷ୍ପତ୍ତି ଜଣାଇଲେ ନାହିଁ ଦାରୁଠେଙ୍ଗବାସୀ
- ଜରୁରିକାଳୀନ ବୈଠକ ଡାକିଲେ ମେୟର

ଭୁଆସୁଣୀ ଡମ୍ପିଂୟାର୍ଡ ବିବାଦ ଥମିବାର ନାଁ ଧରୁନି। ଯେତେ ଉଦ୍ୟମ କଲେ ବି ସମାଧାନ କରିବାରେ ବିଏମ୍ସି ସଫଳ ହୋଇପାରୁନି। ସୋମବାର ସମାଧାନର କୌଣସି ନିଷ୍କର୍ଷ ବାହାରିବ ବୋଲି କୁହାଯାଉଥିଲା। ସହରରୁ ଅଳିଆ ଉଠିବା ସହିତ ସମସ୍ତ ପ୍ରକ୍ରିୟା ସ୍ୱାଭାବିକ ହେବାର ଆଶା ବି ଥିଲା। ମାତ୍ର ଦାରୁଠେଙ୍ଗବାସୀ କୌଣସି ନିଷ୍ପତ୍ତି ନ ଜଣାଇବାରୁ ବିଏମ୍ସିକୁ ପୁଣିଥରେ ନିରାଶ ହେବାକୁ ପଡିଛି। ଫଳରେ ସହରର ରାସ୍ତାଠାରୁ ଆରମ୍ଭ କରି ଗଳିକନ୍ଦି ସବୁଆଡେ ଆବର୍ଜନା ଗଦା ବଢ଼ିବାରେ ଲାଗିଛି।

ଶନିବାର ହୋଇଥିବା ଆଲୋଚନାରେ ଦାରୁଠେଙ୍ଗ ଗ୍ରାମବାସୀ ନିଷ୍ପତ୍ତି ଜଣାଇବା ନେଇ ବିଏମ୍ସିକୁ ଦୁଇଦିନ ସମୟ ମାଗିଥିଲେ। ରବିବାର ଗାଁରେ ବସିଥିବା ବୈଠକରେ ଗ୍ରାମବାସୀ ଜୋର୍ଦାର ବିରୋଧ କରିଥିଲେ। ସୋମବାର ସନ୍ଧ୍ୟାରେ ଆଉଥରେ ଗ୍ରାମସଭା ବସିଥିଲା। ମାତ୍ର କ'ଣ ନିଷ୍ପତ୍ତି ହେଲା ସେ ସମ୍ପର୍କରେ ଜଣାଇଲେ ନାହିଁ ଗ୍ରାମବାସୀ। ଏଭଳି ସ୍ଥିତିରେ ସୋମବାର ବିଏମ୍ସି କାର୍ଯ୍ୟାଳୟରେ ମେୟରଙ୍କ ଅଧ୍ୟକ୍ଷତାରେ ଏକ ଜରୁରିକାଳୀନ ବୈଠକ ବସିଥିଲା। ଏଥିରେ ପରିମଳ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ କୌଣସି ଖବର ଆସି ନ ଥିଲେ ମଧ୍ୟ ସକାରାତ୍ମକ ଫଳ ମିଳିବ ବୋଲି ମେୟର ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ହାଇକୋର୍ଟ ବିଏମ୍ସିକୁ ଭୁଆସୁଣୀଠାରେ ପ୍ରାୟ ୬୩ ଏକର ପରିମିତ ସ୍ଥାନ ଦେଇଥିଲେ, ଯେଉଁଠାରେ ସହରରୁ ବାହାରୁଥିବା ଅଳିଆ ପକାଯିବ। ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଅନୁଯାୟୀ ସେଠାରେ ବାୟୋ ମାଇନିଂ ସ୍ଥାପନ ପାଇଁ ପ୍ରୟାସ କରାଯାଉଛି। ବର୍ତ୍ତମାନ ୩୨ଟି ଏମ୍ସିସି ଏବଂ ୧୪ଟି ଏମ୍ଆର୍ଏଫ୍ ଚାଲିଛି। ଏହାକୁ ଭିତ୍ତିକରି ବୈଜ୍ଞାନିକ ପଦ୍ଧତିରେ ପ୍ରାୟ ୫୫୦ଟନ ଅଳିଆ ମଧ୍ୟରୁ ୩ଶହ ଟନ୍ ଅଳିଆ ଏମ୍ସିସି ଓ ଏମ୍ଆର୍ଏଫ୍‌ରେ ପ୍ରକ୍ରିୟାକରଣ କରାଯାଉଛି। ଆଗକୁ ୬ଟି ଏମ୍ସିସି ସହିତ ବଡ଼ ବଡ଼ ଏମ୍ସିସି କରି ସମ୍ପୂର୍ଣ୍ଣ ଅଳିଆ ଏଥିରେ ପ୍ରକ୍ରିୟାକରଣ କରାଯିବ ବୋଲି ଗ୍ରାମବାସୀଙ୍କୁ କାର୍ଯ୍ୟସୂଚୀ ପ୍ରଦାନ କରିଥିଲୁ। ଏଥିପାଇଁ ୯ମାସ ସମୟ ମଗାଯାଇଛି। ସବୁ ମାସରେ ଏନେଇ ସମୀକ୍ଷା କରାଯିବ। ଏଥିରେ ସେମାନେ ରାଜି ହୋଇଥିଲେ। ତେବେ ବାୟୋ ମାଇନିଂ ବନ୍ଦ କରିବାକୁ ସେମାନେ ଦାବି କରିଥିଲେ। ତେବେ ଏସବୁ ପରେ ଗ୍ରାମବାସୀଙ୍କ ପକ୍ଷରୁ ସକାରାତ୍ମକ ଖବର ଆସିପାରେ ବୋଲି ମେୟର କହିଛନ୍ତି। ଏଥିସହ ବାହାରେ ଅଳିଆ ଗଦା ନ ହୋଇ କିଭଳି ଟିଟିଏସ୍‌କୁ ଯିବ ସେ ନେଇ ମଧ୍ୟ ଆଲୋଚନା କରାଯାଇଥିବା ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଦାରୁଠେଙ୍ଗଠାରେ ବିଏମ୍ସି ଅଳିଆ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହେବାପରେ ଗ୍ରାମବାସୀ ୨୦ ଦିନ ହେବ ଅଳିଆ ଗାଡ଼ି ଛାଡୁ ନାହାନ୍ତି। ଫଳରେ ସହରରୁ ବାହାରୁଥିବା ଆବର୍ଜନା ସୈନିକ ସ୍କୁଲ ପାଖ ଟିଟିଏସ୍‌ରେ ଗଦା ହେଉଛି। ଟିଟିଏସ୍‌ରେ ଏବେ ଅଳିଆ ପାହାଡ଼ ସୃଷ୍ଟି ହୋଇ ଉଛୁଳିବାକୁ ବସିଲାଣି।

## ବିଏମ୍ସିକୁ ବିଶ୍ୱାସ କଲେନି, ମନ୍ତ୍ରୀଙ୍କୁ ଭେଟିଲେ

ବାରଙ୍ଗ, ୨୯।୮ (ଡି.ଏନ୍.ଏ.)

### ନଗର ଉନ୍ନୟନ ବିଭାଗ ହସ୍ତକ୍ଷେପ କରୁ

ବିଏମ୍ସିକୁ ବିଶ୍ୱାସ କରିପାରୁ ନାହାନ୍ତି ଦାରୁଠେଙ୍ଗବାସୀ। ଉଭୟ ନିଜ ଜିଦ୍‌ରେ ରହୁଥିବାରୁ ଭୁଆସୁଣୀ ଡମ୍ପିଂୟାର୍ଡ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଗ୍ରାମବାସୀ ସମାଧାନର ବିକଳ୍ପ ଖୋଜୁଛନ୍ତି। ରବିବାର ଗ୍ରାମସଭାରେ ଡମ୍ପିଂୟାର୍ଡକୁ ଜୋର୍ଦାର ବିରୋଧ କରାଯାଇଥିଲା। ସୋମବାର ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ, ସରପଞ୍ଚ ତପନ କୁମାର ଚକ୍ରବର୍ତ୍ତୀ, ବ୍ଲକ ଉପାଧ୍ୟକ୍ଷ ଅଜିତ୍ କୁମାର ଶ୍ରୀଚନ୍ଦନ, ସମ୍ପାଦକ ତପନ ବଳିଆରସିଂହଙ୍କ ନେତୃତ୍ୱରେ ଗ୍ରାମର ଏକ ପ୍ରତିନିଧି ଦଳ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଭୁଆସୁଣୀରେ ଅଳିଆ ଆବର୍ଜନା ପଡ଼ିବାରୁ ଦୀର୍ଘ ୧୪ ବର୍ଷ ହେଲା କେବଳ ଦାରୁଠେଙ୍ଗ ନୁହେଁ, ଆଖପାଖ ପଞ୍ଚାୟତବାସୀ ମଧ୍ୟ ବହୁ ରୋଗରେ ଆକ୍ରାନ୍ତ ହଉଛନ୍ତି। ଗୋରୁଙ୍କଠାରୁ ଆରମ୍ଭ କରି ବିଭିନ୍ନ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ ଅଞ୍ଚଳବାସୀଙ୍କ ବହୁ ହଇରାଣ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ଏହି ପ୍ରତିନିଧିଦଳ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ରାତିରେ ପୁଣି ଗ୍ରାମସଭା ବସିଥିଲା। ଗ୍ରାମର ସମସ୍ତ ମୁରବିଙ୍କ ସହ ଗ୍ରାମବାସୀ ଉପସ୍ଥିତ ହୋଇ ନିଜ ନିଜ ଯୁକ୍ତି ଉପସ୍ଥାପନ କରିଥିଲେ।

ବିଏମ୍ସି କାର୍ଯ୍ୟାଳୟରେ ହୋଇଥିବା ଆଲୋଚନାରେ ବିଏମ୍ସି ପକ୍ଷରୁ ୯ ମାସ ସମୟ ମଗାଯିବା ଘଟଣାକୁ ଗ୍ରାମବାସୀ ସହଜରେ ଗ୍ରହଣ କରିପାରି ନ ଥିଲେ। ବିଏମ୍ସିର କଥାକୁ ମଧ୍ୟ ସେମାନେ ବିଶ୍ୱାସ କରି ନ ଥିଲେ। ପୁନର୍ବାର ନଗର ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ନେଇ ବୈଠକ କରାଯାଇ ସ୍ଥାୟୀ ସମାଧାନ କରିବାକୁ ପ୍ରସ୍ତାବ ଦେବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ଡମ୍ପିଂୟାର୍ଡ ବିବାଦର ସମାଧାନ ପାଇଁ ମେୟର ଓ କମିଶନର ଆଲୋଚନା କରୁଛନ୍ତି। ୨/୩ ଦିନ ମଧ୍ୟରେ ସମାଧାନର ବାଟ ଫିଟିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଘଟଣାକୁ ଗୁରୁତର ସହ ନେଇ ପଦକ୍ଷେପ ନେବାକୁ ବିଧାୟକ ରାଉତରାୟ ଦାବି କରିଛନ୍ତି। ସରପଞ୍ଚ ତପନ କହିଛନ୍ତି, ଭୁଆସୁଣୀ ଡମ୍ପିଂୟାର୍ଡ ବାବଦରେ ବିଏମ୍ସି ଯେତେବେଳେ ବି ଯାହା ପ୍ରତିଶ୍ରୁତି ଦେଇଛି ତାହା ପୂରଣ କରିନାହିଁ। ତେଣୁ ଗ୍ରାମବାସୀ ବିଏମ୍ସିକୁ ଭରସାରେ ନେଉନାହାନ୍ତି। ତେଣୁ ଏ ବିଷୟରେ ସରକାର ହସ୍ତକ୍ଷେପ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ସେ ଦାବି କରିଛନ୍ତି।

## ଅପରାଜିତା ପବ୍ଲିସିଟି ରାଜନୀତି ନ କରନ୍ତୁ: ମେୟର

ଭୁବନେଶ୍ୱର, ୨୯।୮(ବ୍ୟୁରୋ)

ଭୁବନେଶ୍ୱରରେ ଡମ୍ପିଂୟାର୍ଡ ସମସ୍ୟା ଭିତରେ ବିଏମ୍ସି ଛନ୍ଦି ହୋଇପଡ଼ିଛି। ଏଥିପାଇଁ ବିଏମ୍ସିକୁ ବହୁ ସମାଲୋଚନାର ଶିକାର ହେବାକୁ ପଡୁଛି। ରବିବାର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଡମ୍ପିଂୟାର୍ଡର ସମାଧାନ ପାଇଁ ମେୟର ସୁଲୋଚନା ଦାସଙ୍କୁ ଚିଠି ଲେଖିଛନ୍ତି। ତେବେ ଏହାର ପ୍ରତିକ୍ରିୟା ରଖିଛନ୍ତି ମେୟର। ଅପରାଜିତା ପବ୍ଲିସିଟି ପାଇଁ ରାଜନୀତି ନ କରନ୍ତୁ ବୋଲି ମେୟର କହିଛନ୍ତି। କାରଣ ତାଙ୍କ ସମୟରେ ଭୁଆଶୁଣୀ ଡମ୍ପିଂୟାର୍ଡ କାମ ଆରମ୍ଭ ହୋଇଥିଲା। ସେ ନିଜେ ସମସ୍ୟାକୁ ପାଖରୁ ଜାଣିଛନ୍ତି। ୨୦୦୮ରେ ଭୁବନେଶ୍ୱରରେ ଷ୍ଟ୍ରାଇକ୍ ହୋଇଥିଲା। ୧୦ଦିନ ପାଇଁ ଭୁବନେଶ୍ୱର ସ୍ଥାଣୁ ପାଲଟି ଯାଇଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଏପରି କି ସହରରେ ଝାଡୁ ମଧ୍ୟ ବୁଲି ନ ଥିଲା। ମୁଁ ସେତେବେଳେ ମିଡିଆରେ କାମ କରୁଥିଲି। ଆମ ଦାୟିତ୍ୱ ଆମେ କରିବୁ, ତାଙ୍କ ଦାୟିତ୍ୱ ସେ କରନ୍ତୁ। ଯଦି ଆମକୁ ସହଯୋଗ କରିବାକୁ ଚାହୁଁଛନ୍ତି ତେବେ ଏନ୍ଏଚ୍ ପାଇଁ ଭୁବନେଶ୍ୱରରେ ବହୁ ଅସୁବିଧା ହେଉଛି। ସହରରେ ଥିବା ଅଣ୍ଡରପାସ୍‌ରେ ବର୍ଷା ନ ହେଲେ ବି ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହୁଛି। ସେଗୁଡିକର ଦାୟିତ୍ୱ ନିଅନ୍ତୁ ବୋଲି ମେୟର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ତେବେ ଅପରାଜିତା ଦେଇଥିବା ଚିଠିରେ ୩/୪ ଦିନ ମଧ୍ୟରେ ଡମ୍ପିଂୟାର୍ଡ ସମସ୍ୟାର ସମାଧାନ କରିବା ପାଇଁ କହିଛନ୍ତି। ନଚେତ ସେପ୍ଟେମ୍ବର ୨ରେ ବିଏମ୍ସି ଅଫିସ୍‌ରେ ମେୟରଙ୍କ ସହ ଏନେଇ ଆଲୋଚନା କରିବେ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି।

# ସାଇ ଇଣ୍ଟରନ୍ୟାଶନାଲ ଚାମ୍ପିୟନ




ଭୁବନେଶ୍ୱର, ୨୯।୮

### ବିଜେଇଏମ୍ ସ୍କୁଲ୍‌ରେ ଜାତୀୟ କ୍ରୀଡ଼ା ଦିବସ

ଭୁବନେଶ୍ୱରର ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପିଲାମାନଙ୍କ ଦ୍ୱାରା ର୍ୟାଲି, କ୍ରୀଡ଼ା କୌଶଳ ଜନିତ ନୃତ୍ୟ ଏବଂ ଆନ୍ତଃ ବିଦ୍ୟାଳୟ ଶିକ୍ଷକ ବାସ୍କେଟବଲ ଅନୁଷ୍ଠିତ ହୋଇଥିଲା। ଟୁର୍ନାମେଣ୍ଟରେ ମୋଟ ୬ଟି ବିଦ୍ୟାଳୟ ଭାଗ ନେଇଥିବାବେଳେ ଫାଇନାଲରେ ସାଇ ଇଣ୍ଟରନ୍ୟାଶନାଲ ୭୫-୬୩ ପଏଣ୍ଟରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲକୁ ହରାଇ ଚାମ୍ପିୟନ ହୋଇଛି। ଖୋର୍ଦ୍ଧା ବାସ୍କେଟବଲ ଆସୋସିଏଶନ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଘୁନାଥ ମିଶ୍ର, ପରିଚାଳକ ପ୍ରତାପ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ଅଧକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ ଉପାଧକ୍ଷା ପଲ୍ଲବୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉଦୀୟମାନ ଖେଳାଳିଭାବେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ବ୍ରହ୍ମାନନ୍ଦ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ପରିଚାଳନା କମିଟି ସଦସ୍ୟା କସ୍ତୁରୀବାଳା ସ୍ୱାଇଁ, ପର୍ଯ୍ୟବେକ୍ଷକ ବରଦା ପ୍ରସାଦ ପାଇକରାୟ, ଶିବାନୀ ପଟ୍ଟନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଶାଗୁଆନ କାଠ ବୋଝେଇ ଗାଡ଼ିକୁ ଧରିଲା ପୋଲିସ

ବାରଙ୍ଗ,୨୯।୮(ଡି.ଏନ୍.ଏ.)

ଗୋଡିସାହି ଫାଣ୍ଡି ପୋଲିସ ସୋମବାର ପାଟ୍ରୋଲିଂ କରୁଥିବାବେଳେ ଏକ ଶାଗୁଆନ କାଠ ବୋଝେଇ ଟାଟା ଏସିଇ ଗାଡିକୁ ଧରିଛି। ହେଲେ ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ଗାଡିକୁ ପରେ ଡମପଡା ଫରେଷ୍ଟକୁ ହସ୍ତାନ୍ତର କରିଛନ୍ତି। ଏସ୍ଆଇ ବିଚିତ୍ରାନନ୍ଦ ପ୍ରଧାନ କର୍ମଚାରୀଙ୍କ ସହ ପାଟ୍ରୋଲିଂରେ ଯାଇଥିବାବେଳେ ଅରିଲୋ ଗ୍ରାମ ପାଖରେ ନଂ.ଓଆର୦୫ ଏଆର ୭୨୪୮ ବିଶିଷ୍ଟ ଏକ ଟାଟାଏସିଇ ଗାଡି ସନ୍ଦେହଜନକ ଅବସ୍ଥାରେ ନରାଜ ଆଡକୁ ଆସୁଥିଲା। ପୋଲିସ ଗାଡିଟିକୁ ରୋକିବାରୁ ନ ରହି ଦ୍ରୁତଗତିରେ ପଳାଇଥିଲା। ପୋଲିସ ଗାଡିର ପିଛା କରିବାରୁ ଟାଟାଏସିଇ ଚାଳକ ଗାଡିକୁ ଛାଡି ଦେଇ ଏସକର୍ଟ କରି ଏହି ଗାଡିସହ ଆସୁଥିବା ଏକ ବାଇକ୍‌ରେ ବସି ପଳାଇଥିଲା। ପୋଲିସ ଗାଡିଟିକୁ ତନଖି କରିବା ପରେ ଗାଡିରେ ଚୋରାଚାଲଣ ହେଉଥିବା ୧୨ଖଣ୍ଡ ଶାଗୁଆନ କାଠ ପାଇଥିଲା।ଏହାପରେ ଡମପଡା ବନବିଭାଗକୁ ଡାକି ଗାଡିକୁ ହସ୍ତାନ୍ତର କରାଯାଇ ଥିବାର ଥାନାଧିକାରୀ ଆକାଶଚନ୍ଦ୍ର ରଣା କହିଛନ୍ତି।

## ସ୍ୱାୟତ୍ତ ଶାସନ ଦିବସ ପାଇଁ ବିଏମ୍ସିର ୪ଦିନିଆ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୯।୮(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ବୁଧବାର ସ୍ୱାୟତ୍ତ ଶାସନ ଦିବସ ପାଳନ କରିବାକୁ ଯାଉଛି। କରୋନା କଟକଣା ପାଇଁ ଗତ ୨ବର୍ଷ ଧରି ନିରାଡ଼ମ୍ବର ଭାବେ ବିଏମ୍ସି ଏହି ଦିବସକୁ ପାଳନ କରିଥିଲା। କେବଳ ଜାତୀୟ ପତାକା ଉତ୍ତୋଳନ କରି କାମ ସାରିଦେଇଥିଲା। ମାତ୍ର ଚଳିତ ବର୍ଷ ସ୍ୱାୟତ୍ତ ଶାସନ ଦିବସ ଅବସରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯିବାର କାର୍ଯ୍ୟକ୍ରମ ରହିଛି। ତେବେ ରାଜଧାନୀବାସୀଙ୍କୁ ଭେଟିଦେବା ଭଳି ବିଏମ୍ସି ପାଖରେ କୌଣସି ନୂତନ ଯୋଜନା ନାହିଁ। ଏହି ଅବସରରେ ଚଳିତ ବର୍ଷ ୪ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ୩୧ ତାରିଖ ବୁଧବାର ସକାଳ ୮ଟା ୩୦ରୁ କାର୍ଯ୍ୟକ୍ରମ ଆରମ୍ଭ ହେବ। ପ୍ରଥମେ ବିଏମ୍ସି କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସନ୍ଧ୍ୟାରେ ସୂଚନା ଭବନଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବା ସହିତ ପୁରସ୍କାର ବିତରଣ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ବିଜ୍ଞାନ ଓ କାରିଗରି କୌଶଳ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ସେହିପରି ଦ୍ୱିତୀୟ ଦିନ ଅର୍ଥାତ୍ ସେପ୍ଟେମ୍ବର ୧ରେ ୨୧ଟି ୱାର୍ଡରେ ପୋଖରୀ ପୁନରୁଦ୍ଧାରଠାରୁ ଆରମ୍ଭ କରି ଅନ୍ୟାନ୍ୟ ପ୍ରକଳ୍ପ ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି। ୨ ତାରିଖରେ ୧୯ଟି ୱାର୍ଡରେ ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଏବଂ ୩ ତାରିଖରେ ମେୟରଙ୍କ ଦ୍ୱାରା ୟୁନିଟ୍-୮ କମ୍ୟୁନିଟି ସେଣ୍ଟରଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏଥିସହିତ ୧୯ ଓ ୨୦ ଦୁଇଦିନ ଧରି ଭୁବନେଶ୍ୱର ମହାନଗର ନିଗମ ରିକ୍ରିଏଶନ୍ କ୍ଲବ ପକ୍ଷରୁ ନିଗମ କର୍ମଚାରୀମାନଙ୍କ ଦ୍ୱାରା ଭଞ୍ଜକଳା ମଣ୍ଡପଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନାଟକ 'ଅଭିଶପ୍ତ ଘୁଙ୍ଗୁର' ପରିବେଷଣ କରାଯିବ।

# ରାଜଧାନୀରେ ଗଣେଶ ପୂଜା ପ୍ରସ୍ତୁତି ଜୋରଦାର




ଶହୀଦ ନଗର ଠାରେ ଶହୀଦ କ୍ଲବ୍ ପକ୍ଷରୁ କୋଲକାତାରୁ ଆସିଥିବା ହୁଗୁଳିଆ ପତ୍ରରେ ତିଆରି ହୋଇଥିବା ଗଣେଶ ମୂର୍ତ୍ତି ଓ ମେଢ଼।



ଶୈଳଶ୍ରୀ ବିହାରଠାରେ ତିଆରି ଚାଲିଥିବା ୫୦ ଫୁଟ ଉଚ୍ଚର ଗଣେଶଙ୍କ ମୂର୍ତ୍ତିରେ କାରିଗରମାନେ ରଙ୍ଗ ଦେଉଛନ୍ତି।



ଶହୀଦ ନଗର ୱିନର କ୍ଲବ ପକ୍ଷରୁ ପୂଜା ପାଇବାକୁ ଥିବା ୪୬ଫୁଟ ଉଚ୍ଚର ଗଣେଶ ।

## ସଂକ୍ଷେପରେ

### ଚୋରି ମାମଲାରେ ୨ କୋର୍ଟ ଚାଲାଣ

#### ୨୮ ହଜାର ଟଙ୍କା, ଡିଭିଆର ମେଶିନ, ୨ ମୋବାଇଲ ଜବତ

କଟକ ଅଫିସ,୨୯।୮: ବାଦାମବାଡ଼ି ଥାନା ପୋଲିସ ଗତ ୨୫ ତାରିଖରେ ହୋଇଥିବା ଏକ ଚୋରି ମାମଲାରେ ୨ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ମାହାଙ୍ଗା ଥାନା ଅନ୍ତର୍ଗତ ଆନନ୍ଦପୁରର ସନ୍ଦୀପ କୁମାର ମହାରଣା ଓ ଉତ୍ତରପ୍ରଦେଶ ନଖିଘାଟ ଥାନା ଅନ୍ତର୍ଗତ ରାମରାପୁରର ବାବୁଲାଲ ଗୁପ୍ତା। ସେମାନଙ୍କଠାରୁ ୨୮ ହଜାର ଟଙ୍କା ସହ ଏକ ଡିଭିଆର୍ ମେଶିନ ଓ ୨ଟି ମୋବାଇଲ୍ ଜବତ କରାଯାଇଛି। ଏନେଇ ଏକ କେସ୍ (ନଂ.୨୪୫/୨୨) ରୁଜୁ ହୋଇଛି । ସୂଚନାରୁ ପ୍ରକାଶ ଯେ, ମାହାଙ୍ଗା ଥାନା ଅନ୍ତର୍ଗତ ସଙ୍କେର୍ଦା ବାସିନ୍ଦା ସୌଭାଗ୍ୟ ରଞ୍ଜନ ମିଶ୍ର ଜଣେ ସେଲସ୍ ଏକଜିକ୍ୟୁଟିଭ ଭାବେ ବାଦାମବାଡ଼ି ଜଗନ୍ନାଥ ଲେନସ୍ଥିତ ଏବିଏସ୍ ସିଷ୍ଟମ ସର୍ଭିସ ନାମକ ଏକ ସଂସ୍ଥାରେ କାର୍ଯ୍ୟ କରନ୍ତି । ତାଙ୍କ ଅଫିସରେ କେତେକ ପୁରୁଣା ବ୍ୟାଟେରୀ କବାଡ଼ିଆ ଡିଲରଙ୍କୁ ବିକ୍ରି ନିମନ୍ତେ ରଖାଯାଇଥିଲା। ସେ ୨୫ ତାରିଖ ସନ୍ଧ୍ୟାରେ ଅଫିସ ବନ୍ଦ କରି ଘରକୁ ଗଲେ। ୨୬ ତାରିଖ ସକାଳେ ଅଫିସ ଆସି ବାହାର ଫାଟକ ଖୋଲାଥିବା ସହ ୧୩ଟି ପୁରୁଣା ବ୍ୟାଟେରି ଏବଂ ସିସିଟିଭିର ଡିଭିଆର ମେଶିନ୍‌କୁ ନ ଥିବା ଜାଣିବାକୁ ପାଇଥିଲେ।

### ଏନ୍ଏସିରେ ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ବାଙ୍କୀ,୨୯।୮(ସ୍ୱ.ପ୍ର/ବି.ପ୍ର.) ବାଙ୍କୀ ଏନ୍ଏସିର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ବାଙ୍କୀ ତହସିଲଦାର ସତ୍ୟରଞ୍ଜନ ପଣ୍ଡା ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କୁ ଏନ୍ଏସି କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରିଷଦ ସଭାଗୃହରେ ନଗରପାଳ ମାଣିକ ସାହୁଙ୍କ ସଭାପତିତ୍ୱରେ ଏନେଇ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଉପନଗରପାଳ ସନ୍ତୋଷ କୁମାର ରଣା, କାଉନସିଲର ସନାତନ ବେହେରା, ଜାମିନିକାନ୍ତ ମହାପାତ୍ର, ରାଜେନ୍ଦ୍ର ମହାପାତ୍ର, ପଠାଣୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ରିଲିଫ ବଣ୍ଟନ

ବାଙ୍କୀ,୨୯।୮(ସ୍ୱ.ପ୍ର/ବି.ପ୍ର.) ବାଙ୍କୀ ଉପଖଣ୍ଡରେ ବନ୍ୟା ଛାଡ଼ିବା ପରେ ମଧ ବହୁ ଲୋକ ଦୁର୍ଦ୍ଦଶା ଭୋଗୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଡମପଡ଼ା ବ୍ଲକ ଅନ୍ତର୍ଗତ ହରିରାଜପୁରସ୍ଥିତ ବନ୍ୟାବିପନ୍ନଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଦଳର ରିଲିଫ କମିଟି ପକ୍ଷରୁ ଲୋକଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି । ବାଙ୍କୀର ପୂର୍ବତନ ବିଧାୟକ ତଥା ରାଜ୍ୟ କଂଗ୍ରେସ ଉପସଭାପତି ଡ.ଦେବାଶିଷ ପଟ୍ଟନାୟକଙ୍କ ଉପସ୍ଥିତିରେ ରାଜ୍ୟ ପିସିସି ରିଲିଫ କମିଟିର ସଦସ୍ୟ ସନତ କୁମାର ଦାଶ, ଡମପଡ଼ା ବ୍ଲକ କଂଗ୍ରେସ କମିଟି ସଭାପତି ଅସିତ୍ ଚରଣ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ସୀତାରାମ ମହାପାତ୍ର, ସରପଞ୍ଚ ଅଦ୍ୱୈତ ବେଉରା, କମିଟି ସଭ୍ୟା ପୁଷ୍ପଲତା ମହାନ୍ତି, ସୁରିଆ ବେଉରା, ଯୋଗୀ ବେଉରା , ପ୍ରଦୀପ ସାମଲ ପ୍ରମୁଖ ଉପସ୍ଥିତ ରହି ଚୁଡା ,ଚିନି ,ବିସ୍କୁଟ ପ୍ରଭୃତି ଶୁଖିଲା ସାମଗ୍ରୀ ବଣ୍ଟନ କରିଥିଲେ ।

### ସ୍ମୃତିଚାରଣ ସଭା, ସ୍ମରଣିକା ଉନ୍ମୋଚନ

ଚୌଦ୍ୱାର,୨୯।୮(ଡି.ଏନ୍.ଏ.): ଚୌଦ୍ୱାର ଦିବ୍ୟଜୀବନ ସଂଘ, ବ୍ରାହ୍ମଣ ସମାଜର ସଭାପତି ତଥା ଶ୍ରୀଜଗନ୍ନାଥ ଭକ୍ତ ସମାଜର କାର୍ଯ୍ୟକାରୀ ସଭାପତି ସ୍ୱର୍ଗତ କେଦାରନାଥ ଷଡ଼ଙ୍ଗୀଙ୍କ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଚୌଦ୍ୱାର ଅନ୍ତର୍ଗତ ଯାଜଭୈରବ ନୂଆଗାଁସ୍ଥିତ ଶାନ୍ତି କଲ୍ୟାଣ ମଣ୍ଡପରେ ଆୟୋଜିତ ସଭାରେ ଶିକ୍ଷାବିତ୍ ଧରଣୀଧର ବାରିକ, ଡ୍ରିମ୍ସର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଚୌଦ୍ୱାର ପୂଜା କମିଟିର ସମ୍ପାଦକ ନାରାୟଣ ସ୍ୱାଇଁ, ଚୌଦ୍ୱାର ସାହିତ୍ୟ ସଂସଦର ସମ୍ପାଦକ ଦିବ୍ୟଜ୍ୟୋତି ପାଣି, ଆଇନଜୀବୀ ଚନ୍ଦ୍ରପ୍ରକାଶ ପଟ୍ଟନାୟକ ପ୍ରମୁଖ କେଦାର ନନାଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରୀଜଗନ୍ନାଥ ଭକ୍ତ ସମାଜର ସାଧାରଣ ସମ୍ପାଦକ ରୋଟାରିଆନ ଶରତ ଖୁଣ୍ଟିଆଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସ୍ମରଣିକା 'କେଦାର କୌସ୍ତୁଭ' ଉନ୍ମୋଚିତ ହୋଇଥିଲା। ଦିବ୍ୟଜୀବନ ସଂଘର ଚୌଦ୍ୱାର ଶାଖା ସଭାପତି ଅଦ୍ୱୈତ ବଳ ଧନ୍ୟବାଦ ଦେଇଥିଲେ।

# ୨୦୧୯ ପରଠାରୁ କମୁଛି ପ୍ରକଳ୍ପ ସଂଖ୍ୟା

■ନୂତନ କାଉନସିଲ ପରେବି ସହରବାସୀ ନିରାଶ
■ପାର୍କ ଓ ନର୍ସରିରେ କାମ ସାରିଦେଲା ସିଏମ୍‌ସି

କଟକ ଅଫିସ,୨୯।୮

ନୂତନ କାଉନସିଲ ଗଠନ ପରେ ସହରବାସୀଙ୍କୁ କିଛି ବଡ଼ ପ୍ରକଳ୍ପ ସିଏମ୍‌ସି ଭେଟି ଦେବ ବୋଲି ଆଶା ରହିଥିଲା। ହେଲେ ଚଳିତବର୍ଷ କିଛି ହାତଗଣତି ପ୍ରକଳ୍ପକୁ ଛାଡ଼ିଦେଲେ ସେଭଳି ବଡ଼ ପ୍ରକଳ୍ପ ହୋଇ ନାହିଁ। ସ୍ୱାୟତ୍ତ ଶାସନ ଦିବସ ପାଇଁ କଟକ ମହାନଗର ନିଗମ(ସିଏମ୍‌ସି)ରେ ଉଦ୍‌ଘାଟନ ହେବ ମାତ୍ର ୬ଟି ପ୍ରକଳ୍ପ। କେବଳ ୪ଟି ପାର୍କ, ଗୋଟିଏ ପାର୍କିଂସ୍ଥାନ, ଗୋଟିଏ ନର୍ସରି ପ୍ରଭୃତି ଉଦ୍‌ଘାଟନ ହେବ। ୨୦୧୯ ମସିହାଠାରୁ ପ୍ରକଳ୍ପ ସଂଖ୍ୟା କମିବାରେ ଲାଗିଛି। ୨୦୧୯ ଫେବୃୟାରୀ ୧୨ରେ କାଉନସିଲ ଭଙ୍ଗ ହୋଇଥିଲା। ଉକ୍ତ ବର୍ଷ ସିଏମ୍‌ସି ପ୍ରଶାସକ ଦାୟିତ୍ୱ ନେବା ପରେ ୧୬କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ୨୦୨୦ରେ ମଧ କରୋନା ମହାମାରୀ ଯୋଗୁ ମାତ୍ର ଅଢେଇ କୋଟିର ପ୍ରକଳ୍ପ ଉଦ୍‌ଘାଟନ କରାଯାଇଥିଲା। ସେହପରି ୨୦୨୧ରେ ୨ କୋଟି ୬ଲକ୍ଷ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କରାଯାଇଥିଲା। ତେବେ ବର୍ତ୍ତମାନ କୋଭିଡ ସ୍ଥିତି ସୁଧାର ଆସିଥିବାବେଳେ ଚଳିତବର୍ଷ ସ୍ୱାୟତ୍ତ ଶାସନ ଦିବସରେ ଏକାଧିକ ପ୍ରକଳ୍ପ ସହରବାସୀଙ୍କୁ ନୂତନ କାଉନସିଲ ଭେଟି ଦେବ ବୋଲି ଯେଉଁ ଆଶା ଥିଲା। ସେଭଳି କୌଣସି ପ୍ରକଳ୍ପ ହୋଇନାହିଁ। ୩ବର୍ଷ ଧରି କୌଣସି ଆଖିଦୃଶିଆ ପ୍ରକଳ୍ପ ହୋଇ ନ ଥିବାରୁ ସହରବାସୀ ନିରାଶ ହୋଇଛନ୍ତି। ପୂର୍ବରୁ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମସିସି), ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି (ଏମଆରଏଫ), ଗୋଷ୍ଠୀ ଶୌଚାଳୟ, ପୋଖରୀକୁ ପୁନରୁଦ୍ଧାର ପ୍ରକଳ୍ପ ଉଦ୍‌ଘାଟନ କରାଯାଇଥିଲା। ହେଲେ ଚଳିତ ବର୍ଷ ପାର୍କରେ ଓ ନର୍ସରିରେ ସବୁ ସୀମିତ ରହିଯାଇଛି। ଏ ନେଇ ମେୟର ସୁବାସ ସିଂ କହିଛନ୍ତି, ସହର ଉନ୍ନତିକରଣ ପାଇଁ କ୍ରମଶଃ କାର୍ଯ୍ୟ ଜାରି ରହିଛି। ଉନ୍ନତିକରଣ ପାଇଁ ୩ ଶହ କୋଟି ଟଙ୍କା ବ୍ୟୟର ଯୋଜନା ରହିଛି। ବିଭିନ୍ନ ସ୍ତରରେ କାର୍ଯ୍ୟ ଜାରି ରହିଛି।

## ସ୍ୱାୟତ୍ତ ଶାସନ ଦିବସ ନେଇ ସିଏମ୍‌ସି ପ୍ରସ୍ତୁତି ବୈଠକ

କଟକ ଅଫିସ,୨୯।୮

ଚଳିତବର୍ଷ କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ ମାତ୍ର ୭ଟି ପ୍ରକଳ୍ପ ଉଦ୍‌ଘାଟନ କରାଯିବ। ଏଥିସହ ପ୍ରଥମେ ସକାଳ ୭ଟାରେ ୱାର୍ଡ ସ୍ତରରେ ଏବଂ ୮ଟାରେ ବିଜୁ ଭବନ ପରିସରରେ ପତାକା ଉତ୍ତୋଳନ କରାଯିବା ପରେ ପ୍ରକଳ୍ପ ଉଦ୍‌ଘାଟନ କରାଯିବ। ଏ ନେଇ ସୋମବାର ବିଜୁଭବନ ପରିସରରେ କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ଅନୁଷ୍ଠିତ ସ୍ୱାୟତ ଶାସନ ଦିବସ ନେଇ ପ୍ରସ୍ତୁତି ବୈଠକରେ ସ୍ଥିର କରାଯାଇଛି। ସେହିଭଳି କଟକ ମହାନଗର ନିଗମ କର୍ମଚାରୀ ସଂଘର ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ସିଂଙ୍କ ପରଲୋକ ଯୋଗୁ ଚଳିତବର୍ଷ ସ୍ୱାୟତ୍ତ ଶାସନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ସେହିଭଳି ଚଳିତବର୍ଷ ସିଏମ୍‌ସି ପକ୍ଷରୁ କରାଯାଇଥିବା ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାଙ୍କୁ ପୁରସ୍କୃତ କରାଯିବ । କୋଭିଡ୍ ମହାମାରୀ ସମୟରେ ମହାନଗର ନିଗମ କର୍ମଚାରୀ ଓ ଅଧିକାରୀମାନେ ଜୀବନକୁ ବାଜି ଲଗାଇ କାମ କରିଥିଲେ। ନିଗମର ପୂର୍ବତନ ଷ୍ଟାଟିସଟିକାଲ ଅଧିକାରୀ ବିଶ୍ୱନାଥ ଲେଙ୍କା କରୋନାରେ ପ୍ରାଣ ହରାଇଥିଲେ। ତେଣୁ ତାଙ୍କୁ ମରଣୋତ୍ତର ଭାବେ କୋଭିଡ୍ ଯୋଦ୍ଧା ଭାବେ ସମ୍ମାନ ପ୍ରଦାନ କରାଯିବ। ସେହିଭଳି ଆହୁରି ୯ଜଣ ଅଧିକାରୀଙ୍କୁ ମଧ ସମ୍ମାନିତ ହେବେ । ଏଥିସହ କର୍ପୋରେଟର ଓ ନିଗମର ଅନ୍ୟ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।

## ଡ୍ରେନ୍ କାର୍ଯ୍ୟ ଶେଷ କରିବାକୁ ଦାବି



ଭାଜପା ଚୌଦ୍ୱାର ମଣ୍ଡଳ ପକ୍ଷରୁ ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

ଚୌଦ୍ୱାର,୨୯।୮(ଡି.ଏନ୍.ଏ.)

ଚୌଦ୍ୱାର ପୌରପାଳିକା ୧୩ନଂ. ୱାର୍ଡ଼ ପାଇକରାପୁରରେ ଅଧାପନ୍ତରିଆ ଭାବେ ପଡ଼ି ରହିଥିବା ଡ୍ରେନ୍ କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ଦାବି ହୋଇଛି। ଭାଜପା ଚୌଦ୍ୱାର ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ବେହେରା, ଜିଲା ଉପ ସଭାପତି ପ୍ରଶାନ୍ତ କୁମାର ହୋତା, ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, କାଉନସିଲର ସୁଜାତା ସାହୁ, ପ୍ରକାଶ ଚନ୍ଦ୍ର ବଡ଼ଜେନା ପ୍ରମୁଖ ପୌର ନିର୍ବାହୀ ଅଧିକାରୀ ପବିତ୍ର କୁମାର ବେହେରାଙ୍କୁ ଏସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ଟେଣ୍ଡର ହାତେଇଥିବା ଠିକାଦାର ଉକ୍ତ ୱାର୍ଡରେ ଡ୍ରେନ୍ ଖୋଳିଦେଇ ଆଜକୁ ୫ମାସ ହେଲା ଖୋଲାମେଲା କରି ଚାଲିଯାଇଛନ୍ତି। ଫଳରେ ଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ମାଡ଼ିବା ଯୋଗୁ ଲୋକେ ନାନା ଅସୁବିଧା ଭୋଗୁଛନ୍ତି। ସ୍ଥାନୀୟ କାଉନସିଲର ଭାଜପା ଦଳର ହୋଇଥିବାରୁ ତାଙ୍କ ଅଭିଯୋଗ ଶୁଣାଯାଉ ନ ଥିବା ଏବଂ ଏହି ୱାର୍ଡ଼ ପାଇଁ ପାତରଅନ୍ତର ନୀତି ଅବଲମ୍ବନ କରାଯାଉଥିବା ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ତୁରନ୍ତ ଡ୍ରେନ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଦଳ ତରଫରୁ ଦାବି କରାଯାଇଛି ।

# ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦେଶ



ଦଶହରା ପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଧାୟକ ସୌଭିକ୍ ବିଶ୍ୱାଳ, ମେୟର ସୁବାସ ସିଂ ଓ ଅନ୍ୟମାନେ।

**ଦଶହରା ପାଇଁ ବିଧାୟକଙ୍କ ସମୀକ୍ଷା ବୈଠକ**

କଟକ ଅଫିସ,୨୯।୮

ଆଗାମୀ ଦଶହରା ପୂର୍ବରୁ କଟକ ସହରରେ ଚାଲିଥିବା ବିଭିନ୍ନ ବିଭାଗର କାର୍ଯ୍ୟ ଶେଷ କରିବାକୁ ବିଧାୟକ ସୌଭିକ ବିଶ୍ୱାଳ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ସର୍କିଟ ହାଉସରେ ଆୟୋଜିତ ସମୀକ୍ଷା ବୈଠକରେ ବିଧାୟକ ବିଶ୍ୱାଳ ଯୋଗଦେଇ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମହାନଗର ନିଗମର ବିଭିନ୍ନ ୱାର୍ଡରେ ରାସ୍ତା, ଡ୍ରେନ, ପିଇବାପାଣି, ଷ୍ଟ୍ରିଟ ଲାଇଟ ସମେତ ସିଏମ୍‌ସି, ଜାଇକା, ସ୍ୱେରେଜ, ଡ୍ରେନେଜ, ବ୍ୟାରେଜ, ୱାଟ୍‌କୋ, ପୂର୍ତ୍ତ ବିଭାଗ, ମହାନଦୀ ଦକ୍ଷିଣ ଓ ଉତ୍ତର ଜଳସମ୍ପଦ ବିଭାଗ, ଟିପିସିଓଡିଏଲ ଆଦି ବିଭାଗର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଉପସ୍ଥିତ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ବଜେଟ ଦଶହରା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ବିଧାୟକ ବିଶ୍ୱାଳ କୃତଜ୍ଞତା ଜଣାଇଥିଲେ। ମହାନଗର ନିଗମର ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝି, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସମ୍ପାଦକ ଭିକାରି ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ବହୁ ବ୍ୟକ୍ତି ଓ କର୍ପୋରେଟରମାନେ ଉପସ୍ଥିତ ଥିଲେ। ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ଲେଙ୍କା ଧନ୍ୟବାଦ ଦେଇଥିଲେ।

## ଉର୍ଦ୍ଦୁ, ସଂସ୍କୃତ ଯୁକ୍ତ୨ ପିଲାଙ୍କୁ ଲାପ୍‌ଟପ୍ ପ୍ରଦାନ ଦାବି

କଟକ ସଦର,୨୯।୮(ଡି.ଏନ୍.ଏ.)

ଚଳିତ ଶିକ୍ଷାବର୍ଷରେ ଯୁକ୍ତଦୁଇ ପରୀକ୍ଷାରେ ୭୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା କଳା, ବାଣିଜ୍ୟ ଓ ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ସରକାର ଲାପ୍‌ଟପ୍ ବଣ୍ଟନ କରିବେ। ମାତ୍ର ସଂଖ୍ୟାଲଘୁ ସମ୍ପ୍ରଦାୟର ମାହିର ଓ ସଂସ୍କୃତରେ ଉପଶାସ୍ତ୍ରୀ ଛାତ୍ରୀଛାତ୍ର ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି। ଉଚ୍ଚତର ଶିକ୍ଷା ପାଇଁ ଏହି ପିଲାଙ୍କର ଲାପ୍‌ଟପ୍ ଆବଶ୍ୟକ। ଏହି ବର୍ଗର ପିଲାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ବିଚାର କରିବାକୁ ଉର୍ଦ୍ଦୁ ବିଦ୍ୱାନ ତଥା କଟକ ସଦର ବ୍ଲକ ଅନ୍ତର୍ଗତ ପ୍ରହରାଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସେକ୍ ଜାହାଙ୍ଗୀର ଅଲ୍ଲୀ ଦାବି କରିଛନ୍ତି। ଉଚ୍ଚଶିକ୍ଷାବେଳେ ପିଲାମାନଙ୍କ ପ୍ରତି ଭେଦଭାବ କରାଯିବା ଉଚିତ୍ ନୁହେଁ। ଅବଶ୍ୟ ଆମ ରାଜ୍ୟରେ ସରକାର ପ୍ରଥମ କରିଯୁକ୍ତଦୁଇ ପିଲାମାନଙ୍କୁ ଏହିଆକର୍ଷଣୀୟ ପ୍ରୋତ୍ସାହନ ପ୍ରଦାନ କରି ଆସୁଛନ୍ତି। ତେଣୁ ସଂସ୍କୃତ ଓ ଉର୍ଦ୍ଦୁ ପିଲାମାନଙ୍କ କ୍ଷେତ୍ରରେ ସରକାର ଏ ସମ୍ପର୍କରେ ବିଚାର କଲେ ଭଲ ହୁଅନ୍ତା ବୋଲି ଅଲ୍ଲୀ ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଛାତ୍ରୀଙ୍କ ହାତରେ ଝାଡୁ ଧରାଇଲେ ପ୍ରଧାନ ଶିକ୍ଷକ

**ଥାନା, ବିଇଓଙ୍କ ନିକଟରେ ଅଭିଯୋଗ**

ବାଙ୍କୀ,୨୯।୮(ସ୍ୱ.ପ୍ର/ବି.ପ୍ର.)

ରାଜ୍ୟ ସରକାର ବିଦ୍ୟାଳୟକୁ ଦଣ୍ଡ ମୁକ୍ତ ଅଞ୍ଚଳଭାବେ ଘୋଷଣା କରିବା ସହ ପିଲାଙ୍କ ଦ୍ୱାରା କୌଣସି କାମ ନ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିୟମ ନ ମାନିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସରକାରୀ ନିର୍ଦ୍ଦେଶନାମା ରହିଛି। ଏହାସତ୍ତ୍ୱେ ଡମପଡ଼ା ବ୍ଲକ ଅନ୍ତର୍ଗତ ଜାମୁଡିହସ୍ଥିତ ଏକ ସରକାରୀ ଉଚ୍ଚ ବିଦ୍ୟାଳୟରେ ନିୟମକୁ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଅଭିଭାବକ ଫକୀର ଦାସ ଥାନା ଓ ବ୍ଲକ ଶିକ୍ଷା ଅଧିକାରୀ(ବିଇଓଙ୍କ) ନିକଟରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ପିଲାମାନଙ୍କ ଦ୍ୱାରା ବିଦ୍ୟାଳୟ ଗୃହ ଓ ସମ୍ମୁଖ ରାସ୍ତାକୁ ଓଳାଇବାକୁ କହୁଛନ୍ତି। ନ ହେଲେ ମାଡ ଦେବା ପାଇଁ ସମ୍ପୃକ୍ତ ଶିକ୍ଷକ ଧମକ ଦେଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଦାସଙ୍କ ସପ୍ତମ ଶ୍ରେଣୀରେ ପଢୁଥିବା ଝିଅକୁ ଏପରି ଓଳାଇବାକୁ ପ୍ରଧାନ ଶିକ୍ଷକ କହିବାରୁ ସେ ବିଦ୍ୟାଳୟ ଯିବାକୁ ଇଚ୍ଛା ପ୍ରକାଶ କରୁ ନ ଥିବା ନେଇ ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏହି ଖବର ପଦାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଡମପଡା ବ୍ଲକ ଶିକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ମୋବାଇଲ ଫୋନ ଲାଗି ନ ଥିଲା।




କଟକ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରେଭେନ୍‌ଶା କଲିଜିଏଟ ସ୍କୁଲ ଅଡିଟୋରିୟମ୍‌ରେ ଆୟୋଜିତ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିଗଣ।

# ଚାଟେଶ୍ୱରରେ ହେବ ଆଧୁନିକ ଶ୍ମଶାନ

ଚୌଦ୍ୱାର,୨୯।୮(ଡି.ଏନ୍.ଏ.)

କୋଟିଏ ଟଙ୍କା ବ୍ୟୟରେ ଚୌଦ୍ୱାର ସହରାଞ୍ଚଳ ୪ ନମ୍ବର ୱାର୍ଡ଼ ଅନ୍ତର୍ଗତ ଚାଟେଶ୍ୱର ଶ୍ମଶାନର ଆଧୁନିକୀକରଣ କରାଯିବ ବୋଲି ପୌର କାଉନ୍‌ସିଲ ବୈଠକରେ ସ୍ଥିର କରାଯାଇଛି। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ପୌର ସଭାଗୃହରେ ସୋମବାର ଅନୁଷ୍ଠିତ ବୈଠକରେ ଚୌଦ୍ୱାର କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ଶ୍ମଶାନ କାର୍ଯ୍ୟ ସହିତ ଆଉ ୧ କୋଟି ଟଙ୍କା ବ୍ୟୟ କରାଯାଇ ଚୌଦ୍ୱାର ଉପକଣ୍ଠ ମାଗୁରା ଜଳକ୍ରୀଡ଼ା କେନ୍ଦ୍ରର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ସୂଚନା ଦେଇଥିଲେ। ଆଗାମୀ ଚୌଦ୍ୱାରର ପ୍ରସିଦ୍ଧ ରୂପଯାତ୍ରା ପାଇଁ ସହରାଞ୍ଚଳର ସମସ୍ତ ରାସ୍ତାଘାଟ ମରାମତି, ବିଦ୍ୟୁତ୍ ଲାଇଟ ମରାମତି, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ସ୍ୱଚ୍ଛତା ଓ ପରିମଳ ଆଦି ଦିଗରେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରାଯିବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା। ନୂତନ କାଉନ୍‌ସିଲ ଗଠନ ହେବାର ୪ମାସ ବିତି ଯାଇଥିଲେ ସୁଦ୍ଧା ପରିଷଦ ତରଫରୁ ଗୃହିତ ହୋଇଥିବା ୫୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ନ ଥିବା ଏବଂ ସହରରେ ଏଯାବତ୍ କୌଣସି ଆଖିଦୃଶିଆ ପ୍ରକଳ୍ପ ହାତକୁ ନିଆଯାଇ ନ ଥିବାରୁ ଉପସ୍ଥିତ କାଉନସିଲରମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ବିଧାୟକ ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ କରିଥିଲେ। ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୌର ନିର୍ବାହୀ ଅଧିକାରୀ ପବିତ୍ର ବେହେରା, ଯନ୍ତ୍ରୀ ମହେଶ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ଣ୍ଣଚନ୍ଦ୍ର ପାଣି ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ।

# ବନ୍ୟାବିପନ୍ନଙ୍କୁ ସାନିଟାରି ନାପକିନ୍ ବଣ୍ଟନ

ବାଙ୍କୀ,୨୯।୮(ସ୍ୱ.ପ୍ର/ବି.ପ୍ର.)

ସାମାଜିକ ଅନୁଷ୍ଠାନ ସମ୍ମାନିତା ପକ୍ଷରୁ ସୋମବାର ଡମପଡ଼ା ବ୍ଲକ ଅନ୍ତର୍ଗତ ଗୟଳବାଙ୍କ ଆଶ୍ରମ ବିଦ୍ୟାଳୟରେ ବନ୍ୟାରେ ପ୍ରଭାବିତ ହୋଇଥିବା ଆଦିବାସୀ ଓ ଆର୍ଥିକ ସ୍ୱଚ୍ଛଳ ନ ଥିବା ମହିଳା ଓ କିଶୋରୀମାନଙ୍କୁ ସାନିଟାରି ନାପକିନ୍ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିପନ୍ନଙ୍କୁ ବନ୍ୟା ଜଳ ଛାଡ଼ିବା ପରେ କିପରି ସ୍ୱଚ୍ଛ ରହିବେ ଓ ପାଣିକୁ ସିଝାଇ ପିଇବା ଉପରେ ଗୁରୁତ୍ୱ ଦେବାକୁ ବର୍ଷା କହିଥିଲେ। ଏଥସହ ମାସିକ ଋତୁସ୍ରାବ ସମ୍ପର୍କରେ ମହିଳା ଓ କିଶୋରୀମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମକୁ ସୁଜୋୟ ସରକାର, ସଞ୍ଜୟ କୁମାର ଦାଶ, ବିଶ୍ୱରଞ୍ଜନ ମିଶ୍ର, ଆଇନଜୀବୀ ରାମକୃଷ୍ଣ ରଥ ପ୍ରମୁଖ ପରିଚାଳନା କରିଥିଲେ ।



ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଜଣେ ଯୁବତୀଙ୍କୁ ସାନିଟାରି, ନାପକିନ ଦେଉଛନ୍ତି।

# କଳାରେ ଅର୍ଚ୍ଚନା, ବିଜ୍ଞାନରେ ସୁଜାତା, ବାଣିଜ୍ୟରେ ପ୍ରଜ୍ଞାପରମିତା ଟପ୍ପର

**ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶ**

ବାଙ୍କୀ,୨୯।୮(ସ୍ୱ.ପ୍ର/ବି.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷା ଫଳ ସୋମବାର ସନ୍ଧ୍ୟାରେ ପ୍ରକାଶ ପାଇଛି। ଭାରପ୍ରାପ୍ତ ଅଧକ୍ଷ ପ୍ରାଧାପକ ମନୋଜ କୁମାର ମହାପାତ୍ର ଏହାକୁ ପ୍ରକାଶ କରିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କଳାରେ ଅର୍ଚ୍ଚନା ସ୍ୱାଇଁ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବାବେଳେ ବିଜ୍ଞାନରେ ସୁଜାତା ବାରିକ ଓ ବାଣିଜ୍ୟରେ ପ୍ରଜ୍ଞାପରମିତା ପରିଡ଼ା କଲେଜ ଟପ୍ପର ହୋଇଛନ୍ତି। କଳାର ଶିକ୍ଷା ବିଭାଗରେ ୧୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୫ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିରେ ଜ୍ୟୋତିରଞ୍ଜନ ପଣ୍ଡା ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଇଂଲିଶ୍ ବିଭାଗରେ ୧୬ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୪ ଜଣ ପ୍ରଥମ ଶ୍ରେଣୀ ଓ ୨ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ଇସାରା ସୁଲତାନା ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି । ଗୃହ ବିଜ୍ଞାନରେ ୮ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୬ଜଣ ପ୍ରଥମ ଶ୍ରେଣୀ ପାଇଛନ୍ତି। ସେଥିରେ ଗାୟତ୍ରୀ ସାମଲ ଶ୍ରେଷ୍ଠ ହୋଇଛନ୍ତି। ମନସ୍ତତ୍ତ୍ୱ ବିଭାଗରେ ସମସ୍ତ ୧୬ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିରେ ଅର୍ଚ୍ଚନା ସ୍ୱାଇଁ ବିଭାଗ ସହ କଳାରେ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ସଂସ୍କୃତରେ ୧୫ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୪ଜଣ ପ୍ରଥମ ଶ୍ରେଣୀରେ ଓ ଜଣେ ଦ୍ୱିତୀୟ ଶ୍ରେଣୀରେ ପାସ କରିଛନ୍ତି। ଏଥିରେ ଅର୍ଚ୍ଚନା ବେହେରା ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି । ସେହିପରି ବିଜ୍ଞାନର ପ୍ରାଣୀ ବିଜ୍ଞାନ ବିଭାଗରେ ୧୩ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୧ଜଣ ପ୍ରଥମ ଶ୍ରେଣୀ ପାଇଛନ୍ତି । ଏଥିରେ ସୁଜାତା ବାରିକ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ବାଣିଜ୍ୟ ବିଭାଗରେ ୨୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୨୪ଜଣ ପ୍ରଥମ ଶ୍ରେଣୀ ପାଇଛନ୍ତି। ପରୀକ୍ଷା ଫଳ ପ୍ରକାଶ ସମୟରେ ପରୀକ୍ଷା ନିୟନ୍ତ୍ରକ ପ୍ରାଧାପକ ତ୍ରୈଲୋକ୍ୟନାଥ ଦାଶ, ଉପପରୀକ୍ଷା ନିୟନ୍ତ୍ରକ ଡ.ମୁରଲୀଧର ରଥ, ପ୍ରଶାସନିକ ଅଧିକାରୀ ଶୈଳେନ୍ଦ୍ର ନାରାୟଣ ଦେଓ, ପରୀକ୍ଷା ଦାୟିତ୍ୱରେ ଥିବା ବୃନ୍ଦାବନ ପ୍ରଧାନ, ଅଧାପକ ଯୁଗଳ କିଶୋର ମଣ୍ଡଳ, କ୍ୟାପଟେନ ଗୁରୁବାରୀ ସାହୁ, ଡ.ବିଶ୍ୱରଞ୍ଜନ ସାହୁ, ଅଧାପକ ଆଶିଷ କୁମାର ପାଢ଼ୀ, ଡଃ.ଅଭିମନ୍ୟୁ ରଣା, ଅଧାପକ ଚିନ୍ମୟ ଚିତ୍ତରଞ୍ଜନ, ସୁଜିତ୍‌ସାହୁ ଓ ରଞ୍ଜିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଅଧାପକମାନେ ପରୀକ୍ଷା ଫଳ ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩୦ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ଶାଗୁଆନ କାଠ ବୋଝେଇ ଗାଡ଼ିକୁ ଧରିଲା ପୋଲିସ

ବାରଙ୍ଗ,୨୯।୮(ଡି.ଏନ୍.ଏ.): ଗୋଡିସାହି ଫାଣ୍ଡି ପୋଲିସ ସୋମବାର ପାଟ୍ରୋଲିଂ କରୁଥିବାବେଳେ ଏକ ଶାଗୁଆନ କାଠ ବୋଝେଇ ଟାଟା ଏସିଇ ଗାଡିକୁ ଧରିଛି। ହେଲେ ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ଗାଡିକୁ ପରେ ଡମପଡା ଫରେଷ୍ଟକୁ ହସ୍ତାନ୍ତର କରିଛନ୍ତି। ଏସ୍‌ଆଇ ବିଚିତ୍ରାନନ୍ଦ ପ୍ରଧାନ କର୍ମଚାରୀଙ୍କ ସହ ପାଟ୍ରୋଲିଂରେ ଯାଇଥିବାବେଳେ ଅରିଲୋ ଗ୍ରାମ ପାଖରେ ନଂ.ଓଆର୦୫ ଏଆର ୭୨୪୮ ବିଶିଷ୍ଟ ଏକ ଟାଟାଏସିଇ ଗାଡି ସନ୍ଦେହଜନକ ଅବସ୍ଥାରେ ନରାଜ ଆଡକୁ ଆସୁଥିଲା। ପୋଲିସ ଗାଡିଟିକୁ ରୋକିବାରୁ ନ ରହି ଦ୍ରୁତଗତିରେ ପଳାଇଥିଲା। ପୋଲିସ ଗାଡିର ପିଛା କରିବାରୁ ଟାଟାଏସିଇ ଚାଳକ ଗାଡିକୁ ଛାଡି ଦେଇ ଏସକର୍ଟ କରି ଏହି ଗାଡିସହ ଆସୁଥିବା ଏକ ବାଇକ୍‌ରେ ବସି ପଳାଇଥିଲା। ପୋଲିସ ଗାଡିଟିକୁ ତନଖି କରିବା ପରେ ଗାଡିରେ ଚୋରାଚାଲଣ ହେଉଥିବା ୧୨ଖଣ୍ଡ ଶାଗୁଆନ କାଠ ପାଇଥିଲା।ଏହାପରେ ଡମପଡା ବନବିଭାଗକୁ ଡାକି ଗାଡିକୁ ହସ୍ତାନ୍ତର କରାଯାଇ ଥିବାର ଥାନାଧିକାରୀ ଆକାଶଚନ୍ଦ୍ର ରଣା କହିଛନ୍ତି।

### ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ

କୃଷ୍ଣପ୍ରସାଦ,୨୯।୮(ଡି.ଏନ୍.ଏ.): କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତର ଦୁଇ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ସୋମବାର ବ୍ଲକ ପରିସରରେ ଅଲଣ୍ଡା ପଞ୍ଚାୟତ ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ସମିତିସଭ୍ୟା ମାନସୀ ସାହୁ ଉପସ୍ଥିତ ରହି ଯମୁନା ଗ୍ରାମର ଦିବ୍ୟାଙ୍ଗ କୃଷ୍ଣ ବାରିକ (୪୧) ଏବଂ ଅଲଣ୍ଡା ଗ୍ରାମର ମାମା ମିସ୍ତ୍ରୀ(୧୩)ଙ୍କୁ ଏହି ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ଏହି ସାଇକେଲ ପାଇଥିବାରୁ ଦିବ୍ୟାଙ୍ଗଦ୍ୱୟ ସରପଞ୍ଚ ସମିତିସଭ୍ୟାଙ୍କୁ ଧନ୍ୟବାଦ ଜଣାଇଥିଲେ।

### ଭାଜପାର ଲୋକସମ୍ପର୍କ ପଦଯାତ୍ରା



ଟାଙ୍ଗୀ(ଖୋର୍ଦ୍ଧା),୨୯।୮(ଡି.ଏନ୍.ଏ.): ଟାଙ୍ଗୀ ବ୍ଲକ ୧୦ ନମ୍ବର ଜୋନ୍ ଅନ୍ତର୍ଗତ ରତନପୁର ପଞ୍ଚାୟତରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଲୋକସମ୍ପର୍କ ପଦଯାତ୍ରା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଷଡ଼ଙ୍ଗୀ ପଚାରି ବୁଝିଥିଲେ। ଖୋର୍ଦ୍ଧା ଜିଲା ଭାଜପା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ଜିଲା ସମ୍ପାଦକ ହେମନ୍ତ କୁମାର ବେହେରା, ମଣ୍ଡଳ ସଭାପତି ପବିତ୍ର ହରିଚନ୍ଦନ, ବିଦ୍ୟୁତ୍ କୁମାର କାଣ୍ଡି, ଜୟଦେବ ବେହେରା, ସତ୍ୟନାରାୟଣ ପରିଡ଼ା, ମିତ୍ରଭାନୁ ସୁବୁଦ୍ଧି, କାର୍ତ୍ତିକ ବେହେରା, ରମେଶ ମହାପାତ୍ର, ଶେଖ ବାବୁଲା, ଶ୍ରୀନିବାସ ବିଶ୍ୱାଳ, ଚୈତନ୍ୟ ପରିଡ଼ା, ନିରଞ୍ଜନ ବଳବନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଡମ୍ପିଂୟାର୍ଡ ବିବାଦର ସମାଧାନ ଆଶା ମଉଳିଲା

- ନିଷ୍ପତ୍ତି ଜଣାଇଲେ ନାହିଁ ଦାରୁଠେଙ୍ଗବାସୀ
- ଜରୁରୀକାଳୀନ ବୈଠକ ଡାକିଲେ ମେୟର

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

ଭୁଆସୁଣି ଡମ୍ପିଂୟାର୍ଡ ବିବାଦ ଥମିବାର ନାଁ ଧରୁନି। ଯେତେ ଉଦ୍ୟମ କଲେ ବି ସମାଧାନ କରିବାରେ ବିଏମ୍‌ସି ସଫଳ ହୋଇପାରୁନି। ସୋମବାର ସମାଧାନର କୌଣସି ନିଷ୍କର୍ସ ବାହାରିବ ବୋଲି କୁହାଯାଉଥିଲା। ସହରରୁ ଅଳିଆ ଉଠିବା ସହିତ ସମସ୍ତ ପ୍ରକ୍ରିୟା ସ୍ୱାଭାବିକ ହେବାର ଆଶା ବି ଥିଲା। ମାତ୍ର ଦାରୁଠେଙ୍ଗବାସୀ କୌଣସି ନିଷ୍ପତ୍ତି ନ ଜଣାଇବାରୁ ବିଏମ୍‌ସିକୁ ପୁଣିଥରେ ନିରାଶ ହେବାକୁ ପଡିଛି। ଫଳରେ ସହରର ରାସ୍ତାଠାରୁ ଆରମ୍ଭ କରି ଗଳିକନ୍ଦି ସବୁଆଡେ ଆବର୍ଜନା ଗଦା ବଢ଼ିବାରେ ଲାଗିଛି।

ଶନିବାର ହୋଇଥିବା ଆଲୋଚନାରେ ଦାରୁଠେଙ୍ଗ ଗ୍ରାମବାସୀ ନିଷ୍ପତ୍ତି ଜଣାଇବା ନେଇ ବିଏମ୍‌ସିକୁ ଦୁଇଦିନ ସମୟ ମାଗିଥିଲେ। ରବିବାର ଗାଁରେ ବସିଥିବା ବୈଠକରେ ଗ୍ରାମବାସୀ ଜୋର୍‌ଦାର ବିରୋଧ କରିଥିଲେ। ସୋମବାର ସନ୍ଧ୍ୟାରେ ଆଉଥରେ ଗ୍ରାମସଭା ବସିଥିଲା। ମାତ୍ର କ'ଣ ନିଷ୍ପତ୍ତି ହେଲା ସେ ସମ୍ପର୍କରେ ଜଣାଇଲେ ନାହିଁ ଗ୍ରାମବାସୀ। ଏଭଳି ସ୍ଥିତିରେ ସୋମବାର ବିଏମ୍‌ସି କାର୍ଯ୍ୟାଳୟରେ ମେୟରଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳୀନ ବୈଠକ ବସିଥିଲା। ଏଥିରେ ପରିମଳ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ କୌଣସି ଖବର ଆସି ନ ଥିଲେ ମଧ୍ୟ ସକାରାତ୍ମକ ଫଳ ମିଳିବ ବୋଲି ମେୟର ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ହାଇକୋର୍ଟ ବିଏମ୍‌ସିକୁ ଭୁଆସୁଣୀଠାରେ ପ୍ରାୟ ୬୩ ଏକର ପରିମିତ ସ୍ଥାନ ଦେଇଥିଲେ, ଯେଉଁଠାରେ ସହରରୁ ବାହାରୁଥିବା ଅଳିଆ ପକାଯିବ। ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଅନୁଯାୟୀ ସେଠାରେ ବାୟୋ ମାଇନିଂ ସ୍ଥାପନ ପାଇଁ ପ୍ରୟାସ କରାଯାଉଛି। ବର୍ତ୍ତମାନ ୩୨ଟି ଏମ୍‌ସିସି ଏବଂ ୧୪ଟି ଏମ୍‌ଆର୍‌ଏଫ୍ ଚାଲିଛି। ଏହାକୁ ଭିତ୍ତିକରି ବୈଜ୍ଞାନିକ ପଦ୍ଧତିରେ ପ୍ରାୟ ୫୫୦ଟନ ଅଳିଆ ମଧ୍ୟରୁ ୩ଶହ ଟନ୍ ଅଳିଆ ଏମ୍‌ସିସି ଓ ଏମ୍‌ଆର୍‌ଏଫ୍‌ରେ ପ୍ରକ୍ରିୟାକରଣ କରାଯାଉଛି। ଆଗକୁ ୬ଟି ଏମ୍‌ସିସି ସହିତ ବଡ଼ ବଡ଼ ଏମ୍‌ସିସି କରି ସମ୍ପୂର୍ଣ୍ଣ ଅଳିଆ ଏଥିରେ ପ୍ରକ୍ରିୟାକରଣ କରାଯିବ ବୋଲି ଗ୍ରାମବାସୀଙ୍କୁ କାର୍ଯ୍ୟସୂଚୀ ପ୍ରଦାନ କରିଥିଲୁ। ଏଥିପାଇଁ ୯ମାସ ସମୟ ମଗାଯାଇଛି। ସବୁ ମାସରେ ଏନେଇ ସମୀକ୍ଷା କରାଯିବ। ଏଥିରେ ସେମାନେ ରାଜି ହୋଇଥିଲେ। ତେବେ ବାୟୋ ମାଇନିଂ ବନ୍ଦ କରିବାକୁ ସେମାନେ ଦାବି କରିଥିଲେ। ତେବେ ଏସବୁ ପରେ ଗ୍ରାମବାସୀଙ୍କ ପକ୍ଷରୁ ସକାରାତ୍ମକ ଖବର ଆସିପାରେ ବୋଲି ମେୟର କହିଛନ୍ତି। ଏଥିସହ ବାହାରେ ଅଳିଆ ଗଦା ନ ହୋଇ କିଭଳି ଟିଟିଏସ୍‌କୁ ଯିବ ସେ ନେଇ ମଧ୍ୟ ଆଲୋଚନା କରାଯାଇଥିବା ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଦାରୁଠେଙ୍ଗଠାରେ ବିଏମ୍‌ସି ଅଳିଆ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହେବାପରେ ଗ୍ରାମବାସୀ ୨୦ ଦିନ ହେବ ଅଳିଆ ଗାଡ଼ି ଛାଡୁ ନାହାନ୍ତି। ଫଳରେ ସହରରୁ ବାହାରୁଥିବା ଆବର୍ଜନା ସୈନିକ ସ୍କୁଲ ପାଖ ଟିଟିଏସ୍‌ରେ ଗଦା ହେଉଛି। ଟିଟିଏସ୍‌ରେ ଏବେ ଅଳିଆ ପାହାଡ଼ ସୃଷ୍ଟି ହୋଇ ଉଛୁଳିବାକୁ ବସିଲାଣି।



ଖୋର୍ଦ୍ଧ: ଗୁରୁଜଙ୍ଗ ମାଳିସାହିରେ ଶିଳ୍ପୀମାନେ ଗଣେଶଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି।

# ୩ ଗିରଫ, ୨ ବନ୍ଧୁକ ଜବତ



ଗିରଫ ୩ ଅଭିଯୁକ୍ତ ଏବଂ ଜବତ ହୋଇଥିବା ବନ୍ଧୁକ

ଭୁବନେଶ୍ୱର,୨୯।୮(ବ୍ୟୁରୋ):

**ଡକାୟତି ଯୋଜନାବେଳେ ଚଢ଼ାଉ**

ଡକାୟତି ଯୋଜନା ଚାଲିଥିବାବେଳେ ଶହୀଦନଗର ଥାନା ପୋଲିସ ଶନିବାର ବିଳମ୍ବିତ ରାତିରେ ଭବାନୀ ମଲ୍ ନିକଟରେ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ାରେ ରହୁଥିବା ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ଜଗନ୍ନାଥପ୍ରସାଦ ଅଞ୍ଚଳର ରଞ୍ଜନ କୁମାର ନାୟକ ଓରଫ ରୋନି(୨୩), କଳ୍ପନା ଛକରେ ରହୁଥିବା ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅଞ୍ଚଳର ମୁକେଶ ସାହୁ(୨୦) ଏବଂ ଲିଙ୍ଗରାଜ ଥାନା ଅଞ୍ଚଳର ଅରୁଣଜିତ୍ ନାଏକ(୨୬)। ଏମାନଙ୍କଠାରୁ ୨ଟି ବନ୍ଧୁକ, ୨ ମାଗାଜିନ୍, ୭ ରାଉଣ୍ଡ ଗୁଳି, ସ୍କୁଟି ଏବଂ ବାଇକ ଜବତ କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ଡିସିପି ପ୍ରତୀକ ସିଂ କହିଛନ୍ତି, ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ। ସେମାନଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ତଦନ୍ତ କରାଯିବ। ଆଗକୁ ପର୍ବ ପର୍ବାଣୀ ସମୟରେ ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ପୋଲିସ ପକ୍ଷରୁ ପାଟ୍ରୋଲିଂକୁ ଜୋରଦାର କରାଯାଉଥିବା ସିଂ କହିଛନ୍ତି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ବନ୍ଧୁକ ଧରି ଠିଆ ହୋଇଥିବା ନେଇ ପୋଲିସକୁ ଖବର ମିଳିଥିଲା। ଏହାପରେ ତୁରନ୍ତ ଏକ ପୋଲିସ ଟିମ୍ ସେଠାରେ ତଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା। ଯାଞ୍ଚବେଳେ ବନ୍ଧୁକ ସମେତ ଅନ୍ୟାନ୍ୟ ଆପରାଧିକ ସାମଗ୍ରୀ ମିଳିଥିଲା।

# ସାଢେ ୨୨ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୯।୮(ବ୍ୟୁରୋ):

ବେଆଇନ ଭାବେ ଗଞ୍ଜେଇ ଚାଲାଣ କରୁଥିବାବେଳେ ନୟାପଲ୍ଲୀ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ସାଲିଆ ସାହିରେ ରହୁଥିବା ରାଜୀବ କୁମାର ପଣ୍ଡା ଓରଫ ଚିକୁ (୩୧)। ତାଙ୍କଠାରୁ ସାଢେ ୨୨ କେଜି ଗଞ୍ଜେଇ ସହ ଗୋଟିଏ ମୋବାଇଲ ଫୋନ ଓ ୧୨୦୦ ଟଙ୍କା ଜବତ କରାଯାଇଛି । ଏନେଇ ପୋଲିସ ମାମଲା (ନଂ.୫୬୫/୨୨) ରୁଜୁ କରି ଅଭିଯୁକ୍ତ ରାଜୀବଙ୍କୁ ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ସାଧାରଣ ଜ୍ଞାନ ପ୍ରତିଯୋଗିତା

ଜଟଣୀ,୨୯।୮(ଡି.ଏନ୍.ଏ.):

ଜଟଣୀସ୍ଥିତ ବାବା ସୋମନାଥ ଏଜୁକେଶନାଲ ଡେଭଲପମେଣ୍ଟ ସୋସାଇଟି ପକ୍ଷରୁ ସୋମବାର ସରସ୍ୱତୀ ଶିଶୁ ପରିସରରେ ଏକ ମେଗା ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଏସଇଡିଏସର ସଭାପତି ତ୍ରିଲୋଚନ ମହାପାତ୍ର, ପୋରାଧ୍ୟକ୍ଷ ଅଧ୍ୟକ୍ଷ ଅନନ୍ତ ବେହେରା ଅତଥିଭାବେ ଯୋଗଦେଇଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ପରୀକ୍ଷା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ଏହି ଅବସରରେ ଅତିଥିମାନଙ୍କ ଗହଣରେ ବାର୍ଷିକ ପତ୍ରିକା 'ଯୁବବାର୍ତ୍ତା'ର ଦ୍ୱିତୀୟ ସଂସ୍କରଣ ଉନ୍ମୋଚନ କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁପୁରସ୍କାର, ନିଦର୍ଶନପତ୍ରିକା, ଅର୍ଥରାଶି ପ୍ରଦାନ କରାଯାଇଥିଲା। ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସିନିୟର ବିଭାଗରେ ଅଭିଷେକ ମହାନ୍ତି ପ୍ରଥମ, ଏ. ଧୀରଜ କୁମାର ଦ୍ୱିତୀୟ ଏବଂ ରଞ୍ଜନ କୁମାର ଦାଶ ତୃତୀୟ ସ୍ଥାନ ଅଧିକାର କରଛନ୍ତି। ସେହିପରି ଜୁନିଅର ବିଭାଗରେ ବିଷ୍ଣୁପ୍ରିୟା ଚମ୍ପତି (ଏସଏସଭିଏମ ବିଶିଆପଡା) ପ୍ରଥମ, ଅଭିଜ୍ଞାନ ସାହୁ (ଏସଏସଭିଏମ ଜଟଣୀ) ଦ୍ୱିତୀୟ ଏବଂ ରୁଦ୍ର ପ୍ରସାଦ ଶତପଥୀ (ଏସଏସଭିଏମ ଜଟଣୀ) ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନୁଷ୍ଠାନର ସଭାପତି ତ୍ରିଲୋଚନ ମହାପାତ୍ର, ମଳୟ ମହାନ୍ତି, ବିଶ୍ୱରଞ୍ଜନ ବେହେରା, ଅମିତ ବଳିୟାରସିଂ, ରାଜେଶ ସ୍ୱାଇଁ, ବିମଳ ବେହେରା ପ୍ରମୁଖ ସହଯୋଗ କରିଥିଲେ।



ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ରମାନେ।

# ମହିଳାଙ୍କ ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ବାପଘର**

ଅସ୍ତରଙ୍ଗ,୨୯।୮(ଡି.ଏନ୍.ଏ.)

ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆଳସାହି ଗ୍ରାମରୁ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ଧୁଶାସନ ମଲ୍ଲିକଙ୍କ ସ୍ତ୍ରୀ ରିଙ୍କି ପରିଡ଼ା। ତେବେ ଅଧିକ ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ବାପଘର ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୯୧/୨୨) ରୁଜୁ କରି ମୃତାଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୋଲିସ ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ନଗର ଗ୍ରାମର ରିଙ୍କି ପରିଡ଼ା ୬ବର୍ଷ ପୂର୍ବେ ଆଳସାହି ଗ୍ରାମର ଧୁଶାସନ ମଲ୍ଲିକଙ୍କୁ ବିବାହ କରିଥିଲେ। ବିବାହର ୮ମାସ ପରେ ରିଙ୍କିଙ୍କୁ ଅଧିକ ଯୌତୁକ ଦାବି କରି ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଇଆସୁଥିଲେ। ଏହି ସମସ୍ୟାକୁ ନେଇ୨ ପରିବାର ମଧ୍ୟରେ ବୁଝାମଣା ହୋଇଥିଲେ ମଧ୍ୟ ତାହା ଫଳପ୍ରଦ ହୋଇ ନ ଥିଲା। ରିଙ୍କିଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ବାପଘରକୁ କହିଥିଲେ। ହେଲେ ରବିବାର ରାତିରେ ରିଙ୍କି ବିଷ ଖାଇଦେଇଥିବା ଶାଶୁଘର ଲୋକେ ଝିଅର ବାପାଙ୍କୁ କହିଥିଲା। ତାଙ୍କୁ ଚିକିତ୍ସା ପାଇଁ କଟକ ନିଆଯାଇଥିବାରୁ ରିଙ୍କିର ବାପା ପହଞ୍ଚିବାବେଳେ ଝିଅର ମୃତ୍ୟୁ ହୋଇଯାଇଥିଲା। ଝିଅକୁ ଶାଶୁଘର ଲୋକେ ମାରିଦେଇଥିବା ସନ୍ଦେହ କରି ଅସ୍ତରଙ୍ଗ ଥାନାରେ ରିଙ୍କିର ମାଆ ଏକ ଲିଖିତ ଅଭିଯୋଗ କରିଛନ୍ତି। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରିଙ୍କିର ମୃତଦେହ ଜବତ କରି ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପରେ ବ୍ୟବଚ୍ଛେଦ ପାଇଁ ଚାରିଛକ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ତଦନ୍ତକାରି ଅଧିକାରୀ ପଞ୍ଚାନନ ପରିଡା କହିଛନ୍ତି।

# କୋକିଶିଆଳି ଏନକ୍ଲୋଜର ଉଦ୍‌ଘାଟନ

ବାରଙ୍ଗ,୨୯।୮(ଡି.ଏନ୍.ଏ.)

ନନ୍ଦନକାନନରେ ଥିବା କୋକିଶିଆଳି ଏନକ୍ଲୋଜରକୁ ପ୍ରଧାନ ମୁଖ୍ୟ ବନସଂରକ୍ଷକ(ବନ୍ୟପ୍ରାଣୀ) ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶଶି ପଲ ସୋମବାର ଉଦ୍‌ଘାଟନ କରିଛନ୍ତି। ୧୩ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା କୋକିଶିଆଳି ଏନକ୍ଲୋଜର ଗତ ୫ରୁ୬ ମାସ ହେବ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଥିଲା। ହେଲେ ସୋମବାର ଏହାକୁ ଉଦ୍‌ଘାଟନ କରାଯାଇଛି। ଏଥିସହ ଏହାପୂର୍ବରୁ ୨୦୧୨-୧୩ରେ ୪୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଫରେନ୍‌ସିକ ଲାବୋରେଟୋରି ନାମ ବଦଳାଯାଇ ଚିଡିଆଖାନା ପ୍ରୟୋଗଶାଳା ଭାବେ ରଖାଯାଇଛି। ଚଳିତବର୍ଷ ଆଉ ୧୫ଲକ୍ଷ ଖର୍ଚ୍ଚ ହୋଇଛି। କରାଯାଇଥିଲା। ସୋମବାର ନନ୍ଦନକାନନ ବନ୍ଦଥିବା ବେଳେ ଉଦ୍‌ଘାଟନ କାର୍ଯ୍ୟକ୍ରମ ରଖାଯାଯାଇଥିଲା।

# ବସ୍-ଟ୍ରାଭେରା ଧକ୍କା: ୨ ଗୁରୁତର

ନିମାପଡ଼ା,୨୯।୮(ଡି.ଏନ୍.ଏ.):

ନିମାପଡ଼ା-ଚାରିଛକ ରାସ୍ତାର ଆମ୍ବୋରୋ ଛକ ନିକଟରେ ସୋମବାର ମଧ୍ୟାହ୍ନରେ ଏକ ଯାତ୍ରୀବାହୀ ବସ୍ ସହ ଏକ ଟ୍ରାଭେରା ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ଜଣ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇ ଚାରିଛକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ଟାଭେରା ଗାଡିର ଯାତ୍ରୀ ଅସ୍ତରଙ୍ଗ ଥାନା ଅଞ୍ଚଳର ଅଭିମନ୍ୟୁ ପଡିଆରୀ(୪୫) ଓ ବସ୍‌ଯାତ୍ରୀ ଭୁବନେଶ୍ୱର ଅଞ୍ଚଳର ବାଦଲ ସିଂ(୨୮)। ସୂଚନା ମୁତାବକ, ମଧ୍ୟାହ୍ନରେ ନିମାପଡ଼ାରୁ ଅସ୍ତରଙ୍ଗ ଅଭିମୁଖେ ଆସୁଥିବା ଶାରଳା ବସ୍‌ଟି ବିପରୀତ ଦିଗରୁ ଆସୁଥିବା ଟ୍ରାଭେରା ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କାରେ ଟାଭେରାଟି ଭାଙ୍ଗିରୁଜି ଯାଇଛି। ଖବରପାଇ ଚାରିଛକ ଫାଣ୍ଡି ଏଏସ୍‌ଆଇ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ଗାଡିକୁ ଜବତ କରିଥିଲା। ଏନେଇ ଫାଣ୍ଡିରେ କୌଣସି ଅଭିଯୋଗ ହୋଇ ନ ଥିବା ଫାଣ୍ଡି ଅଧିକାରୀ କହିଛନ୍ତି। ଏହି ଦୁର୍ଘଟଣାରେ ବସ୍‌ର ଅନ୍ୟ କୌଣସି ଯାତ୍ରୀଙ୍କ କୌଣସି କ୍ଷତି ହୋଇ ନ ଥିବା ଜଣାପଡିଛି।

# ଜନଶୁଣାଣିରେ ୫୧ ଅଭିଯୋଗ ପଞ୍ଜୀକୃତ

କୃଷ୍ଣପ୍ରସାଦ,୨୯।୮(ଡି.ଏନ୍.ଏ.):

ପୁରୀ ଜିଲା ପ୍ରଶାସନ ପକ୍ଷରୁ ସୋମବାର କୃଷ୍ଣପ୍ରସାଦ ବ୍ଲକ ପରିସରରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ ଯୋଗଦେଇ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଫାଇଲିନ, ଫନୀ ସହାୟତା ବାସଗୃହ, ଖାଦ୍ୟ ଯୋଗାଣ, ଭତ୍ତା, ପଞ୍ଚାୟତ ଉନ୍ନୟନ ପାଣି ସମସ୍ୟା ସମ୍ପର୍କୀୟ ୫୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ନୂଆପଡ଼ା ସରପଞ୍ଚ କବିତା ଜେନା ପଞ୍ଚାୟତର ଗ୍ରାମୀଣ ଉଦ୍ୟାନରେ ମାଟି ପୋତିବା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବା ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀଙ୍କ ଅଭାବ ଏବଂ ନୂଆପଡ଼ାରେ ପ୍ରାଣୀ ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ଦାବି କରିଥିଲେ। ସାତପଡ଼ାରୁ ସୁନାମୁହିଁ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ବୁଲୁଥିବା ଗୋରୁଗାଈଙ୍କ ରହଣୀ ନିମନ୍ତେ ବ୍ୟବସ୍ଥା କରିବା ପାଇଁ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ, ପିରିଜିପୁର ସରପଞ୍ଚ ମଳୟ ଜେନା ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ବଜ୍ରକୋଟ ସରପଞ୍ଚ ପ୍ରଦୀପ ସେଠୀ କନ୍ଧାଖାଇ ଉପସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିଭୂମି ବିକାଶ ସହିତ ଯୁକ୍ତ ତିନି କନ୍ଧାଖାଇ ମହାବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ଡ. କନୱର ବିଶାଲ ସିଂ, ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ, ଡେପୁଟି କଲେକ୍ଟର ଇତିଶ୍ରୀ ନାୟକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ରଶ୍ମୀରେଖା ଦାସ, ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଯୋଗାଣ ଅଧିକାରୀ ସୁବୋଧ ହୋତା, କୃଷ୍ଣପ୍ରସାଦ ବିଡିଓ ମନୋଜ ନାୟକ, ତହସିଲଦାର ଉଲ୍ଲାସ କୁମାର ସେଠୀ, ଆଇଆଇସି ଶରତ ନାୟକ, ସିଡିପିଓ ମନୋରମା ଦେବୀ, ବିଇଓ ଆର୍ତ୍ତତ୍ରାଣ ମିଶ୍ର, ବିଆରସିସି ସତ୍ୟବ୍ରତ ସାହୁ, ସହକାରୀ ଯନ୍ତ୍ରୀ ପ୍ରସନ୍ନ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ପବିତ୍ର ମଲ୍ଲିକ, ବିପିନ ବିହାରୀ ମଙ୍ଗରାଜ, ସୌମ୍ୟଶ ବୈଶାଖ, ସୁଶୀଲ ବରାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ହୋଇଥିବା ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କୁବେର ଜେନା, ରଞ୍ଜନ ବେହେରା, ପ୍ରଭାତ ଜେନା, ସୌଭାଗ୍ୟ ବଳିୟାରସିଂହ, ଅଭିନ୍ନ ପଲାଇ, ରଶ୍ମି ରଞ୍ଜନ ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।





ଜନଶୁଣାଣିରେ ଉପସ୍ଥିତ ଅତିରିକ୍ତ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।

# ୧୧ଦିନ ବ୍ୟାପୀ ଚୁଡ଼ାଘଷା, ଫଳ ଲାଗି ହୁଏ

ଜଟଣୀ,୨୯।୮(ଡି.ଏନ୍.ଏ.):

ଆଉ ଦିନକ ପରେ ଗଣେଶ ପୂଜା। ଏଥିପାଇ ଗାଁ ଠୁ ସହର ଉତ୍ସବମୁଖର। ଦୁଇବର୍ଷ ପରେ ବିଘ୍ନରାଜ ଗଣପତି ବାବା ଭକ୍ତଙ୍କ ମେଳରେ ପୂଜା ପାଇବେ। ମଣ୍ଡପରେ ଠାକୁରଙ୍କୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ରହିଛି ଉତ୍କଣ୍ଠା। ଏହି ପରିପ୍ରେକ୍ଷୀରେ ବିଘ୍ନବିନାଶକଙ୍କ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। ସ୍ଥାନୀୟ କୁଦିଆରୀ ବଜାର ବ୍ୟବସାୟୀ ସଂଘର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏଥର ପୂଜାରେ ୩ ରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେବା ନେଇ ସଂଘ ପକ୍ଷରୁ ଆକଳନ କରାଯାଇଛି। ୯ ଫୁଟ ଉଚ୍ଚର ଗଣେଶଙ୍କ ମୂର୍ତ୍ତି ପୂଜା ପାଇବାକୁ ଥିବା ବେଳେ ସଂଘ ପକ୍ଷରୁ ଆୟୋଜିତ ମୀନାବଜାର ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବ।

ବାଜ ସାହୁ ନାମକ ବ୍ୟବସାୟୀ ୧୯୪୧ ମସିହାରେ ଏଠାରେ ପ୍ରଥମେ ନିଜ ଘରେ ପୂଜା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ୧୯୮୩ ମସିହାରେ ଏହି ବ୍ୟବସାୟୀ ସଂଘ ପକ୍ଷରୁ ପୂଜା ପାଇଁ ମଣ୍ଡପ ନିର୍ମାଣ କରାଯାଇଥିଲା। ଉକ୍ତ ସ୍ଥାୟୀ ମଣ୍ଡପରେ ରୀତିନୀତି ଅନୁସାରେ ଗଣେଶ ପୂଜାରେ ତ୍ରିମୂର୍ତ୍ତି ପୂଜା ପାଇ ଆସୁଛନ୍ତି। ପୂଜାକୁ ଆକର୍ଷଣୀୟ କରିବା ପାଇଁ ୧୯୯୦ରେ ସୁଦର୍ଶନ ସୁନ୍ଦରାୟ, ମନା ରାଓ, ଚନ୍ଦ୍ରଶେଖର ମହାନ୍ତି, ରାମଚନ୍ଦ୍ର ବଳିୟାରସିଂହ ପ୍ରମୁଖ ସମସ୍ତ ବ୍ୟବସାୟୀ ଭାଇଙ୍କ ସହଯୋଗରେ ପୂଜାର ଦାୟିତ୍ୱ ନେଇ କୁଦିଆରୀ ବଜାର ମଣ୍ଡପକୁ ଏକ ସ୍ୱତନ୍ତ୍ର ସ୍ଥାନରେ ପହଞ୍ଚାଇ ପାରିଛନ୍ତି। ଏହି ମଣ୍ଡପରେ ଗଣେଶ ଚତୁର୍ଥୀଠାରୁ ପୂର୍ଣ୍ଣିମୀ ପର୍ଯ୍ୟନ୍ତ ପ୍ରତିଦିନ ବିଭିନ୍ନ ପ୍ରକାର ସୁସ୍ୱାଦୁ ଭୋଗ ଠାକୁରଙ୍କୁ ଲାଗି ହୋଇଥାଏ, ଯାହାକୁ ଶ୍ରଦ୍ଧାଳୁ ଏବଂ ପୂଜା କମିଟି ପ୍ରଦାନ କରିଥାନ୍ତି। ସୀତାରାମ ଛକ, ବଡ଼ବଜାର ଏବଂ କୁଦିଆରୀ ବଜାର ପର୍ଯ୍ୟନ୍ତ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ସୀମିତ ସ୍ଥାନରେ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ଚେଷ୍ଟା କରାଯାଉଛି। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ସହ ୩୦ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହେବେ।



**କୁଦିଆରୀ ବଜାର ବ୍ୟବସାୟୀ ସଂଘ**

### ଏମାନେ ଯାହା କୁହନ୍ତି...



୧୯୯୦ ମସିହାରୁ ସଭାପତି ଭାବେ ପୂଜା ଦାୟିତ୍ୱ ବହନ କରିଆସୁଛି। ଏଥର ସଂଘ ପକ୍ଷରୁ ଆୟୋଜିତ ମୀନାବଜାର ମୁଖ୍ୟ ଆକର୍ଷଣ ହେବ। ତେବେ ସହରର ୩ଟି ସ୍ଥାନରେ ମୀନାବଜାର ହେବା ସ୍ଥିର ହୋଇଥିବା ବେଳେ ଖୋର୍ଦ୍ଧା, ପିପିଲି, ପୁରୀ, କୋଣାର୍କ ଆଦି ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଏହି ମଣ୍ଡପରେ ଭିଡ଼ ଜମିଥାଏ। ମଣ୍ଡପ ସାଜସଜ୍ଜା ସହ ବିସର୍ଜନ ଆକର୍ଷଣୀୟ ହେବ।

-ସୁଦର୍ଶନ ସୁନ୍ଦରାୟ, ସଭାପତି, କୁଦିଆରୀ ବଜାର ବ୍ୟବସାୟୀ ସଂଘ



ମଣ୍ଡପରେ ୧୧ଦିନ ବ୍ୟାପୀ ଚୁଡା ଘସା ସହିତ ବିଭିନ୍ନ ଫଳ ଭୋଗ ହୋଇଥାଏ। ଠାକୁରଙ୍କ ନିକଟରେ ମାନସିକ ରଖିଲେ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ମାନସିକ ପୂରଣ ପରେ ମାନସିକଧାରୀମାନେ ଠାକୁରଙ୍କ ସେବା ନିମନ୍ତେ ଘଣ୍ଟ, ଘଣ୍ଟା ଆଦି ପ୍ରଦାନ କରିଥାନ୍ତି। ଗଜାନନ ସମସ୍ତଙ୍କର ମଙ୍ଗଳ କରନ୍ତୁ ଏବଂ ଶାନ୍ତିଶୃଙ୍ଖଳାରେ ପୂଜା ଶେଷ ହେବ ବୋଲି ଆଶ ରଖିଛନ୍ତି।

-ରାମଚନ୍ଦ୍ର ବଳିୟାରସିଂହ, ସମ୍ପାଦକ, କୁଦିଆରୀ ବଜାର ବ୍ୟବସାୟୀ ସଂଘ

## ସଂକ୍ଷେପରେ

### ବସ୍-ଟାଭେରା ଧକ୍କା, ୨ ଗୁରୁତର

ନିମାପଡ଼ା,୨୯।୮(ଡି.ଏନ୍.ଏ.): ନିମାପଡ଼ା-ଚାରିଛକ ରାସ୍ତାର ଆମ୍ବୋରୋ ଛକ ନିକଟରେ ସୋମବାର ମଧାହ୍ନରେ ଏକ ଯାତ୍ରୀବାହୀ ବସ୍ ସହ ଏକ ଟାଭେରା ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ଜଣ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇ ଚାରିଛକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ଟାଭେରା ଗାଡିର ଯାତ୍ରୀ ଅସ୍ତରଙ୍ଗ ଥାନା ଅଞ୍ଚଳର ଅଭିମନ୍ୟୁ ପଢିଆରୀ(୪୫) ଓ ବସ୍‌ଯାତ୍ରୀ ଭୁବନେଶ୍ୱର ଅଞ୍ଚଳର ବାଦଲ ସିଂ(୨୮)। ସୂଚନା ମୁତାବକ, ମଧାହ୍ନରେ ନିମାପଡ଼ାରୁ ଅସ୍ତରଙ୍ଗ ଅଭିମୁଖେ ଆସୁଥିବା ଶାରଳା ବସ୍‌ଟି ବିପରୀତ ଦିଗରୁ ଆସୁଥିବା ଟାଭେରା ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କାରେ ଟାଭେରାଟି ଭାଙ୍ଗିରୁଜି ଯାଇଛି। ଖବରପାଇ ଚାରିଛକ ଫାଣ୍ଡି ଏଏସ୍‌ଆଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ଗାଡିକୁ ଜବତ କରିଥିଲା। ଏନେଇ ଫାଣ୍ଡିରେ କୌଣସି ଅଭିଯୋଗ ହୋଇ ନ ଥିବା ଫାଣ୍ଡି ଅଧିକାରୀ କହିଛନ୍ତି। ଏହି ଦୁର୍ଘଟଣାରେ ବସ୍‌ର ଅନ୍ୟ କୌଣସି ଯାତ୍ରୀଙ୍କ କୌଣସି କ୍ଷତି ହୋଇ ନ ଥିବା ଜଣାପଡିଛି।

### ବ୍ଲାକବେଲ୍ଟ, ଜାତୀୟ ରେଫରି ସାର୍ଟିଫିକେଟ ପ୍ରଦାନ

ପୁରୀ ଅଫିସ,୨୯।୮: ଟାଏକୋଣ୍ଡୋ ଟ୍ରେନିଂ ସେଣ୍ଟର୍ ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀ ଦ୍ୱାରା ବ୍ଲାକବେଲ୍ଟ ଓ ଜାତୀୟ ରେଫରି ସାର୍ଟିଫିକେଟ ପ୍ରଦାନ ଉତ୍ସବ ଶରଧାବାଲିସ୍ଥିତ ରାଣୀ ସତୀଭବନଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ୍‌ର କୋଷାଧକ୍ଷ ବ୍ୟୋମକେଶ ଅଭିଳାଷ ପ୍ରସାଦ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଜୁ ଜନତା ଦଳର ଜିଲା ସମ୍ପାଦକ ରାଧାରମଣ ସ୍ୱାଇଁ, ଶ୍ରୀକ୍ଷେତ୍ର ଟ୍ରକ୍ ସଂଘ ପରିଚାଳକ ସମ୍ପାଦକ ଅମିତ୍ ଅରୁଣ ବିଶ୍ୱାଳ ଓ ସଂଘ କୋଷାଧକ୍ଷ ଅମିୟ ଜେନା ଓ ଜିଲା ଟାଏକୋଣ୍ଡୋ ସଂଘର ସଭାପତି ଧବଳେଶ୍ୱର ମହାପାତ୍ର ଏବଂ ପରାମର୍ଶଦାତା ସନ୍ତୋଷ ଚନ୍ଦୁକା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କ୍ରୀଡାବିତ୍‌ମାନଙ୍କ ମଧ୍ୟରୁ ଦୀପକ କୁମାର ପ୍ରଧାନ, ସୁମିତ୍ରା ପ୍ରଧାନ, ସୀମା କୁମାରୀ ହାଁସଦା, ସଂଯୁକ୍ତା ବରାଳ, ସନ୍ ତ୍ରିପାଠୀ, ମୋନିକା ପଲେଇ, ଅପର୍ଣ୍ଣା ସାହୁ, ପ୍ରିୟାଂଶୁ ସ୍ୱାଇଁ, ଦିବ୍ୟା ସାହୁ, ପ୍ରତୀକ୍ ବେହେରା, ଲକ୍ଷ୍ମୀରାଣୀ ଦଲେଇ, ଶ୍ରେୟାସ ମହାପାତ୍ର ଓ ଲିପିକା ପଲେଇଙ୍କୁ ବ୍ଲାକବେଲ୍ଟ ସହ ଜାତୀୟ ରେଫରି ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଜିଲା ବିଜୁ ଜନତା ଦଳର ସମ୍ପାଦକ ରାଧାରମଣ ସ୍ୱାଇଁ ସମସ୍ତ କ୍ରୀଡାବିତ୍‌ଙ୍କୁ ଉତ୍ସାହିତ କରିବା ସହ ସମସ୍ତଙ୍କୁ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀକ୍ଷେତ୍ର ଟ୍ରକ୍ ସଂଘ ପରିଚାଳକ ସମ୍ପାଦକ ବିଶ୍ୱାଳ ଓ ସଂଘ କୋଷାଧକ୍ଷ ଜେନା କ୍ରୀଡାବିତ୍‌ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ବିଶ୍ୱନାଥ ନାୟକ ଧନ୍ୟବାଦ ଦେଇଥିଲେ।

### ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ

କୃଷ୍ଣପ୍ରସାଦ,୨୯।୮(ଡି.ଏନ୍.ଏ.): କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତର ଦୁଇ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ସୋମବାର ବ୍ଲକ ପରିସରରେ ଅଲଣ୍ଡା ପଞ୍ଚାୟତ ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ସମିତିସଭ୍ୟା ମାନସୀ ସାହୁ ଉପସ୍ଥିତ ରହି ଯମୁନା ଗ୍ରାମର ଦିବ୍ୟାଙ୍ଗ କୃଷ୍ଣ ବାରିକ (୪୧) ଏବଂ ଅଲଣ୍ଡା ଗ୍ରାମର ମାମା ମିସ୍ତ୍ରୀ(୧୩)ଙ୍କୁ ଏହି ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ଏହି ସାଇକେଲ ପାଇଥିବାରୁ ଦିବ୍ୟାଙ୍ଗଦ୍ୱୟ ସରପଞ୍ଚ ସମିତିସଭ୍ୟାଙ୍କୁ ଧନ୍ୟବାଦ ଜଣାଇଥିଲେ।

# ବନ୍ୟାଞ୍ଚଳରେ ତଳି ଅଭାବ: ଚଢ଼ା ଦରରେ କିଣୁଛି ଚାଷୀ

ଗୋପ,୨୯।୮(ଡି.ଏନ୍.ଏ.)

ଚଳିତବର୍ଷ କୁଶଭଦ୍ରା ଓ ଧନୁଆଁ ନଦୀ ବନ୍ୟାଜଳରେ ସମ୍ପୂର୍ଣ୍ଣ ଖରିଫ ଧାନଚାଷ ଗୋପ ବ୍ଲକର ୯ ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଛି। ଏକ ସପ୍ତାହ ଧରି ୯ ପଞ୍ଚାୟତରେ ବନ୍ୟାଜଳରେ ଧାନଜମି ବୁଡ଼ି ରହିବା ଫଳରେ ଚାଷୀ ରୋଇ ଥିବା ତଳି ପରିଶଢ଼ି ଯିବା ପରେ ଚାଷୀ ଏବେ ନିରୁପାୟ ହୋଇପଡ଼ିଛି। ତଳି ଯୋଡ଼ାକୁ ଏବେ ବାହାରେ ୧୨୦ ଟଙ୍କା ଚଢା ମୂଲ୍ୟ ଦେଇ କେତେକ ଚାଷୀ କିଣୁଥିବାବେଳେ ଅନେକେ ତଳି କିଣି ପାରୁନାହାନ୍ତି। ଧାରକରଜ କରି ଚାଷ କରିଥିବା ଚାଷୀଙ୍କ ମେରୁଦଣ୍ଡ ବନ୍ୟା ଭାଙ୍ଗି ଦେବାସହ ୧୪ ମାସର ଭାତହାଣ୍ଡିକୁ ଛଡ଼ାଇ ନେଇଥିବା ଅଭିଯୋଗ କରିଛନ୍ତି ଚାଷୀ। ପ୍ରକାଶ ଯେ, ଗତ ୧୬ ତାରିଖରେ କୁଶଭଦ୍ରା ନଦୀର ଖଣ୍ଡିଆକୁଦ ନିକଟରେ ଏକ ଘାଇ ସୃଷ୍ଟି ହୋଇଥିଲା। ଏଥିରେ ବ୍ଲକର ୪୧ ଗାଁ ବନ୍ୟାଜଳ ଘେରରେ ରହିଥିଲା। ଏଥିସହ



ଜଣେ ଚାଷୀ ଧାନ ତଳି ନେଇ ବିଲ ଅଭିମୁଖେ ବାହାରିଛନ୍ତି।

୯ ପଞ୍ଚାୟତରେ ଖରିଫ ଧାନ ଚାଷ ହୋଇଥିବା ୪୩୪୨ ହେକ୍ଟର ଚାଷଜମି ଜଳମଗ୍ନ ହୋଇଥିଲା। ଫଳରେ ରୁଆ ହୋଇଥିବା ତଳି ସମ୍ପୂର୍ଣ୍ଣ ଶଢି ଯାଇଥିଲା। ୧୭୩ ହେକ୍ଟର ଚାଷଜମିରେ ହୋଇଥିବା ପନିପରିବା ଚାଷକୁ ମଧ ନଷ୍ଟଭ୍ରଷ୍ଟ କରିଥିଲା। ଏବେ ବନ୍ୟାଜଳ ଛାଡିବା ପରେ ଚାଷୀ ମୁଣ୍ଡରେ ଚଡ଼କ ପଡିଛି। ପୁଣି ଖରିଫ ଧାନଚାଷ କରିବା ଲାଗି ଚାଷଜମିକୁ ବେଉଷଣ କରିବା ପରେ ତଳିର ଅଭାବ ଦେଖା ଦେଇଛି। ଏପରି ଅବସ୍ଥା ଦେଖା ଦେଇଥିବାବେଳେ ପୂର୍ବବର୍ଷ ଅପେକ୍ଷା ତଳି ଦାମ୍ ୩ ଗୁଣା ଅର୍ଥାତ୍ ତଳି ଯୋଡ଼ାକୁ ୧୨୦ ଟଙ୍କାରୁ ଅଧିକ ଦାମ୍‌ରେ ମିଳୁଛି। ହେଲେ ତାହା ପୁଣି ଆବଶ୍ୟକତା ଅନୁସାରେ ମିଳୁ ନାହିଁ। ଗୋପ ଅଞ୍ଚଳରେ ଚଳିତବର୍ଷ ୪୪ ହଜାର ୫୧୩ ଜଣ ଚାଷୀ ୨୧ହଜାର ୭୦୦ ହେକ୍ଟର ଚାଷଜମିରେ ଖରିଫ୍ ଧାନ ଚାଷ କରିଥିଲେ। ଏହି ଖରିଫ ଚାଷ ମଧ୍ୟରେ ବୁଣା ଧାନ ୧ ହଜାର ୩୩୭ ହେକ୍ଟର, ଅଣଧାନ ୧ ହଜାର ୮୦୭ ହେକ୍ଟର ଓ ଧାନ ୧୮ ହଜାର ୮୭୪ ହେକ୍ଟର ଧାନ ଚାଷ ହୋଇଥିବାବେଳେ ମାତ୍ର ୯ ଶହ ହେକ୍ଟରରେ ତଳି ରୁଆ ହୋଇଥିବା ବ୍ଲକ ଅତିରିକ୍ତ କୃଷି ଅଧିକାରୀ ଚନ୍ଦ୍ରଶେଖର ଦାସ ସୂଚନା ଦେଇଛନ୍ତି। ଏହି ବନ୍ୟା ଯୋଗୁ ଚାଷୀଙ୍କ ୧୪ ମାସର ଭାତହାଣ୍ଡି ଛଡ଼ାଇ ନେଇଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ସରକାରୀ ସହାୟତା ରାଶି ଘୋଷଣା କରିବା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତର ସରପଞ୍ଚ ମିନା କୁମାରୀ ମହାନ୍ତି ସରକାରଙ୍କ ନିକଟରେ ଦାବି କରିଛନ୍ତି।



ନିମାପଡ଼ା ଉଚ୍ଚ ବିଦ୍ୟାଳୟରେ ଜାତୀୟ କ୍ରୀଡା ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# କ୍ରୀଡ଼ା ଦିବସ, ପୁରସ୍କାର ବିତରଣ ସମାରୋହ

ନିମାପଡ଼ା,୨୯।୮(ଡି.ଏନ୍.ଏ.)

ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଆଥଲେଟିକ୍ ଆସୋସିଏଶନ୍ ପକ୍ଷରୁ ସୋମବାର ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ପ୍ରଖ୍ୟାତ ହକି ତାରକା ଧ୍ୟାନ ଚାନ୍ଦଙ୍କ ଜନ୍ମ ଦିବସ ତଥା ଜାତୀୟ କ୍ରୀଡା ଦିବସ ଅବସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ବିଦ୍ୟାଳୟଠାରେ ଆୟୋଜିତ ସମାରୋହରେ ଅତିଥି ଭାବେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରା, ଶାରୀରିକ ଶିକ୍ଷା ଶିକ୍ଷକ ରଣଜିତ୍ କେଶରୀ ନାୟକ, ଶିକ୍ଷକ ଜ୍ୟୋତିରଞ୍ଜନ ରଥ, ଦୁର୍ଗା ପ୍ରସାଦ ବାରିକ, ଆଥଲେଟିକ୍ ଆସୋସିଏଶନ୍‌ର ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ଉପଦେଷ୍ଟା ମହେନ୍ଦ୍ର ସିଂ ଭାଟିଆ, ବିଶ୍ୱଜିତ୍ ମଲ୍ଲିକ, ପ୍ରକାଶ ବରାଳ, ଜିତେଶ୍ କାନୁନ୍‌ଗୋ ପ୍ରମୁଖ ଯୋଗଦେଇଥିଲେ। ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଛାତ୍ରଙ୍କ ମଧ୍ୟରେ ଖୋଖୋ, ପଟାଟୋ ରେସ୍, ହଟ୍ ଦି ବଲ୍, ପଏଣ୍ଟ ଦି ବଲ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହ 'ହକି ଯାଦୁକର ମେଜର ଧ୍ୟାନଚାନ୍ଦ' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରଙ୍କୁ ଅତିଥିମାନେ ପୁରସ୍କାର, ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ସମାରୋହରେ ବିଦ୍ୟାଳୟର ଶତାଧିକ ଛାତ୍ର, ଶିକ୍ଷକ, ଆଥଲେଟିକ୍ ଆସୋସିଏଶନ୍‌ର କର୍ମକର୍ତ୍ତା, ସଦସ୍ୟ, କ୍ରୀଡାବିତ୍ ଯୋଗଦେଇଥିଲେ। ଆଥଲେଟିକ୍ ଆସୋସିଏଶନ୍ କାର୍ଯ୍ୟାଳୟଠାରେ କ୍ରୀଡା ପତାକା ଉତ୍ତୋଳନ କରାଯାଇଥିଲା।

# ସ୍ୱର୍ଗଦ୍ୱାର ଅଞ୍ଚଳରେ ବଢୁଛି ଚୋରି, ଲୁଟ୍

ପୁରୀ ଅଫିସ,୨୯।୮

- ସିସିଟିଭି ଫୁଟେଜ୍‌ରେ ଚୋରି ଦୃଶ୍ୟ କଏଦ
- ପୋଲିସ ପକ୍ଷରୁ ତଦନ୍ତ ଜାରି

ସ୍ୱର୍ଗଦ୍ୱାର ଅଞ୍ଚଳରେ ନିଶା କାରବାର, ଚୋରି ଓ ଲୁଟ୍ ଘଟଣା ବଢୁଛି। ଦୁର୍ବୃତ୍ତ ସ୍ୱର୍ଗଦ୍ୱାର ପାର୍କିଂରୁ ଗାଡ଼ି ଓ ଜଣେ ବ୍ୟକ୍ତିଙ୍କ ପକେଟ୍‌ରୁ ମୋବାଇଲ ଫୋନ୍ ଚୋରି କରୁଥିବା ସିସିଟିଭି ଫୁଟେଜ୍‌ରେ ଦେଖିବାକୁ ମିଳିଛି। ଗତ ୨୭ତାରିଖ ରାତିରେ ଗୋପ ଅଞ୍ଚଳର ସରୋଜ ବେହେରା ସ୍ୱର୍ଗଦ୍ୱାର ବିଶ୍ରାମସ୍ଥଳୀରେ ଶୋଇଥିବାବେଳେ ତାଙ୍କ ପକେଟ୍‌ରୁ ମୋବାଇଲ ଫୋନ୍‌କୁ ଦୁର୍ବୃତ୍ତ ନେଇଯାଇଥିଲେ। ସିସିଟିଭି ଫୁଟେଜ୍‌ରେ ଏହି ଦୃଶ୍ୟ କଏଦ ହୋଇଥିଲା। ଉକ୍ତ ଫୁଟେଜ ଦେଖିବା ପରେ ଜଣାପଡ଼ିଥିଲା ଯେ, ସରୋଜଙ୍କ ପକେଟ୍‌ରେ ଜଣେ ଦୁର୍ବୃତ୍ତ ବ୍ଲେଡ୍ ମାରି ମୋବାଇଲ ଫୋନ୍ ନେଇ ଚମ୍ପଟ ମାରିଥିଲେ। ଏହାପରେ ସେ ସ୍ୱର୍ଗଦ୍ୱାର ପାର୍କରେ ଅନ୍ୟ ଜଣଙ୍କ ସହ ମିଶି ବାଇକ୍ ଲକ୍ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଦୀର୍ଘ ସମୟ ଧରି ଚେଷ୍ଟା ସତ୍ତ୍ୱେ ବାଇକ୍ ଲକ୍ ଭାଙ୍ଗି ନ ଥିଲା। ଫଳରେ ସେ ସେଠାରୁ ଚାଲିଯାଇଥିଲେ। ଏ ନେଇ ପୁରୀ ସମୁଦ୍ରକୂଳ ଥାନାରେ ଅଭିଯୋଗ ହେବା ପରେ ସ୍ୱର୍ଗଦ୍ୱାର ସେବା ସମିତି ପକ୍ଷରୁ ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଛି। ପୋଲିସ ଏହି ଫୁଟେଜ୍‌କୁ ତଦନ୍ତ ପାଇଁ ନେଇଛି। ପୁରୀ ସମୁଦ୍ରକୂଳ ଥାନା ଆଇଆଇସି ଚିନ୍ମୟ ରାଉତ କହିଛନ୍ତି, ସ୍ୱର୍ଗଦ୍ୱାର ଅଞ୍ଚଳରେ ଚୋରି ଓ ନିଶାଦ୍ରବ୍ୟ ସେବନ ଅଭିଯୋଗ ଆସୁଛି। ସେଥିପାଇଁ ରାତ୍ରକାଳୀନ ପାଟ୍ରୋଲିଂରେ ସ୍ୱର୍ଗଦ୍ୱାର ଅଞ୍ଚଳକୁ ପ୍ରାଥମିକତା ଦିଆଯାଉଛି। ସମ୍ପ୍ରତି ହୋଇଥିବା ଚୋରି ନେଇ ସିସିଟିଭି ଫୁଟେଜ୍ ଆଧାରରେ ପୋଲିସ ତଦନ୍ତ କରୁଛି। ସେହିପରି ସ୍ୱର୍ଗଦ୍ୱାର ସେବା ସମିତିର ସମ୍ପାଦକ ତଥା ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ସ୍ୱର୍ଗଦ୍ୱାର ଅଞ୍ଚଳରେ ମାଦକ ଦ୍ରବ୍ୟ ସେବନ, ଗଣ୍ଡଗୋଳ ଓ ଚୋରି ଇତ୍ୟାଦିକୁ ରୋକିବା ପାଇଁ ସିସିଟିଭିର ବ୍ୟବସ୍ଥା କରାଯାଇଛି।

# ମହିଳାଙ୍କ ମୃତଦେହ ଜବତ

ଅସ୍ତରଙ୍ଗ,୨୯।୮(ଡି.ଏନ୍.ଏ.)

**ହତ୍ୟା ଅଭିଯୋଗ ଆଣିଲେ ବାପଘର, ସ୍ୱାମୀ ଅଟକ**

ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆଳସାହି ଗ୍ରାମରୁ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ଦୁଃଶାସନ ମଲ୍ଲିକଙ୍କ ସ୍ତ୍ରୀ ରିଙ୍କି ପରିଡ଼ା। ତେବେ ଅଧିକ ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ବାପଘର ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୯୧/୨୨) ରୁଜୁ କରି ମୃତାଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୋଲିସ ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ନଗର ଗ୍ରାମର ରିଙ୍କି ପରିଡ଼ା ୬ବର୍ଷ ପୂର୍ବେ ଆଳସାହି ଗ୍ରାମର ଦୁଃଶାସନ ମଲ୍ଲିକଙ୍କୁ ବିବାହ କରିଥିଲେ। ବିବାହର ୮ମାସ ପରେ ରିଙ୍କିଙ୍କୁ ଅଧିକ ଯୌତୁକ ଦାବି କରି ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଇଆସୁଥିଲେ। ଏହି ସମସ୍ୟାକୁ ନେଇ୨ ପରିବାର ମଧ୍ୟରେ ବୁଝାମଣା ହୋଇଥିଲେ ମଧ ତାହା ଫଳପ୍ରଦ ହୋଇ ନ ଥିଲା। ରିଙ୍କିଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ସେ ବାପଘରକୁ କହିଥିଲେ। ହେଲେ ରବିବାର ରାତିରେ ରିଙ୍କି ବିଷ ଖାଇଦେଇଥିବା ଶାଶୁଘର ଲୋକେ ଝିଅର ବାପାଙ୍କୁ କହିଥିଲା। ତାଙ୍କୁ ଚିକିତ୍ସା ପାଇଁ କଟକ ନିଆଯାଇଥିବାରୁ ରିଙ୍କିଙ୍କ ବାପା ପହଞ୍ଚିବାବେଳେ ଝିଅର ମୃତ୍ୟୁ ହୋଇଯାଇଥିଲା। ଝିଅକୁ ଶାଶୁଘର ଲୋକେ ମାରିଦେଇଥିବା ସନ୍ଦେହ କରି ଅସ୍ତରଙ୍ଗ ଥାନାରେ ରିଙ୍କିଙ୍କ ମାଆ ଏକ ଲିଖିତ ଅଭିଯୋଗ କରିଛନ୍ତି। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରିଙ୍କିର ମୃତଦେହ ଜବତ କରି ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପରେ ବ୍ୟବଚ୍ଛେଦ ପାଇଁ ଚାରିଛକ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ପଞ୍ଚାନନ ପରିଡା କହିଛନ୍ତି।

## ଜନଶୁଣାଣି ଶିବିରରେ ୫୧ ଅଭିଯୋଗ

କୃଷ୍ଣପ୍ରସାଦ,୨୯।୮(ଡି.ଏନ୍.ଏ.)

ପୁରୀ ଜିଲା ପ୍ରଶାସନ ପକ୍ଷରୁ ସୋମବାର କୃଷ୍ଣପ୍ରସାଦ ବ୍ଲକ ପରିସରରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ ଯୋଗଦେଇ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଫାଇଲିନ, ଫନୀ ସହାୟତା ବାସଗୃହ, ଖାଦ୍ୟ ଯୋଗାଣ, ଭତ୍ତା, ପଞ୍ଚାୟତ ଉନ୍ନୟନ ପାଣି ସମସ୍ୟା ସମ୍ପର୍କୀୟ ୫୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ନୂଆପଡ଼ା ସରପଞ୍ଚ କବିତା ଜେନା ପଞ୍ଚାୟତର ଗ୍ରାମୀଣ ଉଦ୍ୟାନରେ ମାଟି ପୋତିବା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବା ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀଙ୍କ ଅଭାବ ଏବଂ ନୂଆପଡ଼ାରେ ପ୍ରାଣୀ ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ଦାବି କରିଥିଲେ। ସାତପଡ଼ାରୁ ସୁନାମୁହିଁ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ବୁଲୁଥିବା ଗୋରୁଗାଈଙ୍କ ରହଣୀ ନିମନ୍ତେ ବ୍ୟବସ୍ଥା କରିବା ପାଇଁ ବ୍ଲକ ଅଧକ୍ଷା ସରୋଜିନୀ ତରେଇ, ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ, ପିରିଜିପୁର ସରପଞ୍ଚ ମଳୟ ଜେନା ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ବଜ୍ରକୋଟ ସରପଞ୍ଚ ପ୍ରଦୀପ ସେଠୀ କନ୍ଦାଖାଇ ଉପସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିଭୂମି ବିକାଶ ସହିତ ଯୁକ୍ତ ତିନି କନ୍ଦାଖାଇ ମହାବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ଡ. କନୱର ବିଶାଲ ସିଂ, ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ, ଡେପୁଟି କଲେକ୍ଟର ଇତିଶ୍ରୀ ନାୟକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ରଶ୍ମୀରେଖା ଦାସ, ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଯୋଗାଣ ଅଧିକାରୀ ସୁବୋଧ ହୋତା, କୃଷ୍ଣପ୍ରସାଦ ବିଡିଓ ମନୋଜ ନାୟକ, ତହସିଲଦାର ଉଲ୍ଲାସ କୁମାର ସେଠୀ, ଆଇଆଇସି ଶରତ ନାୟକ, ସିଡିପିଓ ମନୋରମା ଦେବୀ, ବିଇଓ ଆର୍ତ୍ତତ୍ରାଣ ମିଶ୍ର, ବିଆରସିସି ସତ୍ୟବ୍ରତ ସାହୁ, ସହକାରୀ ଯନ୍ତ୍ରୀ ପ୍ରସନ୍ନ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ପବିତ୍ର ମଲ୍ଲିକ, ବିପିନ ବିହାରୀ ମଙ୍ଗରାଜ, ସୌମ୍ୟଶ ବୈଶାଖ, ସୁଶୀଲ ବରାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ହୋଇଥିବା ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# 'ଅସ୍ତରଙ୍ଗ ହେବ ସବୁଜ ବଳୟ'

ଅସ୍ତରଙ୍ଗ,୨୯।୮(ଡି.ଏନ୍.ଏ.)

ବିଜୁ ଜନତା ଦଳର ୨୫ ବର୍ଷର ପୂର୍ତ୍ତି ପାଳନ ଓ ବିଶ୍ୱ କ୍ରୀଡା ଦିବସ ପାଳନ ଅବସରରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ଅସ୍ତରଙ୍ଗ ବ୍ଲକରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ଯୋଗଦେଇଥିଲେ। ଅତିଥିଙ୍କ ଉପସ୍ଥିତିରେ ଜୋନ ନଂ. ୨ ଅନ୍ତର୍ଗତ ଆଳସାହି ପଞ୍ଚାୟତର ଅନନ୍ତାଠାରୁ ଓଳିହାଁ ପର୍ଯ୍ୟନ୍ତ ବ୍ୟାପକ ଚାରା ରୋପଣ ଏବଂ ଜୋନ ନଂ. ୧ ଅନ୍ତର୍ଗତ ଜନତା ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ମନ୍ତ୍ରୀ ବେହେରା କହିଥିଲେ ଆଗାମୀ ଦିନରେ ଅସ୍ତରଙ୍ଗ ଉପକୂଳ ଅଞ୍ଚଳକୁ ଏକ ସବୁଜ ବଳୟ କରାଯିବ। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବାରେ ଏକ ରକ୍ଷା କବଚ ସଦୃଶ ହେବ। ଜିଲା ପରିଷଦ ଉପାଧ୍ୟକ୍ଷ ନାୟକ କହିଥିଲେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଗଙ୍ଗାଦେବୀରେ ଇକୋ ରିଟ୍ରିଟ କରାଯିବ। ପର୍ଯ୍ୟଟନ ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ। ଜିଲା ଯୁବ ସଭାପତି ନାରାୟଣ ସ୍ୱାଇଁ, ଭୁବନେଶ୍ୱର ଜୋନ ସଭାପତି ବିଜୟ କେତନ ସାହୁ, ଜିଲା ଛାତ୍ର ସଭାପତି ରାଜେଶ ରଥ ଏବଂ ଜିଲା ପରିଷଦ ସଭ୍ୟା ସରସ୍ୱତୀ ସାଇଁଙ୍କ ସମେତ ୧୫ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବହୁ ପରିବେଶବିତ ଯୋଗଦେଇଥିଲେ।

# 'ରାଧାକୃଷ୍ଣ ଯୁଗଳବନ୍ଦୀ ତତ୍ତ୍ୱ'ର ସ୍ତୁତିଗାନ ଆସର



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ପୁରୀ ଅଫିସ,୨୯।୮

ଧାର୍ମିକ ଅନୁଷ୍ଠାନ ପୂର୍ଣ୍ଣଦାସ ଫାଉଣ୍ଡେଶନ ଆନୁକୂଲ୍ୟରେ ସ୍ଥାନୀୟ ସାଲବେଗ ପୀଠ ପରିସରରେ 'ଶ୍ରୀରାଧାକୃଷ୍ଣ ଯୁଗଳବନ୍ଦୀ ତତ୍ତ୍ୱ' ଆଲୋଚନା ଶୀର୍ଷକ ସ୍ତୁତିଗାନ ଆସର ସୋମବାର ଅନୁଷ୍ଠିତ ହୋଇଛି। ଫାଉଣ୍ଡେଶନ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଜିଲାପାଳ, ବରିଷ୍ଠ କବି ଲିଙ୍ଗରାଜ ରଥ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସଦାଶିବ ମିଶ୍ର ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ପ୍ରାଚୀ ମହାବିଦ୍ୟାଳୟର ଅଧକ୍ଷ ଡ. ଦିଲୀପ କୁମାର ସେନାପତି ଉପସ୍ଥିତ ଥିଲେ। ଆଧାତ୍ମିକ ପରିବେଶ ମଧ୍ୟରେ ଅତିଥିମାନଙ୍କର ଶ୍ରୀ ରାଧା କୃଷ୍ଣ ଯୁଗଳବନ୍ଦୀ ତତ୍ତ୍ୱ ଉପରେ ମାର୍ଗଦର୍ଶନ ଶ୍ରୋତାମାନଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଶ୍ରୀକୃଷ୍ଣ ଓ ରାଧାତତ୍ତ୍ୱ ଏକ, ଯିଏ ସତ୍ୟ, ସନାତନ ଓ ଆନନ୍ଦବ୍ରହ୍ମ ଅଟନ୍ତି। ତାଙ୍କ ନିର୍ଦ୍ଦେଶରେ ବ୍ରହ୍ମାଣ୍ଡ ପରିଚାଳିତ ତାଙ୍କୁ ଚିନ୍ତନ କରିବା, ସ୍ମରଣ କରିବା ଓ ମନନ କରିବା ଜୀବର ଅନ୍ତିମ ଲକ୍ଷ୍ୟ। ଉକ୍ତ ଆଧାତ୍ମିକ ସଭାରେ ୬୦ଜଣ କବି, ଲେଖକ, ତତ୍ତ୍ୱବିତ୍ ଯୋଗଦେଇଥିଲେ। ସଭା କାର୍ଯ୍ୟ ପ୍ରାରମ୍ଭରେ ପଣ୍ଡିତ ଦୟାନିଧି ପଣ୍ଡା ଓ ସୁବାସିନୀ ଶତପଥୀ ବେଦପାଠ କରିଥିଲେ। ଭକ୍ତିଅର୍ଘ୍ୟର ରସମୟ ସମ୍ପାଦକ ତଥା ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା ତଥା ପରିଚାଳନା କରିଥିଲେ। ସଂଗଠକ ପ୍ରଶାନ୍ତ ବରାଳ ସହଯୋଗ କରିଥିଲେ। ଶେଷରେ ଅଧାପିକା ତଥା ଗବେଷିକା ଡ. କଲ୍ୟାଣୀ ଶତପଥୀ ଧନ୍ୟବାଦ ଦେଇଥିଲେ।

# ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ



ସାକ୍ଷୀଗୋପାଳ,୨୯।୮(ଡି.ଏନ୍.ଏ./ସ୍ୱ.ପ୍ର.)

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସରରେ ସୋମବାର ଛାତ୍ରୀଛାତ୍ରଙ୍କ କମ୍ପ୍ୟୁଟର ଶିକ୍ଷା ନିମନ୍ତେ ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ୍ (ଓକେସିଏଲ୍) ସହଯୋଗରେ ଏକ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହା ଫଳରେ ଛାତ୍ରୀଛାତ୍ର କଲେଜ ଶିକ୍ଷା ସହ କମ୍ପ୍ୟୁଟର ଶିକ୍ଷା, ବ୍ୟାଙ୍କିଙ୍ଗ୍, ରେଲୱେ, ଏଏସ୍‌ଓ, କର୍ମଚାରୀ ଚୟନ ଆୟୋଗ, ଅଟୋ କାର୍ଡ, ଟାଲୀ ଏବଂ ଆଡ଼ଭାନ୍ସ ଏକ୍ସେଲ ଇତ୍ୟାଦି ନିଯୁକ୍ତିଭିତ୍ତିକ ଶିକ୍ଷାର ତାଲିମ ପାଇପାରିବେ। ଶିକ୍ଷା ସମାପ୍ତ ପରେ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁର ପକ୍ଷରୁ ସାର୍ଟିଫିକେଟ ପାଇପାରିବେ। ଏଥିସହ କ୍ୟାମ୍ପସ ଜରିଆରେ ରୋଜଗାର ପାଇପାରିବେ। ମହାବିଦ୍ୟାଳୟର ଅଧକ୍ଷ ଡ. ରତିକାନ୍ତ ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୋଥାଳ ଏବଂ ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନୀଲ ପଣ୍ଡା ଉପସ୍ଥିତ ଥିଲେ। ଓକେସିଏଲର କାର୍ଯ୍ୟକ୍ରମ ପରିଚାଳକ ସୁଶାନ୍ତ ଦାସ ଓ ବଲାଙ୍ଗୀର ଜିଲା ମୁଖ୍ୟ ବନ୍ୟ ସଂରକ୍ଷକ ଡ. ପ୍ରଦୀପ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷା ବିଭାଗର ମୁଖ୍ୟ ପ୍ର. ଶୁଭ୍ରଦୀପ୍ତା ପଟ୍ଟନାୟକ ସଂଯୋଜନା କରିଥିଲେ। ଓକେସିଏଲର ଅଧିକାରୀ ଦିଲୀପ ମିଶ୍ର ଧନ୍ୟବାଦ ଦେଇଥିଲେ। ଅଧକ୍ଷଙ୍କ ସମେତ ଅଧାପିକା ଅଧାପକ ଉପସ୍ଥିତ ଥିଲେ।

## ଖଣ୍ଡେଲାଇଟ ପଥର ବୋଝେଇ ଟ୍ରକ୍ ସହ ୨ ହାଇଡ୍ରା ଜବତ

ନିରାକାରପୁର,୨୯।୮(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ନରଣଗଡ ପଞ୍ଚାୟତ ହାଡପଦା ଅଞ୍ଚଳରେ ଥିବା ବେଆଇନ ସୋମବାର ପୋଲିସ ଖଣିରେ ଚଢାଉ କରି ଗୋଟିଏ ଖଣ୍ଡେଲାଇଟ ପଥର ବୋଝେଇ ଟ୍ରକ (ଓଆର-୦୯ଏଚ୍-୨୪୫୭) ଜବତ କରିଛି। ଏଥିସହ ଦୁଇଟି ହାଇଡ୍ରାକୁ ମଧ ପୋଲିସ ଜବତ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୩୦୨/୨୨)ରୁଜୁ ହୋଇଛି ବୋଲି ତଦନ୍ତକାରୀ ଅଧିକାରୀ ବେଣୁଧର ରାୟ କହିଛନ୍ତି । ତେବେ ପୋଲିସକୁ ଚକମା ଦେଖାଇ ମାଫିଆମାନେ ଘଟଣାସ୍ଥଳରେ ଗାଡି ଛଡି ଫେରାର ହୋଇଯାଇଥିଲେ।

# ଆଇନ ସାକ୍ଷରତା ମହାଉତ୍ସବ

ପୁରୀ ସହର,୨୯।୮

**ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା**

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲାସ୍ତରୀୟ ପ୍ରବନ୍ଧ, ତର୍କ, ବକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏଥିସହ ଚକ୍ରତୀର୍ଥ ରୋଡ୍‌ସ୍ଥିତ ସଂସ୍କୃତି ଭବନରେ ବିଦ୍ୟାର୍ଥୀ ଆଇନ ସାକ୍ଷରତା କ୍ଲବ ଛାତ୍ରୀଛାତ୍ରଙ୍କୁ ନେଇ କ୍ଷୁଦ୍ର ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହାଉତ୍ସବରେ ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ଦେବୀ ପ୍ରସାଦ ଦାଶ, କଳା ଶିକ୍ଷକ ବିଶ୍ୱ ମୋହନ ରଥ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏବଂ କଳାକାର ଗଣେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବକ୍ତୃତା ପ୍ରତିଯୋଗିତାରେ ପୁରୀ ଜିଲା ସ୍କୁଲ ଛାତ୍ର ବିଶ୍ୱଜିତ ମହଲା ପ୍ରଥମ, ବୀରହରେକୃଷ୍ଣପୁର ହାଇସ୍କୁଲର ଛାତ୍ରୀ ମୟୂରିକା ରାଉତ ଦ୍ୱିତୀୟ, ସରକାରୀ ବାଳିକା ହାଇସ୍କୁଲର ଛାତ୍ରୀ ପ୍ରତିଜ୍ଞା ଜେନା ତୃତୀୟ ସ୍ଥାନ ହାସଲ କରିଛନ୍ତି। ପ୍ରବନ୍ଧରେ ବିଶ୍ୱମ୍ଭର ବିଦ୍ୟାପୀଠର ଛାତ୍ରୀ ସାଧନା ଦାଶ, ସରକାରୀ ବାଳିକା ହାଇସ୍କୁଲ ଛାତ୍ରୀ ସୃଷ୍ଟି ସ୍ୱରୂପା ଭଟ୍ଟାଚାର୍ଯ୍ୟ ଦ୍ୱିତୀୟ, ଭାର୍ଗବୀ ବାଳିକା ହାଇସ୍କୁଲର ଛାତ୍ରୀ ଆୟୁସ୍ମିତା ଭୋଳ ତୃତୀୟ ହୋଇଛନ୍ତି। ଚିତ୍ରାଙ୍କନ ପ୍ରତିଯୋଗିତାରେ ବଳଗଣ୍ଡି ହାଇସ୍କୁଲ ଛାତ୍ର ଆର୍. ଅଜୟ ପ୍ରଥମ, ଭୋଳାନାଥ ବିଦ୍ୟାପୀଠର ଛାତ୍ର ଆୟୁଷ ମହାପାତ୍ର ଦ୍ୱିତୀୟ, ପୁରୀ ଜିଲା ସ୍କୁଲ ଛାତ୍ରୀ ସ୍ୱୟଂପ୍ରଭାମାଳା ତୃତୀୟ ସ୍ଥାନ ହାସଲ କରିଥିଲେ। ନାଟକ ପ୍ରତିଯୋଗିତାରେ ବ୍ରହ୍ମଗିରି ହାଇସ୍କୁଲ ପ୍ରଥମ, ପୁରୀ ଜିଲା ସ୍କୁଲ ଦ୍ୱିତୀୟ, ଭାର୍ଗବୀ ବାଳିକା ହାଇସ୍କୁଲ ତୃତୀୟ ହୋଇଛି। ପ୍ରାଧିକରଣ ଅଧକ୍ଷ ଧନେଶ୍ୱର ମଲ୍ଲିକ, ସଚିବ ଦେବାଶିଷ ଦାଶ, ବିଚାରପତି ଅମିୟ ରଞ୍ଜନ ଜେନା, ମାଜିଷ୍ଟ୍ରେଟ ପ୍ରୀତିଶ ରାଉତରାୟ, ବିଚାରପତି ରାଣା ଘୋଷ, ସିଭିଲ କୋର୍ଟ ରେଜିଷ୍ଟ୍ରାର ନିଖିଳ ଭରତ ମହାନ୍ତି, ବିଚାରପତି ଦେବାଶିଷ ବିଶୋଇ, ବିଚାରପତି ପ୍ରତ୍ୟୁଷ ଚାନ୍ଦ, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଉତ୍ସବକୁ ପ୍ରାଧିକରଣ ସଚିବ ଦେବାଶିଷ ଦାଶ ପରିଚାଳନା କରିଥିଲେ।

# ପୁରୀ ଜେଲରେ ଗ୍ୟାଙ୍ଗୱାର

## ଦୁର୍ଦ୍ଦାନ୍ତ ପପୁ ବରାଳଙ୍କୁ ଆକ୍ରମଣ

- ଗୁରୁତର ଅବସ୍ଥାରେ ଏସ୍‌ସିବିରେ ଭର୍ତ୍ତି
- ଆତ୍ମହତ୍ୟା ଉଦ୍ୟମ କରୁଥିଲେ: ଜେଲର
- ହତ୍ୟା ଯୋଜନା ରଚିଥିଲା ପୋଲିସ: ମଞ୍ଜୁ

ପୁରୀ ଅଫିସ,୨୯।୮

ପୁରୀ ଜେଲରେ ସୋମବାର ଗ୍ୟାଙ୍ଗୱାର ଘଟିଛି। ଏହି ଜେଲ୍‌ରେ ଥିବା ଦୁର୍ଦ୍ଦାନ୍ତ ଧୀରେନ୍ଦ୍ର ବରାଳ ଓରଫ ପପୁଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ତାଙ୍କର ପ୍ରତିପକ୍ଷ ଗୋଷ୍ଠୀ ପ୍ରତିଶୋଧ ପରାୟଣ ହୋଇ ଏଭଳି କାଣ୍ଡ ଭିଆଇଥିବା କୁହାଯାଉଛି। ଗୁରୁତର ଅବସ୍ଥାରେ ପପୁଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ କଟକସ୍ଥିତ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ପପୁ ଆତ୍ମହତ୍ୟା ପାଇଁ ଉଦ୍ୟମ କରୁଥିଲେ ବୋଲି ଜେଲ କର୍ତ୍ତୃପକ୍ଷ କହୁଥିବାବେଳେ ତାଙ୍କୁ ହତ୍ୟା କରିବାକୁ ପୋଲିସ ଷଡ଼ଯନ୍ତ୍ର ରଚିଥିବା ନେଇ ସ୍ତ୍ରୀ ମଞ୍ଜୁ ବରାଳ ଅଭିଯୋଗ ଆଣିଛନ୍ତି।

ପପୁ କହିଛନ୍ତି, ସୋମବାର ସକାଳେ ସେ ଜେଲ ଭିତରେ ବସି ଚା' ପିଉଥିବା ବେଳେ ତାଙ୍କୁ ଏକ ଧାରୁଆ ଚାମଚରେ ଆକ୍ରମଣ କରାଯାଇଥିଲା। ସୌଭାଗ୍ୟବଶତଃ ସେହି ସମୟରେ ତାଙ୍କୁ ଅନ୍ୟ କେହି ଡ଼ାକିଦେବାରୁ ସେ ବେକ ବୁଲାଇ ଦେଇଥିଲେ। ଫଳରେ ଚାମଚଟି ଡାହାଣପଟ ବେକର କିଛି ଅଂଶରେ ଘଷିହୋଇଯାଇଥିଲା। ଏଥିରେ ବେକର କିଛି ଅଂଶ କଟିଯାଇଛି। ତେବେ ଆକ୍ରମଣକାରୀଙ୍କ ନାମ ପପୁ ଜାଣି ନ ଥିଲେ ମଧ ଘର କଣାସ ଅଞ୍ଚଳରେ ବୋଲି କହିଛନ୍ତି। ଏକ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ପୁରୀ ଅଠରନଳାର ଦେବୁଲାଙ୍କ ସହଯୋଗୀ ଭାବେ ସେ ଗିରଫ ହୋଇ ଜେଲ୍ ଯାଇଥିଲେ। ପପୁ ବହୁ ଦାଦାବଟି ସମେତ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ରହିଛନ୍ତି। ଅନ୍ୟପକ୍ଷରେ ପପୁଙ୍କ ସ୍ତ୍ରୀ ମଞ୍ଜୁ ଏ ନେଇ ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡାଙ୍କୁ ଏକ ଅଭିଯୋଗ ପତ୍ର ଦେଇଛନ୍ତି। ମଞ୍ଜୁ ଅଭିଯୋଗ କରିଛନ୍ତି ଯେ, ଗତ ୨୩ ତାରିଖଠାରୁ ବିଚାରାଧୀନ କଏଦୀ ଭାବେ ପପୁ ପୁରୀ ଜେଲ୍‌ରେ ରହିଛନ୍ତି। ପୋଲିସ ପ୍ରଶାସନ ଓ ଆପରାଧିକ ଗୋଷ୍ଠୀ ମିଳିତ ଭାବେ ପପୁଙ୍କୁ ମାରିଦେବା ଯୋଜନା କରୁଥିବା ଖବର ମିଳୁଥିଲା। ଏବେ ଏହା ସତ୍ୟ ପ୍ରମାଣିତ ହୋଇଛି। ପପୁଙ୍କୁ ଜୀବନରୁ ମାରିଦେବା ପାଇଁ ଯୋଜନାବଦ୍ଧ ଭାବେ ଆକ୍ରମଣ କରାଗଲା। ଫଳରେ ସେ ଏବେ ଗୁରୁତର ଅଛନ୍ତି। ଜେଲ ଭିତରେ ତାଙ୍କୁ ଯଦି ଆକ୍ରମଣ କରାଯାଇପାରୁଛି, ତେବେ ସେ କେଉଁଠାରେ ସୁରକ୍ଷିତ ରହିପାରିବେ ବୋଲି ମଞ୍ଜୁ ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ କହିଛନ୍ତି, ପପୁଙ୍କ ନାମରେ କେହି ଅଭିଯୋଗ କରି ନ ଥିଲେ ମଧ ପୋଲିସ ବିନା କାରଣରେ ତାଙ୍କୁ ଉଠାଇ ନେଇଥିଲା। ପରିବାର ଲୋକେ ବାରମ୍ବାର ଏତଲାକାରୀଙ୍କ ନାମ ପଚାରିଥିଲେ ମଧ ପୋଲିସ ଚୁପ୍ ରହିଥିଲା। ଏବେ ପପୁଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ଦେବା ପାଇଁ ମଞ୍ଜୁ ଦାବି କରିଛନ୍ତି। ଅତିରିକ୍ତ ଜେଲର ମନୋଜ କୁମାର ସୂତାର କହିଛନ୍ତି, ପପୁ ଆତ୍ମହତ୍ୟା ପାଇଁ ଉଦ୍ୟମ କରୁଥିବାବେଳେ ଏଭଳି ଘଟିଛି। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସୁଛି। ଅପରପକ୍ଷେ ଜେଲ୍‌ରେ ପପୁଙ୍କୁ ଜଣେ କଏଦୀ ଆକ୍ରମଣ କରିଥିବା କୁହାଯାଉଛି। ଜେଲରେ କିଛି ଦିନ ହେବ ଉତ୍ତେଜନାପୂର୍ଣ୍ଣ ମାହୋଲ ରହିଥିଲା। ଏହି ଆକ୍ରମଣ ଘଟଣା ପରେ ଜେଲ ଭିତର ସ୍ଥିତି ଆହୁରି ବିଗିଡ଼ିବାର ଆଶଙ୍କା ରହିଥିବା ଅନୁମାନ କରାଯାଉଛି। ଉଲ୍ଲେଖ ଥାଉ କି, ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ପପୁଙ୍କୁ ଭେଟିବା ପାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପୋଲିସ ଛାଡ଼ି ନ ଥିଲା।


ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ପପୁ ବରାଳ।

### ବିମାନବନ୍ଦର ଜମି ଅଧିଗ୍ରହଣରେ କଣ୍ଟା ସାଜିଥିବା ଚର୍ଚ୍ଚା

ପୁରୀ ବିମାନବନ୍ଦର ଜମି ଅଧିଗ୍ରହଣ ନେଇ ପ୍ରଶାସନ ପାଇଁ ପପୁ କଣ୍ଟା ପାଲଟିଥିବା ଚର୍ଚ୍ଚା ହେଉଛି। ସିପସରୁବାଲି ଅଞ୍ଚଳରେ ପୁରୀ ସହରର ଅନେକ ଅପରାଧୀ ଜମି ଜବରଦଖଲ କରି ରଖିଥିବାରୁ ପ୍ରଶାସନ ଲାଗି ଅଧିଗ୍ରହଣରେ ସମସ୍ୟା ଉପୁଜୁଛି। ଜବରଦଖଲକାରୀଙ୍କ ସହ ପ୍ରଶାସନ ଆଲୋଚନା କରି ରାସ୍ତା କାଢ଼ିବାକୁ ଲାଗିପଡ଼ିଥିବାବେଳେ ପପୁ ସହଯୋଗ କରୁ ନ ଥିଲେ। ଏଭଳି ସ୍ଥିତିରେ ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ଖୋଦ୍ ପ୍ରଶାସନ ଚାହୁଁଥିଲା ବୋଲି ଚର୍ଚ୍ଚା ଚାଲିଛି। ଅନ୍ୟପକ୍ଷରେ ପୁରୀ ମାର୍କେଟ ଛକ ଅଞ୍ଚଳରେ ଏକ ନୂଆ ଗ୍ୟାଙ୍ଗ ମୁଣ୍ଡ ଟେକିଛି। ପପୁ ପୁରୀ ସହରରେ ଦାଦାବଟି ଓ ଅନ୍ୟ ଆପରାଧିକ କାର୍ଯ୍ୟକଳାପ ସହ ଜଡ଼ିତ। ସେ ସବୁଠୁ ଦୁର୍ଦ୍ଦାନ୍ତ ହୋଇଥିବା ଓ ମାର୍କେଟ ଛକରେ ତାଙ୍କ ଗ୍ୟାଙ୍ଗ ଅଧିକ ସକ୍ରିୟ ଥିବାରୁ ତାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର ରଚାଯାଇଥିବା ମଧ ଚର୍ଚ୍ଚା ହେଉଛି। ପୁରୀରେ ଆପରାଧିକ କାର୍ଯ୍ୟକଳାପ ଓ ହତ୍ୟା ଘଟଣା ବଢ଼ିଚାଲିଛି।




### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଶୁଶ୍ରୀ


@ ସୌମ୍ୟ


@ ଅଞ୍ଜନା


@ ଶେଖର


@ ସୁସ୍ମିତା


@ ବୀରେନ୍ଦ୍ର

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୮।୨୦୨୨

| ୨,୭୬,୩୦୦ ଟଙ୍କା | |
|---|---|
| ସୁନା | ୩୩.୪୨୦ ଗ୍ରାମ |
| ରୁପା | ୧୭୨.୭୦ ଗ୍ରାମ |

### ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଖୋର୍ଦ୍ଧା ଜିଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ୍ ପକ୍ଷରୁ ରକ୍ତଦାନ ଶିବିର, ଅଟଳ ଭବନ, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ ପାଖ, ୟୁନିଟ୍-୪, ପୂର୍ବାହ୍ନ ୯ଟା ୩୦।
- ଜମିଏତ୍-ଉଲମା-ଏ-ହିନ୍ଦ, ଓଡ଼ିଶା ଶାଖା ଦ୍ୱାରା ଆୟୋଜିତ ସଦ୍‌ଭାବନା ସଂସଦ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ପିପୁଲ କଲ୍‌ଚରାଲ୍ ସେଣ୍ଟର ଏବଂ ନ୍ୟାଶନାଲ ଆକ୍ସନ ଓ କୋଅର୍ଡିନେଶନ ଗ୍ରୁପ୍ ଫର୍ ଭାଓଲେନ୍ସ ଏଗେନ୍‌ଷ୍ଟ ଚିଲ୍‌ଡ୍ରେନ୍ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମିଳନୀ, କଳିଙ୍ଗ କନ୍‌ଫରେନ୍ସ ହଲ୍, ପୂର୍ବାହ୍ନ ୧୦ଟା ୩୦।
- ହେଲ୍ପମେଟ୍ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ସହାୟତା, ବାଲିପାଟଣା ପଞ୍ଚାୟତ ଅଞ୍ଚଳ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା କିନ୍ନର ମହାସଂଘ ପକ୍ଷରୁ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ, କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା ୨୦।
- ଭାରତ ଛାଡ଼ ଆନ୍ଦୋଳନ ଉପରେ ଆଲୋଚନାଚକ୍ର, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା ୩୦।
- ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ 'କାଳଜୟୀ ସଙ୍ଗୀତଜ୍ଞ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟର ବାର୍ଷିକ ସେମିନାର, ଆସ୍ଥା କ୍ୟାମ୍ପସ, ପଞ୍ଚମୁଖୀ ବିହାର, ପୂର୍ବାହ୍ନ ୧୧ଟା।

## କାଳଜୟୀ ସଙ୍ଗୀତଜ୍ଞଙ୍କୁ ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୨୯।୮(ବ୍ୟୁରୋ)

ଓଡ଼ିଶା ସଂସ୍କୃତିର ଅସ୍ମିତାକୁ ଉଜ୍ଜୀବିତ କରିବା ସହିତ ଉତ୍ତର ପିଢ଼ିକୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ବିଶିଷ୍ଟ ସଙ୍ଗୀତଜ୍ଞଙ୍କ କୃତିତ୍ୱ ଉପରେ ଆଧାରିତ ବିଶେଷ କାର୍ଯ୍ୟକ୍ରମ 'କାଳଜୟୀ ସଙ୍ଗୀତଜ୍ଞ' ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଦୁଇଦିନ ଧରି ହେବାକୁ ଥିବା ଏହି ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ଗୁରୁ ସିଂହାରୀ ଶ୍ୟାମସୁନ୍ଦର କରଙ୍କ ସଙ୍ଗୀତକୁ କଣ୍ଠରେ ସଜାଇଥିଲେ ଡ. ଶ୍ୟାମାମଣି ଦେବୀ ଓ ସାଥୀ। ସେହିପରି ଗୁରୁ ଭୁବନେଶ୍ୱର ମିଶ୍ରଙ୍କ ସଙ୍ଗୀତକୁ ଡ. ସଙ୍ଗୀତା ଗୋସାଇଁ ଓ ସାଥୀ ପରିବେଷଣ କରିଥିବାବେଳେ ଗୁରୁ ବାଳକୃଷ୍ଣ ଦାଶଙ୍କ ସଙ୍ଗୀତକୁ ପ୍ରଫେସର ରାମହରି ଦାସ ଓ ଡ. ବିଜୟ କୁମାର ଜେନା, ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ସଙ୍ଗୀତକୁ ପାର୍ଥସାରଥି ପାଣିଗ୍ରାହୀ ଓ ଡ. ବିଜୟ କୁମାର ଜେନା ଏବଂ ଗୁରୁ ଭିକାରୀ ଚରଣ ବଳଙ୍କ ସଙ୍ଗୀତକୁ ରବୀନ୍ଦ୍ରନାଥ ମିଶ୍ର ଓ ସାଥୀ ପରିବେଷଣ କରିଥିଲେ। ସନ୍ଧ୍ୟାର ଅତିଥି ଭାବେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ, ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଡ. ଶୀତିକଣ୍ଠ ଦାସ, ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦୀ, ଗୁରୁ ଅରୁଣା ମହାନ୍ତି, ମନ୍ମଥ କୁମାର ଶତପଥୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ମୃତ ଶିଶୁକୁ ବ୍ୟାଗରେ ନେଉଥିଲେ ବାପା

### ମାଡ଼ ମାରି ପୋଲିସ ଜିମା ଦେଲେ ଲୋକେ

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ଶେଷକୃତ୍ୟ ପାଇଁ ଶିଶୁକନ୍ୟାର ମୃତଦେହକୁ ବ୍ୟାଗରେ ନେଉଥିଲେ ବାପା। ହେଲେ ଅଧାବାଟରେ ଛିଣ୍ଡିଗଲା ବ୍ୟାଗ। ମୃତଦେହଟି ତଳକୁ ଖସି ପଡ଼ିବା ଦେଖି ଲୋକଙ୍କ ସନ୍ଦେହ ହେଲା। ତାଙ୍କୁ ଅଟକାଇ ନିସ୍ତୁକ ମାଡ଼ ମାରିଥିଲେ। ମୃତ ଝିଅକୁ ସଂସ୍କାର ପାଇଁ ନେଉଥିବା କହିଥିଲେ ମଧ ଲୋକେ କିଛି ଶୁଣି ନ ଥିଲେ। ସୋମବାର ଖଣ୍ଡଗିରି ଥାନା ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଥିଲା। ଖବର ପାଇ ପୋଲିସ ସେଠାରେ ପହଞ୍ଚି ଲୋକଙ୍କ କବଳରୁ ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ସ୍ତ୍ରୀଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ଉଭୟଙ୍କୁ ପଚରାଉଚରା ପରେ ପ୍ରକୃତ ଘଟଣା ଜଣାପଡ଼ିଥିଲା। ସେମାନେ ମୃତ ଶିଶୁକନ୍ୟାର ମେଡିକାଲ ରିପୋର୍ଟ ଦେଖାଇବା ପରେ ପୋଲିସ ସତ୍ୟନଗର ଶ୍ମଶାନରେ ଶେଷକୃତ୍ୟ ପାଇଁ ବ୍ୟବସ୍ଥା କରିଥିଲା। ଆକ୍ରମଣର ଶିକାର ବ୍ୟକ୍ତି ଜଣକ ହେଲେ ଆଇଗିଣିଆ ସୁବାସନଗର ବସ୍ତିରେ ରହୁଥିବା ଗଞ୍ଜାମର ସନ୍ତୋଷ ସାହୁ। ସେମାନେ ଆଇଗିଣିଆ ଅଞ୍ଚଳରେ ରହି ଦିନମଜୁରିଆ କାମ କରି ପରିବାର ଚଳାନ୍ତି। ୨ ଝିଅଙ୍କ ମଧ୍ୟରୁ ୮ ମାସର ଶିଶୁକନ୍ୟାର ଦେହ ଅସୁସ୍ଥ ଥିଲା। ଗୁରୁତର ହେବାରୁ ସୋମବାର ତାଙ୍କୁ ବାପା ଓ ମା ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେଣୁ ଅନ୍ତିମ ସଂସ୍କାର କେଉଁଠି କରିବେ ତାହାକୁ ନେଇ ଚିନ୍ତିତ ଥିଲେ। ଅଳ୍ପଦିନ ହେବ ଗାଁରୁ ଆସିଥିବାରୁ ଭୁବନେଶ୍ୱର ବିଷୟରେ ବେଶି କିଛି ଜାଣି ନ ଥିଲେ। ତେଣୁ ଅନ୍ତିମ ସଂସ୍କାର ଲାଗି ହସ୍ପିଟାଲରୁ ଉଭୟ ସ୍ୱାମୀ ଓ ସ୍ତ୍ରୀ ମୃତ ଶିଶୁକନ୍ୟାକୁ ଧରି ରହୁଥିବା ଘରକୁ ନେଉଥିଲେ। ପରେ ମୃତଦେହକୁ ବ୍ୟାଗ୍‌ରେ ରଖି ନଦୀପଠାରେ ପୋତିବାକୁ ଯାଉଥିବାବେଳେ ଖଣ୍ଡଗିରି ମଦ ଦୋକାନ ନିକଟରେ ଏହି ଘଟଣା ଘଟିଥିଲା।

## ତତ୍କାଳୀନ ପୋଲିସ ଏଏସ୍‌ଆଇଙ୍କୁ ୨ ବର୍ଷ ଜେଲ

### ଲାଞ୍ଚ କାରବାର ମାମଲା

- ଚାର୍ଜଶିଟ୍ ପାଇଁ ଲାଞ୍ଚ ନେବାବେଳେ ଧରାପଡିଥିଲେ
- ୨୦୧୮ରେ ପୁଣି ଗିରଫ ହୋଇଥିଲେ

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ଲାଞ୍ଚ ମାମଲାରେ ସୋମବାର ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ନୟାଗଡ଼ ଜିଲା ଶରଣକୁଳ ଥାନାର ତତ୍କାଳୀନ ଏଏସ୍‌ଆଇ ଶଶିକାନ୍ତ ଶତପଥୀଙ୍କୁ ୨ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୬ ହଜାର ଟଙ୍କା ଅର୍ଥଦଣ୍ଡରେ ମଧ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ହେଲେ ଅଧିକ ୫ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ୯ଜଣ ସାକ୍ଷୀ ଓ ଅନ୍ୟ ଦସ୍ତାବିଜ୍ ଆଧାରରେ ବିଚାରପତି ସତ୍ୟନାରାୟଣ ଷଡ଼ଙ୍ଗୀ ଏହି ରାୟ ଶୁଣାଇଛନ୍ତି।

ଶରଣକୁଳ ଥାନା ଅନ୍ତର୍ଗତ ପଞ୍ଚାରିଡ଼ା ଗ୍ରାମର ବୈକୁଣ୍ଠନାଥ ମହାପାତ୍ର ଓ ତାଙ୍କ ମା'ଙ୍କ ନାଁରେ ଏକ ଜମି ରହିଥିଲା। ୨୦୧୩ରେ ତାଙ୍କ ମା' ବୈକୁଣ୍ଠନାଥଙ୍କୁ ନ ଜଣାଇ ଝିଅର ପୁଅ ନାଁରେ କରି ଦେଇଥିଲେ। ଏହାକୁ ନେଇ ଗଣ୍ଡଗୋଳ ହେବା ପରେ ବୈକୁଣ୍ଠନାଥ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୬୪/୧୩) ରୁଜୁ କରି ତଦନ୍ତ କରିଥିଲା। ଏହି ମାମଲାରେ ଚାର୍ଜଶିଟ୍ ଦାଖଲ କରିବାକୁ ତଦନ୍ତକାରୀ ଅଧିକାରୀ ଥିବା ଏଏସ୍‌ଆଇ ଶଶିକାନ୍ତ ୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ବୈକୁଣ୍ଠନାଥ ଏନେଇ ଭିଜିଲାନ୍ସରେ ଅଭିଯୋଗ କରିବା ପରେ ସମ୍ପୃକ୍ତ ଏଏସ୍‌ଆଇଙ୍କୁ ଧରିବାକୁ ଯୋଜନା ହୋଇଥିଲା। ୨୦୧୪ ଜାନୁୟାରୀ ୨୯ରେ ଶରଣକୁଳ ବସ୍‌ଷ୍ଟାଣ୍ଡ ନିକଟରେ ବୈକୁଣ୍ଠନାଥଙ୍କଠାରୁ ଏଏସ୍‌ଆଇ ଶଶିକାନ୍ତ ଲାଞ୍ଚ ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ଧରିଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା (ନଂ.୧/୨୦୧୪) ରୁଜୁ ହୋଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ ସରକାରୀ ଓକିଲ ହେମନ୍ତ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ। ୨୦୧୮ରେ ଏଏସ୍‌ଆଇ ଶଶିକାନ୍ତ ପୁଣିଥରେ ଲାଞ୍ଚ ନେଇ ଗିରଫ ହୋଇଥିଲେ। ଉକ୍ତ ମାମଲା ଏବେ ବିଚାରାଧୀନ ରହିଛି।

## ବୌଦ୍ଧ ଭିକ୍ଷୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୯।୮(ବ୍ୟୁରୋ)

ମହାବୋଧି ସୋସାଇଟି ପକ୍ଷରୁ ପରିଚାଳିତ ଭୁବନେଶ୍ୱର ବୁଦ୍ଧ ମନ୍ଦିରରେ ବିଗତ ୮ବର୍ଷ ଧରି କାର୍ଯ୍ୟରତ ଥିବା ବୌଦ୍ଧ ଭିକ୍ଷୁ ଧମାଲୋକଙ୍କୁ ବୌଦ୍ଧପୀଠ ସାରନାଥକୁ ବଦଳି କରାଯାଇଛି। ସେଠାରେ ସେ ଉଚ୍ଚତର ଅଧ୍ୟୟନ ଓ ଗବେଷଣା କ୍ଷେତ୍ରରେ ନିୟୋଜିତ ରହିବେ। ଏହି ଅବସରରେ ସଂସ୍କୃତି ଓ ସଂସ୍କୃତି ଏବଂ ସିନେ କ୍ଲବ ପକ୍ଷରୁ ବୁଦ୍ଧ ମନ୍ଦିରଠାରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଉତ୍ସବରେ ଅନୁଷ୍ଠାନ ସଭାପତି ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ଦିଲୀପ ହାଲି, ମହାବୋଧି ସୋସାଇଟି ଓଡ଼ିଶା ଶାଖାର ସମ୍ପାଦକ ଡ. ସୋରେନ ମହାପାତ୍ରଙ୍କ ସମେତ ପ୍ରଯୋଜକ ଲୁଟୁ ମହାନ୍ତି, ଶ୍ରୀଧର ମାର୍ଥା, ଅତିଶ ରାଉତ, ଜ୍ଞାନରଞ୍ଜନ ପ୍ରିୟଦର୍ଶନ, ରବୀନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।


କଟକ ସହର ଭିତରେ ଦୁଇଚକିଆ ଯାନ ଆରୋହୀଙ୍କୁ ହେଲ୍‌ମେଟ ପିନ୍ଧିବା କଟକଣା କୋହଳ କରାଯିବା ଦାବିରେ ନଗର ଜିଲାପାଳ କଂଗ୍ରେସ ପକ୍ଷରୁ ସୋମବାର ଡିସିପି ପିନାକ ମିଶ୍ରଙ୍କୁ ସ୍ମାରକପତ୍ର ଦିଆଯାଉଛି।


କଟକରେ ସୋମବାର ଅନ୍ନପୂର୍ଣ୍ଣା ଥିଏଟର ବି ଗ୍ରୁପ୍ ପ୍ରାୟୋଜିତ ଓ ଥିଏଟର ଅଭିଯାନ ଦ୍ୱାରା ଅଭିନୀତ ନାଟକ 'ଏମିତି ଭୁଲ ଆଉ ହେବନି'ରେ ଏକ ଦୃଶ୍ୟ।


ଭୁବନେଶ୍ୱର ବୁଦ୍ଧ ମନ୍ଦିରରେ ୮ବର୍ଷ ଧରି କାର୍ଯ୍ୟରତ ବୌଦ୍ଧ ଭିକ୍ଷୁ ଧମାଲୋକଙ୍କୁ ଅତିଥିମାନେ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଉଛନ୍ତି।

**ସେନ୍‌ସେକ୍ସ ୮୬୧ ପଏଣ୍ଟ ହ୍ରାସ**

**ନୂଆଦିଲ୍ଲୀ:** ବିଗତ କିଛି ଦିନ ହେଲା ଶେୟାର ବଜାର ଏକ ଅସ୍ଥିରତା (ଲାଭ -କ୍ଷତି) ମଧ୍ୟରେ କାରବାର ଶେଷ କରୁଛି। ଫଳରେ ଦଲାଲ ଷ୍ଟ୍ରିଟର ନିବେଶକମାନେ ମଧ୍ୟ ଏକ ଅବିଶ୍ୱସନୀୟ ମଧ୍ୟରେ ନିବେଶ କରୁଛନ୍ତି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସରୁ ଷ୍ଟକ ବଜାରର କାରବାର ଆରମ୍ଭରୁ ହିଁ ଉପର ତଳ ହୋଇ ଶେଷରେ ଲାଲ ରଙ୍ଗରେ ବନ୍ଦ ରହିଥିଲା। ଏପରିକି ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୨%ରେ ବଜାର ଶେୟାର ହ୍ରାସ ହୋଇଥିବା ଜଣାପଡ଼ିଛି। ସୋମବାର ସେନ୍‌ସେକ୍ସ ୮୬୧.୨୫ (୧.୪୬%) ପଏଣ୍ଟ ଖସି ୫୭,୯୭୨.୬୨ ଅଙ୍କରେ କାରବାର ବନ୍ଦ ରହିଥିବା ବେଳେ ନିଫ୍ଟି-୫୦ରେ ମଧ୍ୟ ୨୪୬.୦୦ (୧.୪୦%) ପଏଣ୍ଟ ହ୍ରାସ ଘଟି ୧୭,୩୧୨.୯୦ ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ଦୀପାବଳିରୁ ୫-ଜି ସେବାର ଶୁଭାରମ୍ଭ

ମୁମ୍ବାଇ,୨୯।୮

■ରିଲାଏନ୍ସର ୪୫ତମ ବାର୍ଷିକ ସାଧାରଣ ବୈଠକରେ ଘୋଷଣା
■ପ୍ରଥମ ପର୍ଯ୍ୟାୟରେ ୪ ମେଟ୍ରୋ ସିଟି ସମେତ ଅନ୍ୟ ପ୍ରମୁଖ ସହର
■୨୦୨୩ ଶେଷ ସୁଦ୍ଧା ଦେଶର ପ୍ରତି ତହସିଲ ସ୍ତରରେ ମଧ୍ୟ ସେବା ଉପଲବ୍ଧ

ଚଳିତ ବର୍ଷ ଦୀପାବଳିରୁ ଦେଶର ପ୍ରମୁଖ ମେଟ୍ରୋସିଟି ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ଚେନ୍ନାଇ ସମେତ ଅନ୍ୟ ପ୍ରମୁଖ ସହରରେ ମଧ୍ୟ ଜିଓ ୫-ଜିର ସେବା ଆରମ୍ଭ ହେବ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍)ର ୪୫ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ)କୁ ସମ୍ବୋଧିତ କରି ଆରଆଇଏଲର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏଭଳି କହିଛନ୍ତି। ସେହିଭଳି ରିଲାଏନ୍ସ ଜିଓ ପକ୍ଷରୁ ୫-ଜି ନେଟ୍‌ୱର୍କରେ ୨ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ ବୋଲି ମଧ୍ୟ ସେ ଘୋଷଣା କରିଛନ୍ତି। କମ୍ପାନୀ ଚଳିତ ବର୍ଷ ଦୀପାବଳି ସୁଦ୍ଧା ଏହି ହାଇ-ସ୍ପିଡ୍ ସେବାକୁ ପ୍ରମୁଖ ସହରଗୁଡ଼ିକରେ ଆରମ୍ଭ କରିବା ସହ ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ଦେଶର ସମସ୍ତ ତହସିଲସ୍ତରରେ କମ୍ପାନୀର ୫-ଜି ସେବା ଉପଲବ୍ଧ କରାଇବ। ସେହିପରି ଏକ ସମ୍ପୂର୍ଣ୍ଣ ଭାରତୀୟ ୫ଜି ନେଟ୍‌ୱର୍କ ବିକଶିତ କରିବା ଲାଗି କମ୍ପାନୀ ମୋଟ ୨ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରିବାକୁ ପ୍ରତିବଦ୍ଧ ରହିଛି। ଭାରତ ଭଳି ଏକ ବିଶାଳ ଦେଶ ପାଇଁ ଜିଓ ପକ୍ଷରୁ ସର୍ବକାଳୀନ ଦ୍ରୁତ ଗତି ଓ ମହତ୍ତ୍ୱାକାଂକ୍ଷୀ ୫-ଜି ସେବା ଆରମ୍ଭ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଆସନ୍ତା ୨ମାସ ଅର୍ଥାତ ଦୀପାବଳି ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ କମ୍ପାନୀ ଦେଶର ୪ ପ୍ରମୁଖ ମେଟ୍ରୋ ସହର ସମେତ ଅନ୍ୟ ପ୍ରମୁଖ ସହରରେ ମଧ୍ୟ ଜିଓ ୫-ଜି ସେବା ଯୋଗାଇବ। ଏହା ପରେ ଦେଶର ପ୍ରତି ତହସିଲ ସ୍ତରରେ ଜିଓ ୫-ଜି ସେବା ପହଞ୍ଚାଇବା ଲାଗି କମ୍ପାନୀ ପ୍ରତି ମାସରେ ଏହାର ନେଟ୍‌ୱର୍କରେ ନୂଆ ନୂଆ ସହରକୁ ଯୋଡ଼ିବା କାର୍ଯ୍ୟ ମଧ୍ୟ ଜାରି ରଖିଛି। ଏପରିକି ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ସାରା ଦେଶରେ ଏହି ସେବା ଯୋଗାଇବା ପର୍ଯ୍ୟନ୍ତ ଆବଶ୍ୟକ ଜାରି ରଖିବ ବୋଲି ଅମ୍ବାନୀ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ନିକଟରେ ଶେଷ ହୋଇଥିବା ୫-ଜି ସ୍ପେକ୍ଟ୍ରମ ନିଲାମୀରେ କମ୍ପାନୀ ଅଂଶ ଗ୍ରହଣ କରି ୮୮,୦୭୮ କୋଟି ଟଙ୍କାର ୫-ଜି ସ୍ପେକ୍ଟ୍ରମ୍ କିଣିବା ପରେ ରିଲାଏନ୍ସ ଜିଓ ଉନ୍ନତ ୫-ଜି ନେଟ୍‌ୱର୍କର ଶୁଭାରମ୍ଭ କରିବା ଲାଗି ଚଳିତ ମାସରେ ପ୍ରସ୍ତୁତ ହୋଇଛି। ସର୍ବଭାରତୀୟ ସ୍ତରରେ ଫାଇବର୍ ଉପସ୍ଥିତି, ଅଲ୍-ଆଇପି ନେଟ୍‌ୱର୍କ ସହିତ ସହାୟକ ଭିତ୍ତିଭୂମି, ସ୍ୱଦେଶୀ ୫-ଜି ଷ୍ଟାକ୍ ଓ ପ୍ରଯୁକ୍ତି ପରିବ୍ୟବସ୍ଥାରେ ଦୃଢ଼ ବିଶ୍ୱସ୍ତରୀୟ ସହଯୋଗିତାକୁ ନେଇ କମ୍ପାନୀ ସବୁଠୁ କମ୍ ସମୟ ଭିତରେ ୫-ଜି ସେବା ଆରମ୍ଭ କରିବା ଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ୫-ଜି ସେବା ଆରମ୍ଭ ହେବା ପରେ ଜିଓ ପକ୍ଷରୁ କନେକ୍ଟେଡ୍ ଇଣ୍ଟେଲିଜେନ୍‌ସ ଥିବା କୋଟି କୋଟି ସ୍ମାର୍ଟ ସେନ୍‌ସର ଶୁଭାରମ୍ଭ କରାଯିବ ଯାହା ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ ଓ ଚତୁର୍ଥ ଶିଳ୍ପ ବିପ୍ଳବକୁ ଆଗକୁ ବଢ଼ାଇବ ବୋଲି ଅମ୍ବାନୀ କହିଛନ୍ତି, ଏହା ପ୍ରତ୍ୟେକଙ୍କୁ, ପ୍ରତି ସ୍ଥାନ ଓ ସବୁକିଛିକୁ ଉଚ୍ଚମାନର ଓ ସବୁଠୁ ସୁଲଭ ଡାଟା ସହିତ ଯୋଡ଼ିବ। ଏପରିକି ୧୧ ଲକ୍ଷ ରୁଟ୍ କିଲୋମିଟରରୁ ଅଧିକ ସର୍ବଭାରତୀୟ ଫାଇବର ଅପ୍‌ଟିକ୍ ନେଟ୍‌ୱର୍କ ଯୋଗୁଁ କମ୍ପାନୀର ଫାଇବର୍ ଓ ଏଫ୍‌ଟିଟିଏଚ୍‌ରେ ଦୃଢ଼ ଉପସ୍ଥିତି ରହିଥିବା ମୁକେଶ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଆକାଶ ଅମ୍ବାନୀ ଜିଓର ଅଭିନବ ସମାଧାନ ଜିଓ ଏୟାର ଫାଇବର ହୋମ୍ ଗେଟ୍‌ୱେ ପ୍ରଦର୍ଶିତ କରିଥିଲେ, ଯେଉଁଥିରେ କୌଣସି କେବୁଲ ନଥାଇ ଫାଇବର ଭଳି ହାଇ ସ୍ପିଡ୍ ଡାଟା ମିଳିପାରିବ।

## ଏନ୍‌ପିସିଆଇ ସହ ଆଇସିଆଇସିଆଇ ବ୍ୟାଙ୍କର ସହଯୋଗିତା ସ୍ଥାପନ




ନୂଆଦିଲ୍ଲୀ,୨୯।୮

ସ୍ୱଦେଶୀ ପେମେଣ୍ଟ ନେଟ୍‌ୱର୍କ ରୂପେରେ କ୍ରେଡିଟ୍ କାର୍ଡର ଶୁଭାରମ୍ଭ କରିବା ଲାଗି ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ନ୍ୟାଶନାଲ୍ ପେମେଣ୍ଟ କର୍ପୋରେଶନ ଅଫ ଇଣ୍ଡିଆ (ଏନ୍‌ପିସିଆଇ) ସହ ସହଯୋଗିତା ସ୍ଥାପନ କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ୟାଙ୍କର ଜେମ୍‌ଷ୍ଟୋନ୍ ସିରିଜ୍‌ରେ କୋରାଲ୍ ଭାରିଆଣ୍ଟରେ ଆଇସିଆଇସିଆଇ ବ୍ୟାଙ୍କ ରୂପେ କ୍ରେଡିଟ୍ କାର୍ଡ ଉପଲବ୍ଧ ହେବ ଏବଂ ତା'ପରେ ତାହା ରୁବିକ୍ସ ଓ ସାଫିରୋ ଭାରିଆଣ୍ଟରେ ଗ୍ରାହକଙ୍କୁ ମିଳିବ। ଏ ସମ୍ପର୍କରେ ଆଇସିଆଇସିଆଇ ବ୍ୟାଙ୍କର କ୍ରେଡିଟ୍ କାର୍ଡସ୍, ପେମେଣ୍ଟ ସଲ୍ୟୁସନ୍ସ ଓ ମର୍ଚାଣ୍ଟ ଇକୋସିଷ୍ଟମ୍ ମୁଖ୍ୟ ସୁଦୀପ୍ତ ରାୟ କହିଛନ୍ତି, ନିଜର ଗ୍ରାହକମାନଙ୍କୁ ଅଭିନବ, ଶକ୍ତିଶାଳୀ ଓ ନିର୍ଦ୍ଦିଷ୍ଟ ମୂଲ୍ୟ ଉପସ୍ଥାପନ କରିବାରେ ଆଇସିଆଇସିଆଇ ବ୍ୟାଙ୍କ ସର୍ବଦା ଆଗରେ ରହିଛି। ଷ୍ଟେଟ ଅଫ୍ ଆର୍ଟ ପ୍ରଯୁକ୍ତିରେ ପ୍ରସ୍ତୁତ ଭାରତୀୟ କାର୍ଡ ପେମେଣ୍ଟ ନେଟୱର୍କ ରୂପେ ନେଟ୍‌ୱର୍କରେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡର ଶୁଭାରମ୍ଭ ଲାଗି ଏନ୍‌ପିସିଆଇ ସହିତ ସହଯୋଗିତା ସ୍ଥାପନ କରିଥିବାରୁ ଆମେ ଅତ୍ୟନ୍ତ ଉଲ୍ଲସିତ।

## ୨.୭୫ ଲକ୍ଷ କୋଟି ନିବେଶ କରିବ ଆର୍‌ଆଇଏଲ୍

ମୁମ୍ବାଇ,୨୯।୮


ମୁକେଶ ଆମ୍ବାନୀ

ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍) ଆସନ୍ତା ବର୍ଷ ମଧ୍ୟରେ ତା'ର ବ୍ୟବସାୟିକ ସାମ୍ରାଜ୍ୟକୁ ସମ୍ପ୍ରସାରଣ କରିବା ଲାଗି ମୋଟ ୨.୭୫ ଲକ୍ଷ କୋଟି ଟଙ୍କା ନିବେଶ କରିବ। ସୋମବାର କମ୍ପାନୀର ୪୫ତମ ବାର୍ଷିକ ସାଧାରଣ ବୈଠକ(ଏଜିଏମ୍)କୁ ସମ୍ବୋଧିତ କରି ଆର୍‌ଆଇଏଲ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏହା କହିଛନ୍ତି। ଏପରିକି ଚଳିତ ବର୍ଷ ଅକ୍ଟୋବର (ଦୀପାବଳି)ରୁ ୫-ଜି ସେବା ଆରମ୍ଭ ସାଙ୍ଗକୁ କମ୍ପାନୀର ମୂଳତଃ ତୈଳ ଏବଂ ରାସାୟନିକ ବ୍ୟବସାୟର କ୍ଷମତା ବୃଦ୍ଧି ସାଙ୍ଗକୁ ଏଫ୍‌ଏମ୍‌ସିଜି କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସେହିଭଳି ୫-ଜି ନେଟ୍‌ୱର୍କ ବିକଶିତ କରିବା ଲାଗି କମ୍ପାନୀ ମୋଟ ୨ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରିବାକୁ ପ୍ରତିବଦ୍ଧ ରହିଛି। ତା' ସାଙ୍ଗକୁ କମ୍ପାନୀର ମୂଳ ପେଟ୍ରୋକେମିକାଲ୍ ଏବଂ ତୈଳ ବ୍ୟବସାୟରେ ଦକ୍ଷତା ବୃଦ୍ଧି ପାଇଁ ରିଲାଏନ୍ସ ୭୫,୦୦୦ କୋଟି ଟଙ୍କା ବିନିଯୋଗ କରିବ ବୋଲି ଅମ୍ବାନୀ ମତବ୍ୟକ୍ତ କରିଛନ୍ତି।

## ହ୍ୱାଟ୍‌ସଆପ୍‌ରେ ଜିଓମାର୍ଟର ସେବା

ମୁମ୍ବାଇ,୨୯।୮




ବିଶ୍ୱର ପ୍ରମୁଖ ସୋସିଆଲ ମିଡିଆ ସଂସ୍ଥା ମେଟା ଏବଂ ଦେଶର ପ୍ରମୁଖ ବାଣିଜ୍ୟିକ ଅନୁଷ୍ଠାନ ରିଲାଏନ୍ସ ଇଣ୍ଡଷ୍ଟ୍ରିର ସହଯୋଗୀ ସଂସ୍ଥା ଜିଓ ପ୍ଲାଟଫର୍ମ ମଧ୍ୟରେ ଏକ ଅଭିନବ ସହଯୋଗିତା ସ୍ଥାପନ ହୋଇଛି। ଏପରିକି ମେଟା ଓ ଜିଓ ପ୍ଲାଟଫର୍ମସ ପକ୍ଷରୁ ହ୍ୱାଟ୍‌ସଆପ୍ ଜରିଆରେ ପ୍ରଥମ ଧରଣର ଏଣ୍ଡ୍-ଟୁ-ଏଣ୍ଡ୍ ସପିଙ୍ଗ୍ ଅନୁଭୂତିର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି, ଯେଉଁଥିରେ ଗ୍ରାହକମାନେ ସେମାନଙ୍କ ହ୍ୱାଟ୍‌ସଆପ୍ ଚାଟ୍‌ରେ ରହି ଜିଓମାର୍ଟରୁ ଆବଶ୍ୟକ ସପିଙ୍ଗ କରିପାରିବେ। ଅପରପକ୍ଷରେ ପ୍ରଥମ କରି ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟଫର୍ମ ହ୍ୱାଟ୍‌ସଆପ୍‌ରେ ଜିଓମାର୍ଟ ସେବା ଉପଲବ୍ଧ ହେବ। ଏହା ଜରିଆରେ ପୂର୍ବରୁ କେବେ ଅନଲାଇନ୍‌ରେ ସପିଙ୍ଗ୍ କରି ନ ଥିବା ଗ୍ରାହକଙ୍କ ସମେତ ସମସ୍ତ ଭାରତୀୟ ଜିଓମାର୍ଟର ସମଗ୍ର ଗ୍ରୋସରି କାଟ୍‌ଲଗ୍‌କୁ ବ୍ରାଉଜ୍ କରିପାରିବେ। ଉକ୍ତ ଚାର୍ଟରେ ସାମଗ୍ରୀ ମଧ୍ୟ ଯୋଡ଼ି ପାରିବେ ଏବଂ କିଣାକିଣି ପ୍ରକ୍ରିୟାକୁ ଶେଷ କରିବା ଲାଗି ପେମେଣ୍ଟ (ଦେୟ ପ୍ରଦାନ) ମଧ୍ୟ କରିପାରିବେ। ଏସବୁ କାମ ପାଇଁ ସେମାନଙ୍କୁ ହ୍ୱାଟ୍‌ସଆପ୍ ଚାଟ୍ ଛାଡ଼ିଯିବାକୁ ପଡ଼ିବନି ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ କହିଛନ୍ତି।

## ଗିଫ୍ଟ କଲେଜକୁ ଗାନ୍ଧୀ ପୁରସ୍କାର

ଭୁବନେଶ୍ୱର,୨୯।୮

ଇଣ୍ଡିଆନ୍ ସୋସାଇଟି ଫର୍ ଟେକ୍‌ନିକାଲ ଏଜୁକେଶନ (ଆଇଏସ୍‌ଟିଇ)ର ୫୧ତମ ବାର୍ଷିକ ସମ୍ମିଳନୀ-୨୦୨୨ ନିକଟରେ ଗୋଆର ଏଆଇଟିଡି ଇଞ୍ଜିନିୟରିଂ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗିଫ୍ଟ କଲେଜକୁ ଓଡ଼ିଶାର ଶ୍ରେଷ୍ଠ ବୈଷୟିକ ମହାବିଦ୍ୟାଳୟ ଭାବେ ଗାନ୍ଧୀ ପୁରସ୍କାର ମିଳିଛି। ଉକ୍ତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଏନ୍‌ବିଏର ଅଧ୍ୟକ୍ଷ ଡ. କେ.କେ. ଅଗ୍ରୱାଲଙ୍କ ସମେତ ଆଇଏସ୍‌ଟିଇର ସଭାପତି ଡ. ପି.କେ.ଦେଶାଇ ଏବଂ କାର୍ଯ୍ୟକାରୀ ସମ୍ପାଦକ ପ୍ରଫେସର ବିଜୟ ଡି. ବୈଦ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗିଫ୍ଟର ଓଏସ୍‌ଡ଼ି ଇଂ. ସମୀର ରଞ୍ଜନ ପଣ୍ଡା ଗାନ୍ଧୀ ପୁରସ୍କାରକୁ ଗ୍ରହଣ କରିଥିଲେ। ସେହିଭଳି ଓଡ଼ିଶା ଆଇଏସ୍‌ଟିଇ ବିଭାଗ ପାଇଁ ଗିଫ୍ଟକୁ ବେଷ୍ଟ ଫାକଲ୍‌ଟି ଚାପ୍ଟର ଆୱାର୍ଡ-୨୦୨୧ରେ ସମ୍ମାନିତ କରାଯାଇଛି। କଲେଜର ଉକ୍ତ ସଫଳତା ପାଇଁ ଗିଫ୍ଟର ଆଇଏସ୍‌ଟିଇ ସଂଯୋଜକ ତଥା ଡିନ୍ ରିସର୍ଚ୍ଚ ଡ. ଅମର କୁମାର ଦାସ, ଅଧ୍ୟକ୍ଷ ଡ. ସି.ଏଚ୍.ଭି.ଏସ୍.ପରମେଶ୍ୱର ରାଓ ଓ ଭାଇସ୍ ଚେୟାରମ୍ୟାନ ଡ. ପତିତପାବନ ପଣ୍ଡା, ଗିଫ୍ଟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରୀଛାତ୍ର ଓ ଅଭିଭାବକ ସମୂହକୁ ଶୁଭେଚ୍ଛା ଜଣାଇଛନ୍ତି।

# ଗଛରେ ଶୁଖିଗଲାଣି ଫଳ



■ଚାଇନାରେ ୬୦ ବର୍ଷର ରେକର୍ଡ ଭାଙ୍ଗିଲା ଗ୍ରୀଷ୍ମ ପ୍ରବାହ
■ରାତିରେ ଚାଷ, ଦିନରେ ବିଶ୍ରାମ

**ବେଜିଂ:** ଚାଇନାରେ ଗ୍ରୀଷ୍ମ ପ୍ରବାହ ୬୦ ବର୍ଷର ରେକର୍ଡ ଭାଙ୍ଗିଛି। ତାପମାତ୍ରା ବୃଦ୍ଧି କାରଣରୁ ଦେଶରେ ମରୁଡ଼ି ସ୍ଥିତି ଦେଖିବାକୁ ମିଳିଛି। ଟାଙ୍ଗରା ଭୂଇଁ ଫାଟି ଆଁ କରିଥିବାବେଳେ ଗଛରେ ଫଳସବୁ ଶୁଖି ଝଡ଼ିବା ଆରମ୍ଭ କଲାଣି। ସମ୍ଭାବ୍ୟ ଜଳ ସଙ୍କଟ ଯୋଗୁ ବିଦ୍ୟୁତ୍ ସରବରାହ ପ୍ରଭାବିତ ମଧ୍ୟ ହୋଇଛି। ୫୦ ବର୍ଷରୁ ଅଧିକ ବର୍ଷ ଧରି ନିଜ ଜମିରେ ଡ୍ରାଗନ୍ ଫ୍ରୁଟ ଭଳି ଦାମୀ ଫଳ ଫସଲ କରିଆସୁଛନ୍ତି ୫୦ ବର୍ଷୀୟ କୁଇନ୍ ବିନ୍। ଚଳିତ ବର୍ଷର ଫସଲ ପାଇଁ କୁଇନ୍‌ଙ୍କ ମନରେ ଖୁସି ନାହିଁ। କାରଣ ରେକର୍ଡ ଭାଙ୍ଗିଥିବା ଏହି ଗ୍ରୀଷ୍ମ ପ୍ରବାହ ଖାଲି କୁଇନ୍ କାହିଁକି ଦେଶର ଅଧିକାଂଶ କୃଷକଙ୍କ ମୁହଁରୁ ହସ ଛଡ଼ାଇ ନେଇଛି। କାରଣ ତାପମାତ୍ରା ବୃଦ୍ଧି କାରଣରୁ ଦେଶରେ ଜଳର ଅଭାବ ଏବଂ ତା' ଦ୍ୱାରା ଫସଲ ପ୍ରଭାବିତ ହୋଇଛି। ଫସଲ ଅମଳ ସମୟରେ ମଲା ତଥା ଶୁଖିଲା ଫଳ ଚାଷୀଙ୍କ ମନୋବଳକୁ ଏକ ପ୍ରକାର ଭାଙ୍ଗି ନେଇଛି। ଦେଶରେ ବଢ଼ିଥିବା ବିଦ୍ୟୁତ୍ କାଟ୍ ମଧ୍ୟ ଚାଷୀକୁଳକୁ ଏକ ପ୍ରକାର ପ୍ରଭାବିତ କରିଛି। ଚାଷ କାର୍ଯ୍ୟ ପାଇଁ ଅଧିକାଂଶ ଚାଷୀ ବିଦ୍ୟୁତ୍ ଉପରେ ନିର୍ଭରଶୀଳ। ନିୟମିତ ବିଦ୍ୟୁତ୍ କାଟ୍ ଯୋଗୁ ଚାଷ କାମ ଅଟକି ରହିଛି। ଗ୍ରୀଷ୍ମ ପ୍ରବାହ ବୃଦ୍ଧି କାରଣରୁ ଫସଲ ସାଙ୍ଗକୁ ଗଛ ମଧ୍ୟ ମରିବାକୁ ବସିଲାଣି। ସରକାର ଏ ନେଇ ଯେଉଁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦ୍ୱାରା କେବଳ ଗଛ ବଞ୍ଚି ପାରିବ ଫସଲ ନୁହେଁ। ଏ ପ୍ରକାର ପ୍ରକୃତିକ ଦୁର୍ବିପାକ ଦ୍ୱାରା ହଜାର ଏକର ଜମିର ଫସଲ ନଷ୍ଟ ହେବାକୁ ବସିଲାଣି। ତାପମାତ୍ରା ବଢ଼ିବା କାରଣରୁ ଚାଷୀ ଏବେ ଦିନ ବଦଳରେ ରାତିରେ ଚାଷ କାମ କରିବା ଆରମ୍ଭ କଲେଣି। ସନ୍ଧ୍ୟାରେ ଜମିରୁ କାମ ସାରି ଫେରିବା ବଦଳରେ ସେମାନେ ଦିନରେ ବିଶ୍ରାମ ନେଇ ରାତିରେ ଜମିକୁ ହଳ ଧରି ବାହାରୁଥିବାର ଦେଖାଯାଉଛି। ଯଦି ଆସନ୍ତା ମାସ ୪ ତାରିଖ ପର୍ଯ୍ୟନ୍ତ ଦେଶରେ ଗ୍ରୀଷ୍ମର ପ୍ରବାହ ବଳବତ୍ତର ରୁହେ ତେବେ ସମ୍ପୂର୍ଣ୍ଣ ଚାରା ମରିଯିବ ବୋଲି କୃଷକ କହିଛନ୍ତି। ସୂଚନାଯୋଗ୍ୟ ଚାଇନାରେ ଜାରିରହିଥିବା ଗ୍ରୀଷ୍ମ ପ୍ରବାହ ଆସନ୍ତା ବର୍ଷ ପର୍ଯ୍ୟନ୍ତ ଲାଗି ରହିବ।

### ବନ୍ୟା ଆଶଙ୍କା

ଚାଇନାର ଦକ୍ଷିଣାଞ୍ଚଳରେ ମରୁଡ଼ି ସ୍ଥିତି ସାଙ୍ଗକୁ ବନ୍ୟା ସ୍ଥିତି ମଧ୍ୟ ଘନାଉଥିବା ଦେଖିବାକୁ ମିଳିଛି। ରବିବାରଠୁ କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇଥିବାବେଳେ ଏହା ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଜାରି ରହିବ ବୋଲି ଚାଇନା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ତିନିଦିନର ଲଗାଣ ବର୍ଷା କାରଣରୁ ସ୍ଥାନୀୟ ଅଞ୍ଚଳରେ ବନ୍ୟା ପରିସ୍ଥିତି ଆଶଙ୍କା କରାଯାଉଛି। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପାଖାପାଖି ୪୬ ହଜାର ଲୋକଙ୍କୁ ପ୍ରଶାସନ ପକ୍ଷରୁ ବିସ୍ଥାପିତ କରାଯାଇଛି।

**ଫୁର୍‌ସତ୍**

## ହଲ୍ ମାଲିକଙ୍କୁ ମୁଣ୍ଡିଆ ମାରିଲେ ବିଜୟ୍



**ମୁମ୍ବାଇ:** ମୁମ୍ବାଇ ସିନେମା ହଲ୍ ମାଲିକଙ୍କ ଗୋଡ଼ ଧରି ମୁଣ୍ଡିଆ ମାରିଲେ ସାଉଥ୍ ଫିଲ୍ମ ଅଭିନେତା ବିଜୟ ଦେବରକୋଣ୍ଡା। ଗତ ୨୫ରେ ରିଲିଜ୍ ହୋଇସାରିଥିବା 'ଲାଇଗର'ର ପ୍ରମୋଶନ୍‌ରେ ଏବେ ବିଜୟ ଖୁବ୍ ବ୍ୟସ୍ତ। ମୁମ୍ବାଇରେ ଲାଇଗରର ପ୍ରମୋଶନ୍ କରିବା ସମୟରେ ଖବରଦାତା ଟ୍ୱିଟରରେ ଟ୍ରେଣ୍ଡ ଚାଲିଥିବା ବୟକଟ ବଲିଉଡ୍ ବିଷୟରେ ବିଜୟଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ବିଜୟ କହିଥିଲେ, ନିଜର ପରିଶ୍ରମ ଉପରେ ବିଶ୍ୱାସ ରହିବା ଦରକାର। ଯଦି ତୁମେ ଉଚିତ୍ ପରିଶ୍ରମ କରିଥିବ ତେବେ ତା'ର ଫଳ ତୁମକୁ ନିହାତି ମିଳିବ। ଆମକୁ କିଏ ରୋକିବ ଦେଖିବା କହି ନିଜ ଉତ୍ତର ଶେଷ କରିଥିଲେ ବିଜୟ। ନାୟକଙ୍କ ଏ ପ୍ରକାର ଉତ୍ତର କେତେଜଣଙ୍କୁ ପସନ୍ଦ ଆସି ନ ଥିବାବେଳେ ମୁମ୍ବାଇ ସିନେମା ହଲ୍ ମାଲିକ ମନୋଜ ଦେଶାଇ ତାଙ୍କୁ ଗର୍ବୀ ବୋଲି କହିଥିଲେ। ସୋସିଆଲ ମିଡିଆରେ ଏ ନେଇ ଖବର ପ୍ରଘଟ ହେବା ପରେ ବିଜୟ ସୋମବାର ହଲ୍ ମାଲିକ ମନୋଜଙ୍କୁ ଭେଟି ତାଙ୍କୁ ମୁଣ୍ଡିଆ ମାରିଛନ୍ତି। ଖବରଦାତାଙ୍କ ପ୍ରଶ୍ନର ଉତ୍ତର ନେଇ ହୋଇଥିବା ଭୁଲ୍ ବୁଝାମଣା ସମ୍ପର୍କରେ ଦୁହେଁ ଆଲୋଚନା କରିଥିଲେ। ଲାଇଗରରେ ବିଜୟଙ୍କ ବିପକ୍ଷୟରେ ଅନନ୍ୟା ପାଣ୍ଡେ ଅଭିନୟ କରିଛନ୍ତି। ଏଥିସହ ରାମ୍ୟା କ୍ରିଷ୍ଣନ୍, ରୋନିତ ରାୟ, ମାଇକ୍ ଟାଇସନ୍ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମ ନିର୍ଦ୍ଦେଶକ ପୁରୀ ଜଗନ୍ନାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମଟି ହିନ୍ଦୀ ଓ ତେଲୁଗୁ ଭାଷାରେ ରିଲିଜ୍ ହୋଇଛି।

## ଆଇପିଏସ୍ ଦମ୍ପତିଙ୍କ ଝିଅ ହେଲେ ପୁଅ

**ନୂଆଦିଲ୍ଲୀ:** କାର୍ଯ୍ୟରତ ଆଇପିଏସ୍ ଦମ୍ପତିଙ୍କ ୨୨ ବର୍ଷୀୟା ଝିଅ ଲିଙ୍ଗ ପରିବର୍ତ୍ତନ କରି ଚର୍ଚ୍ଚାକୁ ଆସିଛନ୍ତି। ଲିଙ୍ଗ ପରିବର୍ତ୍ତନ ନେଇ କରାଯାଉଥିବା ସର୍ଜରି ବର୍ତ୍ତମାନ ସମୟରେ କୌଣସି ବିରଳ ଘଟଣା ନୁହେଁ। ଦେଶ ତଥା ଦେଶ ବାହାରେ ବହୁଳମାତ୍ରାରେ ଏହାର ବ୍ୟବହାର କରାଯାଉଥିବା ଏସ୍‌ସିବି ମେଡିକାଲ କଲେଜ ପ୍ଲାଷ୍ଟିକ୍ ସର୍ଜରି ବିଭାଗ ଡାକ୍ତର ଡା. ବିଭୂତି ନାୟକ କହିଛନ୍ତି। ସର୍ଜରି ଯେତେ କଠିନ ନୁହେଁ ତା'ଠାରୁ ଅଧିକ କଠିନ ଲିଙ୍ଗ ପରିବର୍ତ୍ତନ ପାଇଁ ନିଷ୍ପତ୍ତି ନେବା। ଏ ନେଇ ଆଇପିଏସ୍ ଦମ୍ପତି କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ଝିଅରୁ ପୁଅକୁ ପରିବର୍ତ୍ତନ ହେବା ଅସ୍ତ୍ରୋପଚାର ପ୍ରକ୍ରିୟାରେ ସବୁଠାରୁ ଜଟିଳ ପ୍ରକ୍ରିୟା ହେଉଛି ପୁରୁଷର ଲିଙ୍ଗ (ପେନିସ୍) ପ୍ରତିରୋପଣ କରିବା। ଜଣେ ଝିଅକୁ ସମ୍ପୂର୍ଣ୍ଣ ଭାବେ ପୁଅ ହେବା ପାଇଁ ୨ ବର୍ଷ ସମୟ ଲାଗିଥାଏ। ଶରୀରରେ ହର୍‌ମୋନାଲ ପରିବର୍ତ୍ତନ ହେବା ପାଇଁ ଅଧିକ ସମୟ ଲାଗିଥାଏ। ଓଡ଼ିଶାରେ ଝିଅରୁ ପୁଅ ହେବା ପାଇଁ କରାଯାଉଥିବା ଅସ୍ତ୍ରୋପଚାରରେ ୩.୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ପୁଅରୁ ଝିଅ ହେବା ଲାଗି ସାଢ଼େ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ୁଛି।

## ବର୍ଷକ ପରେ ଖୋଲିଲା ସିନେମାଘର

କରାଚୀ

ନିକଟରେ ଆଫଗାନି ସ୍ଥାନରେ କଠୋରପନ୍ଥୀ ତାଲିବାନୀ ଶାସନକୁ ଏକ ବର୍ଷ ପୂରିଥିବାବେଳେ ପାଖାପାଖି ବର୍ଷକ ପରେ ଦେଶରେ ସିନେମା ଘର ଖୋଲିଛି। ଚଳଚ୍ଚିତ୍ରରେ ତାଲିବାନ ସରକାର ନୂଆ ନିୟମ ଲାଗୁ କରିଛନ୍ତି। ଫିଲ୍ମରେ ମହିଳାଙ୍କର ଅଧିକାଂଶ ସିନ୍ କାଟି ଦିଆଯାଇଥିବାବେଳେ ମହିଳାଙ୍କର କିଛି ଗୁରୁତ୍ୱପୂର୍ଣ୍ଣ ସିନ୍ ହିଁ ଫିଲ୍ମରେ ଦେଖାଯିବ। ସିନେମା ହଲ ଖୋଲିବା ନେଇ ସ୍ଥାନୀୟ ଲୋକଙ୍କଠାରେ ଉତ୍ସାହ ଦେଖିବାକୁ ମିଳିଛି। ପାଖାପାଖି ୩୭ଟି ଫିଲ୍ମ ଓ ଡକ୍ୟୁମେଣ୍ଟାରି ଏବେ ରିଲିଜ୍ ଅପେକ୍ଷାରେ ରହିଛି। ଫିଲ୍ମ ତିଆରି ପାଇଁ ଆଫଗାନ କଳାକାର ନିଜ ଅର୍ଥ ଲଗାଇଥିବା କୁହାଯାଉଛି।

## ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ



### ଜାତୀୟ କ୍ଷୁଦ୍ର ଶିଳ୍ପ ଦିବସ

**ଜା**ତୀୟ କ୍ଷୁଦ୍ର ଶିଳ୍ପ ଦିବସ ହେଉଛି ଏକ ବାର୍ଷିକ ଉତ୍ସବ, ଯାହା ଆମ ସମାଜରେ ଛୋଟ ବ୍ୟବସାୟର ମୂଲ୍ୟକୁ ସ୍ୱୀକୃତି ଦେଇଥାଏ। ପ୍ରତିବର୍ଷ ଅଗଷ୍ଟ ୩୦ରେ ଭାରତରେ ଜାତୀୟ କ୍ଷୁଦ୍ର ଶିଳ୍ପ ଦିବସ ପାଳନ କରାଯାଇଥାଏ। ଏହି ଦିନ ସାରା ଦେଶରେ ଛୋଟ ବ୍ୟବସାୟକୁ ଉତ୍ସାହିତ କରିବା ପାଇଁ ଉତ୍ସର୍ଗୀକୃତ। ଛୋଟ ବ୍ୟବସାୟକୁ ଉତ୍ସାହିତ କରିବା ଏବଂ ବେକାରମାନଙ୍କୁ ଚାକିରି ସୁଯୋଗ ପ୍ରଦାନ କରିବାର ଲକ୍ଷ୍ୟ ସହିତ ଏହି ଦିନ ପାଳନ କରାଯାଏ। ଭାରତ ପରି ବିକଶିତ ଦେଶରେ ଅର୍ଥନୈତିକ ଅଭିବୃଦ୍ଧିରେ କ୍ଷୁଦ୍ର ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହିପରି କ୍ଷେତ୍ରଗୁଡ଼ିକର ରଣନୈତିକ ପ୍ରାସଙ୍ଗିକତାକୁ ଦୃଷ୍ଟିରେ ରଖି ଏହାର ବିକାଶ ପାଇଁ ତଥା ଏସବୁ ଶିଳ୍ପର ଆବଶ୍ୟକତା ଉପରେ ବିଶେଷ ଗୁରୁତ୍ୱ କରାଯାଉଛି। ଫଳସ୍ୱରୂପ, କ୍ଷୁଦ୍ର ଶିଳ୍ପ ପାଇଁ ସରକାରୀ ନୀତି ସହାୟତାର ଧାରା କ୍ଷୁଦ୍ର ଉଦ୍ୟୋଗଗୁଡିକର ଅଭିବୃଦ୍ଧି ପାଇଁ ଲାଭଦାୟକ ଏବଂ ଅନୁକୂଳ ହୋଇପାରିଛି। ୩୦ ଅଗଷ୍ଟ ୨୦୦୦ରେ କ୍ଷୁଦ୍ର ଶିଳ୍ପ କ୍ଷେତ୍ର ପାଇଁ ଏକ ବିସ୍ତୃତ ନୀତି ପ୍ୟାକେଜ୍ ଆରମ୍ଭ କରାଯାଇଥିଲା, ଯାହା ମାଧ୍ୟମରେ ଭାରତର ଛୋଟ ସଂସ୍ଥାଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରାଯାଇଥିଲା।

# ଶୀର୍ଷରେ ଓଡ଼ିଶା ଜଗରନଟ୍ସ

ଭୁବନେଶ୍ୱର, ୨୯।୮ (କ୍ରୀଡ଼ା ପ୍ରତିନିଧି)

ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଅଲ୍‌ଟିମେଟ୍ ଖୋ ଖୋ ଲିଗ୍‌ରେ ସୋମବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚେନ୍ନାଇ କୁଇକ୍ ଗନ୍ସ ୧୬ (୫୮-୪୨) ପଏଣ୍ଟରେ ମୁମ୍ବାଇ ଖିଲାଡିଜ୍‌କୁ ହରାଇ ୪ର୍ଥ ଦଳଭାବେ ପ୍ଲେ-ଅଫ୍‌ରେ ପ୍ରବେଶ କରିଛି। ଅନ୍ୟଏକ ମ୍ୟାଚରେ ତେଲଗୁ ଯୋଦ୍ଧାସ ୬୭ (୮୮-୨୧) ପଏଣ୍ଟରେ ଗୁଜରାଟ ଜାଏଣ୍ଟ୍ସକୁ ହରାଇ ଦେଇଛି। ଏଥିସହ ପ୍ରତିଯୋଗିତାର ପ୍ଲେ-ଅଫ୍ ଷ୍ଟାଣ୍ଡିଂ ଚୂଡ଼ାନ୍ତ ହୋଇଯାଇଛି। ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଜଗରନଟ୍ସ ୮ ମ୍ୟାଚରୁ ୭ ବିଜୟ ସହ ୨୧ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହିଛି। ଗୁଜରାଟ ଦଳ ୯ ମ୍ୟାଚରୁ ୨୦ ପଏଣ୍ଟ ସହିତ ଦ୍ୱିତୀୟ, ତେଲ୍‌ଗୁ ଯୋଦ୍ଧାସ ୯ ମ୍ୟାଚରୁ ୧୬ ଓ ଚେନ୍ନାଇ କୁଇକ୍ ଗନ୍ସ ୯ ମ୍ୟାଚରୁ ୧୫ ପଏଣ୍ଟ ପାଇ ଆଗକୁ ବଢ଼ିଛି। ମୁମ୍ବାଇ ଖିଲାଡିଜ୍ ୯ ମ୍ୟାଚରୁ ୯ ଓ ରାଜସ୍ଥାନ ୱାରିୟର୍ସ ୮ ମ୍ୟାଚରୁ ୧ ପଏଣ୍ଟ ପାଇ ବିଦାୟ ନେଇଛି। ପ୍ରତିଯୋଗିତାରେ ଆଉ ୪ଟି ଗ୍ରୁପ୍ ମ୍ୟାଚ ବାକି ରହିଛି। ତେଣୁ ଓଡ଼ିଶା ଦଳ ଶୀର୍ଷ ୨ ଦଳ ମଧ୍ୟରେ ରହିବା ନିଶ୍ଚିତ ହୋଇଯାଇଛି। ଜଗରନଟ୍ସ ଏହାର ପରବର୍ତ୍ତୀ ୨ଟି ମ୍ୟାଚରେ ଯଥାକ୍ରମେ ମୁମ୍ବାଇ ଖିଲାଡିଜ୍ ଓ ତେଲଗୁ ଯୋଦ୍ଧାସକୁ ଭେଟିବ।

ULTIMATE KHO KHO

## ଏଆଇଏଫ୍‌ଏଫ୍ ଉପରେ ୧୪ ଲକ୍ଷ ଟଙ୍କାର ଜରିମାନା

**ନୂଆଦିଲ୍ଲୀ,୨୯।୮(ପି.ଟି.):** ଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)କୁ ସୋମବାର ୧୮ ହଜାର ଆମେରିକୀୟ ଡଲାର(୧୪ ଲକ୍ଷ ଟଙ୍କା)ର ଜରିମାନା କରିଛି ଏସିଆନ୍ ଫୁଟ୍‌ବଲ ସଂଘ (ଏଏଫ୍‌ସି)। ତେବେ ଏହି ଦଣ୍ଡାଦେଶର ସମସ୍ତ ଅର୍ଥ ଏକକାଳୀନ ଦେବାକୁ ପଡ଼ିବ ନାହିଁ। ଆଗାମୀ ଦୁଇ ବର୍ଷ ମଧ୍ୟରେ ଯଦି ସମାନ ଘଟଣାର ପୁନରାବୃତ୍ତି ଘଟେ ତା'ହେଲେ ୧୩,୫୦୦ ଡଲାରର ଫାଇନ ଦେବାକୁ ପଡ଼ିବ। ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ସମୟରେ ଦର୍ଶକ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ କରିବା କାରଣରୁ ଏହି ଅର୍ଥଦଣ୍ଡ ଲାଗୁ କରାଯାଇଛି। ଗତ ଜୁନ୍‌ରେ ହଂକଂ ଓ ଆଫଗାନିସ୍ତାନକୁ ନେଇ କୋଲ୍‌କାତାରେ ଏହି ଟୁର୍ନାମେଣ୍ଟ ଖେଳାଯାଇଥିଲା। ଜୁନ୍ ୧୧ରେ ସଲ୍ଟ ଲେକ୍ ଷ୍ଟାଡିୟମରେ ଭାରତ-ଆଫଗାନିସ୍ତାନ ମ୍ୟାଚ୍ ସମୟରେ ଦର୍ଶକଙ୍କ ପାଇଁ କଟକଣା ରହିଥିବା ଅଞ୍ଚଳକୁ କିଛି ଦର୍ଶକ ପଶିଯାଇଥିଲେ। ଭାରତ ଏହି ମ୍ୟାଚ୍‌କୁ ୨-୧ରେ ଜିତିନେଇଥିବା ବେଳେ କିଛି ଦର୍ଶକ ଭାରତର ଟେକ୍ନିକାଲ ବେଞ୍ଚ୍ ଆଡ଼କୁ ଯାଇଥିଲେ।

## ସ୍କୁଲ ଚେସ୍: ଆଦିତ୍ୟ ଚାମ୍ପିୟନ



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିବାପରେ କୃତୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୨୯।୮ (କ୍ରୀଡ଼ା ପ୍ରତିନିଧି)

ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପରିସରରେ ଏକ ସ୍କୁଲ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୧୩୨ ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିରେ ଆଦିତ୍ୟ ରଞ୍ଜନ ଦାସ ଚାମ୍ପିୟନ ହୋଇଥିବାବେଳେ ଆରୁଷୀ ଶ୍ରୀଚନ୍ଦନ ଦ୍ୱିତୀୟ ଓ ମନୀଷ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶୁତୋଷ ବରାଳ, ବିନାୟକ କୁମାର ସାମଲ ପରବର୍ତ୍ତୀ ୨ ସ୍ଥାନରେ ରହିଥିବାବେଳେ ଟପ୍-୧୦ ପ୍ରତିଯୋଗୀଙ୍କୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ୫, ୭, ୯, ୧୧, ୧୩ ବର୍ଷରୁ କମ୍ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଉଭୟ ବାଳିକା ଓ ବାଳକ ଖେଳାଳିଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ହକି କୋଚ୍ ଅମୂଲ୍ୟ ବିହାରୀ ନନ୍ଦ, ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଆଥଲେଟ୍ ସଙ୍ଘମିତ୍ରା ଲେଙ୍କା, ଏସ୍.ଆର୍. ଚେସ୍ ସେଣ୍ଟର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆର୍ବିଟର ଜ୍ୟୋତିଶଙ୍କର ନନ୍ଦ ଓ ଅବିନାଶ ଦାସ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ଅଧ୍ୟକ୍ଷା ମୀରାରାଣୀ ଦାସ, ଆଇନ ପରାମର୍ଶଦାତା ସୁବ୍ରତ ମହାପାତ୍ର, ସମ୍ପାଦକ ଯଶୋବନ୍ତ ଦାସ, କୋଷାଧ୍ୟକ୍ଷ ଦେବବ୍ରତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚେସ୍ ପ୍ରଶିକ୍ଷକ ସତ୍ୟରଞ୍ଜନ ଏବଂ କୃତୀ ଛାତ୍ରୀ ଶ୍ରୁତିପ୍ରଜ୍ଞା କରଙ୍କୁ ସମ୍ମାନିତ କରାଯାଇଥିଲା।

## ରୌଫ୍‌ଙ୍କୁ ଟି ଶାର୍ଟ ଉପହାର ଦେଲେ କୋହଲି

**ଦୁବାଇ,୨୯।୮(ପି.ଟି.):** ପାକିସ୍ତାନୀ ପେସ୍ ବୋଲର ହରିଶ୍ ରୌଫ୍‌ଙ୍କୁ ଟି ଶାର୍ଟ ଉପହାର ଦେଇଛନ୍ତି ଭାରତର ବିରାଟ କୋହଲି। ଏସିଆ କପ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ୫ ଉଇକେଟର ବିଜୟ ପରେ କୋହଲି ଏହି ଉପହାର ପ୍ରଦାନ କରିଛନ୍ତି। ରବିବାର ରାତିର ମ୍ୟାଚ୍ ପରେ କୋହଲିଙ୍କ ସ୍ୱାକ୍ଷର ଥିବା ଜର୍ସି ପ୍ରଦାନ ବେଳେ ଏହାର ଏକ ଭିଡିଓ ବିସିସିଆଇର ଟୁଇଟର ହ୍ୟାଣ୍ଡେଲରେ ପୋଷ୍ଟ କରାଯାଇଛି। ରବିବାର ମ୍ୟାଚ୍‌ରେ କୋହଲି ୩୪ ବଲରୁ ଗୁରୁତ୍ୱପୂର୍ଣ୍ଣ ୩୫ ରନ୍ କରିଥିଲେ। ତେବେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଦଳ ବିଜୟୀ ହୋଇଥିଲା। ଏହି ହାଇଭୋଲ୍ଟେଜ୍ ମ୍ୟାଚ୍ ପୂର୍ବରୁ ମଧ୍ୟ ଉଭୟ ଦଳର ଖେଳାଳି କିଛି ହାଲୁକା ମୁହୂର୍ତ୍ତରେ ଥିବା ନଜର ଆସିଥିଲେ। ବିରାଟ କୋହଲି ପାକିସ୍ତାନ ଅଧିନାୟକ ବାବର ଆଜମ ଓ ଶାହିନ୍ ଆଫ୍ରିଦୀଙ୍କ ସହ କଥା ହେଉଥିବାର ଭିଡିଓ ଭାଇରାଲ ହୋଇଥିଲା। ସୂଚନାଯୋଗ୍ୟ, ଭାରତ ବୁଧବାର ହଂକଂ ବିପକ୍ଷରେ ଏହାର ପରବର୍ତ୍ତୀ ମ୍ୟାଚ୍ ଖେଳିବ।

## ଅମିୟଙ୍କ ଜାତୀୟ ରେକର୍ଡ ଭାଙ୍ଗିଲେ ଅମ୍ଳାନ

ଭୁବନେଶ୍ୱର, ୨୯।୮ (କ୍ରୀଡ଼ା ପ୍ରତିନିଧି)

ଉତ୍ତର ପ୍ରଦେଶର ରାଇ ବରେଲିରେ ଅନୁଷ୍ଠିତ ୮୭ତମ ସର୍ବଭାରତୀୟ ଆନ୍ତଃ-ରେଲୱେ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୧୦୦ ମିଟରକୁ ୧୦.୨୫ ସେକେଣ୍ଡରେ ଅତିକ୍ରମ କରି ଜାତୀୟ ରେକର୍ଡର ଅଧିକାରୀ ହୋଇଛନ୍ତି ଆସାମର ଅମ୍ଳାନ ବୋରଗୋହେନ। ସମ୍ପ୍ରତି ଓଡ଼ିଶା ହାଇ ପରଫରମାନ୍ସ ସେଣ୍ଟରେ ଟ୍ରେନିଂ ନେଉଥିବା ଅମ୍ଳାନ ଏ କ୍ଷେତ୍ରରେ ଅନ୍ୟତମ ଓଡ଼ିଆ ଖେଳାଳି ଅମିୟ ମଲିକଙ୍କ ରେକର୍ଡ ଭାଙ୍ଗିଛନ୍ତି। ୨୦୧୬ରେ ଅମିୟ ନୂଆଦିଲ୍ଲୀରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୦.୨୬ ସେକେଣ୍ଡ ସମୟ ନେଇ ଦୀର୍ଘ ୬ ବର୍ଷ ଧରି ଜାତୀୟ ରେକର୍ଡର ଅଧିକାରୀ ଥିଲେ। ୨୪ ବର୍ଷୀୟ ଅମ୍ଳାନଙ୍କ ନାମରେ ୨୦୦ ମିଟରର ଜାତୀୟ ରେକର୍ଡ ମଧ୍ୟ ରହିଛି। ୧୦୦ ମିଟରରେ ପୂର୍ବରୁ ତାଙ୍କର ଶ୍ରେଷ୍ଠ ଟାଇମିଂ ଥିଲା ୧୦.୩୪ ସେକେଣ୍ଡ। ଅମ୍ଳାନ ଏବେ କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ସଂଯୋଗ ବଶତଃ ସେ କିଟ୍‌ର ଅନ୍ୟତମ ଛାତ୍ର ଅମିୟଙ୍କ ରେକର୍ଡ ଭାଙ୍ଗିଛନ୍ତି।



ଅମ୍ଳାନ ବୋରଗୋହେନ

## ସିଡେଡ୍ ଖେଳାଳିଙ୍କ ବିଜୟ ଅଭିଯାନ

**ନ୍ୟୁୟର୍କ,୨୯।୮:** ଆରମ୍ଭ ହୋଇଛି ୟୁଏସ୍ ଓପନ୍। ଚଳିତ ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମରେ ସିଡେଡ୍ ଖେଳାଳିମାନେ ପ୍ରଥମ ସେଟ୍‌ରେ ସହଜ ବିଜୟ ହାସଲ କରିଛନ୍ତି। ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ରହିଥିବା ଡାନିଏଲ ମେଡଭେଡେଭ ଓ ଆଣ୍ଡି ମୁରେଙ୍କ ପରି ଖେଳାଳି ସହଜ ବିଜୟ ସହିତ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମେଡ୍‌ଭେଡେଭ ୬-୨, ୬-୪, ୬-୦ରେ ଯୁକ୍ତରାଷ୍ଟ୍ର ଆମେରିକାର ଷ୍ଟିଫାନ କୋଜଲୋଭଙ୍କୁ ପରାସ୍ତ କରିଛନ୍ତି। ବ୍ରିଟେନର ଆଣ୍ଡି ମୁରେ ଆର୍ଜେଣ୍ଟିନାର ଫ୍ରାନ୍‌ସିସ୍କୋ ସେରୁଣ୍ଡୋଲୋଙ୍କୁ ୭-୫, ୬-୩ ଓ ୬-୩ରେ ପରାସ୍ତ କରିଛନ୍ତି। ୨୯ ନମ୍ବର ସ୍ଥାନରେ ରହିଥିବା ସ୍ଥାନୀୟ ଖେଳାଳି ଟମି ପଲ୍ ୪-୬, ୬-୩, ୨-୬, ୬-୦ ଓ ୭-୫ରେ ସ୍ପେନ୍‌ର ବେର୍ନାବେ ଜପଟା ମିରାଲେସ୍‌ଙ୍କୁ ପରାସ୍ତ କରିଥିଲେ। ସେହିପରି ମହିଳା ସିଙ୍ଗଲ୍ସରେ ସିଡେଡ୍ ଖେଳାଳି ମାରିଆ ସାକ୍କାରି, କାରୋଲିନା ଗାର୍ସିଆ ଓ ଭେରୋନିକା କୁଡେରମେଟୋଭା ସହଜ ବିଜୟ ସହିତ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୩ ନମ୍ବର ସ୍ଥାନରେ ଥିବା ସାକ୍କାରି ୬-୪, ୩-୬ ଓ ୬-୦ରେ ଜର୍ମାନୀର ଟାଟାନ୍ୟା ମାରିଆଙ୍କୁ ପରାସ୍ତ କରିଛନ୍ତି। ୧୭ ନମ୍ବର ସ୍ଥାନରେ ଥିବା ଫ୍ରାନ୍ସର କାରୋଲିନା ଗାର୍ସିଆ ୬-୨ ଓ ୬-୪ ସେଟରେ କାମିଲା ରଖିମୋଭାଙ୍କୁ ପରାସ୍ତ କରିଛନ୍ତି।

CLASSIFIED DISPLAY
TARIFF MORE SPACE • SAME PRICE GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Best Nutraceuticals And Ayurvedic Product Company In India Atulya Medilink Pvt. Ltd. Invites You For
PCD, Franchisee And Third-party manufacturing Business Opportunity Monopoly Based Right best Quality Production Time Delivery All Over India
Call us: +919211724091 (Domestic), +91885180014 (For Export Enquiry)
Corporate Address: 604, 6th Floor Ring Road Mall, Rohini Sector-3, Delhi-110085
Email: info.atulyamedilink@gmail.com
Website: www.atulyamedilinkpvtltd.com

ଟିସିଏଫ୍ ଭାରତର ଏକ ମାତ୍ର ପଞ୍ଜୀକୃତ କମ୍ପାନୀ ଦ୍ୱାରା ଋଣ
2% ସୁଧ
45% ଛାଡ଼
ମାର୍କଶିଟ୍, ପ୍ରପର୍ଟି, ବି.ପି.ଏଲ୍. ଓ ସମସ୍ତ ଋଣ 5 ଘଣ୍ଟାରେ ଘରେ ବସି ପାଆନ୍ତୁ
08779988242

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କରାଟେ ସ୍କୁଲର ପ୍ରତିଷ୍ଠା ଦିବସରେ କ୍ରୀଡ଼ା ଖବରଦାତା ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୯।୮ (କ୍ରୀଡ଼ା ପ୍ରତିନିଧି)

ଉତ୍କଳ କରାଟେ ସ୍କୁଲର ମୁଖ୍ୟ କାର୍ଯ୍ୟାଳୟଠାରେ ୪୨ତମ ପ୍ରତିଷ୍ଠା ଦିବସ ଓ ଜାତୀୟ କ୍ରୀଡ଼ା ଦିବସ ପାଳନ ହୋଇଛି। ଏହି ଅବସରରେ ୬ ଜଣ କ୍ରୀଡ଼ା ଖବରଦାତା ଏବଂ ପ୍ରଶାସକଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତନ କ୍ରୀଡ଼ା ପ୍ରଶାସକ ତଥା ପ୍ରତିଷ୍ଠିତ ଲେଖକ ଅଶୋକ ମହାନ୍ତିଙ୍କୁ ଜୀବନବ୍ୟାପୀ ସାଧନା ନିମନ୍ତେ ସମ୍ମାନିତ କରାଯାଇଛି। ଏହାବ୍ୟତୀତ ପ୍ରତାପ ପ୍ରଧାନ, ସୁଶାନ୍ତ କୁମାର ସାହୁ, ବିମଳ କୁମାର ରାଉଳ, ଦୂରଦର୍ଶନର ସମ୍ପାଦକ ଦୁର୍ଗାଶିଷ ସାମନ୍ତରାୟ ଓ ଧରିତ୍ରୀର ବିଜୟ ରଣା ପ୍ରମୁଖଙ୍କୁ କ୍ରୀଡ଼ା ଖବର ପରିବେଷଣରେ ଶ୍ରେଷ୍ଠତ୍ୱ ପାଇଁ ସମ୍ବର୍ଦ୍ଧନା ଦିଆଯାଇଛି। ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, 'ମୋ କଲେଜ' ଅଧ୍ୟକ୍ଷ ଆକାଶ ଦାସ ନାୟକ ଓ ସ୍ଥାନୀୟ କର୍ପୋରେଟର ରଞ୍ଜୁଲତା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବକୁ ସ୍କୁଲର ପ୍ରତିଷ୍ଠାତା ତଥା ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବ ପୂର୍ବରୁ ବିଭିନ୍ନ ଖେଳ ଯଥା କରାଟେ, ଶକ୍ତି ଉତ୍ତୋଳନ, ବନ୍ଧୁକ ଚାଳନାରେ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା।



ସମ୍ବର୍ଦ୍ଧିତ କ୍ରୀଡ଼ା ଖବରଦାତାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

## କିଟ୍ ଓ କିସ୍‌ରେ ଜାତୀୟ କ୍ରୀଡ଼ା ଦିବସ

**ଭୁବନେଶ୍ୱର, ୨୯।୮ (କ୍ରୀଡ଼ା ପ୍ରତିନିଧି):** କିଟ୍ ଓ କିସ୍ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ କିଟ୍ ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଅଲିମ୍ପିଆନ୍ ତଥା କିଟ୍ ଛାତ୍ର ଅମିତ୍ ରୋହିଦାସ, ଛାତ୍ରୀ ଲିଲିମା ମିଞ୍ଜ, ବିଶ୍ୱବିଦ୍ୟାଳୟ କୁଳପତି ସସ୍ମିତା ସାମନ୍ତ, କୁଳସଚିବ ଜ୍ଞାନରଞ୍ଜନ ମହାନ୍ତି, କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଭାରତୀୟ କ୍ରୀଡ଼ାର ଗୌରବ ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କ୍ରୀଡ଼ା ଦିବସ ପରିପ୍ରେକ୍ଷୀରେ ଧ୍ୟାନଚାନ୍ଦଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅତିଥିମାନେ ଉପସ୍ଥିତ ଥିବା ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି, କୋଚ୍, ଭାରତୀୟ ବାୟୁସେନା ପକ୍ଷରୁ କିଟ୍‌ରେ ରହି ଅଭ୍ୟାସ ଜାରି ରଖିଥିବା ଜାତୀୟ ଭଲିବଲ ଦଳ, ଓଡ଼ିଶା ରଗ୍‌ବୀ ଦଳ, ରାଜ୍ୟ ଖୋ ଖୋ ଦଳ, ତୀରନ୍ଦାଜୀ ଦଳ ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା ଦିବସ ଉପଲକ୍ଷେ ଶୁଭେଚ୍ଛା ଜଣାଇଥିଲେ। ପରେ ବିଭିନ୍ନ ଦଳ ଦ୍ୱାରା ହକି, ରଗ୍‌ବୀ, ଖୋ ଖୋ, ଭଲିବଲ୍, ତୀରନ୍ଦାଜୀ, ସନ୍ତରଣ ଆଦି ଖେଳ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ଶିବପାଲ୍ ସିଂହ, ଅମିୟ ମଲ୍ଲିକ୍, ସ୍ୱନ୍ଦନ ରଥ, ଅମିତ ରୋହିଦାସ, ଲିଲିମା ମିଞ୍ଜ, ସୁନୀତା ଲାକ୍ରା, କନିଷ୍ଠ ଅନ୍ତର୍ଜାତୀୟ ହକି ଖେଳାଳି ଷ୍ଟାଲିନ୍ ଭିକ୍ଟର ମିଞ୍ଜ, ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ, ବ୍ୟାଡ୍‌ମିଣ୍ଟନ ଖେଳାଳି ଶ୍ୱେତପର୍ଣ୍ଣା ପଣ୍ଡା, ଋତୁପର୍ଣ୍ଣା ପଣ୍ଡା, ଋତୁପର୍ଣ୍ଣା ଚୌଧୁରୀ, ସିନିମୋଲ୍ ପାଲୋଜ ପ୍ରମୁଖଙ୍କୁ ସେମାନଙ୍କ ସଫଳତା ପାଇଁ ଅଚ୍ୟୁତ ସମ୍ବର୍ଦ୍ଧିତ କରିଥିଲେ।



ସମ୍ବର୍ଦ୍ଧିତ କ୍ରୀଡ଼ାବିତ୍‌ଙ୍କ ସହ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ।

## କ୍ୱାର୍ଟରରେ ଓଡ଼ିଶା ଏଫ୍‌ସି

**ଡୁରାଣ୍ଡ କପ୍ ଫୁଟବଲ**

ଗୁଆହାଟୀ, ୨୯।୮ (ପି.ଟି.)

ସ୍ପାନିସ ତାରକା ସଉଲ କ୍ରେସ୍ପୋଙ୍କ ଡବଲ ଗୋଲ ବଳରେ ଓଡ଼ିଶା ଏଫ୍‌ସି ଦିଲ୍ଲୀ ଏଫ୍‌ସିକୁ ୩-୦ ଗୋଲରେ ହରାଇ ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ୧୯ତମ ମିନିଟରେ ସାହିଲ ପନୱାରଙ୍କ କର୍ନର ପାସ୍‌ରୁ ପ୍ରଥମ ଗୋଲ ଦେଇଥିଲେ କ୍ରେସ୍‌ପୋ। ୩୯ତମ ମିନିଟରେ ସେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲଟି ଦେଇଥିବାବେଳେ ଏହାର ୧ ମିନିଟ ପରେ ଜେରି ମାୱିମିଙ୍ଗଥାଙ୍ଗା ଦଳ ପକ୍ଷରୁ ୩ୟ ଗୋଲଟି ସ୍କୋର କରିଥିଲେ। ପ୍ରତିଯୋଗିତାରେ ଓଡ଼ିଶାର ଏହାଥିଲା ତୃତୀୟ ବିଜୟ।

## ମହିଳା ଫୁଟବଲ କ୍ୟାମ୍ପରେ ଓଡ଼ିଶାର ୩

ଭୁବନେଶ୍ୱର, ୨୯।୮ (କ୍ରୀଡ଼ା ପ୍ରତିନିଧି)

ମହାରାଷ୍ଟ୍ରରେ ଗତ ୨୬ ତାରିଖରୁ ସାଫ୍ (ଦକ୍ଷିଣ ଏସୀୟ ଫୁଟବଲ ଫେଡେରେଶନ) ଚାମ୍ପିୟନଶିପ୍ ପାଇଁ ଭାରତୀୟ ସିନିୟର ମହିଳା ଫୁଟବଲ ଦଳର କ୍ୟାମ୍ପ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାର ୩ ଖେଳାଳି ପ୍ୟାରୀ ଖାଖା, ମନୀଷା ପାନ୍ନା ଓ ଜୁଲି କିଷାନ ସ୍ଥାନ ପାଇଛନ୍ତି। କ୍ୟାମ୍ପ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଚାଲିବ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଉପରୋକ୍ତ ୩ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ

଺ଭୁବନା ନନ୍ଦ ମହାନ୍ତି
କୁଶିକୋଣା, ନିମାପଡ଼ା
ଆବିର୍ଭାବ: ୨୫।୦୧।୧୯୨୩
ତିରୋଧାନ: ୨୦।୦୮।୨୦୨୨
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପରୋପକାରିତା, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ଚିରସ୍ମରଣୀୟ। ଆପଣଙ୍କର ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସର୍ବଦା ରହିଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ରମେଶ, ଉମେଶ, ସୁରେଶ, ଦେବେଶ୍, କ୍ଷିତୀଶ୍, ଜିତିଶ୍, ସ୍ନେହଲତା, ବନ୍ଧୁ ଓ ପରିବାରବର୍ଗ
ଧ-୧୩୭୪

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

଺ଅଭିରାମ ମହାରଣା (ଅଭ)
କଟକ ସଦର, ଗୋପାଳପୁର, ବାଳିକୁଦା
ଆବିର୍ଭାବ-୧୨।୦୪।୧୯୬୨
ତିରୋଧାନ- ୨୦।୦୮।୨୦୨୨
ଆମ୍ଭେ ଭାବି ନଥିଲୁ ଯେ ତୁମେ ହଠାତ୍ ଏପରି ଆମକୁ ଶୋକ ସାଗରରେ ଭସାଇ ଦେଇ ଏକା କରି ଛାଡ଼ି ଚାଲିଯିବ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଅଭୁଲା ସ୍ମୃତି ହୋଇ ରହିବ। ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଅମର ଆତ୍ମାର ସଦ୍‌ଗତି କରନ୍ତୁ।
-ଶୋକସନ୍ତପ୍ତ-
ପ୍ରେମଲତା, ପାର୍ଥସାରଥି, ଚିକି, ଅଜିତ୍, ସନାତନ, ଝିଲି, ମିକି, ଲାଡୁ, ଆରତୀ, ମିନି, ଅନୁ, ବନି, ନକୁଳ, ବବୁଲି, ଅମୁଲି, ପ୍ରଶାନ୍ତ, ପୂର୍ଣ୍ଣଚନ୍ଦ୍ର।
ଧ-୧୩୮୨

ଶ୍ରଦ୍ଧାଞ୍ଜଳି

଺ ଦୁର୍ଗା ପ୍ରସାଦ ବହିଦାର
(ଅବସରପ୍ରାପ୍ତ ପୋଲିସ ଅଫିସର)
ଝାଡୁଆପଡ଼ା, ସମ୍ବଲପୁର
୧୯୧୦ - ୧୯୯୭
ବାଲିତୃତୀୟା
ଆଜି, ପଞ୍ଚବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୩୮୬୬

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତା ଦେବସ୍ମିତା କର
ସଦାଶିବପୁର, କୁଞ୍ଜକାନ୍ତ, ଢେଙ୍କାନାଳ
ଆବିର୍ଭାବ: ୦୮।୦୫।୧୯୯୨
ତିରୋଧାନ: ୨୦।୦୮।୨୦୨୨
ଅସମୟରେ ଚାଲିଯିବା ଆମ ସମସ୍ତଙ୍କୁ କଷ୍ଟ ଦେଇଛି। ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ବାପା: ଦେବୀ ପ୍ରସାଦ କର, ମା: ବିଷ୍ଣୁପ୍ରିୟା କର, ଜେଜେବାପା: ସ୍ୱର୍ଗତ ବିଦ୍ୟାଧର କର, ଜେଜେମା: ସ୍ୱର୍ଗତା କୌଶଲ୍ୟା ଦେବୀ, ଅଜା, ମାମୁ, ମାଈଁ, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୪୦୦୯

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

଺ସନ୍ଦିପ ମହାନ୍ତି (ଟୁନଟୁନ)
(ଭୁବନେଶ୍ୱର)
ଆବିର୍ଭାବ : ୨୭/୧୧/୧୯୮୫ | ତିରୋଧାନ : ୩୦/୦୮/୨୦୦୭
ଚାହିଁ ଚାହିଁ ୧୫ବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ ତୁ କଲେଜ ଯାଇ ଆଉ ଘରକୁ ଫେରିଲୁ ନାହିଁ। ଆମ ସମସ୍ତଙ୍କୁ ଛାଡି ସବୁଦିନ ପାଇଁ ଚାଲିଗଲୁ। ପ୍ରତି ମୁହୂର୍ତ୍ତରେ ତୋର ଅନୁପସ୍ଥିତ ଅନୁଭବ କରୁଛୁ। ତୋର ଶୂନ୍ୟସ୍ଥାନକେବେ ମଧ୍ୟ ପୂରଣ ହେବନାହିଁ। ଆମ ସମସ୍ତଙ୍କ ପାଇଁ ଅଭୁଲା ସ୍ମୃତି ହୋଇରହିଛୁ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ :- ବାବା, ମା, ବଡ଼ବାପା, ବଡ଼ବୋଉ, ଦାଦୁଲ, ଖୁଡି, ଦେଇ, ଭାଇ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୩୮୭୭

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

଺ଡଃ ନିରୂପମା ପଟ୍ଟନାୟକ
ସ୍ୱାମୀ: ଺ଲକ୍ଷ୍ମୀନାରାୟଣ ପଟ୍ଟନାୟକ
ପୂର୍ବତନ ରାଜ୍ୟ ସୂଚନା କମିଶନର
ପୋଖରୀପୁଟ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ: ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୭୩୭୧୭

# ଫଙ୍ଗାଲ୍ ଇନ୍‌ଫେକ୍ସନ୍‌ର ଘରୋଇ ଉପଚାର...

**ବର୍ଷାଦିନେ ଅନେକଙ୍କଠାରେ ଫଙ୍ଗାଲ ଇନ୍‌ଫେକ୍ସନ ସମସ୍ୟା ଦେଖାଦିଏ। ଏଥିପାଇଁ ଶରୀରର ବିଭିନ୍ନ ସ୍ଥାନରେ ବିଶେଷ କରି ଜଙ୍ଘ କଡ଼ରେ ଫଳିଯାଇ କୁଣ୍ଡେଇ ହୋଇଥାଏ। କେତେକ ଘରୋଇ ଉପଚାର ଦ୍ୱାରା ଏଭଳି ସମସ୍ୟା ଦୂର କରାଯାଇପାରିବ...**



ଜଙ୍ଘ କଡ଼ରେ କୁଣ୍ଡାଇ ହେବା ମୁଖ୍ୟତଃ ଫଙ୍ଗାଲ ଇନ୍‌ଫେକ୍ସନ ଯୋଗୁ ହୋଇଥାଏ। ଯେଉଁଥିପାଇଁ ଅଧିକ ଟାଇଟ୍ ପ୍ୟାଣ୍ଟ ପିନ୍ଧିବା, ଝାଳ ଲାଗି ଅଧିକ ସମୟ ରହିବା, ଗାଧୋଇବା ପରେ ଭଲ ଭାବେ ପାଣି ପୋଛି ନ ହୋଇ ପୋଷାକ ପିନ୍ଧିବା ଯୋଗୁ ଓଦା ରହିବା, ମେଦବହୁଳତା ଥିଲେ ବାରମ୍ବାର ଜଙ୍ଘ ଘଷିହେବା ଆଦି ବିଭିନ୍ନ କାରଣ ଦାୟୀ। ତେଣୁ ଏସବୁଠାରୁ ଦୂରେଇ ରହିବା ଲାଗି ଚେଷ୍ଟା କରିବା ସହ ଇନ୍‌ଫେକ୍ସନ୍ ଦୂର କରିବା ଲାଗି ଡାକ୍ତରଙ୍କ ପରାମର୍ଶ ନେଇ ଆବଶ୍ୟକସ୍ଥଳେ ଔଷଧ ଏବଂ ଅଏଣ୍ଟମେଣ୍ଟ ବ୍ୟବହାର କରିବା ଆବଶ୍ୟକ। ଏହା ବ୍ୟତୀତ ଆପଣ ଚାହିଁଲେ କେତୋଟି ଘରୋଇ ଉପଚାର ମଧ୍ୟ କରିପାରିବେ। ଜାଣିରଖନ୍ତୁ ସେ ସମ୍ପର୍କରେ...

- ଏପରି ସମସ୍ୟା ଥିଲେ ଅନେକେ ପାଉଡର ପକାଇ ଥାଆନ୍ତି କିମ୍ବା ମନଇଚ୍ଛା କୌଣସି କ୍ରିମ୍ ଲଗାଇ ଦିଅନ୍ତି। ହେଲେ ଏପରି କରିବା ଦ୍ୱାରା ସମସ୍ୟା କମିବା ବଦଳରେ ବଢ଼ିବା ଆଶଙ୍କା ରହିଛି। ତେଣୁ ଏପରି ନ କରି ଆପଣ ଚାହିଁଲେ ତୁରନ୍ତ ଆରାମ ପାଇବା ଲାଗି ନଡ଼ିଆ ତେଲ କିମ୍ବା ଅଲିଭ୍ ତେଲ ଲଗାଇ ପାରିବେ।
- ଏକ ସଫା କପଡ଼ାରେ ବରଫ ଖଣ୍ଡ ନେଇ ଜଙ୍ଘରେ କୁଣ୍ଡାଇ ହେଉଥିବା ଭାଗରେ ଧୀରେ ଧୀରେ ଘଷିବା ଦ୍ୱାରା କୁଣ୍ଡାଇହେବା ଏବଂ ପୋଡ଼ିବା କମିଥାଏ।
- ପାଣିରେ ଅଳ୍ପ ଖାଇବା ସୋଡ଼ା ମିଶାଇ କୁଣ୍ଡାଇ ହେଉଥିବା ସ୍ଥାନକୁ ଧୋଇଦେଲେ ମଧ୍ୟ ଆରାମ ମିଳିଥାଏ।
- ଘିକୁଆଁରୀକୁ ୧୫ମିନିଟ୍ ପର୍ଯ୍ୟନ୍ତ ଘଷିବା ପରେ ପାଣିରେ ଧୋଇଦିଅନ୍ତୁ, କୁଣ୍ଡାଇ ହେବା କମିଯିବ।
- ପାଣିରେ ନିମ୍ବପତ୍ର ପକାଇ ଫୁଟାଇ ଦିଅନ୍ତୁ। ଏହି ପାଣିରେ ଗାଧୋଇବା ଦ୍ୱାରା ଫଙ୍ଗାଲ୍ ଇନ୍‌ଫେକ୍ସନ ଦୂରହେବା ସହ କୁଣ୍ଡେଇହେବା ସମସ୍ୟାରୁ ମୁକ୍ତି ମିଳିଥାଏ।
- ହଳଦୀପାଣିରେ ଗାଧୋଇବା କିମ୍ବା ଉକ୍ତ ସ୍ଥାନରେ ଅଳ୍ପ ବଟା ହଳଦୀ ଲଗାଇବା ଦ୍ୱାରା ଉପଶମ ମିଳିଥାଏ।

## ପ୍ରସବ ପରେ...



ମାଆ ହେବା ପରେ ଶରୀରକୁ ଅଧିକ ଖାଦ୍ୟ ଆବଶ୍ୟକ ହୋଇଥାଏ। ଖାଦ୍ୟରେ ଉପଯୁକ୍ତ ମାତ୍ରାରେ ପ୍ରୋଟିନ୍, କ୍ୟାଲୋରି, ଭିଟାମିନ୍ ଏବଂ ମିନେରାଲ ରହିଥିବା ଖାଦ୍ୟ ଖାଆନ୍ତୁ। ତେଣୁ ଭାତ, ଡାଲି, ଫଳ, ଘିଅ, ସୋରିଷ ତେଲ, ମେଥି ଓ ଜିରା ଆଦି ଖାଆନ୍ତୁ। ନିଜ ପାଇଁ ଉପଯୁକ୍ତ ସୁଷମ ଖାଦ୍ୟ ସମ୍ପର୍କରେ ଡାଏଟିସିଆନଙ୍କ ସହ ପରାମର୍ଶ କରନ୍ତୁ।

**ପ୍ରସବ ପରେ ସାଧାରଣତଃ ମହିଳାଙ୍କର ଓଜନ ବଢ଼ିଯାଇଥାଏ। ତେଣୁ କିପରି ଓଜନ କମ୍ କରିବେ ସେନେଇ ସଚେତନ ରୁହନ୍ତୁ।**

- ପ୍ରସବ ପରେ ଶିଶୁକୁ ସ୍ତନପାନ କରାଇବା ଫଳରେ ପ୍ରାକୃତିକ ଉପାୟରେ ଓଜନ କମ୍ ହୋଇଥାଏ।
- ପ୍ରସବ ପରେ ଡାଏଟିଂ ଆଦୌ କରନ୍ତୁ ନାହିଁ, ବରଂ ସୁଷମ ଖାଦ୍ୟ ଖାଆନ୍ତୁ।
- ପ୍ରସବ ପରେ ଶରୀର ଯଦି ସୁସ୍ଥ ରହିଥାଏ ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଯୋଗ ଓ ବ୍ୟାୟାମ କରନ୍ତୁ।
- ଓଜନ କମ୍ କରିବା ପାଇଁ ପ୍ରଚୁର ମାତ୍ରାରେ ପାଣି ପିଅନ୍ତୁ। ଫଳରେ ଶରୀର ହାଇଡ୍ରେଟ୍ ରହିବା ସହିତ କାର୍ଯ୍ୟକ୍ଷମତା ମଧ୍ୟ ବଢ଼ିଥାଏ।
- ପ୍ରସବ ପରେ ଉପଯୁକ୍ତ ମାତ୍ରାରେ ଶୋଇବା ମଧ୍ୟ ଜରୁରୀ। ନିଦ କମ୍ ହେବା ଫଳରେ ଶରୀରରେ ଏକ ପ୍ରକାର ହର୍ମୋନ ଅଧିକ ହୋଇ ଓଜନ ବୃଦ୍ଧି ହୋଇଥାଏ।

ଖାଦ୍ୟରୁଚି

## ସେଓ ଖିରି



**ଆବଶ୍ୟକ ସାମଗ୍ରୀ:** ମଧ୍ୟମ ଆକାରର ଅଧା କିଲୋଗ୍ରାମ ସେଓ, କ୍ଷୀର ୧ ଲିଟର, ଚିନି ୧୦୦ ଗ୍ରାମ୍, ଛୋଟ ଛୋଟ କଟାହୋଇଥିବା କାଜୁ ୨ ବଡ଼ ଚାମଚ, ୨ ଚାମଚ କିସ୍‌ମିସ୍, ପେସ୍ତା ଅଧା ଚାମଚ, ୪ଟି ଗୁଜୁରାତି ଗୁଣ୍ଡ, ବେକିଂ ସୋଡ଼ା ୧/୪ ଛୋଟ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସେଓରୁ ଚୋପା ଛଡ଼ାଇ ମଞ୍ଜି ବାହାର କରିଦିଅନ୍ତୁ। ଏହାକୁ ଭଲ ଭାବେ କୋରି ଦିଅନ୍ତୁ। ଏକ ପାତ୍ରରେ ଚୁଲିରେ କ୍ଷୀର ଗରମ କରନ୍ତୁ। ଏହାକୁ ଭଲ ଭାବେ ଫୁଟି ଅଧା ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ଏହା ପରେ ବେକିଂ ସୋଡ଼ା ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। କୋରାଯାଇଥିବା ସେଓକୁ ସେଥିରେ ପକାଇ ଗୋଳାନ୍ତୁ। ଏହା ଗାଢ଼ ହୋଇଗଲେ ସେଥିରେ ଚିନି ଏବଂ କାଜୁ, କିସ୍‌ମିସ୍, ପେସ୍ତା ଆଦି ପକାଇ ଗୋଳାଇ ଦିଅନ୍ତୁ। ଶେଷରେ ଗୁଜୁରାତି ଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଚୁଲି ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସେଓ ଖିରି। ଏହାକୁ ଖାଇବାର ମଜା ନିଅନ୍ତୁ।

ସୌନ୍ଦର୍ଯ୍ୟ

# ରେନିଡେ ମେକ୍‌ଅପ୍

**ଯୁବତୀ ହୁଅନ୍ତୁ ଅବା ମହିଳା, କାହାକୁ ବିନା ମେକ୍‌ଅପ୍‌ରେ ଦେଖିବା ମୁସ୍କିଲ୍। ମେକ୍‌ଅପ୍ ବିନା ଯେମିତି ସେମାନଙ୍କ ପର୍ସନାଲିଟିରେ ଆଞ୍ଚ ଆସିଥାଏ। ତେବେ ବର୍ଷାଦିନେ ପାଣି ସଂସ୍ପର୍ଶରେ ଆସି ମେକ୍‌ଅପ୍ ଧୋଇଯାଉଥିବାରୁ ଅନେକଙ୍କର ଚିନ୍ତା ବଢ଼ିଯାଇଥାଏ। ଏମିତିରେ କେଉଁଭଳି ମେକ୍‌ଅପ୍ ନେଲେ ବର୍ଷାଦିନେ ତାହା ଶୀଘ୍ର ଖରାପ ହେବ ନାହିଁ ଜାଣିରଖନ୍ତୁ...**



- ୱାଟରପ୍ରୁଫ୍ ଫାଉଣ୍ଡେଶନ ଏଦିନ ପାଇଁ ସବୁଠୁ ଭଲ ଅପ୍ସନ। କ୍ରିମ୍ ଫାଉଣ୍ଡେଶନ୍ ନ ଲଗାଇ ଜେଲ୍ ବେସ୍ ଫାଉଣ୍ଡେଶନ ଲଗାନ୍ତୁ। ମନେରଖନ୍ତୁ ଏଦିନେ ଫାଉଣ୍ଡେଶନ୍ ମୋଟା ଲେୟାରରେ ଆଦୌ ନ ଲଗାଇ ପତଳା କରି ଲଗାନ୍ତୁ ଏବଂ ୩ ମିନିଟ୍ ଶୁଖିବାକୁ ଛାଡ଼ି ଦିଅନ୍ତୁ।
- ବର୍ଷାଦିନେ ନିଜ ଆଇ ମେକ୍‌ଅପ୍‌କୁ ଲାଇଟ୍ ଏବଂ ବୋଲ୍ଡ ରଖିବାକୁ ଚେଷ୍ଟା କରନ୍ତୁ। ଲାଭେଣ୍ଡର, କୋରାଲ ପିଙ୍କ୍ ଭଳି ଆଇସ୍ୟାଡୋ ବ୍ୟବହାର କରନ୍ତୁ। ଏହା ଝାଳ ଲାଗି ବୋଳି ହେଲେ ବି ମେକ୍‌ଅପ୍ ଖରାପ ଲାଗି ନ ଥାଏ। ୱାଟରପ୍ରୁଫ୍ କାଜଲ୍, ଲାଇନର୍ ଏବଂ ମସ୍କରା ବ୍ୟବହାର କରନ୍ତୁ। ଆଖିର ମେକ୍‌ଅପ୍ ଠିକ୍ ରହିଲେ ମଧ୍ୟ ମୁହଁ ଆକର୍ଷଣୀୟ ଲାଗିଥାଏ।
- ସେହିପରି ଲଙ୍ଗ୍ ଲାଷ୍ଟିଙ୍ଗ୍ ମେଲ୍ଟ ପ୍ରୁଫ୍ ଲିପ୍‌ଷ୍ଟିକ୍ ଲଗାନ୍ତୁ। ଲିପ୍ ଗ୍ଲସ୍ ଆଦୌ ଲଗାନ୍ତୁ ନାହିଁ। ଟିଣ୍ଟେଡ୍ ଲିପ୍ ବାମ୍, ମ୍ୟାଟ୍ କିମ୍ବା ଲିକ୍ୱିଡ୍ ଲିପ୍‌ଷ୍ଟିକ୍ ବ୍ୟବହାର କଲେ ତାହା ବର୍ଷାପାଣି ସଂସ୍ପର୍ଶରେ ଆସିଲେ ମଧ୍ୟ ଶୀଘ୍ର ଧୋଇ ନ ଥାଏ।
- ଯଦି ହଠାତ୍ ବର୍ଷା ପାଣିରେ ଭିଜି ମେକ୍‌ଅପ୍ ଅଧା ଅଧା ଛାଡ଼ି ପ୍ୟାଚେସ୍ ଭଳି ଲାଗୁଥାଏ, ତେବେ ୱେଟ୍ ୱାଇପ୍‌ରେ ପୋଛି ବିବି କ୍ରିମ୍ ଲଗାଇ ପାରିବେ।
- ସିମ୍ପଲ୍ ହେୟାର ଷ୍ଟାଇଲ୍ କରନ୍ତୁ। ନଚେତ୍ କମ୍ପ୍ଲିକେଟେଡ୍ ହେୟାର ଷ୍ଟାଇଲ୍‌ରେ ବର୍ଷା ପାଣି ପଡ଼ିଲେ ଦୀର୍ଘ ସମୟ ନ ଶୁଖି କେଶ ଖରାପ ହେବା ଆଶଙ୍କା ରହିଛି।





**ବର୍ଷାଦିନେ ପାଣି ଏବଂ ଥଣ୍ଡା ପାଗ ସଭିଙ୍କ ପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ହେଲେ ଏଥିରେ ସବୁଠୁ ଅଧିକ ପ୍ରଭାବିତ ହୋଇଥାନ୍ତି ଶିଶୁମାନେ। ତେଣୁ ଏହିଦିନେ ଶିଶୁଙ୍କ ସ୍ୱାସ୍ଥ୍ୟର ଯତ୍ନ କିପରି ନେବେ ସେ ସମ୍ପର୍କରେ ଜାଣିରଖନ୍ତୁ...**



# ବର୍ଷାଦିନେ ଶିଶୁର ଯତ୍ନ

**ପରିଚ୍ଛନ୍ନତା ଉପରେ ଦିଅନ୍ତୁ ଗୁରୁତ୍ୱ:** ବର୍ଷାଦିନେ ସାଧାରଣତଃ ଚାରିଆଡ଼େ ପାଣି ଅପରିଷ୍କାର ଥାଏ, ଯାହା ସଂସ୍ପର୍ଶରେ ଆସିଲେ ପିଲାଙ୍କ ଦେହରେ ଫଙ୍ଗାଲ୍ ଓ ରିଙ୍ଗୱର୍ମ ଇନ୍‌ଫେକ୍ସନର ଆଶଙ୍କା ଅଧିକ। ଏହା ମଧ୍ୟ ପୋଷା ଜୀବଜନ୍ତୁଙ୍କ ଯୋଗୁ ହୋଇପାରେ। ତେଣୁ ପିଲାଙ୍କୁ ଜୀବଜନ୍ତୁଙ୍କଠାରୁ ଦୂରେଇ ରଖନ୍ତୁ। ସେମାନଙ୍କ ପୋଷାକ ଆଣ୍ଟିସେପ୍ଟିକ୍ କିମ୍ବା ମେଡିକେଟେଡ୍ ସଲ୍ୟୁଶନ୍‌ରେ ସଫା କରନ୍ତୁ। ସେମାନଙ୍କ ଶରୀରକୁ ଓଦା ହେବାକୁ ଦିଅନ୍ତୁ ନାହିଁ। ସର୍ବଦା ସଫା ଏବଂ ଶୁଖିଲା ରଖନ୍ତୁ। ପିଲାଙ୍କ ପୋଷାକକୁ ପ୍ରତିଦିନ କିଛି ସମୟ ଖରା ଦେବାକୁ ଭୁଲନ୍ତୁ ନାହିଁ। ନରମ ଏବଂ ଆରାମଦାୟକ ପୋଷାକ ପିନ୍ଧାନ୍ତୁ।

– ଯଦି ଶରୀରରେ କୌଣସି ସ୍ଥାନରେ କୁଣ୍ଡାଇ ହେବା କିମ୍ବା ଲାଲ୍ ଦାଗ ଦେଖାଦିଏ ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

**ନଖ ଏବଂ କେଶ କାଟନ୍ତୁ:** ପିଲାଙ୍କ ନଖ ବଡ଼ ହେବା ମାତ୍ରେ କାଟିଦିଅନ୍ତୁ। ସେମାନଙ୍କ ହାତ ବାରମ୍ବାର ଓଦା ହେବାକୁ ଦିଅନ୍ତୁ ନାହିଁ। ନଚେତ୍ ଏହାଦ୍ୱାରା ମଧ୍ୟ ଇନ୍‌ଫେକ୍ସନ୍‌ର ଆଶଙ୍କା ରହିଛି।

– ଯଦି କିଛି ତ୍ୱଚା ସମ୍ବନ୍ଧିତ ଅସୁବିଧା ଯଥା କୁଣ୍ଡେଇ ହେବା, ଫଳିଯିବା, ଲାଲ୍ ପଡ଼ିବା ଆଦି ଦେଖନ୍ତି ତେବେ କିଛି ନିମ୍ବପତ୍ରକୁ ବାଟି ଉକ୍ତ ସ୍ଥାନରେ ଲଗାନ୍ତୁ। ଏହି ପ୍ରାକୃତିକ ଉପାୟ ପିଲାଙ୍କ ତ୍ୱଚା ସମସ୍ୟା ସହଜରେ ଦୂର କରିଥାଏ।

– ଏହିଦିନେ କେତେକ ପିଲାଙ୍କର ଘିମିରି ସମସ୍ୟା ବି ଦେଖାଦେଇଥାଏ। ଯଦି ଆପଣଙ୍କ ପିଲା ଦେହରେ ଘିମିରି ହୋଇଛି ତେବେ ଗୋଲାପ ଜଳରେ ଅଳ୍ପ ଚନ୍ଦନ ଘୋରି ଲଗାନ୍ତୁ। ୧୫–୨୦ମିନିଟ୍ ରଖିବା ପରେ ପାଣିରେ ଭଲ ଭାବେ ଧୋଇ ପିଲାକୁ ପୋଛି ଦିଅନ୍ତୁ।

– ପିଲାଙ୍କ ଦେହରେ ଅଧିକ ଝାଳ ହେଉଥିଲେ ଭଲ ଭାବେ ପୋଛି ଦିଅନ୍ତୁ।

**ନିୟମିତ ଗାଧେଇ ଦିଅନ୍ତୁ:** ଥଣ୍ଡା ଧରିବା ଡରରେ ଅନେକେ ଏହିଦିନେ ପିଲାଙ୍କୁ ଆଦୌ ଗାଧୋଇ ଦିଅନ୍ତି ନାହିଁ। ହେଲେ ଏପରି କରିବା ଠିକ୍ ନୁହେଁ। ବରଂ ପିଲାଙ୍କୁ ସଫା, ଜୀବାଣୁମୁକ୍ତ, ନୀରୋଗ ରଖିବା ଲାଗି ଆବଶ୍ୟକ ମାତ୍ରାରେ ଥଣ୍ଡା ପରିବର୍ତ୍ତେ ନଖଉଷୁମ ପାଣିରେ ଗାଧୋଇ ଦିଅନ୍ତୁ।

**ପ୍ରାକୃତିକ ଉପାୟରେ ବଢ଼ାନ୍ତୁ ରୋଗ ପ୍ରତିରୋଧକ ଶକ୍ତି:** ପିଲାମାନଙ୍କୁ ପ୍ରତିଦିନ କିଛି ଯୋଗ ଓ ବ୍ୟାୟାମ କରିବାକୁ କୁହନ୍ତୁ। ଏହାଦ୍ୱାରା ପିଲାଙ୍କର ପ୍ରାକୃତିକ ଉପାୟରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହା ବ୍ୟତୀତ ପିଲାଙ୍କୁ ଘରେ ପ୍ରସ୍ତୁତ ଖାଦ୍ୟ ଦିଅନ୍ତୁ। କାଢ଼ା କିମ୍ବା ଉଷୁମ କ୍ଷୀରରେ ହଳଦୀ ମିଶାଇ ପିଇବାକୁ ଦିଅନ୍ତୁ। ଏଭଳି ବିଭିନ୍ନ ଅଭ୍ୟାସ ପିଲାମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।



### କ'ଣ କରନ୍ତି ଏମାନେ

**ହଳଦୀ ମିଶା କ୍ଷୀର ପିଇବାକୁ ଦିଏ**



ଏବେ ପାଗ ପରିବର୍ତ୍ତନ ଯୋଗୁ ପିଲାଙ୍କର ଜ୍ୱର, ଥଣ୍ଡା ଲାଗି ରହୁଛି। ତେଣୁ ମୁଁ ଝିଅକୁ ଥଣ୍ଡା ନ ହେବା ପାଇଁ ହଳଦୀ ମିଶା କ୍ଷୀର ପିଇବାକୁ ଦେଉଛି। ବର୍ଷାରେ ସ୍କୁଲରୁ ସେ ଫେରିବା ପରେ ତାକୁ ଭଲ ଭାବରେ ପୋଛିପାଛି ତୁଳସୀପତ୍ର ଖାଇବାକୁ ଦିଏ। ସ୍କୁଲକୁ ଯିବାବେଳେ ସାନିଟାଇଜର ଓ ମାସ୍କ ବ୍ୟବହାର କରିବାକୁ ବୁଝାଇଥାଏ।

*–ହରପ୍ରିୟା ପାତ୍ର, ଗୃହିଣୀ, ପୁରୀ*

**ପିଲାଙ୍କ ଯତ୍ନ ନିଏ**



ଅଦିନିଆ ବର୍ଷା ଯୋଗୁ ଜ୍ୱର, ଥଣ୍ଡା ବ୍ୟତୀତ ପିଲାଙ୍କୁ ଚର୍ମରୋଗ ବି ହେଉଛି। ତେଣୁ ସେମାନଙ୍କୁ ଡେଟଲରେ ଗାଧୋଇଦେବା ସହ ସେମାନଙ୍କ ଡ୍ରେସ୍ ମଧ୍ୟ ସଫା କରିବା ପରେ ଡେଟଲରେ ଧୋଉଛି। ମାର୍କେଟ କିମ୍ବା କୌଣସି ଗହଳି ସ୍ଥାନକୁ ନେବାବେଳେ ସେମାନଙ୍କୁ ମାସ୍କ ପିନ୍ଧାଇ ଛାଡିଥାଏ।

*–ତାପସୀ ଜେନା, ଗୃହିଣୀ, ବାଲେଶ୍ୱର*



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୩୦/୨୦୨୨ Bhubaneswar, Tuesday, August 30/ 2022

# ‘ଯୁବବର୍ଗ ଓ ସମାଜର ପ୍ରଗତିରେ କ୍ରୀଡ଼ା ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ’



ପୁରସ୍କୃତ କ୍ରୀଡ଼ାବିତ୍‌ଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥି।

**ଭୁବନେଶ୍ୱର, ୨୯।୮ (କ୍ରୀଡ଼ା ପ୍ରତିନିଧି)**

ଜାତୀୟ କ୍ରୀଡ଼ା ଦିବସ ଅବସରରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଛନ୍ତି। ଲୋକସେବା ଭବନର କନ୍‌ଭେନ୍‌ଶନ ହଲ୍‌ରେ ଆୟୋଜିତ ଉତ୍ସବରେ ସମସ୍ତ ପୁରସ୍କାର ବିଜେତାଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇବା ସହ ସମ୍ମାନିତ ହୋଇଥିବା କ୍ରୀଡ଼ାବିତ୍‌ଙ୍କ ସଫଳତା ଯୁବବର୍ଗଙ୍କୁ କ୍ରୀଡ଼ାକୁ କ୍ୟାରିୟର କରିବାକୁ ପ୍ରେରଣା ଯୋଗାଇବ ବୋଲି ଆଶା ପ୍ରକାଶ କରିଛନ୍ତି। ‘‘ଯୁବବର୍ଗ ଓ ସମାଜର ପ୍ରଗତିରେ କ୍ରୀଡ଼ା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ଆମେ ରାଜ୍ୟବ୍ୟାପୀ କ୍ରୀଡ଼ା କ୍ଷେତ୍ରରେ ବିନିଯୋଗ କରୁଛୁ ଏବଂ କ୍ରୀଡ଼ାବିତ୍‌ଙ୍କୁ ସେମାନଙ୍କ ସଫଳତା ହାସଲ ପାଇଁ ସମର୍ଥନ କରିଆସୁଛୁ। ଓଡ଼ିଶା ଦେଶରେ ଏକ ଉଦୀୟମାନ ସ୍ପୋର୍ଟ୍ସ ଡେଷ୍ଟିନେଶନ ଭାବେ ସ୍ୱୀକୃତି ପାଇଛି। ସରକାର କ୍ରମାଗତ କ୍ରୀଡ଼ା କାର୍ଯ୍ୟକଳାପଗୁଡ଼ିକୁ ସମର୍ଥନ କରି ଆଗାମୀ ଦିନରେ ଓଡ଼ିଶାକୁ ଏକ କ୍ରୀଡ଼ାଶକ୍ତିରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି’’ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ଉତ୍ସବରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ପି.କେ. ଜେନା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, କ୍ରୀଡ଼ା ବିଭାଗ ସଚିବ ତଥା କମିଶନର ଆର୍. ଭିନିଲ କ୍ରିଷ୍ଣା, କ୍ରୀଡ଼ା ଓ ଯୁବସେବା ବିଭାଗର ଅନ୍ୟ ଅଧିକାରୀ ଏବଂ କ୍ରୀଡ଼ାବିତ୍‌ମାନେ ଉପସ୍ଥିତ ଥିଲେ।

ଭାରୋତ୍ତୋଳିକା ଝିଲ୍ଲୀ ଦଳବେହେରା ଓ ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପାଇଛନ୍ତି। ଝିଲ୍ଲୀ ସମ୍ପ୍ରତି ଆମେରିକାରେ ଟ୍ରେନିଂ ନେଉଥିବାରୁ ତାଙ୍କ ପରିବାରବର୍ଗ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ଦେବାଶିଷ ମହାନ୍ତିଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଛି। ପାରା ଆଥଲେଟ୍ ଜୟନ୍ତି ବେହେରାଙ୍କ ପ୍ରଶିକ୍ଷକ ବିଷ୍ଣୁଚରଣ ମିଶ୍ରଙ୍କୁ ଶ୍ରେଷ୍ଠ କୋଚ୍ ଏବଂ ବେଣୁଧର ଦାସଙ୍କୁ ଶ୍ରେଷ୍ଠ କ୍ରୀଡ଼ା ଖବରଦାତା ପୁରସ୍କାର ପ୍ରଦାନ କରାଯାଇଛି। ସମସ୍ତଙ୍କୁ ଟ୍ରଫି ସହ ମାନପତ୍ର ଏବଂ ଆର୍ଥିକ ପୁରସ୍କାର ଦିଆଯାଇଛି। ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପାଇଁ ୩ ଲକ୍ଷ, ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ୨ ଲକ୍ଷ, ଶ୍ରେଷ୍ଠ କୋଚ୍‌ଙ୍କୁ ୧ ଲକ୍ଷ, ଶ୍ରେଷ୍ଠ କ୍ରୀଡ଼ା ଖବରଦାତାଙ୍କୁ ୫୦,୦୦୦ ଟଙ୍କା ପ୍ରଦାନ କରାଯାଇଛି। ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସ୍‌ପି)କୁ ପୁରସ୍କୃତ କରାଯାଇଛି। ଆରଏସ୍‌ପି ନିର୍ଦ୍ଦେଶକ ଅତନୁ ଭୌମିକ ଟ୍ରଫି ସହ ୧ ଲକ୍ଷ ଟଙ୍କାର ଚେକ୍ ଗ୍ରହଣ କରିଥିଲେ।

ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ବ୍ୟତୀତ ବିଭିନ୍ନ କ୍ରୀଡ଼ାରେ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯାଇଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ହକି ଦଳର ସଦସ୍ୟ ଅମିତ ରୋହିଦାସଙ୍କୁ ୭୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସେହିପରି ବ୍ରୋଞ୍ଜ ପଦକ ବିଜୟୀ ମହିଳା ହକି ଦଳର ସଦସ୍ୟା ଦୀପ୍ ଗ୍ରେସ୍ ଏକ୍କାଙ୍କୁ ୫୦ ଲକ୍ଷ ଟଙ୍କାର ଚେକ୍ ଦିଆଯାଇଛି। ମୋଟ ୨,୧୨ ୮୨ ୫୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ମାଉଣ୍ଟ ଏଭରେଷ୍ଟ ଆରୋହଣ କରିଥିବା ସିଦ୍ଧାର୍ଥ ରାଉତରାୟଙ୍କୁ ୩ ଲକ୍ଷ ଟଙ୍କାର ଚେକ୍ ଦିଆଯାଇଛି। ସେ ଅନୁପସ୍ଥିତ ଥିବାରୁ ତାଙ୍କ ବାପା ତଥା ବିଧାୟକ ସୁରେଶ ରାଉତରାୟ ମୁଖ୍ୟମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ରାଶି ଗ୍ରହଣ କରିଥିଲେ। ସାହସିକତା ଲାଗି ୧୪ ବର୍ଷୀୟ ପ୍ରତାପ ତରେଇ ଓ ୧୦ ବର୍ଷୀୟା ଶୁଭଶ୍ରୀ ରାଉତଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯାଇଛି। ଉଭୟଙ୍କୁ ମୁଖ୍ୟମନ୍ତ୍ରୀ ରୌପ୍ୟ ପଦକ, ଏକ ଫଳକ ଓ ୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି।

ଜାତୀୟ କ୍ରୀଡ଼ା ଦିବସରେ ପୁରସ୍କାର ପ୍ରଦାନ ବ୍ୟତୀତ ୫୩ ଜଣ କୃତୀ କ୍ରୀଡ଼ାବିତ୍ ଓ ପାରା ସ୍ପୋର୍ଟ୍ସ ଖେଳାଳିଙ୍କୁ ବିଭିନ୍ନ ବିଭାଗରେ ଚାକିରି ଦିଆଯାଇଛି। ବଡି ବିଲ୍ଡର ଚନ୍ଦନ କୁମାର ସାହୁ, ପାରା ଆଥଲେଟ୍ ଜୟନ୍ତି ବେହେରା, ବ୍ୟାଡ୍‌ମିଣ୍ଟନ ଖେଳାଳି ଋତୁପର୍ଣ୍ଣା ପଣ୍ଡା, ପାରା ବ୍ୟାଡ୍‌ମିଣ୍ଟନ ଆଥଲେଟ୍ ସୁନୀଲ ପ୍ରଧାନ, ରଗ୍‌ବୀ ଖେଳାଳି ପୁନା ମୁର୍ମୁ, ହକି ଖେଳାଳି ଜିଓ୍ୱନ କିଶୋରୀ ଟପ୍ପୋ ଓ ଜାହ୍ନବୀ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କଠାରୁ ନିଯୁକ୍ତିପତ୍ର ଗ୍ରହଣ କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆକର୍ଷଣୀୟ ପ୍ରଦର୍ଶନ କରିଥିବା ୨୯୧ କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଅମିତ୍ ଓ ଦୀପ୍‌ଗ୍ରେସ୍‌ଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଦ୍ୟୁତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ଦୀନେଶ କୁମାର, ଫିଡେ ଚେସ୍ ଅଲିମ୍ପିଆଡ୍‌ରେ ଭାଗ ନେଇଥିବା ପଦ୍ମିନୀ ରାଉତଙ୍କୁ କ୍ରୀଡ଼ା ମନ୍ତ୍ରୀ ୭.୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ସେହିପରି ଚେସ୍ ଖେଳାଳି ସାଇନା ସାଲୋନିକା ୧.୫ ଲକ୍ଷ, ଫୁଟ୍‌ବଲ ଖେଳାଳି ଟଙ୍କଧର ବାଗ୍ ୨ ଲକ୍ଷ, ଦୃଷ୍ଟିହୀନ ଚେସ୍ ତାରକା ସୌନ୍ଦର୍ଯ୍ୟ ପ୍ରଧାନ ୨ ଲକ୍ଷ, ହ୍ୱିଲ ଚେୟାର ଫେନ୍‌ସର ଭି. ରମେଶ ରାଓ, ରାଖାଲ ସେଠୀ ୨ ଲକ୍ଷ ଲେଖାଏ ଓ ମାଳତି ପାନ୍ଥରେ ୩ ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ପାଇଥିଲେ।

## ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ

- ଝିଲ୍ଲୀ ଦଳବେହେରା ଓ ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ ଶ୍ରେଷ୍ଠ କ୍ରୀଡ଼ାବିତ୍
- ଦେବାଶିଷ ମହାନ୍ତିଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ
- ବିଷ୍ଣୁ ଚରଣ ମିଶ୍ର ଶ୍ରେଷ୍ଠ କୋଚ୍
- ବେଣୁଧର ଦାସ ଶ୍ରେଷ୍ଠ କ୍ରୀଡ଼ା ଖବରଦାତା
- ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ପୁରସ୍କୃତ
- ପ୍ରତାପ ତରେଇ ଓ ଶୁଭଶ୍ରୀ ରାଉତଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର

## ଏଆଇଏଫ୍ଏଫ୍ କାର୍ଯ୍ୟକାରୀ କମିଟିରେ ଅଭିଜିତ୍ ପଲ୍



**ଭୁବନେଶ୍ୱର, ୨୯।୮ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ (ଓଏଏ)ର ସାଧାରଣ ସମ୍ପାଦକ ଅଭିଜିତ୍ ପଲ୍ ଭାରତୀୟ ଫୁଟବଲ ମହାସଂଘ (ଏଆଇଏଫଏଫ୍)ର କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଛନ୍ତି। ଓଏଏ ବ୍ୟତିତ ସେ ଓଡ଼ିଶା ଫୁଟବଲ ସଂଘର ସଦସ୍ୟ ତଥା ଯୁଗ୍ମ ସମ୍ପାଦକ ମଧ୍ୟ ରହିଛନ୍ତି। ରାଜ୍ୟରେ ଫୁଟବଲର ପ୍ରଚାର ପ୍ରସାର ଓ ଉନ୍ନତି ପାଇଁ ସେ ନିୟମିତ ପ୍ରୟାସ କରି ଆସିଛନ୍ତି। ପଲଙ୍କ ଏହି ସଫଳତା ପାଇଁ ରାଜ୍ୟ ଫୁଟବଲ ଆସୋସିଏସନର ସମସ୍ତ କର୍ମୀ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ସହିତ ତାଙ୍କ ନେତୃତ୍ୱରେ ଭାରତୀୟ ଫୁଟବଲ ଏକ ନୂତନ ଶିଖର ଛୁଇଁବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଫିଫା ବାସନ୍ଦାଦେଶ ହଟିବା ପରେ ଆସନ୍ତା ସେପ୍ଟେମ୍ବର ୨ ତାରିଖରେ ଫିଫାର ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।











ବର୍ମିଂହାମରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ହକିରେ ରୌପ୍ୟ ପଦକ ବିଜେତା ଭାରତୀୟ ପୁରୁଷ ଓ ବ୍ରୋଞ୍ଜ ବିଜୟୀ ମହିଳା ହକି ଦଳର ସଦସ୍ୟ ଅମିତ ରୋହିଦାସ ଓ ଦୀପ୍‌ଗ୍ରେସ୍ ଏକ୍କା ଆର୍ଥିକ ପୁରସ୍କାର ଗ୍ରହଣ ଅବସରରେ।

## ଶୁଭେଚ୍ଛା ଜଣାଇଲେ ମୋଦି, ତେନ୍ଦୁଲକର

**ନୂଆଦିଲ୍ଲୀ, ୨୯।୮ (ପି.ଟି.):** ସୋମବାର ଜାତୀୟ କ୍ରୀଡ଼ା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କ୍ରିକେଟ୍ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଥିବା ବେଳେ ମୋଦିଙ୍କ ସମେତ ଏକାଧିକ ମନ୍ତ୍ରୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିବସରେ ସମସ୍ତଙ୍କୁ ଜାତୀୟ କ୍ରୀଡ଼ା ଦିବସର ଶୁଭେଚ୍ଛା। ବିଗତ କିଛିବର୍ଷ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପାଇଁ ବେଶ୍ ଉଲ୍ଲେଖନୀୟ ରହିଛି। ଆଗାମୀ ଦିନରେ ଏହି ଧାରା ଜାରି ରହିବା ସହିତ କ୍ରୀଡ଼ା ଦେଶରେ ଆହୁରି ଲୋକପ୍ରିୟତା ହାସଲ କରୁ ବୋଲି ମୋଦି ଟୁଇଟ୍ କରିଛନ୍ତି। ସେହିପରି କେନ୍ଦ୍ର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ନିଶିଥ୍ ପରମାଣିକ ମଧ୍ୟ ଜାତୀୟ କ୍ରୀଡ଼ା ଦିବସରେ ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ କିରେନ୍ ରିଜିଜୁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ଦେଶରେ କ୍ରୀଡ଼ା ତଥା ହକିର ବିକାଶରେ ଧ୍ୟାନଚାନ୍ଦଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଦେଶକୁ ଗର୍ବିତ କରୁଥିବା କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଏକ ଉନ୍ନତ ଭବିଷ୍ୟତ କାମନା କରୁଛି ବୋଲି ଟୁଇଟ୍ କରିଥିଲେ ରାଜନାଥ। ଜାତୀୟ କ୍ରୀଡ଼ା ଦିବସ ଅବସରରେ ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କୁ ମୋର ଶ୍ରଦ୍ଧାଞ୍ଜଳି। ଏହାସହିତ ଦେଶକୁ ଗର୍ବିତ କରିଥିବା ଆଥ୍‌ଲେଟ ମାନଙ୍କୁ ମୋ ତରଫରୁ ଢେର୍ ସାରା ଶୁଭେଚ୍ଛା ବୋଲି ରିଜିଜୁ ଟୁଇଟ୍ କରିଛନ୍ତି।

କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ଓ ଅଲିମ୍ପିକ ଚାମ୍ପିୟନ ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରା ପ୍ରମୁଖ ଜାତୀୟ କ୍ରୀଡ଼ା ଦିବସର ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିଥିବା ମହିଳା ଲନ୍ ବୋଲ୍ ଟିମ୍‌ର ଉଦାହରଣ ଦେଇଥିଲେ ତେନ୍ଦୁଲକର। ରୂପାରାଣୀ ତିର୍କୀ, ପିଙ୍କି, ନୟନମୋନି ସାଇକିଆ ଓ ଲଭ୍‌ଲି ଚୌବେଙ୍କ ଦଳ ଐତିହାସିକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ରୂପାରାଣୀ ଜଣେ କବାଡ଼ି ଖେଳାଳି ହୋଇଥିବା ବେଳେ ନୟନମୋନି ଜଣେ ଭାରୋତ୍ତୋଳିକା। ପିଙ୍କି ସିଂ କ୍ରିକେଟର ଓ ଲଭ୍‌ଲି ଚୌବେ ଜଣେ ଧାବିକା। ଏମାନେ ସମସ୍ତେ ଭିନ୍ନ ଭିନ୍ନ ବ୍ୟାକ୍‌ଗ୍ରାଉଣ୍ଡରୁ ଆସିଥିଲେ ହେଁ ସମଗ୍ର ଦେଶରେ ଏକ ଅନାମଧେୟ କ୍ରୀଡ଼ାକୁ ପାଥେୟ କରି ଇତିହାସ ରଚିବାରେ ସଫଳ ହୋଇଛନ୍ତି। ୧୩୦ କୋଟି ଜନତାଙ୍କ ଆମ ଦେଶ କ୍ରୀଡ଼ାରେ ବିଭିନ୍ନ ରେକର୍ଡ ଭାଙ୍ଗିବା ସହିତ ଆଗକୁ ବଢୁ ବୋଲି ସେ ଟୁଇଟ୍ କରିଛନ୍ତି। ଏହି ଜାତୀୟ କ୍ରୀଡ଼ା ଦିବସରେ କ୍ରୀଡ଼ାକୁ ଭଲ ପାଉଥିବା ଦେଶ ଭାବେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ସମସ୍ତେ ଶପଥ ନେବା ଉଚିତ ବୋଲି ସେ ଲେଖିଛନ୍ତି। ଦେଶବାସୀ କେବଳ ଏହି ଗୋଟିଏ ଦିନ ନୁହେଁ, ସବୁଦିନ କ୍ରୀଡ଼ାର ସମର୍ଥନରେ ଆଗକୁ ଆସନ୍ତୁ ଆଉ ଖେଳନ୍ତୁ ବୋଲି ନୀରଜ ଚୋପ୍ରା ଟୁଇଟ୍ କରିଛନ୍ତି। ଏହା ବ୍ୟତୀତ କ୍ରିକେଟର ଯୁବରାଜ ସିଂ, ଦୀନେଶ କାର୍ତ୍ତିକ, ଭାରତୀୟ ମହିଳା ଦଳର ପୂର୍ବତନ ଅଧିନାୟିକା ମିଥାଲି ରାଜ୍ ଏବଂ ଅଲିମ୍ପିକ୍ସ ପଦକ ବିଜୟିନୀ ସାକ୍ଷୀ ମଲ୍ଲିକ ମଧ୍ୟ ଜାତୀୟ କ୍ରୀଡ଼ା ଦିବସର ଶୁଭେଚ୍ଛା ଜଣାଇଛନ୍ତି।




## ରୋଲ୍ ବଲ୍ ଲିଗ୍: ଅନୁଗୋଳ ଆଭେଞ୍ଜର ଚାମ୍ପିୟନ

**ଭୁବନେଶ୍ୱର, ୨୯।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ସେଞ୍ଚୁରିଆନ୍ ୟୁନିଭର୍ସିଟି ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଖେଳାଯାଇଥିବା ପ୍ରଥମ ସଂସ୍କରଣର ରୋଲ୍ ବଲ୍ ଲିଗ୍‌ରେ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛି ଅନୁଗୋଳ ଆଭେଞ୍ଜର। ପୁରୀ ପେସର୍ସକୁ ୧୧-୭ ଗୋଲରେ ପରାସ୍ତ କରିବା ସହିତ ଦଳ ଟୁର୍ନାମେଣ୍ଟ ବିଜୟୀ ହୋଇଛି। ଆଇକନ୍ ପ୍ଲେୟର ପ୍ରୀତିଶ ଆଚାର୍ଯ୍ୟ ଜେନା ଫାଇନାଲରେ ଏକାକୀ ୧୧ଟି ଗୋଲ ସ୍କୋର କରିଥିଲେ। ଏହାସହିତ ୪୫ ଗୋଲ ସହ ଟୁର୍ନାମେଣ୍ଟର ସର୍ବାଧିକ ଗୋଲ ସ୍କୋରର ମାନ୍ୟତା ହାସଲ କରିଥିଲେ। ପୁରୀ ପେସର୍ସ ରନର୍ସଅପ୍ ହୋଇଥିବା ବେଳେ ବ୍ରହ୍ମପୁର ବ୍ଲେଜର୍ସ ତୃତୀୟ ସ୍ଥାନ ଅଧିକାର କରିଥିଲା। କଟକ ସେଲ୍‌ଟିକ୍ସକୁ ୬-୨ରେ ପରାସ୍ତ କରି ଦଳ ଏହି ସଫଳତା ହାସଲ କରିଥିଲା। ପ୍ରଥମ ସଂସ୍କରଣର ରୋଲ ବଲ୍ ଲିଗ୍‌କୁ ଓଡ଼ିଶା କ୍ରୀଡା ଓ ଯୁବବ୍ୟାପାର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର, ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ରବି ନାରାୟଣ ରାଉତରାୟ ଉଦ୍‌ଘାଟନ କରିଥିଲେ। ସେହିପରି ବ୍ରହ୍ମପୁର ବ୍ଲେଜର୍ସ ମାଲିକ ଲୋକେଶ, ଭୁବନେଶ୍ୱର ବୁଲ୍ସ ମାଲିକ ପ୍ରତିଚି ରଶ୍ମି ରାଉତରାୟ, ପୁରୀ ପେସର୍ସର ଦିଲୀପ ନାୟକ, କଟକ ସେଲ୍ଟିକ୍ସର ମାଲିକ ସୌଦାମିନୀ ପାତ୍ର ଏବଂ ସମ୍ବଲପୁର ସିମର୍ସ ମୁଖ୍ୟ ସୌମିତିଞ୍ଜୟ ମହାକୁଡ଼ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ରୋଲ୍ ବଲ୍ ଏକ ସ୍ୱଦେଶୀ କ୍ରୀଡ଼ା ହୋଇଥିବା ବେଳେ ଓଡ଼ିଶାରେ ଏହାର ପ୍ରଚାର ପ୍ରସାର ଲାଗି ଏହି ଲିଗ୍ ଆୟୋଜନ କରାଯାଇଥିବା କହିଛନ୍ତି ଓଡ଼ିଶା ରୋଲ୍ ବଲ୍ ସଂଘ ସାଧାରଣ ସମ୍ପାଦକ ପାର୍ଥସାରଥି ଜେନା।


ଚାମ୍ପିୟନ ଅନୁଗୋଳ ଆଭେଞ୍ଜର ଦଳର ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଚୋରି ସନ୍ଦେହରେ ଗଛରେ ବାନ୍ଧି ପିଟିଲେ

ଯାଁଳା,୨୯।୮(ଡି.ଏନ୍.ଏ.): ଭୁବନେଶ୍ୱର ବ୍ଲକ ନଁପୁଟ ପଞ୍ଚାୟତର ରେତଙ୍ଗ ଷ୍ଟେଶନ ନିକଟରେ କେତେଜଣ ଶ୍ରମିକ ଚୋରି କରିଥିବା ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଏକ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିଛନ୍ତି। ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ବାପି ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ରାଜ୍ୟ ବାହାରର କେତେଜଣ ଶ୍ରମିକ ରେତଙ୍ଗ ରେଳ ଷ୍ଟେଶନ ନିକଟରେ ରେଲୱେ କାମ ପାଇଁ ଏକ ଘରେ ରହିଥିଲେ। ରବିବାର ରାତିରେ ଶ୍ରମିକମାନେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ସେମାନଙ୍କ ଘରେ ପଶି ୩ଟି ମୋବାଇଲ ଓ ୧୦ ହଜାର ଟଙ୍କା ଚୋରି କରି ନେଇଥିଲେ। ଶ୍ରମିକମାନେ ଭୋରୁ ଉଠି ଘର ନିକଟରେ ଜଣେ ବ୍ୟକ୍ତି ବୁଲୁଥିବା ଦେଖିବାକୁ ପାଇଥିଲେ। ଉକ୍ତ ବ୍ୟକ୍ତି ଜଣଙ୍କୁ ଚୋର ସନ୍ଦେହରେ ଏକ ଗଛରେ ବାନ୍ଧି ନିସ୍ତୁକ ପିଟିଥିଲେ। ଶ୍ରମିକମାନେ ଠିକାଦାରଙ୍କୁ ଖବର ଦେବା ସହ ଜିଆରପି ଥାନାକୁ ଜଣାଇଥିଲେ। ଜିଆରପି ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

### ଟ୍ୟାଙ୍କର ଧକ୍କାରେ ବାଇକ୍ ଚାଳକ ମୃତ

ଯାଁଳା,୨୯।୮(ଡି.ଏନ୍.ଏ.): ୧୬ ନମ୍ବର ଜାତୀୟ ରାଜପଥର ତଳଖେତା ଛକ ନିକଟରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ୟାଙ୍କର ପଛପଟୁ ଧକ୍କା ଦେବା ଫଳରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବର୍ଙ୍ଗିଦା ଆଡଖଣ୍ଡିଆ ଗ୍ରାମର ନକୁଳ ସାହୁ(୪୭)। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬ଟାରେ ଦୋକାନ ଖୋଲିବା ପାଇଁ ନକୁଳ ବାଇକରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଫେରୁଥିଲେ। ତଳଖେତା ଛକରେ ନିର୍ମାଣାଧୀନ ପୋଲ ନିକଟରେ ଏକ ଟ୍ୟାଙ୍କର ନକୁଳଙ୍କ ବାଇକକୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ନକୁଳଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବରପାଇ ଇନ୍‌ଫୋସିଟି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏମ୍ସ ମେଡିକାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ମଦନପୁର ଫୁଟବଲ ଲିଗ ଟୁର୍ନାମେଣ୍ଟ: ଗାଦିଶ୍ୱର କ୍ଲବକୁ ୨ ପଏଣ୍ଟ

ଯାଁଳା,୨୯।୮(ଡି.ଏନ୍.ଏ.): ମଦନପୁର ନବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଫୁଟବଲ ଲିଗ ଟୁର୍ନାମେଣ୍ଟର ଦିତୀୟ ଦିନରେ ସୋମବାର ନବଜ୍ୟୋତି କ୍ଲବ ମଦନପୁର ଏବଂ ଫ୍ରେଣ୍ଡସ ପାରାଡାଇଜ ଜୁନିୟର ଜଟଣୀ ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷ ସୁଦ୍ଧା ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ପାଇଥିଲେ। ସେହିପରି ଦିତୀୟ ମ୍ୟାଚ ମହାବୀର କ୍ଲବ କରଡାପଲ୍ଲୀ ଓ ଗାଦିଶ୍ୱର କ୍ଲବ କୁଜିମହୁଲ ମଧରେ ଅନୁଷ୍ଠିତ ହୋଇଥିଲା। ଗାଦିଶ୍ୱର କ୍ଲବ ୪-୦ ଗୋଲ କରି ଦୁଇ ପଏଣ୍ଟ ପାଇଥିଲା। ଦଳ ପକ୍ଷରୁ ୧୪ ମିନିଟରେ ସୁମନ ମାଝୀ, ୧୫ ମିନିଟରେ ବିଶ୍ୱଜିତ ବେହେରା ୨୪ ମିନିଟରେ ରାଜେଶ ମାଝୀ, ୫୦ ମିନିଟରେ ଜଗବନ୍ଧୁ ବେହେରା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରଦୀପ ବଳିୟାରସିଂ, ଅଶୋକ ନାୟକ, ମନୋରଞ୍ଜନ ଖୁଣ୍ଟିଆ ମ୍ୟାଚ୍ ପରିଚାଳନା କରିଥିଲେ।

# ମୃତଦେହ ପହଞ୍ଚିବା ପରେ ଉତ୍ତେଜନା, ରାସ୍ତାରୋକୋ

ନିରାକାରପୁର,୨୯।୮(ଡି.ଏନ୍.ଏ.)


ପ୍ରଶାସନିକ ଅଧିକାରୀ ଓ ପୋଲିସ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଛନ୍ତି।

**ମହିଳା ଏସ୍‌ଆଇଙ୍କ ଆତ୍ମହତ୍ୟା ଘଟଣା**
- ପ୍ରତିଶ୍ରୁତି ପରେ ଧାରଣା ହଟିଲା
- ଗାଁ ଶ୍ମଶାନରେ ମୃତଦେହ ସତ୍କାର

କନ୍ଧମାଳ ଜିଲା ଜି. ଉଦୟଗିରି ଥାନା ଏସ୍‌ଆଇ ସ୍ୱାଗତିକା ବେହେରା ଗତ ଶନିବାର ସରକାରୀ କ୍ୱାର୍ଟର୍ସରେ ଆତ୍ମହତ୍ୟା କରିଥିଲେ। ଆଇଆଇସି ରେବତୀ ଶବର ମାନସିକ ନିର୍ଯାତନା ଦେଇଥିବାରୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ସୋମବାର ତାଙ୍କ ମୃତଦେହ ଜନ୍ମମାଟି ଖୋର୍ଦ୍ଧା ଜିଲା ନିରାକାରପୁରରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ୩ ଦଫା ଦାବିରେ ସ୍ଥାନୀୟ ଗ୍ରାମବାସୀ ଏବଂ ମୃତକଙ୍କ ସମ୍ପର୍କୀୟ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖ ନୂଆ ଜଗନ୍ନାଥ ସଡ଼କ ଉପରେ ସକାଳ ୮ଟାରୁ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ମୃତ ଏସ୍‌ଆଇ ବେହେରାଙ୍କ ଘରର ଜଣଙ୍କୁ ଚାକିରି, ଫ୍ୟାମିଲି ପେନ୍‌ସନ୍ ଓ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ତଦନ୍ତ ଭାର ଦେବା ଆଦି ଦାବି ରହିଛି। ଖବରପାଇ ଟାଙ୍ଗୀ ତହସିଲଦାର ଦାୟିତ୍ୱରେ ଥିବା ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ଅତିରିକ୍ତ ତହସିଲଦାର ଶରତ କୁମାର ଦେହୁରି, ସ୍ଥାନୀୟ ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ପ୍ରମୁଖ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହି ପରିପ୍ରେକ୍ଷୀରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ୩ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ଦାବିଗୁଡ଼ିକ ସମ୍ପର୍କରେ କନ୍ଧମାଳ ଓ ଖୋର୍ଦ୍ଧା ଏସ୍‌ପିଙ୍କ ସହ ଆଲୋଚନା କରିବା ସହ ଏକ ଲିଖିତ ପତ୍ର ପ୍ରଦାନ କରିବି ବୋଲି ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଫୋନ ମାଧ୍ୟମରେ ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନ ୧୨ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଏସ୍‌ଆଇ ବେହେରାଙ୍କ ମୃତଦେହ ସତ୍କାର କରାଯାଇଥିଲା।

ସୂଚନାଥାଉ କି, ଏସ୍‌ଆଇ ବେହେରା ଗତ ୯ ମାସ ତଳେ ଜି. ଉଦୟଗିରି ଥାନାରେ ଦାୟିତ୍ୱ ଗ୍ରହଣ କରିଥିଲେ। ସରକାରୀ କ୍ୱାର୍ଟର୍ସରେ ବେହରା ଏକା ରହୁଥିବା ବେଳେ ଗତ ଶନିବାର ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଖବରପାଇ ମୃତାଙ୍କ ମା' ଉଷାରାଣୀ ବେହେରା ଓ ଦୁଇ ଭାଇ ଜି. ଉଦୟଗିରିରେ ପହଞ୍ଚିଥିଲେ। ବଡ଼ ଭାଇ ମନୋରଞ୍ଜନ ବେହେରା ତାଙ୍କ ଭଉଣୀଙ୍କ ଆତ୍ମହତ୍ୟା ପାଇଁ ଜି.ଉଦୟଗିରି ଆଇଆଇସିଙ୍କୁ ଦାୟୀ କରିଥିଲେ। ଉଷାରାଣୀଙ୍କ ଏତଲା ଅନୁଯାୟୀ ନଂ. ୧୩୦/୨୨ରେ ମାମଲା ରୁଜୁ ହୋଇଛି। ଏହି ଘଟଣା ପରେ ଏସ୍‌ପି ଭିନୀତ ଅଗ୍ରୱାଲ ଆଇଆଇସି ଶବରଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରିଛନ୍ତି।

### ଜିଲାପାଳଙ୍କ ଜନଶୁଣାଣି ଶିବିର

ବାରଙ୍ଗ,୨୯।୮(ଡି.ଏନ୍.ଏ.)

ବାରଙ୍ଗ ବ୍ଲକ କାର୍ଯ୍ୟାଳୟରେ ସୋମବାର କଟକ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରଙ୍ଗ ବ୍ଲକର ୧୬ଟି ପଞ୍ଚାୟତରୁ ୬୨ଟି ଅଭିଯୋଗର ଶୁଣାଣି ହୋଇଥିଲା। ବିଶେଷକରି ବର୍ଷାଜଳ ନିଷ୍କାସନରେ ବାଧକ ସାଜିଥିବା ରାସ୍ତା, ବୟସ ହୋଇଯାଇଥିଲେ ମଧ ମଧୁବାବୁ ପେନସନ ଯୋଜନାରେ ଭତ୍ତା ମିଳୁ ନ ଥିବା, ରାଶନ କାର୍ଡରେ ନୂତନ ସଂଯୋଗ ଆଦି ଅଭିଯୋଗ ଅଧିକ ରହିଥିଲା। କୁରାଙ୍ଗଶାସନ ପଞ୍ଚାୟତର ନୂଆ ତୋଟାସାହି ବିଦ୍ୟାଳୟକୁ ଖଲରୋ ବିଦ୍ୟାଳୟ ସହ ମିଶ୍ରଣ ଫଳରେ ଛୋଟ ପିଲାମାନଙ୍କୁ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ ଉପରେ ତୁରନ୍ତ ବିଇଓ, ଡିଇଓଙ୍କ ସହ କଥା ହୋଇ ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କଟକ ଜିଲାପାଳ ଭବାନୀ ଶଙ୍କର ଚୟନିଙ୍କ ସମେତ କଟକ ଗ୍ରାମାଞ୍ଚଳ ଏସ୍‌ପି ବି.ଯୁଗଳ କିଶୋର, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାଏ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅମର କୁମାର କର, ବାରଙ୍ଗ ତହସିଲଦାର ସଂକଳ୍ପ ସ୍ୱସ୍ତିକ ସାହୁ, ବିଡିଓ ବିଶ୍ୱରଞ୍ଜନ ବିଶ୍ୱାସ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ ଉପସ୍ଥିତ ଥିଲେ।

# ୩ ଗିରଫ, ୨ ବନ୍ଧୁକ ଜବତ

ଭୁବନେଶ୍ୱର,୨୯।୮(ବ୍ୟୁରୋ)




ଗିରଫ ୩ ଅଭିଯୁକ୍ତ ଓ ଜବତ ବନ୍ଧୁକ, ଗୁଳି।

ଡକାୟତି ଯୋଜନା ଚାଲିଥିବାବେଳେ ଶହୀଦନଗର ଥାନା ପୋଲିସ ଶନିବାର ବିଳମ୍ବିତ ରାତିରେ ଭବାନୀ ମଲ୍ ନିକଟରେ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ାରେ ରହୁଥିବା ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ଜଗନ୍ନାଥପ୍ରସାଦ ଅଞ୍ଚଳର ରଞ୍ଜନ କୁମାର ନାୟକ ଓରଫ ରୋନି(୨୩), କଳ୍ପନା ଛକରେ ରହୁଥିବା ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅଞ୍ଚଳର ମୁକେଶ ସାହୁ(୨୦) ଏବଂ ଲିଙ୍ଗରାଜ ଥାନା ଅଞ୍ଚଳର ଅରୁଣଜିତ୍ ନାଏକ(୨୬)। ଏମାନଙ୍କଠାରୁ ୨ଟି ବନ୍ଧୁକ, ୨ ମାଗାଜିନ୍, ୭ ରାଉଣ୍ଡ ଗୁଳି, ସ୍କୁଟି ଏବଂ ବାଇକ ଜବତ କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ଡିସିପି ପ୍ରତୀକ ସିଂ କହିଛନ୍ତି, ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ।

**ଡକାୟତି ଯୋଜନାବେଳେ ଚଢ଼ାଉ**

ସେମାନଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ତଦନ୍ତ କରାଯିବ। ଆଗକୁ ପର୍ବ ପର୍ବାଣୀ ସମୟରେ ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ପୋଲିସ ପକ୍ଷରୁ ପାଟ୍ରୋଲିଂକୁ ଜୋରଦାର କରାଯାଉଥିବା ସିଂ କହିଛନ୍ତି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ବନ୍ଧୁକ ଧରି ଠିଆ ହୋଇଥିବା ନେଇ ପୋଲିସକୁ ଖବର ମିଳିଥିଲା। ଏହାପରେ ତୁରନ୍ତ ଏକ ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା। ଯାଞ୍ଚବେଳେ ବନ୍ଧୁକ ସମେତ ଅନ୍ୟାନ୍ୟ ଆପରାଧିକ ସାମଗ୍ରୀ ମିଳିଥିଲା।



ଖଣ୍ଡଗିରି ଥାନା ଅନ୍ତର୍ଗତ ଗଣ୍ଡମୁଣ୍ଡାରେ ଥିବା ବେଆଇନ ଘରକୁ ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଉଛି।

### ଜେଲରୁ ବାହାରିଲେ ଅର୍ଦ୍ଧେନ୍ଦୁ

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ଜଣେ ବ୍ୟବସାୟୀଙ୍କଠାରୁ ଯନ୍ତ୍ରାଂଶ କିଣି ଠକେଇ କରିବା ମାମଲାରେ ଗିରଫ ହୋଇ ଜେଲରେ ଥିବା ଘରୋଇ ନ୍ୟୁଜ୍ ଚ୍ୟାନେଲ ବଡ଼ ଖବରର ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ ସୋମବାର ଜେଲରୁ ବାହାରିଛନ୍ତି। ଶୁକ୍ରବାର ହାଇକୋର୍ଟ ଅର୍ଦ୍ଧେନ୍ଦୁଙ୍କୁ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଥିଲେ। ତାଙ୍କୁ ତଳ କୋର୍ଟରେ ୨୦ ଲକ୍ଷ ଟଙ୍କା ନଗଦ ଜମାରାଶି ସହ ଅନ୍ୟାନ୍ୟ ସର୍ତ୍ତ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଅର୍ଦ୍ଧେନ୍ଦୁଙ୍କୁ ନେବା ପାଇଁ ଝାରପଡା ଜେଲ ଆଗରେ ପରିବାର ସଦସ୍ୟ, ସମ୍ପର୍କୀୟ ଓ ପ୍ରଶଂସକଙ୍କ ଭିଡ ଦେଖିବାକୁ ମିଳିଥିଲା। ଜେଲରୁ ବାହାରିବାର ପରେ ଆଗାମୀ ପଦକ୍ଷେପ ତାଙ୍କର କ'ଣ ହେବ ତାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

### ରୋଟାରୀ କ୍ଲବ ଏଲିଟ୍‌ର ଅଧିଷ୍ଠାନ ଉତ୍ସବ

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

ରୋଟାରୀ କ୍ଲବ ଏଲିଟ୍‌ର ଅଧିଷ୍ଠାନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରୋଟାରିଆନ ଚିତ୍ତରଞ୍ଜନ ମିଶ୍ର ସଭାପତି ଓ ରୋଟାରିଆନ ସସ୍ମିତା ଦାଶ ସମ୍ପାଦିକା ଭାବେ ଦାୟିତ୍ୱ ଗ୍ରହଣ କରିବା ସହିତ ବିଭିନ୍ନ ବିଭାଗ ପାଇଁ କମିଟି ଗଠନ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ନ୍ୟୁଜ୍୧୮ ଏଡିଟର ନରେନ୍ଦ୍ର ନାଥ ଜେନା ଯୋଗଦେଇ ରୋଟାରୀ କ୍ଲବ ପକ୍ଷରୁ ସମାଜରେ ନିଆଯାଉଥିବା ଅନେକ ଦୃଷ୍ଟାନ୍ତମୂଳକ କାର୍ଯ୍ୟ ତଥା ସମାଜ ଗଠନ ଦିଗରେ ବିଭିନ୍ନ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ୨୦୨୪-୨୫ ପାଇଁ ରୋଟାରୀ ପ୍ରାନ୍ତପାଳ ଭାବେ ନିର୍ବାଚିତ ହୋଇଥିବା ଯଜ୍ଞାଶିଷ ମହାପାତ୍ର ଯୋଗଦେଇ, ଦୃଢ ଇଚ୍ଛା ଶକ୍ତି ହିଁ ମଣିଷକୁ ସଫଳତା ଆଡକୁ ନେଇଯାଇ ଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜୋନାଲ ଚେୟାର ରମେଶ ସାହୁ, ଅତିରିକ୍ତ ପ୍ରାନ୍ତପାଳ ଶୁଭେନ୍ଦୁ ମହାନ୍ତି ଯୋଗଦେଇଥିଲେ। ବରିଷ୍ଠ ସଦସ୍ୟ ବରଦା ଆଚାର୍ଯ୍ୟ କାର୍ଯକ୍ରମ ପରିଚାଳନା କରିଥିଲେ। ନୂତନ ସଦସ୍ୟା ଭାବେ ସୁଷମା ସରଙ୍ଗୀ ଓ ଲକ୍ଷ୍ମୀପ୍ରିୟା ବୋଷ ଦାୟିତ୍ୱ ନେଇଥିବା କ୍ଲବର ପବ୍ଲିକ ଇମେଜ ନିର୍ଦ୍ଦେଶକ ରୋଟାରୀଆନ ସରୋଜ ଦାଶ ସୂଚନା ଦେଇଥିଲେ।

# ଆରଟିଓ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ସ୍ତରରେ ରାଜ୍ୟ ସରକାର ଛୋଟ ଧରଣର ଅଦଳବଦଳ କରିଛନ୍ତି। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଗତ ୨୬ ତାରିଖରେ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ, ଗତ ୩୦।୪।୨୦୨୨ରେ ବଲାଙ୍ଗୀର ଆରଟିଓ ଭାବେ ବଦଳି ହୋଇଥିବା ଶୁଭେନ୍ଦୁ ରଞ୍ଜନ ରାୟଙ୍କ ବଦଳିକୁ ବାତିଲ କରାଯାଇ ଏବେ ଭଞ୍ଜନଗର ଆରଟିଓ ଭାବେ ନିଯୁକ୍ତ ମିଳିଛି। ସେହିପରି କୋରାପୁଟ ଆରଟିଓ ପ୍ରସନ୍ନ କୁମାର ଦାସଙ୍କୁ ବଲାଙ୍ଗୀର ଦାୟିତ୍ୱ ଦିଆଯାଇଛି। ମୟୂରଭଞ୍ଜ ଆରଟିଓ ଗୋପାଳକୃଷ୍ଣ ଦାସଙ୍କୁ କେନ୍ଦୁଝର ଏବଂ କେନ୍ଦୁଝର ଆରଟିଓ ନିର୍ମଳ ମହାନ୍ତିଙ୍କୁ ଜଗତ୍‌ସିଂହପୁର ବଦଳି କରାଯାଇଛି। ଅନୁଗୋଳ ଆରଟିଓ ବିଭା ଭଞ୍ଜନ ସାମନ୍ତସିଂହରାୟଙ୍କୁ ରାଉରକେଲା ଏବଂ ରାଉରକେଲାରେ ଅବସ୍ଥାପିତ ବିଶ୍ୱରାଜ ବେହେରାଙ୍କୁ ମୟୂରଭଞ୍ଜ ବଦଳି କରାଯାଇଛି। ସେହିପରି ଜଗତ୍‌ସିଂହପୁର ଆରଟିଓ ପ୍ରତାପ କିଶୋର ପଣ୍ଡାଙ୍କୁ କୋରାପୁଟ ଏବଂ ତାଳଚେର ଆରଟିଓ ନିଖିଳ କୁମାର ପଟ୍ଟନାୟକଙ୍କୁ ତାଙ୍କ ମୂଳ ଦାୟିତ୍ୱ ସହ ଅନୁଗୋଳର ଆରଟିଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

# ଆସ୍ଥା ପକ୍ଷରୁ ଜାତୀୟସ୍ତରୀୟ ସମ୍ମିଳନୀ ଉଦ୍‌ଘାଟିତ



ବାଲିଅନ୍ତା, ୨୯।୮(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ୨ ଦିନିଆ ଜାତୀୟସ୍ତରୀୟ ସମ୍ମିଳନୀ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସମ୍ମିଳନୀରେ 'ୱାର୍କପ୍ଲେସ୍ ହାପିନେସ୍ ଅପ୍ଟିମାଇଜେଶନ- ଏ ନ୍ୟୁ ଥଷ୍ଟ ଫର୍ ସସ୍‌ଟେଣ୍ଟେବିଲିଟି' ଶୀର୍ଷକ ଆଲୋଚନା କରାଯାଇଥିଲା। ଏଥିରେ ବିଭିନ୍ନ ଜିଲାରୁ ଏକାଡେମିସିଆନ୍, ରିସର୍ଚ୍ଚ, ସ୍କଲାର୍ ଓ ଛାତ୍ରୀଛାତ୍ର ଯୋଗଦେଇ ସେମାନଙ୍କ ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ନାଲ୍‌କୋର ମାନବ ସମ୍ବଳ ନିର୍ଦ୍ଦେଶକ ରାଧାଶ୍ୟାମ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ଷେତ୍ରରେ ଦକ୍ଷତା ବୃଦ୍ଧି ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ ମିତ୍ତଲ ଷ୍ଟିଲର ମାନବ ସମ୍ବଳ ମୁଖ୍ୟ ସୁନୀଲ ଦାଶ ଓ ପ୍ରମୁଖ ବକ୍ତା ପାର୍ଥସାରଥି ମିଶ୍ର ଯୋଗଦେଇ କାର୍ଯ୍ୟକ୍ଷେତ୍ରରେ ଉତ୍ସାହ ଓ ସମୟର ସଦୁପଯୋଗ ଉପରେ ବକ୍ତବ୍ୟ ରଖିଥିଲେ। ଅଧକ୍ଷା ପ୍ରଫେସର ଡ. ଶର୍ମିଳା ସୁବ୍ରମନିୟମ୍ ସମ୍ମିଳନୀର ବିଷୟ ଉପରେ ନିଜ ଅଭିଭାଷଣ ରଖିଥିଲେ। ସମ୍ମିଳନୀର ୨ୟ ପର୍ଯ୍ୟାୟକୁ ପ୍ରଫେସର ସୁପ୍ରୀତି ମିଶ୍ର ଓ ଡ. ଆର୍ କେ ଏସ୍ ମଙ୍ଗେସ ଦାସ ପରିଚାଳନା କରିଥିଲେ। ଏହି ସମ୍ମିଳନୀ ବିଷୟବସ୍ତୁ ଉପରେ ପ୍ରକାଶିତ ଏକ ପତ୍ରିକାକୁ ପଞ୍ଚମୁଖୀ ଏଜୁକେଶନାଲ ଓ ଚାରିଟେବୁଲ ଟ୍ରଷ୍ଟର ଚେୟାର ମ୍ୟାନ ରୋଟାରିୟାନ ବିଜୟ ପାତ୍ର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସମ୍ପାଦକ ଡ. ବଙ୍କିମ ମହାନ୍ତି ଓ ଅତିଥିମାନେ ଉନ୍ମୋଚନ କରିଥିଲେ। ସମ୍ମିଳନୀକୁ ପ୍ରଫେସର ଜିନାଶିସ୍ ମହାନ୍ତି, ପ୍ରଫେସର ନନ୍ଦିତା ମହାପାତ୍ର, ପ୍ରଫେସର ଅଭୀପ୍ସା ମିଶ୍ର, ପ୍ରଫେସର ରୂପାଲୀ ପାଇକରାୟ ଏବଂ ସ୍ମିତିପ୍ରଜ୍ଞା ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

# ଚକ୍ଷୁଦାନ ଲାଗି ଶପଥ ନେବାକୁ ଆହ୍ୱାନ

ଭୁବନେଶ୍ୱର,୨୯।୮

**ଏଲ୍‌ଭିପିଇଆଇ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ**

ଚକ୍ଷୁ ଦାନର ଗୁରୁତ୍ୱ ବିଷୟରେ ଜନସଚେତନତା ସୃଷ୍ଟି କରିବା ଏବଂ ମୃତ୍ୟୁ ପରେ ଚକ୍ଷୁ ଦାନ ପାଇଁ ଲୋକଙ୍କୁ ସଚେତନ କରାଇବା ପାଇଁ ପ୍ରତିବର୍ଷ ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ଜାତୀୟ ଚକ୍ଷୁ ଦାନ ପକ୍ଷ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ଏଲ. ଭି. ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍ (ଏଲ୍‌ଭିପିଇଆଇ) ପକ୍ଷରୁ ଲୋକଙ୍କ ମଧ୍ୟରେ ଚକ୍ଷୁ ଦାନ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ବିଶେଷକରି ଚକ୍ଷୁ ସଂଗ୍ରହର ବିଭିନ୍ନ ଦିଗ ଉପରେ ଚକ୍ଷୁ ଯତ୍ନ କର୍ମଚାରୀଙ୍କ ପାଇଁ ଶିକ୍ଷାମୂଳକ କାର୍ଯ୍ୟକ୍ରମର ମଧ ଯୋଜନା କରାଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି ଗୁଣାତ୍ମକ କର୍ଣ୍ଣିଆ ଟିସୁ ଉପଲବ୍ଧ କରାଇବା, ଫଳରେ ନେତ୍ରପକ୍ଷଳ ଦୃଷ୍ଟିହୀନତା (କର୍ଣ୍ଣିଆଲ୍ ବ୍ଲାଇଣ୍ଡନେସ୍)ର ମୁକାବିଲା କରିବାରେ ପ୍ରତିବନ୍ଧକ ରହିବ ନାହିଁ । କର୍ଣ୍ଣିଆ ରୋଗ ଭାରତରେ ଦୃଷ୍ଟିହୀନତାର ଏକ ପ୍ରମୁଖ କାରଣ। ଭାରତର ୧୦ନିୟୁତ ଦୃଷ୍ଟିହୀନ ଲୋକଙ୍କ ମଧ୍ୟରୁ ୨ ନିୟୁତରୁ ଅଧିକ ନେତ୍ରପକ୍ଷଳ ଦୃଷ୍ଟିହୀନତାର ପ୍ରଭାବିତ ଏବଂ ସେମାନଙ୍କ ମଧ୍ୟରୁ ୬୦%ଙ୍କ ବୟସ ୨ବର୍ଷରୁ କମ୍ ରହିଛି। ଏ ସମ୍ପର୍କରେ ଏଲ୍‌ଭିପିଇଆଇର ମେଡିକାଲ ଡାଇରେକ୍ଟର ତଥା ଦୃଷ୍ଟିଦାନ ଆଇ ବ୍ୟାଙ୍କ, ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍ ଭୁବନେଶ୍ୱରର ଡକ୍ଟର ସୁଜାତା ଦାସ କହିଛନ୍ତି, ଆମେ ଲୋକଙ୍କୁ ଅନୁରୋଧ କରୁଛୁ ଯେ ସେମାନେ ଆଗକୁ ଆସନ୍ତୁ ଏବଂ ଚକ୍ଷୁଦାନ ପାଇଁ ଶପଥ ନିଅନ୍ତୁ। ସେହିପରି ଶପଥ ନେଉଥିବା ବ୍ୟକ୍ତି ନିଜର ଶପଥ କଥା ଅନ୍ୟକୁ ଜଣାଇବା ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ନିଜର ଚକ୍ଷୁଦାନ କରିବାକୁ ଏବଂ ତାଙ୍କର ମୃତ୍ୟୁ ପରେ ଏହାକୁ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ। ବିଶେଷ କରି ମୃତ୍ୟୁ ପରେ ହିଁ ସମ୍ପୃକ୍ତ ବ୍ୟକ୍ତିଙ୍କ ଚକ୍ଷୁଦାନ କରାଯାଇପାରିବ, ହେଲେ ତାଙ୍କ ପରିବାର ସଦସ୍ୟଙ୍କ ସହମତି ନିହାତି ଆବଶ୍ୟକ ରହିଛି। ଚକ୍ଷୁଦାନ କରି ଆମେ ଦୁନିଆ ଦେଖିବାରୁ ବଞ୍ଚିତ କୌଣସି ଜଣେ ବ୍ୟକ୍ତିଙ୍କୁ ଦୃଷ୍ଟିଶକ୍ତି ଉପହାର ଦେଇପାରିବା ଏବଂ ମୃତ ବ୍ୟକ୍ତିଙ୍କ ସ୍ମୃତିକୁ ଜୀବନ୍ତ ରଖିପାରିବା।

# 'ଜୀବନର ଅବିଚ୍ଛେଦ୍ୟ ଅଙ୍ଗ କ୍ରୀଡ଼ା'

ଭୁବନେଶ୍ୱର,୨୯।୮(ଡି.ଏନ୍.ଏ.)

**ପୂର୍ବତଟ ରେଳପଥ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ**

ପୂର୍ବତଟ ରେଳପଥ ପକ୍ଷରୁ ଏହାର ମୁଖ୍ୟ କାର୍ଯ୍ୟାଳୟରେ ସୋମବାର ଜାତୀୟ କ୍ରୀଡ଼ା ଦିବସ ପାଳନ ହୋଇଯାଇଛି। ସମସ୍ତଙ୍କ ଜୀବନରେ କ୍ରୀଡ଼ାର ମହତ୍ତ୍ୱ ଏବଂ ହକି କିମ୍ବଦନ୍ତୀ ମେଜର ଧ୍ୟାନ ଚାନ୍ଦଙ୍କ ୧୧୭ତମ ଜନ୍ମ ବାର୍ଷିକୀକୁ ସ୍ମରଣ କରିବା ପାଇଁ ଏହି ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଏ। ଏହି ଅବସରରେ ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ ଶ୍ରୀବାସ୍ତବ ଯୋଗଦେଇ କହିଛନ୍ତି, ଜାତୀୟ କ୍ରୀଡ଼ା ଦିବସ ଦେଶର କ୍ରୀଡ଼ା ନାୟକ ଏବଂ ସର୍ବଜୟୀ ଖେଳାଳିଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇଛି। କ୍ରୀଡ଼ାର ମୂଲ୍ୟବୋଧ ଏବଂ ଜନସାଧାରଣଙ୍କୁ କ୍ରୀଡ଼ା ପ୍ରତି ଉତ୍ସାହ ଆଣିବା ସହ ଏହାକୁ ସେମାନଙ୍କ ଜୀବନରେ ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବାରେ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ ହେଉଥିବା ସେ କହିଛନ୍ତି। ଏଥିରେ ପୂର୍ବତଟ ରେଳପଥ କ୍ରୀଡ଼ାବିତ୍ ଓ କ୍ରୀଡ଼ା କର୍ମକର୍ତ୍ତାମାନେ ଏହି ଦିବସ ପାଳନ ପାଇଁ କ୍ରୀଡା/ଫିଟନେସ୍ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ (ଇକୋର୍ସା)ର ସଭାପତି ମାନସ ପୋଦ୍ଦାରଙ୍କ ସମେତ ବିଭାଗର ସମସ୍ତ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ଇକୋର୍ସାର ସମ୍ପାଦକ ଅଶୋକ ମିଶ୍ର ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

